

ପବିତ୍ର ରଥଯାତ୍ରା ଅବସରରେ ରାଜ୍ୟବାସୀଙ୍କୁ
'ଓଡ଼ିଶା ଭାସ୍କର' ପରିବାରର ଶୁଭେଚ୍ଛା

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ସୂର୍ଯ୍ୟକୁମାରଙ୍କ ସଫଳ ଅସ୍ତ୍ରୋପଚାର | ୭

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୮୭ Vol. 22 No-87 27 JUNE 2025 FRIDAY, BHUBANESWAR ଶୁକ୍ରବାର, ୨୭ ଜୁନ୍ ୨୦୨୫ ପୃଷ୍ଠା-୮+୮ ମୂଲ୍ୟ: ୭.୦୦


## ମହାପ୍ରଭୁଙ୍କ ଅପେକ୍ଷାରେ ରଥ,ପଥ

# ଆଜି ବିଶ୍ୱନିୟନ୍ତାଙ୍କ ଘୋଷଯାତ୍ରା



- ଆଜ୍ଞାମାଳ ବିଜେ ପରେ ରଥଖଳାରୁ ଗଡ଼ିଲା ରଥ
- ଦକ୍ଷିଣ ମୋଡ଼ ପରେ ୩ରଥ ସିଂହଦ୍ୱାରରେ ଦଣ୍ଡାୟମାନ
- ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ପ୍ରବଳ ଗହଳି, ସୁରକ୍ଷା କଡ଼ାକଡ଼ି
- ନବଦିନାତ୍ମକ ଯାତ୍ରାରେ ମାଉସୀଘର ଯିବେ ମହାପ୍ରଭୁ
- ୧୫ଲକ୍ଷ ଭକ୍ତଙ୍କ ସମାଗମ ନେଇ ଆକଳନ

ପୁରୀ।୨୬।୬ (ଭାସ୍କର ନ୍ୟୁଜ) : ମହାପ୍ରଭୁଙ୍କ ଘୋଷଯାତ୍ରା । ରଥ ପଥ ସବୁକିଛି ପ୍ରସ୍ତୁତ । ତେବେ ବିଧି ଅନୁଯାୟୀ ନେତ୍ରୋତ୍ସବ ଦିନ ମହାପ୍ରଭୁଙ୍କ ତିନି ରଥକୁ ରଥ ଖଳାରୁ ଦକ୍ଷିଣ ମୋଡ କରାଯାଇ ରଥତ୍ରୟକୁ ଶ୍ରୀମନ୍ଦିର ସିଂହଦ୍ୱାର ଚକଡ଼ାରେ ଲଗାଯାଇଛି । ହରିବୋଲ ହୁଳହୁଳି ପ୍ରକମ୍ପିତ ହୋଇଛି ଚର୍ତୁଦିଗ । ଅପେକ୍ଷା କେବଳ ସେହି ସ୍ୱର୍ଣ୍ଣିମ ସମୟକୁ ରଥରେ ବିରାଜମାନ ହେବେ ମହାପ୍ରଭୁ । କୋଟି କୋଟି ଭକ୍ତ ଚାତକ ଭଳି ଚାହିଁ ରହିଛନ୍ତି । ସକାଳ ଧୂପ ନୀତି ସରିବା ପରେ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ବିଜେ ହୋଇଥିଲା ତିନି ରଥକୁ । ପୂଜାପଣ୍ଡା ସାମନ୍ତ ଆଜ୍ଞା ମାଳ ବିଜେ କରି ତିନି ରଥ ନିକଟକୁ ଆଣିଥିଲେ । ଆଜ୍ଞା ମାଳ ବିଜେ ବେଳେ ବଡଦାଣ୍ଡରେ ସୃଷ୍ଟି ହୋଇଥିଲା ଅନନ୍ୟ ଆଧ୍ୟାତ୍ମିକ ମାହୋଲ । ହରିବୋଲ ହୁଳହୁଳିରେ ବଡ ଦାଣ୍ଡ କମ୍ପି ଉଠିଥିଲା । ଭକ୍ତ ମାନଙ୍କ ଜୟ ଜଗନ୍ନାଥ ଧ୍ୱନିରେ ବଡ ଦାଣ୍ଡ କମ୍ପିଥିଲା । ରଥ ଦକ୍ଷିଣ ମୋଡ ବେଳେ ଘଣ୍ଟୁଆଙ୍କ ଘଣ୍ଟ ବାଦ୍ୟରେ ଏକ ଭିନ୍ନ ଆଧ୍ୟାତ୍ମିକ ମାହୋଲ୍ ସୃଷ୍ଟି ହୋଇଥିଲା । ପୋଲିସ କର୍ମଚାରୀମାନେ ତିନି ରଥକୁ ଟାଣି ସିଂହଦ୍ୱାର • ପୃଷ୍ଠା ୫ ଦେଖନ୍ତୁ

## ଗୋପାଳପୁର ବନ୍ଦରର ବିକାଶ ପାଇଁ ଚୁକ୍ତିନାମା ସ୍ୱାକ୍ଷରିତ

# ସାମୁଦ୍ରିକ ବାଣିଜ୍ୟର ବିକାଶ ଲକ୍ଷ୍ୟ



- ଗୋପାଳପୁର ବନ୍ଦରରେ ନିବେଶ ହେବ ୧୬,୫୫୪ କୋଟି
- ଜେଟିର ନିର୍ମାଣ ପାଇଁ ଜେଏସଡବ୍ଲୁ ବିନିଯୋଗ କରିବ ୨୧୦୦ କୋଟି
- ସୃଷ୍ଟି ହେବ ୮୪୫୦ ନିଯୁକ୍ତି ସୁଯୋଗ

ଭୁବନେଶ୍ୱର,୨୬।୬(ଭାସ୍କର ନ୍ୟୁଜ): ରାଜ୍ୟରେ ବିଭିନ୍ନ ସ୍ଥାନରେ ବନ୍ଦର, ଜେଟି ଓ ଅନ୍ୟାନ୍ୟ ଭିତ୍ତିଭୂମି ସ୍ଥାପନ କରି ଓଡିଶାରେ ସାମୁଦ୍ରିକ ବାଣିଜ୍ୟର ବିକାଶ ଉପରେ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି ବୋଲି ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୋପାଳପୁର ବନ୍ଦର ଉନ୍ନତିକରଣ ଏବଂ ଜଟାଧାର ମୁହାଣରେ କ୍ୟାପଟିଭ୍ ଜେଟି ନିର୍ମାଣ ପାଇଁ ରିହାତି ଚୁକ୍ତିନାମା ସ୍ୱାକ୍ଷର ଅବସରରେ କହିଛନ୍ତି। ସୂଚନାଯୋଗ୍ୟ ଯେ, ଜଗତସିଂହପୁର ଜିଲ୍ଲା ଏରସମା ତହସିଲ ଅନ୍ତର୍ଗତ ଜଟାଧାର ମୁହାଣଠାରେ ଏକ କ୍ୟାପଟିଭ୍ ଜେଟି ନିର୍ମାଣ ପାଇଁ ଜେ.ଏସ୍.ଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ସହିତ ରାଜ୍ୟ ସରକାରଙ୍କ ରିହାତି ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ୫୨ ମିଲିଅନ ମେଟ୍ରିକ ଟନ୍ ପଣ୍ୟ ପରିବହନ କ୍ଷମତା ବିଶିଷ୍ଟ ଏହି ଜେଟି ସ୍ଥାପନ ନିମନ୍ତେ ପ୍ରାରମ୍ଭିକ ସ୍ତରରେ ୨,୧୦୦ କୋଟି ଟଙ୍କା ନିବେଶ କରାଯିବ ଏବଂ ଏହା ମାଧ୍ୟମରେ ୩,୪୫୦ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ। ସେହିଭଳି ୧୬,୫୫୪ କୋଟି ଟଙ୍କା ନିବେଶରେ ଗୋପାଳପୁର ବନ୍ଦରର ସଂପ୍ରସାରଣ ଓ ଉନ୍ନତିକରଣ କାର୍ଯ୍ୟ ପାଇଁ ଗୋପାଳପୁର ପୋର୍ଟ୍ସ ଲିମିଟେଡ୍ ଏବଂ ଓଡିଶା ସରକାରଙ୍କ ମଧ୍ୟରେ ରିହାତି ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଏହି • ପୃଷ୍ଠା ୫ ଦେଖନ୍ତୁ


ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦିବ୍ୟ କରୁଣା ଓ ଆଶିଷ
ଆମ ପ୍ରଗତିର ପଥକୁ ସଦା ଆଲୋକିତ କରୁଥାଉ।

ପବିତ୍ର ରଥଯାତ୍ରାର
ଭକ୍ତିଭରା ଅଭିନନ୍ଦନ!



ଆପଣଙ୍କ ପାଇଁ, ଆପଣଙ୍କ ସହିତ, ସର୍ବଦା

TPCODL | TPNODL | TPSODL | TPWODL

(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ)



सत्यमेव जयते





ପବିତ୍ର ରଥଯାତ୍ରା ଉପଲକ୍ଷେ
ମାନ୍ୟବର ରାଜ୍ୟପାଳଙ୍କ
ବାର୍ତ୍ତା

ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା-୨୦୨୫ ଅବସରରେ ମୁଁ ବିଶ୍ୱର କୋଣ ଅନୁକୋଣରେ ଥିବା ଶ୍ରୀଜଗନ୍ନାଥପ୍ରେମୀ ଭକ୍ତଜନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ଶ୍ରୀଜଗନ୍ନାଥ ଚେତନା ଓ ଦର୍ଶନରେ ରହିଛି ମାନବ ଜାତିର ଉତ୍ଥାନର ମାର୍ଗ । ସମାଜରେ ଏହା ଶାନ୍ତି, ମୈତ୍ରୀ, ପ୍ରେମ ଓ ଭ୍ରାତୃଭାବ ପ୍ରତିଷ୍ଠାରେ ସହାୟକ ହେଉ ବୋଲି କାମନା କରୁଛି ।

(ହରି ବାବୁ କମ୍ଭମ୍ପାଟି)

DADLS - 36







ପବିତ୍ର ରଥଯାତ୍ରା ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ରଥଯାତ୍ରା ଆମ ସମସ୍ତଙ୍କ ପାଇଁ ଅସୀମ ଭକ୍ତି ଓ ଭାବାବେଗର ଉତ୍ସବ । ମହାପ୍ରଭୁଙ୍କ ଆଶୀର୍ବାଦରେ ରାଜ୍ୟର ବିକାଶ ସହିତ ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଉଠୁ, ଏହା ହିଁ ମୋର କାମନା ।

ଜୟ ଜଗନ୍ନାଥ ...

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR 15001/13/0819/2526



କଣ୍ଟାପଡା (ଭାସ୍କର ନ୍ୟୁଜ୍): କଣ୍ଟାପଡା ବ୍ଲକ ଆତ୍ମା ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ଚାଷୀମାନଙ୍କ ନିମନ୍ତେ ବହୁ କାର୍ଯ୍ୟକ୍ରମ ଜାରି ରହିଛି। ଆତ୍ମା ଅଧ୍ୟକ୍ଷ ଭାବେ ପ୍ରଦୀପ୍ କୁମାର ପାତ୍ର ଦାୟିତ୍ୱ ନେବା ପରେ ଚାରି ବିଭାଗ କୃଷି, ଉଦ୍ୟାନ, ପ୍ରାଣୀ, ମତ୍ସ୍ୟ ବିଭାଗ ପକ୍ଷରୁ ବିଭିନ୍ନ ଗ୍ରାମରେ କ୍ୟାମ୍ପ କରାଯାଇ ସରକାରୀ ସହାୟତା ରେ କିଭଳି ଚାଷୀମାନେ ରୋଜଗାରକ୍ଷମ ହୋଇପାରିବେ ସେ ବିଷୟରେ ଆଲୋଚନା କରାଯାଇ ଚାଷୀମାନଙ୍କୁ ସହାୟତା ଯୋଗାଇ ଦିଆଯାଉଛି। ପୂର୍ବରୁ ବାଛୁରୀ ଦାନା କାର୍ଯ୍ୟକ୍ରମ, ଗୋବିନ୍ଧ୍ୟା ନିରାକରଣ ଶିବିର, କୁକୁଡ଼ା ଚାଷ, କିଶୋରୀ ପକ୍ଷରୁ ମାଛଚାଷ, ଘାସଚାଷ,ଉଦ୍ୟାନ ବିଭାଗ ଫସଲ, ହଳଦୀ, କଦଳୀ, ଆମ୍ବ,ନଡ଼ିଆ,ଚାରା ଛତୁ, ଧନିଆ, ଲଙ୍କା, ଅମୃତଭଣ୍ଡା ମଞ୍ଜି ଓ ଚାରା ଯୋଗାଇ ଦିଆଯାଉଛି। ଏହିଭଳି କୃଷି ବିଭାଗ ପକ୍ଷରୁ ମୁଗ, ବାଦାମ ଚାଷୀମାନଙ୍କୁ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଆଜି କଣ୍ଟାପଡା ବ୍ଲକ ଉଭାରଣ ପଂଚାୟତ ଉଭାରଣ ଗ୍ରାମରେ ପ୍ରାଣୀ ବିଭାଗ ପକ୍ଷରୁ ଘାସ ଚାଷ ନିମନ୍ତେ ୩୨ରୁ ଉର୍ଦ୍ଧ୍ୱଚାଷୀଙ୍କୁ ନେଇ ଆତ୍ମା ଅଧ୍ୟକ୍ଷ ପ୍ରଦୀପ ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଫାର୍ମମାନଙ୍କରେ କିଭଳି କଞ୍ଚା ଘାସ ଯୋଗାଇ ଦିଆଯିବ ସେ ନେଇ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ କଣ୍ଟାପଡା ବିଡ଼ିଓ ମୃତ୍ୟୁଞ୍ଜୟ ବେଉରା, ଭିଏସ, ସୁଧୀର ନାୟକ ଯୋଗ ଦେଇ ଘାସଚାଷ ଉପରେ ଆଲୋଚନା କରିଥିଲେ। ଚାଷୀ ବଂଶୀଧର ବେହେରା, ବାନାମ୍ବର ଦୀକ୍ଷିତ, କେଦାର ରାୟ, ଅରବିନ୍ଦ ରାୟ, କୁନା ପରିଜା, ପବି ବେହେରାଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ରହିଥିଲେ।



## ସଭାପତି ଓ ସଂପାଦକଙ୍କ ପ୍ରିୟାପ୍ରୀତି ନୀତି, ବିକ୍ରି ହୋଇପାରୁନି ଧାନ



କଣାସ (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ଚାଷୀମାନଙ୍କ ଠାରୁ ଉଚିତ ଦରରେ ଧାନ କିଣିବା ପାଇଁ ମାର୍ଗଦର୍ଶିକା ଜାରି କରିଥିବାବେଳେ ପୁରୀ ଜିଲ୍ଲା କଣାସ ବ୍ଲକରେ ବହୁ ବିଳମ୍ବରେ ଧାନ ମଣ୍ଡିମାନ ଖୋଲିଛନ୍ତି । ଗୋପୀନାଥପୁର ସେବା ସମବାୟ ସମିତିରେ ଖୋଲା ଯାଇଥିବା ଧାନ ମଣ୍ଡିରେ ସଭାପତି ଓ ସଂପାଦକଙ୍କ ପ୍ରିୟାପ୍ରିତି ନୀତି ଯୋଗୁଁ ସାହସପୁର,ସାନଓରା ଓ ଜାଗୁଳାଇପଦେର ଗ୍ରମାର ଅନେକ ଚାଷୀ ଧାନ ବିକ୍ରି କରି ନପାରି କଣାସ ବ୍ଲକ ଯୋଗାଣ ଅଧିକାରିଣୀ ଓ ଜିଲ୍ଲା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଉକ୍ତ ସମବାୟର ସଂପାଦକଙ୍କୁ ପଚାରିବାରୁ ସେ କୁହନ୍ତି ୧୨୧ ଜଣ ଚାଷୀ ୭୫୦୦ କ୍ୱିଣ୍ଟାଲ ଧାନ ବିକ୍ର କରିବା ପାଇଁ ଅନଲାଇନରେ ଆବେଦନ କରିଥିଲେ ମାତ୍ର ରାଜ୍ୟ ସାରକାର ୨୨କ୍ୱିଣ୍ଟାଲ କିଣିବା ପାଇଁ ମଞ୍ଜୁର ଦେଇଥିବା ବେଳେ ଦୁଲୁଣ ରାଇସ ମିଲ ୩୦ ଜଣଙ୍କ ଚାଷୀଙ୍କ ଠାରୁ ୨୨୦୦ କ୍ୱିଣ୍ଟାଲ ଧାନ କିଣି ନେଇଛନ୍ତି। ଆବେଦନ କରିଥିବା ୯୧ ଚାଷୀ ଧାନ ବିକ୍ରି କରିବା ପାଇଁ ସଂପାଦକ ଓ ସଭାପତି ନିକଟଙ୍କୁ ୧୫ ଦିନ ହେଲା ଦୌଡିଛନ୍ତି ।ସଂପାଦକ ଓ ସଭାପତି ନିଜ ସଂର୍ପକୀୟ ଚାଷୀଙ୍କ ଠାରୁ ଧାନ କିଣି ନେଇଥିବା ଚାଷୀ ଅଭିଯୋଗ କରିଛନ୍ତି । ସୂଚନା ଥାଉକି ଆମ ପ୍ରତିନିଧି ଏ ସଂପର୍କରେ ଜାଣିବା ପାଇଁ କେତେ ଚାଷୀ ପଞ୍ଜୀକୃତ କରିଛନ୍ତି ସରକାର କେତେ ଟାର୍ଗେଟ ଦେଇଛନ୍ତି କେତେ କ୍ୱିଣ୍ଟାଲ କିଣିଛନ୍ତି ତାର ସବିଶେଷ ବିବରଣୀ ଦେବା ପାଇଁ କହିଥିଲେ ମଧ୍ୟ ଜିଲ୍ଲା ଯୋଗାଣ ଅଧିକାରୀ, ବ୍ଲକ ଯୋଗାଣ ଅଧିକାରୀ ସଂପାଦକ ଦେବେ କହି କଥାକୁ ଏଡାଇ ଦେଇ ଚାଲି ଯାଉଛନ୍ତି । ସଂପାଦଙ୍କୁ ଓ ସଭାପତିଙ୍କୁ ପଚାରିବାରୁ ସେ କୁହନ୍ତି ନା ଏବେ ଦେଇ ହେବ ନାହିଁ ପରବର୍ତ୍ତୀ ସମୟରେ ଦେବୁ ।

## ■ ଦାମୋଦର ସେନାପତି ହତ୍ୟା ଘଟଣା
# ପୁଣି ଜଣେ ଅଭିଯୁକ୍ତ ଗିରଫ

ନିଆଳି (ଭାସ୍କର ନ୍ୟୁଜ୍): ଲୁଣି ଗାଁ ଜଙ୍ଗଲରୁ ଦାମୋଦର ସେନାପତିଙ୍କ ମୃତଦେହ ମିଳିବା ଘଟଣାରେ ନିଆଳି ଥାନା ପୋଲିସ ସୁନ୍ଦର ଦା ଗ୍ରାମର ସପନୀ ଓରଫ ସ୍ୱପ୍ନେଶ୍ୱର ଦାଶ (୫୦)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଠାରେ ସୂଚନା ଥାଉକି ପ୍ରେମ ବ୍ୟାପାରକୁ ନେଇ ଏହି ଘଟଣା ଘଟିଥିଲା। ଦାମୋଦର ସେନାପତି ଙ୍କ ମା’ ନିଆଳି ଥାନାରେ ଅଭିଯୋଗ କରିଥିଲେ। ନିଆଳି ଥାନା ପୋଲିସ ୮୫/୨୫ରେ ମାମଲା ରୁଜୁ କରି ପୂର୍ବରୁ ଦୁଇ ଅଭିଯୁକ୍ତ ମା’ ପୁଅ ଙ୍କୁ ଗିରଫ କରିଥିବା ନିଆଳି ପୋଲିସ ବିଜୟ କୁମାର ମଲିକ ସୂଚନା ଦେଇଛନ୍ତି।

## ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ



ଟାଙ୍ଗୀ (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଥାନା ଅଧିନ ପଥରବନ୍ଧ ବାଇପାସ ଛକ ଜାତୀୟ ରାଜପଥରେ ବିଳମ୍ବିତ ରାତିରେ ଯାତ୍ରୀବାହୀ ଦୁର୍ଘଟଣା ହୋଇଛି । ଏହି ଓଏସଆରଟିସି ଯାତ୍ରୀବାହୀ ବସ ମୟୂରଭଞ୍ଜ ଅଭିମୁଖେ ଯାତ୍ରା କରୁଥିବା ବେଳେ ବସ ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁଁ ଏକ ଟ୍ରକ ପଛରେ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ଯାତ୍ରୀମାନେ ସାମାନ୍ୟ ଆହତ ହୋଇଥିଲେ । ଖବରପାଇ ଟାଙ୍ଗୀ ଥାନା ପୋଲିସ ପକ୍ଷରୁ ଯାତ୍ରୀମାନଙ୍କୁ ଉଦ୍ଧାର କରାଯିବା ପରେ ଚିକିତ୍ସା ପାଇଁ ଟାଙ୍ଗୀ ମେଡିକାଲରେ ଭର୍ତ୍ତି କରାଯାଇଛି ।

# ଫେରାର ଅପରାଧୀଙ୍କ ଘର ବାହାରେ ପୋଷ୍ଟର ଜାରି



ଆସିକା (ଭାସ୍କର ନ୍ୟୁଜ୍): ଆସିକା ଓ କୋଟିନଡା ପୋଲିସ ପକ୍ଷରୁ ମାନ୍ୟବର କୋର୍ଟଙ୍କ ଆଦେଶ ପ୍ରକାରେ ଫେରାର ଅପରାଧୀଙ୍କ ଘର ବାହାରେ ପୋଷ୍ଟର ଜାରି କରାଯାଇଛି। ଅନେକ କେସରେ ଜାମିନରେ ଆସି କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସଠିକ ତାରିଖରେ ଦୀର୍ଘ ଦିନ ଅନୁପସ୍ଥିତ ରହୁଛନ୍ତି । ଏଣୁ ତାଙ୍କ ନାମରେ ୱାରେଣ୍ଟ ଜାରି ହୋଇଥିଲେ ମଧ୍ୟ ଏହା ସତ୍ତ୍ୱେ ସେମାନେ କୋର୍ଟରେ ହାଜର ହୋଇ ନାହାନ୍ତି। ଏଣୁ ସେମାନଙ୍କୁ ପଳାତକ ଘୋଷଣା କରାଯାଇ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ପୋଷ୍ଟର ଲଟକା ପ୍ରକ୍ରିୟା ଜାରି କରାଯାଇଛି । ଏହି ଅନୁସାରେ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ରଙ୍କ ନିର୍ଦ୍ଦେଶରେ ଆସିକା ଥାନା ଅଧିକାରୀ କୁଳମଣି ସେଠୀଙ୍କ ନିର୍ଦ୍ଦେଶକ୍ରମେ ଆସିକା ପୋଲିସ ପକ୍ଷରୁ ୬ ଏବଂ କୋଟିନଡା ଥାନା ଅଧିକାରୀ ଦାମୋଦର ବିହାରୀଙ୍କ ନିର୍ଦ୍ଦେଶକ୍ରମେ କୋଟିନଡ଼ା ପୋଲିସ ଥାନା ପକ୍ଷରୁ ୩ ଜଣଙ୍କ ଘର ବାହାରେ ନୋଟିସ ଲଗାଯାଇଛି। ଆଜି ସୁଦ୍ଧା ଦୁଇ ଥାନା ଇଲାକାର ପାଖାପାଖି ୯ ଜଣଙ୍କ ଘରେ ସମନ ନୋଟିସ ଲାଗିଛି । ଏହିଭଳି ଅପରାଧୀମାନେ ବାହାରେ ବୁଲା ବୁଲି କରି ଅପରାଧ ସୃଷ୍ଟି କରିବା ସହ ବିଭିନ୍ନ ଅଞ୍ଚଳରେ ଅପରାଧ ବଢୁଥିବା ଚିନ୍ତାର ବିଷୟ ପାଲଟିଛି । ସେଥିପାଇଁ ମାନ୍ୟବର କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କୋର୍ଟ କିମ୍ବା ଥାନାରେ ହାଜର ନହେଲେ ମାନ୍ୟବର କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତ କରାଯିବ ବୋଲି ନିର୍ଦ୍ଦେଶ ରହିଛି। ଏବିଷୟରେ ଆସିକା ଥାନା ଅଧିକାରୀ କୁଳମଣି ସେଠୀ ଓ କୋଟିନଡ଼ା ଥାନା ଅଧିକାରୀ ଦାମୋଦର ବିହାରୀ ପ୍ରକାଶ କରିଛନ୍ତି ।

## ଆଇନଶୃଙ୍ଖଳା ନେଇ ବିଜେଡିର ବିକ୍ଷୋଭ




ପରଜଙ୍ଗ(ଭାସ୍କର ନ୍ୟୁଜ୍): ସାରା ରାଜ୍ୟରେ ବୁଧବାର ଦିନ ଯୁବ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ସରକାର ବିରୁଦ୍ଧରେ ରାଜରାସ୍ତାକୁ ଓହ୍ଲାଇ ଥିବା ବେଳେ ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଯୁବ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଶତାଧିକ କର୍ମୀ ରାସ୍ତାକୁ ଓହ୍ଲାଇଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ରାଜ୍ୟରେ ସରକାର ଗଠନ ହେବାର ଏକ ବର୍ଷ ଅତିବାହିତ ହୋଇ ସାରିଥିଲେ ମଧ୍ୟ ଏହାରି ମଧ୍ୟରେ ନାରୀ ନିର୍ଯ୍ୟାତନା , ଅହେତୁକ ଦରଦାମ ବୃଦ୍ଧି ,ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ସରକାର ଲୋକଙ୍କୁ ନ୍ୟାୟ ଦେବାରେ ଅକ୍ଷମ ଥିବାରୁ ଏହାର ପ୍ରତିବାଦରେ ସାରା ରାଜ୍ୟରେ ଆନ୍ଦୋଳନ କରାଯାଇଛି । ଏହି ପରିପ୍ରେକ୍ଷୀରେ ପରଜଙ୍ଗ ବ୍ଲକ ଯୁବ ବିଜେଡ଼ି ସଭାପତି ସୁବ୍ରତ କୁମାର ଦାସ ,ଛାତ୍ର ବିଜେଡ଼ି ସଭାପତି ତଥା ପୂର୍ବତନ ସରପଞ୍ଚ ପ୍ରିୟଜିତ ସାମଲଙ୍କ ନେତୃତ୍ୱରେ ଶତାଧିକ ଯୁବ ଛାତ୍ର ଜନତା ଦଳର ସକ୍ରିୟ କର୍ମୀ ମାନେ ପରଜଙ୍ଗ ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏଥିରେ ଦଳର ବରିଷ୍ଠ ନେତା ତଥା ଜିଲ୍ଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଛାତ୍ର ନେତା କ୍ରିସ ସାମଲ ଓ ଶତାଧିକ ଯୁବ ବିଜୁ ଛାତ୍ର ଜନତା ଦଳର କର୍ମୀ ଉପସ୍ଥିତ ରହି ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

## ‘ବଜରଙ୍ଗ କ୍ଲବ୍’ ପକ୍ଷରୁ ବଡଦାଣ୍ଡ ସଫେଇ

ଢେଙ୍କାନାଳ (ଭାସ୍କର ନ୍ୟୁଜ୍): ଢେଙ୍କାନାଳର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ବଳଦେବ ଜିଉଙ୍କ ପବିତ୍ର ଶ୍ରୀଗୁଣ୍ଡିଚା ରଥଯାତ୍ରା ପାଇଁ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଁଚିଥିବାବେଳେ ମଙ୍ଗଳବାର ସଂଧ୍ୟାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବଜରଙ୍ଗ କ୍ଲବ୍ ତରଫରୁ ବଳଦେବ ଜିଉଙ୍କ ମନ୍ଦିର ସମ୍ମୁଖ ବଡଦାଣ୍ଡକୁ ଝାଡୁ ମାରି ସଫା କରିବା ସହ ପାଣିରେ ଧୋଇ ସଫା କରାଯାଇଛି। ଏହା ଉପରେ ରଙ୍ଗୋଲି ଓ ଝୋଟି ପକାଯାଇ ଠାକୁରଙ୍କ ପହଣ୍ଡି ଯାତ୍ରାକୁ ଆକର୍ଷଣୀୟ କରାଯିବ । ଏହି ସଫେଇ କାର୍ଯ୍ୟକ୍ରମରେ କ୍ଲବ୍‌ର ସନ୍ଦୀପ ଷଡଙ୍ଗୀ, ଶିବ ପଣ୍ଡା, ସୟ ଭଟ୍ଟ, ରାଜେଶ୍ ପରିଡା, ନବୀନ ରେଡି, ତୋଫାନ୍ ଭଟ୍ଟ, ଛୋଟୁ ମହାପାତ୍ର ଓ ପାକଲ୍ ପଣ୍ଡା ପ୍ରମୁଖ ଯୋଗଦେଇ ସଫଳ କରାଇଥିଲେ ।

## ||| ଦୁଇଦିନିଆ ଜ୍ୟୋତିଯାତ୍ରା ଉଦ୍‌ଯାପିତ |||
# ବିଭିନ୍ନ ଗ୍ରାମରେ ମହିମାଜ୍ୟୋତିଙ୍କୁ ବିପୁଳ ସମ୍ବର୍ଦ୍ଧନା



ଢେଙ୍କାନାଳ( ଭାସ୍କର ନ୍ୟୁଜ୍): ଅନୁଗୁଳ ଜିଲ୍ଲା କୋଶଳା ଅଞ୍ଚଳର ବିଭିନ୍ନ ଗ୍ରାମରେ ମହିମାଜ୍ୟୋତିଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯିବା ପରେ ବ୍ରହ୍ମଜ୍ୟୋତି ୨୩ ତାରିଖ ସୋମବାର ଭୋର ସାଢେ ୩ଟାରେ ତପୋବନ ମହିମା ପୀଠକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ହିନ୍ଦୋଳ ଛାଡିବା ପରେ ୨୧ ତାରିଖ ସଂଧ୍ୟାରେ ଜିନ୍ଦଲ୍ ଷ୍ଟିଲ୍ ପ୍ଲାଣ୍ଟ୍‌ର ମୁଖ୍ୟ ପ୍ରବେଶ ଦ୍ୱାର ନିକଟରେ ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱ ବିଭାଗର ବରିଷ୍ଠ ଅଧିକାରୀ ଆଶୁତୋଷ ମିଶ୍ର ଅଞ୍ଚଳର ବିଶିଷ୍ଟ ସମାଜସେବୀ ମହିମା ଭକ୍ତ ବାମଦେବ ସାହୁ, ଭକ୍ତ ଇନ୍ଦ୍ରମଣି ସାହୁ ଓ କିଶୋରୀ ଭୂତିଆଙ୍କ ନେତୃତ୍ୱରେ ବ୍ରହ୍ମଜ୍ୟୋତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ବ୍ରହ୍ମଜ୍ୟୋତି ରାତ୍ର ୧୦ଟା ଯାଏଁ କୋଶଳାର ଗୋଳାଗାଡିଆ, ଶିମିଳିସାହି, ଦେହୁରୀ ସାହି, ଝାରସୁଗୁଡା ସାହି, ଗଙ୍ଗାସାହି ଓ ଚନ୍ଦନ ନଗର ପ୍ରଭୃତି ଅଂଚଳରେ ପରିକ୍ରମା ସାରି କୋଶଳା କଲ୍ୟାଣ ମଣ୍ଡପକୁ ଫେରି ସେଠାରେ ରାତ୍ର ରହଣି କରିଥିଲେ । ୨୨ତାରିଖ ପୂର୍ବାହ୍ନ ୮ଟାରେ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ଧର୍ମସଭାରେ ଶ୍ରୀମଦ୍ ରଘୁନାଥ ବାବା, ଶେଷଦେବ ବାବା, ଶିକ୍ଷାବିତ୍ ଖଗେଶ୍ୱର ସାହୁ, ଭକ୍ତ ବାମଦେବ ସାହୁ ଓ ଭକ୍ତ ପ୍ରଶାନ୍ତ ମହାପାତ୍ର ପ୍ରମୁଖ ଉଦ୍‌ବୋଧନ ଦେଇ ଦ୍ୱାଦଶ ବର୍ଷ ଉପରାନ୍ତ ମହିମା ଜ୍ୟୋତିଯାତ୍ରାକୁ ଅବ୍ୟାହତ ରଖିବା ନିମନ୍ତେ ମତପ୍ରକାଶ କରିଥିଲେ। ୨୦୨୬ରେ ମହିମା ସ୍ୱାମୀଙ୍କ ଓଡିଶା ଆଗମନର ୨୦୦ବର୍ଷ ପୂର୍ତ୍ତି ପାଳନ କରିବାକୁ ଭକ୍ତ ଅନନ୍ତ ନାୟକ ପ୍ରସ୍ତାବ ରଖିଥିଲେ । ପୂର୍ବାହ୍ନ ୧୦ଟାରେ ବ୍ରହ୍ମଜ୍ୟୋତିଙ୍କ ସହଯାତ୍ରୀଗଣ ଭାଗଲକଟା ଆବାସିକ ବିଦ୍ୟାଳୟ ପରିସରରେ ଆତ୍ମସେବା ସାରି ଗ୍ରାମ ପରିକ୍ରମା କରିଥିଲେ । ଏହାପରେ ବ୍ରାହ୍ମଣବିଲି ଗ୍ରାମ ପରିକ୍ରମା ସାରି ବାଲିପଟା ମହିମାଶ୍ରମରେ ବ୍ରହ୍ମଜ୍ୟୋତି ପଦାର୍ପଣ କରିଥିଲେ । ବୃକ୍ଷଲତାରେ ପରିପୂର୍ଣ୍ଣ ଏହି ପ୍ରାକୃତିକ ଆଶ୍ରମରେ ମହିମା ଭଜନ କୀର୍ତ୍ତନ ପରିବେଷଣ କରାଯିବା ସହ ଧର୍ମସଭା ଅନୁଷ୍ଠିତ ହୋଇଥିଲା । ଆଶ୍ରମର କସ୍ତୁରି ମାତା, ଗଧାମାତା, ପାରାମାତା ଓ ଗ୍ରାମ ସଭାପତି ମଙ୍ଗୁଲୁ ସାହୁ ପ୍ରମୁଖଙ୍କ ସହଯୋଗରେ ସେଠାରେ ସାୟଂକାଳୀନ ଆତ୍ମସେବା ଅନୁଷ୍ଠିତ ହୋଇଥିଲା । ଏହାପରେ ବ୍ରହ୍ମଜ୍ୟୋତି ନାଉପଦା, ହଟିଆନାଳୀ, କିସିନ୍ଦା ଓ ଗୋଳାସର ଗ୍ରାମ ପରିକ୍ରମା ସାରି ରାତ୍ର ୧୦ଟାରେ କପିଳାସ ତପୋବନ ଅଭିମୁଖେ ବାହାରି ଭୋର୍ ସାଢେ ୩ଟାରେ ତପୋବନରେ ପହଁଚିବା ପରେ ଚଳିତ ବର୍ଷର ଦୁଇଦିନିଆ ମହିମା ଜ୍ୟୋତିଯାତ୍ରା ଉଦ୍‌ଯାପିତ ହୋଇଥିବାର ଜ୍ୟୋତିଯାତ୍ରା ମୁଖ୍ୟ ସଂଯୋଜକ ପ୍ରଦ୍ୟୁମ୍ନ ରଥ ସୂଚନା ଦେଇଛନ୍ତି ।

## ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଆରୋଗ୍ୟ କାମନା କରି ଦୀପଦାନ



କଣ୍ଟାପଡା(ଭାସ୍କର ନ୍ୟୁଜ୍): ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟ ଆରୋଗ୍ୟ କାମନା କରି ପୋସ୍ତଳ ପଞ୍ଚାୟତରେ ସରପଞ୍ଚ ସସ୍ମିତା ସାସେନିଙ୍କ ନେତୃତ୍ୱରେ ଏକ ସମୂହ ଦୀପଦାନ କରାଯାଇଛି । କିଭଳି ତାଙ୍କ ସ୍ୱାସ୍ଥ୍ୟ ଶୀଘ୍ର ଆରୋଗ୍ୟ ହେବ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିବାସହ ଦୀପଦାନ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟ ସସ୍ମିତା ଦାସ ଜିଲ୍ଲା ପରିଷଦଙ୍କ ପ୍ରତିନିଧି ପ୍ରକାଶ ବେହେରା, ପୂର୍ବତନ ସମିତିସଭ୍ୟ ଅଭିମନ୍ୟୁ ମଲ୍ଲିକ ପୋସ୍ତଳ ପଞ୍ଚାୟତର ବିଜେଡି ସଭାପତି ଶିତିକାନ୍ତ ପ୍ରଧାନ, ସାରଳା ମହାନ୍ତି, ଅଞ୍ଜଳି ବେହେରା, ରୀନା ସେଠି, ରଜନୀ ମଲ୍ଲିକ, ନୃସିଂହ ଦାସ, ରୋଜାଲିନି ସାମନ୍ତରାଏ ଓ ପଚାଶରୁ ଉର୍ଦ୍ଧ୍ୱ ପଞ୍ଚାୟତବାସୀ ଏହି ଦୀପଦାନରେ ସାମିଲ ହୋଇଥିଲେ ।

## ଏକାଦଶ ସାଧାରଣ ପଞ୍ଚାୟତ ସମିତି ବୈଠକ
# କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଓ ଜଳ ଉପରେ ଗୁରୁତ୍ୱ
## କୃଷି ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ




ନିଆଳି (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ ମିଟିଙ୍ଗ ସଭା ଗୃହରେ ଏକାଦଶତମ ସାଧାରଣ ପଂଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉମେଶଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ନିଆଳି ବିଧାୟକ ଛବି ମଲିକ ଯୋଗ ଦେଇଥିଲେ। ଏହି ବୈଠକ ଆରମ୍ଭରୁ କୃଷି ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ ଝଡ଼ ସୃଷ୍ଟି ହୋଇଥିଲା। ପରେ ଉଦ୍ୟାନ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ, ଜଳ ଓ ପରିମଳ ଉପରେ ଅଧିକ ଆଲୋଚନା କରାଯାଇଥିଲା। ନିଆଳି ସ୍ୱାସ୍ଥ୍ୟ କେନ୍ଦ୍ର ରେ ସର୍ଜରୀ ପାଇଁ କିଛି ମେଡିକାଲ ଯନ୍ତ୍ରପାତି ଆବଶ୍ୟକ ଥିବା ନିଆଳି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଏସ ନବୀନ କହିବା ପରେ ବିଧାୟକ ଛବି ମଲିକ ଯନ୍ତ୍ରାଂଶ ପାଇଁ ନିଜ ବିଧାୟକ ପାଣ୍ଠିରୁ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ନିଆଳି ବ୍ଲକ ଶିକ୍ଷା ଅଧିକାରିଣୀ ଜ୍ୟୋସ୍ନା ରାଣୀ ମହାପାତ୍ର ଙ୍କୁ ଶିକ୍ଷାକୁ ନେଇ ବିଭିନ୍ନ ପ୍ରସଙ୍ଗରେ ସମିତି ସଭ୍ୟମାନେ ପଚାରିବାରୁ ଶ୍ରୀମତୀ ମହାପାତ୍ର ଅଭିଯୋଗର କୌଣସି ସତ୍ୟତା ନଥିବା କହି ନିଷ୍ଠାର ସହ କାର୍ଯ୍ୟ କରାଯାଇଥିବା ଉତ୍ତର ରଖିଥିଲେ। ଏହି ବୈଠକରେ ନିଆଳି ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ଧର୍ମରଂଜନ ପଣ୍ଡା, ସାଂସଦଙ୍କ ପ୍ରତିନିଧି ଜ୍ୟୋତି ରଞ୍ଜନ ମହାନ୍ତି, ନିଆଳି ତହସିଲଦାର ତାରିଣୀ ରଂଜନ ରାୟ, ଜିଲ୍ଲା ପରିଷଦ ଦେବାଶିଷ ଷଡ଼ଙ୍ଗୀ, ବ୍ଲକ ଉପାଧକ୍ଷ ସ୍ୱର୍ଣ୍ଣପ୍ରଭା ରାଉତ, ଜିଲ୍ଲା ପାରିଷଦ ସୌଦାମିନୀ ମହାପାତ୍ର, ଜିଲ୍ଲା ପରିଷଦ ସବିତା ରାଉତ ଉପସ୍ଥିତ ରହିଥିଲେ।

## ସମ୍ବିଧାନ ହତ୍ୟା ଦିବସ ପାଳିତ



କାକଟପୁର(ଭାସ୍କର ନ୍ୟୁଜ୍): କାକଟପୁର ମଙ୍ଗଳା ମହାବିଦ୍ୟାଳୟରେ ସମ୍ବିଧାନ ହତ୍ୟା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଉପାଧ୍ୟକ୍ଷ ଡଃ ବିକ୍ରମ ଛାଟୋଇ, ରାଜନୀତି ବିଜ୍ଞାନ ବିଭାଗର ବରିଷ୍ଠ ଅଧ୍ୟାପକ ଲଲାଟେନ୍ଦୁ ସ୍ୱାଇଁ,ଇଂରାଜୀ ବିଭାଗର ଅଧ୍ୟାପିକା ଶ୍ରୀନିଧି ରେଡ଼ୀ ପ୍ରମୁଖ ଯୋଗ ଦେଇଥିଲେ । ସେତେବେଳେ ତତ୍ କାଳୀନ ସରକାର ୧୯୭୫ ମସିହା ଜୁନ ୨୫ ତାରିଖରେ ଦେଶରେ ଅଗଣତାନ୍ତ୍ରିକ ଉପାୟରେ ଜରୁରୀ କାଳୀନ ପରିସ୍ଥିତି ଜାରି କରି ସମ୍ବିଧାନ ମର୍ଯ୍ୟାଦା ହାନି କରିଥିଲେ ବୋଲି ଶ୍ରୀ ଛାଟୋଇ ବକ୍ତବ୍ୟ ରଖିଥିଲେ। ଏହି ସମ୍ବିଧାନ ଦିବସରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ପ୍ରବାସୀଙ୍କୁ ଚିହ୍ନଟ ପାଇଁ ତତ୍ପରତା



ମାହାଙ୍ଗା(ଭାସ୍କର ନ୍ୟୁଜ୍): ଦେଶରେ ଅନୁପ୍ରବେଶ କାରୀଙ୍କୁ ଚିହ୍ନଟ ନିମନ୍ତେ ସରକାର ପକ୍ଷରୁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । ଯାହାକୁ ନେଇ ଜିଲ୍ଲା ପ୍ରଶାସନଙ୍କ ନିର୍ଦ୍ଦେଶ କ୍ରମେ ମାହାଙ୍ଗା ପୋଲିସ ପକ୍ଷରୁ ମାହାଙ୍ଗା ବ୍ଲକ ଅଞ୍ଚଳରେ ଥିବା ପ୍ରବାସୀମାନଙ୍କୁ ଚିହ୍ନଟ ନିମନ୍ତେ ପ୍ରକ୍ରିୟା ଆରମ୍ଭ କରାଯାଇଛି । ମାହାଙ୍ଗା ଆଇଆଇସି ବ୍ଲକ ଅଞ୍ଚଳରେ ଥିବା ପ୍ରବାସୀମାନଙ୍କୁ ଥାନାକୁ ଡକାଇ ସେମାନଙ୍କ ପରିଚୟ ଓ କେଉଁ ଅଂଚଳର ପଚାରି ବୁଝିଛନ୍ତି । ବିଶେଷ କରି କୁଣ୍ଡି ପଞ୍ଚାୟତରେ ଥିବା ପଶ୍ଚିମବଙ୍ଗ ମାଲଦା ଏବଂ ମୁର୍ଶିଦାବାଦ ଫେରିବାଲା ୨୮ ଜଣଙ୍କୁ ଥାନାକୁ ଡକାଇ ସେମାନଙ୍କ ନିକଟରେ ଥିବା ପରିଚୟ ପ୍ରମାଣ ପତ୍ର ଯାଞ୍ଚ କରି କଟକ ଜିଲ୍ଲା ଆଠଗଡ ନୋଡାଲ ସେଣ୍ଟରକୁ ପଠାଇଥିବା ଜଣାପଡିଛି ।

## କଂଗ୍ରେସ ପ୍ରତିନିଧି ଦଳର ବନ୍ୟାଞ୍ଚଳ ପରିଦର୍ଶନ



ଜଳେଶ୍ୱର(ଭାସ୍କର ନ୍ୟୁଜ୍): ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର, ଭୋଗରାଇ,ବାଲିଆପାଳ ଅଞ୍ଚଳର ବନ୍ୟାପ୍ଲାବିତ ଲୋକଙ୍କର ଉଦ୍ଧାର କାର୍ଯ୍ୟ ଓ ରିଲିଫ ବଣ୍ଟନ କାର୍ଯ୍ୟକ୍ରମକୁ ତଦାରଖ କରିବା ପାଇଁ ପିସିସି ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ଏଆଇସିସି ସଭ୍ୟ ତଥା ବାଲେଶ୍ୱରର ପୂର୍ବତନ ସାଂସଦ ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକଙ୍କ ଅଧକ୍ଷତାରେ ବୁଧବାର ୧୨ ଘଟିକା ସମୟରେ ଏକ ପ୍ରତିନିଧି ଦଳ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ପଶ୍ଚିମବାଡ ଗ୍ରାମ ପଞ୍ଚାୟତର ବନ୍ୟାଞ୍ଚଳ ପରିଦର୍ଶନ କରିବା ସହିତ ଲୋକଙ୍କ ଅସୁବିଧା ପଚାରି ବୁଝିଥିଲେ। ଉକ୍ତ ପ୍ରତିନିଧି ଦଳରେ ପିସିସି ଉପସଭାପତି ତଥା ବାଲେଶ୍ୱର ପ୍ରଭାରୀ ଡକ୍ଟର ଦେବାଶିଷ ପଟ୍ଟନାୟକ, ଜିଲ୍ଲା କଂଗ୍ରେସ ସଭାପତି ସଂଜୀବ ଗିରି, ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ରିଲିଫ କମିଟିର ସଦସ୍ୟ ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ, ବରିଷ୍ଠ କଂଗ୍ରେସ ନେତା ସତ୍ୟ ସୁନ୍ଦର ଦାସ, ପୂର୍ବତନ ବ୍ଲକ ସଭାପତି ରାଜୀବ ପରିଡା, ପୂର୍ବତନ ଟାଉନ ସଭାପତି ଗିରିଜା ଶଙ୍କର ଦାସ, ସବ୍ୟସାଚୀ ଦାସ, ହରିଶଙ୍କର ଜେନା ପ୍ରମୁଖ ଯୋଗ ଦେଇଥିଲେ।ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ,ଚନ୍ଦନ ଜେନା, ମଦନ ପାତ୍ର, ସରୋଜ ଦାସ,ସନ୍ଦୀପ ଜେନା, ବାପୁଜୀ ଦାସ,ଏସ କେ ରବାନି, ଏସକେ କଲାମଙ୍କ ସମେତ ପଞ୍ଚାୟତର ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ପର୍ଯ୍ୟଟନ ବିଭାଗ ସଚିବଙ୍କ ଭିତରକନିକା ଗସ୍ତ ଶେଷ

ରାଜନଗର(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବନଖଣ୍ଡ ଅଧିନସ୍ଥ ଭିତରକନିକା ଜାତୀୟ ଉଦ୍ୟାନକୁ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟଟନ ବିଭାଗର ସଚିବ ବଲୱନ୍ତ ସିଂହଙ୍କ ଏହି ତିନିଦିନିଆ ଉଦ୍ୟାନ ପରିଦର୍ଶନ କରି ଫେରିଯାଇଛନ୍ତି। ଶ୍ରୀ ସିଂଙ୍କ ଏହି ଗସ୍ତ ସମୟରେ ଭିତରକନିକା, ଖୋଳା, ଗୁପ୍ତି, ଜୟନଗର ଘାଟ, କଷ୍ଟରିକଣ ଘାଟ, ଧାମରା ଓ ତାଳଚୁଆ ଘାଟ ପରିଦର୍ଶନ କରିଥିଲେ। ଭିତରକନିକାକୁ ଆହୁରି ଉନ୍ନତ କରିବା ପର୍ଯ୍ୟଟକଙ୍କୁ ଆକର୍ଷିତ କରି ଅଧିକରୁ ଅଧିକ ପର୍ଯ୍ୟଟକ ଯେମିତି ଆସି ପାରିବେ ସେ ନେଇ ରାଜନଗର ଡିଏଫ୍‌ଓ ଏବଂ ସହକାରୀ କଞ୍ଜରଭେଟର ମାନସ ରଞ୍ଜନ ଦାସଙ୍କ ସମେତ ଉପସ୍ଥିତ ଅନ୍ୟାନ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।



## ବିଜେଡିର ବିକ୍ଷୋଭ

ବୋଲଗଡ (ଭାସ୍କର ନ୍ୟୁଜ୍): ଓଡ଼ିଶାରେ ମହିଳାଙ୍କ ପ୍ରତି ନିର୍ଯାତନା, ହିଂସା ବୃଦ୍ଧି , ଗୋପାଳପୁର ଠାରେ ହୋଇଥିବା ଛାତ୍ରୀ ଗଣଦୁଷ୍କର୍ମର ଶିକାର ହୋଇଥିବା ପୀଡିତା ନ୍ୟାୟ ଦାବି ନେଇ ବିଜୁ ଯୁବଛାତ୍ର ଜନତା ଦଳ ପକ୍ଷରୁ ସାରା ରାଜ୍ୟରେ କଲେଜ ଓ ମହାବିଦ୍ୟାଳୟ ଆଗରେ ଗଣଧାରଣା ଓ ପ୍ରତିବାଦ ସଭା ଆୟୋଜନ କରାଯାଇଛି। ଏହି ପରୀପ୍ରେକ୍ଷୀରେ ବୋଲଗଡ ପରମାନନ୍ଦ ମହାବିଦ୍ୟାଳୟ ଆଗ ଜାତୀୟ ରାଜପଥ ୫୭ ଉପରେ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା । ବିଜୁ ଯୁବଛାତ୍ର ଜନତା ଦଳ ପକ୍ଷରୁ ଏହି ସଭାରେ ସ୍ଥାନୀୟ ବିଧାୟକ ପ୍ରଦୀପ ସାହୁଙ୍କ ସମେତ, ସ୍ଥାନୀୟ ବିଜେଡି ବରିଷ୍ଠ ନେତା ବୀର ଦାସ, ଯୁବନେତା ସିବୁନ ସୁନ୍ଦରାୟ, ପୂର୍ବତନ ସମିତିସଭ୍ୟ ସୁରେଶ ସାମନ୍ତସିଂହାର ,ବିଜେଡ଼ି ଜିଲା ଉପସଭାପତି ପ୍ରଫୁଲ୍ଲ ପ୍ରଧାନ,ଯୁବନେତା ଚନ୍ଦନ ପ୍ରଧାନ, ଜିଲ୍ଲାପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ସୁନନ୍ଦିତା ସାହୁ,ସୁରେଶ କୁମାର ସାମନ୍ତରାୟ, ବଂଶୀଧର ସାହୁ,ଗୌତମ ସ୍ୱାଇଁ,, ସିକୁ ମହାପାତ୍ର, ସୁନନ୍ଦା ବରାଳ,ମୁନା ମହାପାତ୍ର,ବିଶ୍ୱରଞ୍ଜନ ବିଶ୍ୱାଳଙ୍କ ସହିତ ପରମାନନ୍ଦ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ।

## ପାଞ୍ଚ ଫୁଟର ନାଗସାପ ଉଦ୍ଧାର





ରାଇବଣିଆ

ଜଳେଶ୍ୱର(ଭାସ୍କର ନ୍ୟୁଜ୍): ଜଳେଶ୍ୱର ବ୍ଲକ୍ ଖୁଆଡ ପଂଚାୟତର ଉପରକୁଣ୍ଡି ଗ୍ରାମର ରାଖାଲ ଚନ୍ଦ୍ର ଦାସଙ୍କ ଘରେ ବୁଧବାର ଅପରାହ୍ନ ସମୟରେ ରାଖାଲ ଦାସଙ୍କ ପୁତ୍ର ସପନ ଦାସ୍ ବାରିପଦାରୁ ଆସି ତାଙ୍କ ଘରକୁ ପଶିବା ସମୟରେ ଘର ଭିତରେ ଏକ ପାଞ୍ଚଫୁଟ୍ ଲମ୍ବର ଏକ ଗୋଖର (ନାଗ) ସାପ ଦେଖିବା ପାଇଁ ପାଇଥିଲେ, ପରେ ପାଟି କରି ଗାଁ ଲୋକଙ୍କୁ ଡ଼ାକିଥିଲେ ଏବଂ ବନ ବିଭାଗକୁ ମଧ୍ୟ ଖବର ଦେବା ପରେ ରାଇବଣିଆ ବନ ବିଭାଗ ତରଫରୁ ଫରେଷ୍ଟର ଦିଲ୍ଲିପ ସିଂ, ସୁରେଶ ଦାସ୍, ନିମାଇଁ ବେହେରା, ସୁଶିଲ ମହାନ୍ତ ଆସି ସାପଟିକୁ ଉଦ୍ଧାର କରି ନିକଟସ୍ଥ ଭଡ଼ରାପଦା ଜଙ୍ଗଲରେ ଛାଡିଥିଲେ। ଏହି ସାପକୁ ଦେଖିବା ପାଇଁ ଭିଡ ଲାଗିଥିଲା।

ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ
facebook.com/odishabhaskar
twitter.com/odishabhaskar
RNI Regd. No.ORI ORI 2004/12956 Postal Regd. No. BN/294/21-232 | Published Simultaneously from Bhubaneswar, Angul & Berhampur. | www.odishabhaskar.com
ଦ୍ୱାବିଂଶତମ ବର୍ଷ ସଂଖ୍ୟା-୮୭ | Vol. 22 No-87 | 27 JUNE 2025 FRIDAY, BHUBANESWAR | ଶୁକ୍ରବାର, ୨୭ ଜୁନ୍ ୨୦୨୫ | ପୃଷ୍ଠା-୮+୮ | ମୂଲ୍ୟ: ୭.୦୦




# ବେଆଇନ ନିଶା କାରବାର ବିରୋଧରେ ୱାକାଥନ୍



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅବକାରୀ ବିଭାଗ ପକ୍ଷରୁ ବେଆଇନ ନିଶା କାରବାର ବିରୋଧରେ ପ୍ରଥମ ପର୍ଯ୍ୟାୟ ସଚେତନତା କାର୍ଯ୍ୟକ୍ରମର ଶେଷଦିନରେ ଏକ ଗ୍ରାଣ୍ଡ ୱାକାଥନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହି ୱାକାଥନ ବେଆଇନ ମାଦକ ଦ୍ରବ୍ୟର ବ୍ୟବହାର ଓ ଅବୈଧ ଚାଲାଣ ବିରୋଧରେ ସଚେତନତା ସୃଷ୍ଟି କରିବା ନେଇ ଆୟୋଜିତ ଏହି ୱାକାଥନ ଆଜି ସକାଳ ୬.୩୦ରୁ କଳିଙ୍ଗ ଷ୍ଟାଡିଅମର ଗେଟ୍ ନମ୍ବର ୪ରୁ ଆରମ୍ଭ ହୋଇ ଜନତା ମୈଦାନ ପର୍ଯ୍ୟନ୍ତ ଯାଇଥିଲା । ଏହି ୱାକାଥନକୁ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦ୍‌ଘାଟନ କରି କହିଲେ ଯେ ବର୍ତ୍ତମାନର ଯୁବସମାଜକୁ ବେଆଇନ ମାଦକ ଦ୍ରବ୍ୟ କବଳରୁ ଦୂରେଇ ରଖି ଏକ ସୁସ୍ଥ ଓ ନିରାମୟ ସମାଜ ଗଠନ କରିବା ଆମର ଲକ୍ଷ୍ୟ । ଏଣୁ ସବୁବର୍ଗର ଲୋକଙ୍କୁ ନେଇ ବେଆଇନ ମାଦକ ଦ୍ରବ୍ୟ ବିରୋଧରେ ବର୍ଷବ୍ୟାପୀ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ସେ ପ୍ରକାଶ କରିଥିଲେ। ଉତ୍ସବରେ ବିଭାଗର କମିଶନର ତଥା ଆୟୁକ୍ତ ଗୁହା ପୁନମ ତାପସ କୁମାର, ଅବକାରୀ କମିଶନର ଧର୍ମେନ୍ଦ୍ର ମଲ୍ଲିକ, ଓଡ଼ିଶା ରାଜ୍ୟ ପାନୀୟ ନିଗମ ଲିଃର ପରିଚାଳନା ନିର୍ଦ୍ଦେଶକ ଅମ୍ବର କରଙ୍କ ସମେତ ବରିଷ୍ଠ ଅଧିକାରୀ ଓ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ, କ୍ରୀଡ଼ାବିତ୍ ମାନେ ଉପସ୍ଥିତ ଥିଲେ । ଏହି ଅବସରରେ ମୋକ୍ଷ ଡାନ୍ସ ଗ୍ରୁପ୍ ପକ୍ଷରୁ ‘ ଆମ ସଂକଳ୍ପ’ ନାମକ ଅଭିଯାନ ସଂଗୀତରେ ନୃତ୍ୟ ପ୍ରଦର୍ଶନ କରିଥିଲେ । ଏହି ପରେ ଲିପ୍‌ସା ଗ୍ରୁପ୍ ଦ୍ୱାରା ନିଶା ମୁକ୍ତି ଉପରେ ଏକ ନାଟକ ପରିବେଷିତ ହୋଇଥିଲା । ଶେଷରେ ‘ଭିଗ୍‌ନାଞ୍ଜ ବ୍ୟାଣ୍ଡ’ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା । ସୂଚନା ଯୋଗ୍ୟ ଯେ ୨୦୨୫ ମେ ୩୧ରୁ ଆରମ୍ଭ ହୋଇଥିବା ଏହି ମାସବ୍ୟାପୀ ଅଭିଯାନକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ ।

# ଡକାୟତି ଯୋଜନା ପଣ୍ଡ, ୩ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀରେ ଏକ ବଡ଼ ଧରଣର ଡକାୟତି ଯୋଜନା ପଣ୍ଡ କରିଛି କମିଶନରେଟ୍ ପୋଲିସ୍। ଏସମ୍ପର୍କରେ ସୂଚନା ଦେଇ ପୋଲିସ କମିଶନର ଦେବଦତ୍ତ ସିଂ କହିଛନ୍ତି ଭରତପୁର ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ଥିବା ବେଳେ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ବୋଲେରୋ ଗାଡି, ୨ ଟି ବନ୍ଧୁକ, ୬ଟି ଅଫୁଟା ଗୁଳି, ଖଣ୍ଡା, ଭୁଜାଲି, କଟୁରି ଜବତ କରାଯାଇଛି। ଏହାସହ ସୁନା ଚେନ, ୮ ହଜାର ଟଙ୍କା ସହ ୪ ମୋବାଇଲ ମଧ୍ୟ ଜବତ ହୋଇଛି। ଅଭିଯୁକ୍ତଙ୍କ ନାଁ ରେ ଏକାଧିକ ମାମଲା ରହିଛି ।ଭରତପୁର ଅଂଚଳର ସାଁପୁର ଏରିଆରେ ଏକ ପେଟ୍ରୋଲ ପମ୍ପରୁ ଲୁଟିବା ପାଇଁ ପ୍ଲାନ କରିବା ବେଳେ ପୋଲିସ ସେମାନଙ୍କୁ କାବୁ କରିଥିଲା। ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ରାଜ ନଗର କେନ୍ଦ୍ରାପଡ଼ାର ଦୀପ୍ତି ରଞ୍ଜନ ଜେନା ଓ ପ୍ରବୀର ସ୍ୱାଇଁ ଏବଂ ନିଆଳି, କଟକର ଆଶିଷ ରଞ୍ଜନ ଦାଶ। ଏହି ଘଟଣାରେ ଦୁଇଜଣ ଫେରାର ଅଛନ୍ତି।

# ବିଧାନସଭା ପରିସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଶ୍ରାଦ୍ଧଦିବସ ପାଳିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୭ତମ ଶ୍ରାଦ୍ଧଦିବସ ପାଳନ ଅବସରରେ ଗୁରୁବାର ବିଧାନସଭା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ମତ୍ସ୍ୟ ଓ ପ୍ରାଣିସଂପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ବିଧାୟକ ସିଦ୍ଧାନ୍ତ ମହାପାତ୍ର, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ଉତ୍କଳ ସମ୍ମିଳନୀର କାର୍ଯ୍ୟକର୍ତ୍ତା, ବିଧାନସଭା ସଚିବ ସତ୍ୟବ୍ରତ ରାଉତଙ୍କ ସମେତ ବିଧାନସଭାର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଅବସରରେ ଶାଶ୍ୱତୀ ସାମାଜିକ-ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷିତ ହୋଇଥିଲା । ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।








ତୁମେ ଭଗବାନଙ୍କୁ ସେପର୍ଯ୍ୟନ୍ତ ବିଶ୍ୱାସ କରିପାରିବ ନାହିଁ,
ଯେପର୍ଯ୍ୟନ୍ତ ତୁମେ ନିଜେ ନିଜକୁ ବିଶ୍ୱାସ ନକରିଛ।

-ସ୍ୱାମୀ ବିବେକାନନ୍ଦ



କାହିଁରୁ ମୁଁ ଥିଲି ଆସି କାଳ -ସ୍ରୋତେ ଭାସି
ଶୂନ୍ୟହସ୍ତେ ପୁଣି ଯିବି କାହିଁ ?
କୁଟୁମ୍ବାଦି ବନ୍ଧୁ ବିତ୍ତ ଧରମ ବ୍ୟତୀତ
ମୋ' ସାଙ୍ଗେ କେହି ତ' ଯିବେ ନାହିଁ ।

- ଖଗେଶ୍ୱର ସେଠ୍



## ଭାରତ ପାଇଁ ଐତିହାସିକ ମୁହୂର୍ତ୍ତ

# ମହାକାଶରେ କ୍ୟାପଟେନ୍ ଶୁଭାଂଶୁ

ଦୀର୍ଘ ୪୧ବର୍ଷ ପରେ ମହାକାଶ ବିଜ୍ଞାନ କ୍ଷେତ୍ରରେ ଭାରତ ଏକ ନୂଆ ଇତିହାସ ରଚନା କରିଛି। ଭାରତୀୟ ବାୟୁସେନାର ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଲା ଦ୍ୱିତୀୟ ଭାରତୀୟ ଭାବରେ ମହାକାଶକୁ ସଫଳତାର ସହ ଯାତ୍ରା କରିଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକାର ଫ୍ଲୋରିଡାସ୍ଥିତ 'ନାସା' କେନେଡ଼ି ମହାକାଶ କେନ୍ଦ୍ରରୁ ବୁଧବାର ଭାରତୀୟ ସମୟ ମଧ୍ୟାହ୍ନ ୧୨ଟା ୧ମିନିଟ୍‌ରେ ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁଙ୍କ ସମେତ ୪ଜଣ ମହାକାଶଚାରୀ 'ଆକ୍ସିମ୍-୪' ମିଶନ୍‌ରେ ମହାକାଶକୁ ଯାତ୍ରା କରିଛନ୍ତି। ପୂର୍ବରୁ ଏହି ମିଶନରେ ଉତ୍‌କ୍ଷେପଣକୁ ଏକାଧିକବାର ସ୍ଥଗିତ ରଖାଯିବା ପରେ ବୁଧବାର ମଧ୍ୟାହ୍ନରେ ଆକାଂକ୍ଷିତ ମୁହୂର୍ତ୍ତ ପହଞ୍ଚିଥିଲା। ମହାକାଶ ଯାତ୍ରା କ୍ଷେତ୍ରରେ ରାକେଶ ଶର୍ମା ପ୍ରଥମ ଭାରତୀୟ ହୋଇଥିବା ବେଳେ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଲା ଦ୍ୱିତୀୟ ମୂଳ ଭାରତୀୟ ବାସିନ୍ଦା। ଏହି ମିଶନରେ ତାଙ୍କ ସହିତ ପୋଲାଣ୍ଡ, ହଙ୍ଗେରୀ ଓ ଆମେରିକାର ଜଣେ ଲେଖାଏଁ ନାଗରିକ ମଧ୍ୟ ସାମିଲ ହୋଇଛନ୍ତି। ସୁସ୍ଥ ରହିବା ପାଇଁ ଶୁଭାଂଶୁଙ୍କୁ ଏକମାସରୁ ଅଧିକ ସମୟ ସଙ୍ଗରୋଧରେ ରହିବାକୁ ପଡ଼ିଥିଲା। ବୁଧବାର ଉତ୍‌କ୍ଷେପଣ ପରେ ଏହି ଚାରିଜଣିଆ ଟିମ୍ ୧୪ଦିନ ଆନ୍ତର୍ଜାତୀୟ ମହାକାଶ ଷ୍ଟେସନରେ ରହିବା ସଙ୍ଗେ ସଙ୍ଗେ ୬୦ଟି ବୈଜ୍ଞାନିକ ପରୀକ୍ଷଣ କରିବେ ବୋଲି ଜଣାପଡିଛି। ସେଥିମଧ୍ୟରୁ ସାତଟି ପ୍ରମୁଖ ପରୀକ୍ଷଣ ପାଇଁ ଭାରତୀୟ ଗବେଷକମାନେ ହିଁ ପ୍ରସ୍ତାବ ଦେଇଛନ୍ତି। ମହାକାଶ ଅଭିମୁଖେ ଐତିହାସିକ ଯାତ୍ରା କରିବାର କିଛି ଘଣ୍ଟା ପୂର୍ବରୁ ଶୁଭାଂଶୁ ତାଙ୍କ ପରିବାରକୁ ଏକ ବାର୍ତ୍ତା ପଠାଇ ଲେଖିଥିଲେ- 'ଅପେକ୍ଷା କର, ମୁଁ ଆସୁଛି।' ସେହିପରି ସଫଳ ଉତ୍‌କ୍ଷେପଣର ଦଶମିନିଟ୍ ପରେ ମହାକାଶରୁ ଭାରତବାସୀଙ୍କୁ ପ୍ରଥମ ବାର୍ତ୍ତା ଦେଇ ଉଲ୍ଲେଖ କରିଥିଲେ, 'ନମସ୍କାର, ମୋ ପ୍ରିୟ ଦେଶବାସୀ। ବହୁ ବର୍ଷ ପରେ ଆମେ ପୁଣି ଥରେ ମହାକାଶରେ ପହଞ୍ଚିଛୁ। ଅଦ୍ଭୁତ ଥିଲା ଏହି ଯାତ୍ରା। ମୋ ସହିତ ମୋ କାନ୍ଧରେ ମୋ ତ୍ରିରଙ୍ଗା ଅଛି। ମୁଁ ମୋ ସହ କେବଳ ଉପକରଣ ଓ ଯନ୍ତ୍ରପାତି ନେଉନାହିଁ, କୋଟି କୋଟି ହୃଦୟର ଆଶା ଓ ସ୍ୱପ୍ନକୁ ସାଙ୍ଗରେ ନେଇ ଯାଉଛି।' ତାଙ୍କର ଏହି ଦୁଇଟି ବାର୍ତ୍ତା ଦେଶକୁ ଭଲ ପାଉଥିବା ଜଣେ ବ୍ୟକ୍ତିଙ୍କ ହୃଦୟର ଭାଷା କହିଲେ ଭୁଲ୍ ହେବନାହିଁ। ମହାକାଶ ଅଭିମୁଖେ ଯାତ୍ରା କରିଥିବା ୪ଜଣିଆ ଦଳର ନେତୃତ୍ୱ ନେଇଛନ୍ତି ଜଣେ ଅଭିଜ୍ଞ ମହିଳା ମହାକାଶଚାରୀ ପେଗି ହିଡ୍‌ସନ୍। ସେ 'ନାସା'ର ସବୁଠାରୁ ଅଭିଜ୍ଞ ମହାକାଶଚାରୀଙ୍କ ମଧ୍ୟରୁ ଅନ୍ୟତମ। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଗତ କିଛିବର୍ଷ ହେଲା ଖୁବ୍ ସଫଳତାର ସହ ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି ହାସଲ କରିଚାଲିଛି। 'ନାସା'ର ଏହି ମିଶନ୍‌ରେ ଜଣେ ଭାରତୀୟ ସାମିଲ ହୋଇଥିବାରୁ ତାଙ୍କର ଅନୁଭୂତି ଓ ଅଭିଜ୍ଞତା 'ଇସ୍ରୋ'ର ଭବିଷ୍ୟତ ଗବେଷଣା କାର୍ଯ୍ୟରେ ବେଶ୍ ସହାୟକ ହେବ ବୋଲି ଆଶା କରାଯାଉଛି। ଶୁଭାଂଶୁଙ୍କ ମହାକାଶ ଅଭିଯାନ ସଫଳ ହେବା ସହିତ ସେ ନିରାପଦରେ ଭୂପୃଷ୍ଠକୁ ପ୍ରତ୍ୟାବର୍ତ୍ତନ କରନ୍ତୁ, ଏହା କୋଟି କୋଟି ଭାରତୀୟଙ୍କ ହୃଦୟର ପ୍ରାର୍ଥନା।

# ଆମ ସଂସ୍କୃତିର ନିଆରା ମହୋତ୍ସବ ରଥଯାତ୍ରା



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ:୯୩୩୭୨୨୧୯୨୪

ପର୍ବପର୍ବାଣିର ରାଜ୍ୟ ଓଡିଶା। ଏଠାରେ ବାରମାସରେ ତେର ପର୍ବ ପାଳନ କରାଯାଏ। ଏଠି ପର୍ବ ପାଳନର ଆରାଧ ଦେବତା ମହାପ୍ରଭୁ ଜଗନ୍ନାଥ। ଏହି ପର୍ବମାନଙ୍କ ମଧ୍ୟରୁ ରଥଯାତ୍ରା ସ୍ୱତନ୍ତ୍ର। ରଥଯାତ୍ରା କେବଳ ଏକ ଉତ୍ସବ ନୁହେଁ ବରଂ ଅନନ୍ୟ ପରମ୍ପରା। ମହାପ୍ରଭୁଙ୍କ ଏହି ମହାଯାତ୍ରା ସବୁବେଳେ ଆକୃଷ୍ଟ କରିଛି ବିଶ୍ୱବାସୀଙ୍କୁ। ପ୍ରତି ବର୍ଷ ଆଷାଢ ଶୁକ୍ଲପକ୍ଷ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହୁଏ ଏହି ଘୋଷଯାତ୍ରା। କାଳିଆ ସାଆନ୍ତଙ୍କୁ ଆଖିପୁରାଇ ଦେଖିବା ପାଇଁ ସାରା ବିଶ୍ୱରୁ ଭକ୍ତ ଛୁଟି ଆସନ୍ତି ନୀଳାଚଳକୁ। ଏଠାରେ ସୂଚନାଯୋଗ୍ୟ ଯେ, ବଡ଼ ଠାକୁର ବିଶ୍ୱର ଏକମାତ୍ର ଦେବତା ଯିଏ ବରଷକେ ଥରେ ରତ୍ନବେଦୀରୁ ଓହ୍ଲାଇ ଆସନ୍ତି ବଡ଼ଦାଣ୍ଡକୁ। ଭକ୍ତ ଓ ଭଗବାନ ଏକ ହୋଇଯାଆନ୍ତି। ଛୁଆଁ ଅଛୁଆଁ, ଜାତି ଅଜାତି, ବଡ଼ ସାନର ଏଠି ସ୍ଥାନ ନଥାଏ। ଭାବ ବିନୋଦିଆ ଠାକୁର ସିଏ। ଭାବରେ ବନ୍ଧାସିଏ। ତା'ଭକ୍ତକୁ ସିଏ କେବେ ନିରାଶ କରେନାହିଁ। ସେଥିପାଇଁ କେତେବେଳେ ଯବନ ସାଲବେଗକୁ ଅପେକ୍ଷାକରି ରଥକୁ ବଡ଼ଦାଣ୍ଡରେ ଅଟକାଇ ଦେଇଛନ୍ତି ତ ପୁଣି କେତେବେଳେ ବଳରାମ ଦାସଙ୍କ ବାଲିରଥରେ ବସିଛନ୍ତି। ଆଉ କେତେବେଳେ ଦାସିଆ ପଠାଇଥିବା ନଡ଼ିଆକୁ ହସିହସି ସାଦରେ ନେଇଛନ୍ତି। ଭକ୍ତ ପାଖରେ ସେ ନିଜକୁ ବିକି ଦେଇଛନ୍ତି ଅନେକ ଥର। ମର୍ତ୍ତ୍ୟମଣ୍ଡଳରେ ନିଆରା ଠାକୁର ସିଏ।

ଗତ ଚାରିବର୍ଷ ତଳେ ମହାମାରୀ କରୋନାକୁ ନେଇ ମହାପ୍ରଭୁଙ୍କ ରଥଯାତ୍ରା ଶେଷଦିନ ପର୍ଯ୍ୟନ୍ତ ଅନିଶ୍ଚିତତା ମଧ୍ୟରେ ରହିଥିଲା। ଏପରିକି ରଥଯାତ୍ରା ହେବନାହିଁ ବୋଲି ସମସ୍ତଙ୍କ ମନରେ ଆଶଙ୍କା ଆସିଥିଲା। କିନ୍ତୁ ମହାପ୍ରଭୁଙ୍କ ଦୟାରୁ ଶେଷ ସମୟରେ ସବୁ ଓଲଟିଯାଇଥିଲା। ମହାପ୍ରଭୁଙ୍କ ଘୋଷଯାତ୍ରା ଅନୁଷ୍ଠିତ ହେବ ବୋଲି ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେଉଁଠି ଏକରୁ ଅଧିକ ଲୋକ ଏକାଠି ହେଲେ କରୋନା ଜୀବନ ନେବାର ଭୟ ରହୁଛି ସେଠାରେ ଭକ୍ତ ନଥାଇ ମଧ୍ୟ ସେବାୟତ ଓ ପୋଲିସ ପ୍ରଶାସନର ମିଳିତ ସହଯୋଗରେ ଉଭୟ ଗୁଣ୍ଡିଚା ଓ ବାହୁଡା ଯାତ୍ରା ସୁରୁଖୁରୁରେ ଶେଷ ହେଲା। ସବୁ ଅସମ୍ଭବକୁ ସମ୍ଭବ କରିଲେ ମହାବାହୁ। ନଅ ଦିନର ଯାତ୍ରା ସାରି ମହାପ୍ରଭୁ ରତ୍ନସିଂହାସନକୁ ବିଜେ କରିଥିଲେ। ମହାପ୍ରଭୁଙ୍କ ରଥଯାତ୍ରାରେ ରାଜ୍ୟ ସରକାର, କେନ୍ଦ୍ର ସରକାର, ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ, ସେବାୟତ, ବରିଷ୍ଠ ଅଧିକାରୀ ଓ ଶ୍ରୀମନ୍ଦିର ପ୍ରଶାସନକୁ ଗଜପତି ମହାରାଜା ଦିବ୍ୟସିଂହଦେବ କୃତଜ୍ଞତା ଜ୍ଞାପନ କରିଥିଲେ। ଗଜପତିଙ୍କ କହିବା ଅନୁଯାୟୀ କରୋନା ସମୟରେ ରଥଯାତ୍ରା ଇତିହାସ ପୃଷ୍ଠାରେ ଅବିସ୍ମରଣୀୟ ହୋଇ ରହିବ।

ଚଳିତ ବର୍ଷ ଶ୍ରୀକ୍ଷେତ୍ରରେ ରଥଯାତ୍ରାର ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଯଥାବିଧି ସମାପ୍ତ ହୋଇଛି। ଶ୍ରଦ୍ଧାଳୁମାନଙ୍କ ମନରେ ଅପୂର୍ବ ଆନନ୍ଦ ଚର୍ମଚକ୍ଷୁରେ ଦେଖିବେ ଜଗା କାଳିଆକୁ। ନୂତନ ସରକାର ଏବର୍ଷ ରଥଯାତ୍ରାକୁ ସୁରୁଖୁରୁରେ ଶେଷ କରିବା ପାଇଁ ସବୁପ୍ରକାର ଉଦ୍ୟମ କରିଛନ୍ତି। ସେଥିପାଇଁ ରାଜ୍ୟ ସରକାର ପ୍ରଶଂସାଯୋଗ୍ୟ। ସେହିପରି ଏଥର ପୁରୀ ସହିତ ଅନ୍ୟସ୍ଥାନରେ ମଧ୍ୟ ରଥଯାତ୍ରା ଅନୁଷ୍ଠିତ ହେଉଛି। ଏଥିପାଇଁ ସାରା ରାଜ୍ୟରେ ଖୁସିର ଲହରୀ। କିଛିଦିନ ପୂର୍ବରୁ ସାରା ରାଜ୍ୟରେ ଗ୍ରୀଷ୍ମର ପ୍ରକୋପ ଜାରି ରହିଥିବା ବେଳେ ଏବେ ପାଗରେ ଟିକିଏ ପରିବର୍ତ୍ତନନ ଆସିଛି। ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ତଥା ସ୍ୱେଚ୍ଛାସେବୀ ସଂଗଠନ ଗୁଡ଼ିକର ଓ ସର୍ବୋପରି ନୂତନ ସରକାରଙ୍କର ଗୁରୁଦାୟିତ୍ୱ ରହିଛି। ଏବର୍ଷ ରଥଯାତ୍ରା ପୁଣି ଟିକେ ନିଆରା ଢଙ୍ଗରେ ହେଉଛି। ୨୬ତାରିଖରେ ନେତ୍ରୋତ୍ସବ, ନବଯୌବନ ଦର୍ଶନ ଓ ୨୭ ତାରିଖରେ ଶ୍ରୀଗୁଣ୍ଡିଚା ଯାତ୍ରା। ଓଡ଼ିଶାର ସଂସ୍କୃତି, ପରମ୍ପରା, ଚଳଣି ଓ ସାଧାରଣ ଜୀବନଯାତ୍ରା ସବୁ କିଛି ମହାପ୍ରଭୁ ଜଗନ୍ନାଥଙ୍କୁ ନେଇ। ତାଙ୍କର ଲୀଳା ଅପାର। ଜଗା କାଳିଆର ଲୀଳାକୁ କିଏ ବା ବୁଝିବ? ସେ ହିଁ ସବୁ ଜାଣନ୍ତି। ଭାବର ଠାକୁର ସିଏ। ଭକତ ଭାବରେ ବନ୍ଧା। ସେଇଥିପାଇଁ ତ ସେ ମର୍ତ୍ତ୍ୟମଣ୍ଡଳରେ ନିଆରା ଠାକୁର।



**ତିନି ରଥର ତଥ୍ୟ**

ତିନିରଥର ଭିନ୍ନ ଭିନ୍ନ ନାମ ରହିଛି। ଶ୍ରୀବଳଭଦ୍ରଙ୍କ ରଥର ନାମ ତାଳଧ୍ୱଜ, ଲଙ୍ଗଳ ଧ୍ୱଜ ବା ହଳଧ୍ୱଜ। ସେହିପରି ଶ୍ରୀଜଗନ୍ନାଥଙ୍କ ରଥର ନାମ ନନ୍ଦିଘୋଷ, ଚକ୍ରଧ୍ୱଜ ବା ଗରୁଡ଼ ଧ୍ୱଜ। ଦେବୀ ସୁଭଦ୍ରାଙ୍କ ରଥର ନାମ ଦର୍ପଦଳନ, ପଦ୍ମଧ୍ୱଜ ବା କମଳଧ୍ୱଜ। ତାଳଧ୍ୱଜ ରଥରେ ବ୍ୟବହୃତ କାଠର ସଂଖ୍ୟା ୭୩୧ ଖଣ୍ଡ। ନନ୍ଦିଘୋଷ ୭୪୨ ଏବଂ ଦର୍ପଦଳନ ରଥରେ ବ୍ୟବହୃତ କାଠର ସଂଖ୍ୟା ୭୧୧ ଖଣ୍ଡ। ତାଳଧ୍ୱଜ ରଥର ଉଚ୍ଚତା ୪୫ ଫୁଟ, ନନ୍ଦିଘୋଷ ୪୫ ଫୁଟ ୬ଇଞ୍ଚ ଏବଂ ଦର୍ପଦଳନ ରଥର ଉଚ୍ଚତା ୪୪ଫୁଟ ଇଞ୍ଚ। ତାଳଧ୍ୱଜ ରଥର ଚକ ସଂଖ୍ୟା ୧୪, ନନ୍ଦିଘୋଷ ୧୬ ଓ ଦର୍ପଦଳନର ଚକ ସଂଖ୍ୟା ୧୨। ତାଳଧ୍ୱଜ ରଥର ଅଧୀଶ୍ୱର ଦେବତା ଶ୍ରୀବଳଭଦ୍ର, ଚଳନ୍ତି ପ୍ରତିମା ରାମ ଓ କୃଷ୍ଣ। ନନ୍ଦିଘୋଷ ରଥର ଅଧିଶ୍ୱର ଦେବତା ଶ୍ରୀଜଗନ୍ନାଥ ଓ ଚଳନ୍ତି ପ୍ରତିମା ମଦନମୋହନ। ଦର୍ପଦଳନ ରଥର ଅଧୀଶ୍ୱର ଦେବତା ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ। ତାଳଧ୍ୱଜ ରଥ ସାରଥିଙ୍କ ନାମ ମାତଳୀ, ନନ୍ଦିଘୋଷ ରଥ ସାରଥିଙ୍କ ନାମ ଦାରୁକ ଓ ଦର୍ପଦଳନ ରଥ ସାରଥିର ନାମ ଅର୍ଜୁନ। ତାଳଧ୍ୱଜ ରଥ ଦଉଡିର ନାମ ବାସୁକୀ, ନନ୍ଦିଘୋଷର ଶଙ୍ଖଚୂଡ଼ ନାମ୍ନୀ ନାଗୁଣୀ ଓ ଦେବୀ ସୁଭଦ୍ରାଙ୍କ ରଥ ଦଉଡିର ନାମ ସ୍ୱର୍ଣ୍ଣଚୂଡ଼ା ନାମକ ନାଗ। ବଡ଼ ଠାକୁରଙ୍କ ରଥର ଅଶ୍ୱଗୁଡ଼ିକ ହେଲେ ଶଙ୍ଖ, ସୁଚିତ୍ର, ଅଙ୍ଗଦ ଓ ମେଘନାଦ। ନନ୍ଦିଘୋଷର ଶଙ୍ଖ, ବଳାହକ, ଶ୍ୱେତ ଓ ହରିଦ୍ୱାଶ। ଦର୍ପଦଳନ ରଥ ଅଶ୍ୱଗୁଡ଼ିକ ହେଲେ ଗୋଚିକା, ମୋଚିକା, ଜିତା ଓ ଅପରାଜିତା। ତାଳଧ୍ୱଜ ରଥର ଦୁଇ ଶୁଆଙ୍କ ନାମ ଶ୍ରଦ୍ଧା ଓ ବିଶ୍ୱାସ, ନନ୍ଦିଘୋଷର ଜୀବ ଓ ପରମ ଏବଂ ଦର୍ପଦଳନ ରଥର ଦୁଇ ଶୁଆ ହେଲେ ସୁପର୍ଣ୍ଣ ଓ ଦ୍ୱାସୁପର୍ଣ୍ଣ। ତାଳଧ୍ୱଜ ରଥ ରଷିପଟାରେ ଥିବା ରଷିମାନଙ୍କ ନାମ ଅଙ୍ଗିରା, ପୌଲସ୍ତ୍ୟ, ପୁଲହ, ଅଗସ୍ତି, କୃଷ୍ଣ, ମୁଦ୍‌ଗଲ, ଆତ୍ରେୟ ଓ କାଶ୍ୟପ। ନନ୍ଦିଘୋଷ ରଥର ନାରଦ, ଦେବଳ, ବ୍ୟାସ, ଶୁକଦେବ, ପରାଶର, ବଶିଷ୍ଠ, ବିଶ୍ୱାମିତ୍ର ଓ ରୁଦ୍ର। ସେହିଭଳି ଦର୍ପଦଳନ ରଥ ରଷିପଟାରେ ଥିବା ରଷିମାନେ ହେଲେ ଭୃଗୁ, ସୁପ୍ରଭ, ବଜ୍ର, ଶୃଙ୍ଗୀ, ଧ୍ରୁବ, ଉଲ୍ଲୁକ ଓ ପ୍ରବର୍ତ୍ତକ ରଷି ମଣ୍ଡଳ। ତାଳଧ୍ୱଜ ରଥର ଆବରଣ ଲୋହିତ ଓ ନୀଳ, ନନ୍ଦିଘୋଷ ରଥର ପୀତ ଓ ଲୋହିତ। ଦର୍ପଦଳନ ରଥର ଆବରଣ କୃଷ୍ଣ ଓ ଲୋହିତ ବର୍ଣ୍ଣ। ବଡ଼ଠାକୁରଙ୍କ ରଥର ନେତର ନାମ ଉନ୍ନନୀ, ମହାପ୍ରଭୁଙ୍କ ରଥ ନେତର ନାମ ତ୍ରୈଲୋକ୍ୟ ମୋହିନୀ ଓ ଦେବୀ ସୁଭଦ୍ରାଙ୍କ ରଥ ନେତର ନାମ ନାଦାମ୍ବିକା।

# ଉତ୍କଳୀୟ ସଂସ୍କୃତିରେ ଶ୍ରୀଜଗନ୍ନାଥ



ରେଣୁବାଳା ମହାପାତ୍ର
ଅନୁଗୋଳ

'ଭାରତ ସରସେ ଉତ୍କଳ କମଳ
ତା ମଧ୍ୟେ କେଶର ପୂଣ୍ୟ ନୀଳାଚଳ।'

ଆର୍ଯ୍ୟଭୂମି, ଦେବଭୂମି, ବେଦଭୂମି, ଆର୍ଯ୍ୟାବର୍ତ୍ତ ପବିତ୍ର ଭାରତ ବର୍ଷ। ଭାରତ ସରସୀରେ ଉତ୍କଳ ବା ଉଡ୍ର ଦେଶ ପବିତ୍ର କମଳ, ଯାହାର ଦିବ୍ୟ କେଶର ହେଉଛି ପୂଣ୍ୟ ନୀଳାଚଳ ଧାମ।

ଜଗନ୍ନାଥ ସଂସ୍କୃତି ହେଉଛି ଓଡ଼ିଆ ଜାତିର ସଂସ୍କୃତି ଓ ଜଗନ୍ନାଥ ଚେତନା ହିଁ ଓଡ଼ିଆ ଜାତିର ମହାନ୍ ପରମ୍ପରା। ଶ୍ରୀ ଜଗନ୍ନାଥ ଓଡ଼ିଆ ଜାତିର ଅସ୍ମିତା, ଗର୍ବ,ଗୌରବ ଓ ସ୍ୱାଭିମାନର ପ୍ରତୀକ।

ଏଇ ସେ ଉତ୍କଳ। ଜଗନ୍ନାଥ ହିଁ ଓଡ଼ିଶାର ଇତିହାସ। ଏ ବିସ୍ମୟ ଠାକୁରଙ୍କ ବିଷୟରେ ଯେତେ ଲେଖିଲେ କିମ୍ବା ପଢ଼ିଲେ ବି ମନ ବୁଝେନା। ସେ ଅସୀମ, ଅନନ୍ତ, ସର୍ବବ୍ୟାପୀ। ଏଇ ଅବ୍ୟକ୍ତ, ଅନନ୍ତ, ଅସୀମ ଦେବତା ହେଉଛନ୍ତି ଓଡ଼ିଆ ଜାତିର ଗର୍ବ, ସ୍ୱାଭିମାନ, ନେତା, ପ୍ରାଣ, ସ୍ପନ୍ଦନ ସବୁକିଛି। ସେ ସର୍ବବ୍ୟାପୀ। ଜଡ ଓ ଜୀବନ ଚେତନା ତଥା ସୃଷ୍ଟି କର୍ତ୍ତା। ସେ ସର୍ବତ୍ର ବିଦ୍ୟମାନ। ସେ ନିରାକାର, ପରଂବ୍ରହ୍ମ। ଏ ଜଗତ ତା'ର। ତାଙ୍କର ବିନା ନିର୍ଦ୍ଦେଶରେ ଗଛରେ ପତ୍ର ବି ହଲେନଷ୍ଟ। କଳିଯୁଗର ଅଧାଗଡ଼ା ଦିଅଁ। ସେ ଭକ୍ତର ଓ ଭକ୍ତ ମଧ୍ୟ ତା'ର।

ସେଇଥିପାଇଁ ଭକ୍ତକବି ଗାଇଛନ୍ତି -

'ସେ ତ ଭକତଭାବରେ ବନ୍ଧାରେ,
ସେ ତ ଭକତ ଜୀବନ ଧନ...'

ଜଗନ୍ନାଥ ସକଳ ଶକ୍ତିର ଉତ୍ସ। ଅନାଥର ନାଥ। ସକଳ ସର୍ଜନାର ଗଙ୍ଗୋତ୍ରି। ସେ ପ୍ରକୃତି ଓ ପୁରୁଷୋତ୍ତମ। ଜଗନ୍ନାଥ ହେଉଛନ୍ତି ମାନବ ଜାତିର ମହାନ୍ ସଂସ୍କୃତିର ଅପୂର୍ବ ସମନ୍ୱୟ। ମାନବ ସେବା ହିଁ ଶ୍ରୀ ଜଗନ୍ନାଥ ସଂସ୍କୃତିର ମୂଳ ମନ୍ତ୍ର 'ସକଳ ତୀର୍ଥ ତୋ ଚରଣେ।'

ଜଗନ୍ନାଥ ପରଂବ୍ରହ୍ମ ଓ ଅବତାରୀ। ତାଙ୍କର ଦର୍ଶନ, ପୂଜା, ବିଭିନ୍ନ ରୀତିନୀତି ଅନନ୍ୟ। ସର୍ବତ୍ର ରାଜ୍ୟର ରାଜା ହେଉଛନ୍ତି ସେବ୍ୟ, କିନ୍ତୁ ଏଠାକାର ରାଜା ହେଉଛନ୍ତି ସେବକ। ତେଣୁ ସେ ବୁଝନ୍ତି ସେବାର ମର୍ମ। ଶ୍ରୀ ଜଗନ୍ନାଥଙ୍କର ଛତିଶା ନିଯୋଗୀ ସେବକଙ୍କ ସହିତ ୧୧୯ ପ୍ରକାର ସେବକଙ୍କ ମଧ୍ୟରୁ ଆଦ୍ୟ ସେବକ ହେଉଛନ୍ତି ଗଜପତି ମହାରାଜା। ଅତୀତରେ ଓଡ଼ିଶା ପରାଧୀନ ଥିଲାବେଳେ ଗଜପତିଙ୍କ ହସ୍ତରୁ ଶାସନ କ୍ଷମତା ଚାଲିଯିବା ପରେ ବି ଓଡ଼ିଆ ଜାତିର ସ୍ୱାଭିମାନ ମହାପ୍ରଭୁଙ୍କ ସେବା ନୀତି ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାରରେ ସେ ଅଙ୍ଗାଙ୍ଗୀ ଭାବେ ଜଡିତ। ଏବେ ମଧ୍ୟ ଶ୍ରୀମନ୍ଦିର ପରିଚାଳନା ସମିତିର ସଭାପତି।

ସ୍କନ୍ଦପୁରାଣ ଅନୁସାରେ, ରାଜା ଇନ୍ଦ୍ରଦ୍ୟୁମ୍ନ ଶ୍ରୀମନ୍ଦିର ଓ ବିଗ୍ରହମାନଙ୍କର ପ୍ରତିଷ୍ଠା କରାଇଥିଲେ। ଗବେଷକମାନଙ୍କ ସୂଚନା ଅନୁସାରେ, ରକ୍ତ ବାହୁ ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିଲା ଶ୍ରୀ ମନ୍ଦିର। ତେଣୁ ଶ୍ରୀମନ୍ଦିର ସୁରକ୍ଷା ପାଇଁ ତତ୍କାଳୀନ ରାଜା ଶୋଭନ ଦେବ ଶ୍ରୀବିଗ୍ରହ ମାନଙ୍କୁ ନେଇ ସୋନପୁର ନିକଟସ୍ଥ କୋଟସମଲେଇ ଦିଅଁବର ଠାରେ ପାତାଳୀ କରିଦେଇଥିଲେ। ପ୍ରାୟ ୧୪୪ବର୍ଷ ପରେ ସୋମବଂଶୀ ରାଜା ଯଯାତି କେଶରୀ ତାଙ୍କୁ ଉଦ୍ଧାର କରି ପୁନଶ୍ଚ ଶ୍ରୀକ୍ଷେତ୍ରରେ ନୂତନ ମନ୍ଦିର ନିର୍ମାଣ ପୂର୍ବକ ଦିଅଁମାନଙ୍କୁ ନବ କଳେବରରେ ସ୍ଥାପନ କରିଥିଲେ। ପରବର୍ତ୍ତୀ କାଳରେ ଚୋଡ଼ଗଙ୍ଗ ଦେବ ଆଜିର ନବାଈଣ୍ଟି ଶ୍ରୀ ମନ୍ଦିରର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥଲେ, ଯାହା ତୃତୀୟ ଅନଙ୍ଗ ଭୀମ ଦେବଙ୍କ ରାଜତ୍ୱ କାଳରେ ୧୧୩୦ ଖ୍ରୀଷ୍ଟାବ୍ଦରେ ପରିସମାପ୍ତି ଘଟିଥିଲା।

ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିଶାଳ ସାମ୍ରାଜ୍ୟ। ତାଙ୍କ ରାଜତ୍ୱ କାଳରେ ଶ୍ରୀଜଗନ୍ନାଥଙ୍କୁ ଉତ୍କଳର ରାଷ୍ଟ୍ର ଦେବତା ଭାବେ ଗ୍ରହଣ କରାଯାଇଥିଲା। ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ, ଶୁଦ୍ର ଆଦି ଛତିଶା ନିଯୋଗୀ ସେବକଙ୍କୁ ନିଯୋଜିତ କରାଯାଇଥିଲା। ଗଙ୍ଗ ବଂଶର ପ୍ରତିଷ୍ଠା ପରେ ଓଡ଼ିଶାର ଦିଗ୍‌ବିଜୟୀ ସମ୍ରାଟ ଓ ଶ୍ରୀଜଗନ୍ନାଥଙ୍କର ଭକ୍ତ କପିଳେନ୍ଦ୍ର ଦେବଙ୍କ ଦ୍ୱାରା ପ୍ରତିଷ୍ଠା ହେଲା ସୂର୍ଯ୍ୟବଂଶ। ସେତେବେଳେ ସେ ଦାକ୍ଷିଣାତ୍ୟ ଜୟ କରି ପ୍ରାୟ ୧୬ଟି ହାତିରେ ବିପୁଳ ରତ୍ନ ଅଳଙ୍କାର ଆଣି ମହାପ୍ରଭୁଙ୍କ ନିମନ୍ତେ ଖଞ୍ଜି ଦେଇଥିଲେ। ବିରଶ୍ରୀ ଗଜପତି ଗୌଡେଶ୍ୱର ନବକୋଟି କର୍ଣ୍ଣାଟକଳବର୍ଗେଶ୍ୱର ମହାରାଜ ଶ୍ରୀ ଶ୍ରୀ କପିଳେନ୍ଦ୍ର ଦେବ- ଏହି ବିରୁଦାବଳୀ ଆଜି ବି ବ୍ୟବହୃତ ହେଉଅଛି। ତାଙ୍କରି ସମୟରେ ଗଜପତି ମୁଦ୍ରା ପ୍ରଚଳନ ହୋଇଥିଲା। ରାଜକୀୟ ସ୍ୱାଭିମାନକୁ ପରିତ୍ୟାଗ କରି ଜଣେ ସାଧାରଣ ସେବକ ଭାବରେ କପିଳେନ୍ଦ୍ର ଦେବଙ୍କ ପୁତ୍ର ଗଜପତି ପୁରୁଷୋତ୍ତମଦେବ ରଥରେ ଛେରା ପହଁରା କରୁଥିଲେ ବୋଲି କାଞ୍ଚି ରାଜା ଶାଲ୍ୱ ନରସିଂହଙ୍କ ଠାରୁ ଚଣ୍ଡାଳ ବୋଲି ଅପମାନିତ ହେଲେ। ଗଜପତି ପୁରୁଷୋତ୍ତମଦେବଙ୍କ ସ୍ୱାଭିମାନ ରକ୍ଷା ପାଇଁ ସ୍ୱୟଂ ଜଗନ୍ନାଥ ବଳଭଦ୍ର କଳା ଧଳା ଘୋଡା ଚଢି କାଞ୍ଚି ଯୁଦ୍ଧରେ ଅବତୀର୍ଣ୍ଣ ହୋଇଥିଲେ ଓ ତାଙ୍କୁ ପରାସ୍ତ କରି ତାଙ୍କ କନ୍ୟା ପଦ୍ମାବତୀଙ୍କ ସହିତ ଗଜପତି ପୁରୁଷୋତ୍ତମଦେବଙ୍କ ବିବାହ କରାଇଥିଲେ। ତା'ପରେ ତାଙ୍କ ପରେ ପ୍ରତାପରୁଦ୍ର ଦେବଙ୍କ ସମୟରେ ଶ୍ରୀ ମନ୍ଦିରରେ ଗୀତଗୋବିନ୍ଦ ସେବା ଆରମ୍ଭ ହୋଇଥିଲା।

ପରବର୍ତ୍ତୀ କାଳରେ ୧୫୬୮ ଖ୍ରୀଷ୍ଟାବ୍ଦରେ କଳାପାହାଡ଼ ଦ୍ୱାରା ଶ୍ରୀ ମନ୍ଦିର ଲୁଣ୍ଠନ, ଶ୍ରୀବିଗ୍ରହଙ୍କୁ ନେଇ ଗଙ୍ଗା କୂଳରେ ପୋଡ଼ିବା ଆଦି ଘଟଣା ଇତିହାସରେ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଥିଲା। ଭୋଇ ବଂଶର ପ୍ରତିଷ୍ଠାତା ରାମଚନ୍ଦ୍ର ଦେବ, ବିଶର ମହାନ୍ତିଙ୍କ ଦ୍ୱାରା ଉଦ୍ଧାର ହୋଇଥିବା ବ୍ରହ୍ମଙ୍କୁ ଗଡକୁଜଙ୍ଗରୁ ଆଣି ୧୫୭୫ ଖ୍ରୀଷ୍ଟାବ୍ଦରେ ଶ୍ରୀ ବିଗ୍ରହଙ୍କର ନବକଳେବର କରାଇଥିଲେ। ସେତେବେଳେ ଭୋଇ ବଂଶର ଦ୍ୱିତୀୟ ରାମଚନ୍ଦ୍ର ଦେବ ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ରୂପେ ପରିଗଣିତ ହେଉଥିଲେ। ମୁସଲମାନ ମାନଙ୍କ କୋପ ଦୃଷ୍ଟିରୁ ଶ୍ରୀ ମନ୍ଦିରର ରକ୍ଷା ପାଇଁ ସେ ରେଜିଆଙ୍କୁ ବିବାହ କରି 'ହାପିଜକାଦର୍' ବୋଲଇ ଥିଲେ। ସେବକମାନଙ୍କର ବିରୋଧ ହେତୁ ସେ ଶ୍ରୀମନ୍ଦିରର ସିଂହଦ୍ୱାର ଗୁମୁଟର ଦକ୍ଷିଣ ପାର୍ଶ୍ୱରେ ପତିତପାବନଙ୍କୁ ପ୍ରତିଷ୍ଠା କରିଥିଲେ, ଏବଂ ବାହାରୁ ମହାପ୍ରଭୁଙ୍କୁ ଦର୍ଶନ କରୁଥିଲେ। ଗଜପତିଙ୍କ ସହିତ ଆମର ଆରାଧ ଦେବତା ଜଗନ୍ନାଥଙ୍କର ସମ୍ପର୍କ ଏହିପରି।



ଶ୍ରୀ ଜଗନ୍ନାଥ କେବଳ ଉତ୍କଳର ଆରାଧ ନୁହଁନ୍ତି, ସେ ସାରା ବିଶ୍ୱର। ତାଙ୍କର ଧର୍ମ ମାନବ ଧର୍ମ। ଯେଉଁଠି ବ୍ରାହ୍ମଣ, ଚଣ୍ଡାଳ, ଧନୀ, ଗରିବ, ଜ୍ଞାନୀ, ଅଜ୍ଞାନୀ ସମସ୍ତେ ସମାନ। ମଣିଷର ଦୈନନ୍ଦିନ କର୍ମ ପରି ଠାକୁରଙ୍କର ମାନବୀୟ କର୍ମ ସବୁ ହୋଇଥାଏ। ସେ ଏକାଧାରରେ ସ୍ରଷ୍ଟା, ସୃଷ୍ଟି ଓ ଦର୍ଶନର ମୂଳ ମନ୍ତ୍ର। ଭକ୍ତଙ୍କ ସହିତ ଭାବରେ ବନ୍ଧା। ସେଇଥିପାଇଁ ସମସ୍ତ ଭକ୍ତଙ୍କ ପାଇଁ ଠାକୁର କରନ୍ତି ରଥଯାତ୍ରାର ଲୀଳା। ଅନବସର ନୀତି ପରେ ରଥଯାତ୍ରା। ମା' ଲକ୍ଷ୍ମୀଙ୍କୁ ମନ୍ଦିର ଦାୟିତ୍ୱରେ ରଖି ଭାଇ, ଭଉଣୀଙ୍କୁ ସାଙ୍ଗରେ ନେଇ ପ୍ରଭୁ ଯାଆନ୍ତି ଗୁଣ୍ଡିଚା ମା'ଙ୍କ ପାଖକୁ। ସେଇଠି ନଅଦିନ ଲୀଳାଖେଳା ସାରି ପୁଣି ବାହୁଡ଼ା ଦିନ ଭକ୍ତଙ୍କୁ ସୁନାବେଶରେ ଦର୍ଶନ ଦିଅନ୍ତି। ସମନ୍ୱିତ ଚେତନାର ମହାମିଳନ ତୀର୍ଥ ହେଉଛି ଶ୍ରୀ ଜଗନ୍ନାଥ ସଂସ୍କୃତି। ପଖାଳ ଶ୍ରୀ ଜଗନ୍ନାଥଙ୍କର ଅତି ପ୍ରିୟ ଖାଦ୍ୟ। ପ୍ରଭୁ ହେଉଛନ୍ତି ଓଡ଼ିଆମାନଙ୍କ ସଂସ୍କୃତିର ମେରୁଦଣ୍ଡ। ଓଡ଼ିଆମାନେ ଯାହା ଖାଇବାକୁ ଭଲ ପାଆନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥ ସେସବୁ ବ୍ୟଞ୍ଜନକୁ ଛପନ ଭୋଗରେ ଅନ୍ତର୍ଭୁକ୍ତ କରାଇଛନ୍ତି। ଶ୍ରୀ ଜଗନ୍ନାଥ ଓଡ଼ିଶାର ଆରାଧ ଦେବତା, ଓଡିଆ ଜାତିର ପ୍ରାଣକର୍ତ୍ତା। ଓଡ଼ିଶାର ସଂସ୍କୃତି, ଜୀବନ ଧାରା, ପର୍ବ ପର୍ବାଣୀ, ସାମାଜିକ ଅନୁଷ୍ଠାନ ଆଦି ପ୍ରତ୍ୟେକ କ୍ଷେତ୍ରରେ ଶ୍ରୀ ଜଗନ୍ନାଥ ମଧ୍ୟବିନ୍ଦୁ ଭାବରେ ବିଦ୍ୟମାନ। ଆଷାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ବଡ଼ଭାଇ ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ସହିତ ରଥାରୂଢ଼ ହେବେ ମହାପ୍ରଭୁ। ଆଗରେ ସ୍ୱୟଂ ବ୍ରହ୍ମା ବେଦ ଧ୍ୱନୀ କରିଯାଆନ୍ତି, ବିଶ୍ୱାବସୁ କୁଳର ଓ ବିଦ୍ୟାପତି କୁଳର ସେବକମାନେ ତାଙ୍କୁ ଅନୁଗମନ କରିଥାଆନ୍ତି। ଜାତି, ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଦର୍ଶନ କରିଥାଆନ୍ତି ତାଙ୍କର ପ୍ରିୟ ଠାକୁରଙ୍କୁ। ଯିଏ ଯେଉଁ ଭାଷାରେ ତାଙ୍କୁ ଡାକିବେ, ତା କଥା ଶୁଣିବେ ପ୍ରଭୁ। ଭାବର ଠାକୁର, ଭକ୍ତ ଭାବ ବୁଝି ଭକ୍ତର ମନବାଞ୍ଛା ପୂରଣ କରିଥାଆନ୍ତି।

ମହାପ୍ରଭୁ ଜଗନ୍ନାଥ ଯୁଗେ ଯୁଗେ ଭକ୍ତର ଅଧୀନ। ଚଳଣିର ଉନ୍ନତି ସତ୍ତ୍ୱେ ଏକ ମନ ହୋଇ ରହିବା ହିଁ ଜଗତୀକରଣ, ଯାହା ଆମକୁ ଜଗନ୍ନାଥ ସଂସ୍କୃତି ଶିକ୍ଷା ଦେଇଥାଏ। ସେ ଅନ୍ତର୍ଯ୍ୟାମୀ। ଭକ୍ତର ଅନ୍ତର ମଧ୍ୟରେ ଥିବା ଦୁଃଖକୁ ସେ ଜାଣିପାରନ୍ତି। ସେ ଷୋଳ କଳାରେ ପୂର୍ଣ୍ଣବ୍ରହ୍ମ। ଶ୍ରୀ ଜଗନ୍ନାଥ ସଂସ୍କୃତିରେ ଅନ୍ତର୍ନିହିତ ମୂଲ୍ୟବୋଧ ଓ ଆଦର୍ଶକୁ ମାନବ ନିଜ କର୍ମରେ ପାଳନ କଲେ ତାହା ସମଗ୍ର ବିଶ୍ୱ ପାଇଁ ଉଦାହରଣ ପାଲଟିଯିବ। ବର୍ତ୍ତମାନର ପଥଭ୍ରଷ୍ଟ ମାନବ ସମାଜ ପାଇଁ ଏହି ଶିକ୍ଷା ଆଲୋକବର୍ତ୍ତିକା। ଏହା ହିଁ ହେଉଛି ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ଚେତନାର ମୂଳମନ୍ତ୍ର।



ଡାକ୍ତର ସମ୍ରାଟ କର
ମାନସିକ ରୋଗ ବିଶେଷଜ୍ଞ
ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ
ମୋ : ୯୧୩୨୪୩୩୩୩୩

# ଭାରତର ବିଭିନ୍ନ ପ୍ରଦେଶରେ ଶ୍ରୀଜଗନ୍ନାଥ ଉପାସନା ଓ ରଥଯାତ୍ରା

ଶ୍ରୀମନ୍ଦିର ଲୀଳା ଓ ଯାତ୍ରାର ସ୍ଥାନ। ଲୀଳା ପାଇଁ ଯାତ୍ରା ଓ ଯାତ୍ରା ପାଇଁ ଲୀଳା ଏଠାରେ ଅନୁଷ୍ଠିତ ହୁଏ। ବହୁବିଧ ଲୀଳା ରଚନା କରିବା ଅବତାରଗୁଡ଼ିକର ମୂଳ ଲକ୍ଷ୍ୟ। ଶ୍ରୀଜଗନ୍ନାଥ ସ୍ୱୟଂ ଅବତାରୀ। ପୁଣି ଲୀଳାମୟ ସେ। ଅବତାର ମାନଙ୍କ ଲୀଳାକୁ ସେ ନିଜେ ଆଚରଣ କରନ୍ତି। ବିଭିନ୍ନ ରୂପରେ ବିଭିନ୍ନ ବେଶରେ ଭିନ୍ନ ଭିନ୍ନ ଲୀଳା ସେ ପ୍ରତିଦିନ କରନ୍ତି। ଲୀଳା ମାଧ୍ୟମରେ ସେ ସବୁ ରୂପ, ଗୁଣ ଓ ପୂଜାର ଅଧିକାରୀ ତାହା ପ୍ରତିପାଦନ କରନ୍ତି। ଶ୍ରୀମନ୍ଦିରରେ ତାଙ୍କର ସବୁ ଲୀଳା ବିଧି ନିର୍ଦ୍ଦିଷ୍ଟ ମତେ ସମ୍ପାଦିତ ହୁଏ। ଏହି ଲୀଳାକୁ ନେଇ ଭକ୍ତଙ୍କ ମିଳନ ହୁଏ। ମିଳନରୁ ମହାଭାବ ଆସେ। ଭକ୍ତ ଓ ଭଗବାନ ନିକଟତର ହୁଅନ୍ତି। ଲୀଳା ଭଗବାନ କରନ୍ତି ଭକ୍ତଙ୍କ ପାଇଁ ଏବଂ ଭକ୍ତ ଯାତ୍ରା ସୃଷ୍ଟି କରନ୍ତି ଭଗବାନଙ୍କୁ ନେଇ। ଭକ୍ତ ଓ ଭଗବାନଙ୍କ ବିଚିତ୍ର ବନ୍ଧନର ଭୂମି ଶ୍ରୀକ୍ଷେତ୍ର।

ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ଯୁଗ ଯୁଗ ଧରି ଓଡ଼ିଆ ଜାତିର ଜାତୀୟ ଚିନ୍ତା, ଚେତନା ଓ ସଂସ୍କୃତିର ଆଦି ଉତ୍ସ ରୂପେ ବହୁଧା ବର୍ଣ୍ଣିତ। ଭାରତର ନାନା ଧର୍ମ ଦର୍ଶନ, ମତବାଦ ମଧ୍ୟରେ ଶ୍ରୀଜଗନ୍ନାଥ ଜାତୀୟ ଦେବତା ରୂପେ ପ୍ରତିଷ୍ଠିତ। ଏହି ପରିପ୍ରେକ୍ଷୀରେ ପୁରୀ ଠାରେ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ରଥଯାତ୍ରାର ଖ୍ୟାତି ସାରା ବିଶ୍ୱରେ ସୁବିଦିତ। ହେଲେ ପୁରୀକୁ ଛାଡ଼ିଦେଲେ ଦେଶର ବିଭିନ୍ନ ପ୍ରାନ୍ତରେ ଖୁବ ହର୍ଷ ଉଲ୍ଲାସ ସହକାରେ ରଥଯାତ୍ରା ପାଳିତ ହୋଇଥାଏ।

ଶ୍ରୀଜଗନ୍ନାଥ ସଂସ୍କୃତି କେବଳ ଓଡ଼ିଶାର ଜନଜୀବନକୁ ପ୍ରଭାବିତ କରିନାହିଁ, ସମଗ୍ର ଭାରତର ଅଗଣିତ ଜନମାନସକୁ ମଧ୍ୟ ଅନୁପ୍ରାଣୀତ କରିଆସିଛି। ଭାରତର ଦକ୍ଷିଣପୂର୍ବ ଏବଂ ପଶ୍ଚିମ ଭୂଖଣ୍ଡରେ ଜଗନ୍ନାଥ ଉପାସନା, ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଓ ପୂଜାପଦ୍ଧତି ଆଦି ଜଗନ୍ନାଥଙ୍କ ପ୍ରତି ଭାରତୀୟମାନଙ୍କର ଭକ୍ତିଭାବର ପରିଚୟ ଦେଇଥାଏ। ହିନ୍ଦୁ ବିଦ୍ୱେଷୀ ମୁସଲମାନ ଶାସକମାନଙ୍କର ଲୁଣ୍ଠନ ଓ ଆକ୍ରମଣ ଯୋଗୁ ଯେତେବେଳେ ଉତ୍ତର ଭାରତ ଓ ପଶ୍ଚିମ ଭାରତର ମଠ, ମନ୍ଦିର ଓ ଧର୍ମପୀଠଗୁଡ଼ିକ ପତନମୁଖୀ ହୋଇଯାଇଥିଲା, ସେତେବେଳେ ପୂର୍ବ ଭାରତରେ ଶ୍ରୀଜଗନ୍ନାଥ ମନ୍ଦିର ସମଗ୍ର ହିନ୍ଦୁ ଜଗତକୁ ଆଶା ଭରସା ଦେଇଥିଲା। ତେଣୁ ଭାରତର ବିଭିନ୍ନ ପ୍ରାନ୍ତରୁ ଧର୍ମ ଯାଜକମାନେ ଏହି କ୍ଷେତ୍ରକୁ ଆଗମନ କରି ଧର୍ମ ପିପାସା ମେଣ୍ଟାଇବା ସଙ୍ଗେ ସଙ୍ଗେ ଧର୍ମ ପ୍ରଚାର କରିଯାଇଛନ୍ତି।

ବିଶେଷକରି ପୂର୍ବ ଭାରତରେ ଶ୍ରୀଜଗନ୍ନାଥ ମନ୍ଦିର ବହୁ ପ୍ରାଚୀନ କାଳରୁ ବିପୁଳ ପରିମାଣରେ ନିର୍ମିତ ହୋଇ ଜଗନ୍ନାଥ ଉପାସନାର ବ୍ୟାପ୍ତି କ୍ଷେତ୍ରରେ ବଳିଷ୍ଠ ଭୂମିକା ଗ୍ରହଣ କରିଆସିଅଛି। ଦେଶରେ ପୁରୀ ପରେ ପଶ୍ଚିମବଙ୍ଗରେ ଶ୍ରୀରାମପୁର ରଥଯାତ୍ରା ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ପଶ୍ଚିମବଙ୍ଗର ସବୁଠାରୁ ବଡ଼ ରଥଯାତ୍ରା। ଶ୍ରୀରାମପୁରର ମହେଶ ଅଞ୍ଚଳରେ ପାଳିତଏହି ରଥଯାତ୍ରା ୧୩୯୬ରୁ ହର୍ଷ ଉଲ୍ଲାସ ସହକାରେ ପାଳିତ ହେଉଛି। ସେହିପରି ବଙ୍ଗଳାର ମେଦିନୀପୁର, ହିଜିଳୀ, ଦାନ୍ତନ, କେସିୟାଡ଼ିଗଡ଼, ମହିଷାଦାଳ, ବାଙ୍କୁଡ଼ା, ବିଷ୍ଣୁପୁର, ମହେଶ, ତ୍ରିବେଣୀ ଘାଟ, କଲିକତା ନିକଟରେ ଗଙ୍ଗାନଦୀ କୂଳରେ ଥିବା ଜଗନ୍ନାଥଘାଟ, ଜଗନ୍ନାଥପଡ଼ା, ଜଗଦଲପୁର, ରଥତାଲା, ଟେଙ୍ଗଇଲର, ବିରଲାପୁର ଓ ଚାପଦନୀ ଠାରେ ଅନୁଷ୍ଠିତ ହେଉଥିବାବେଳେ ଗୁଜୁରାଟର ଅହମ୍ମଦାବାଦର ରଥଯାତ୍ରା ଶହେ ବର୍ଷରୁ ଉର୍ଦ୍ଧ୍ୱ କାଳ ଧରି ପାଳିତ ହୋଇଆସୁଛି।

ଗୁଜୁରାଟରେ ବସବାସ କରୁଥିବା ଓଡ଼ିଆ ଧାର୍ମିକ ଭାବନାକୁ ଦୃଷ୍ଟିରେ ରଖି ଗୁଜୁରାଟ ସରକାର ରଥଯାତ୍ରାକୁ ଅଧିକ ପରିବ୍ୟାପ୍ତ କରି ପର୍ଯ୍ୟଟକଙ୍କ ପାଇଁ ଅନ୍ୟତମ ଆକର୍ଷଣରେ ପରିଣତ କରିଛନ୍ତି। ଗୁଜୁରାଟରେ ପୁରୀ ତୁଳନାରେ ଛୋଟ ରଥ ନିର୍ମିତ ହୋଉଥିଲେ ମଧ୍ୟ ଏଠାକାର ରଥଯାତ୍ରାର ସ୍ୱାତନ୍ତ୍ର୍ୟ ରହିଛି। ଗୁଜୁରାଟ ଭାବାନଗର, ଇଦୋଦରା, ଗାନ୍ଧି ନଗର, ସୁରଟ ଓ ପୋରବନ୍ଦରରେ ରଥଯାତ୍ରା ବେଶ ଧୁମ୍‌ଧାମ୍‌ରେ ପାଳିତ ହେଉଛି।

ମଧ୍ୟପ୍ରଦେଶର ବସ୍ତୁର, ରାୟଗଡ଼ା ରାଜନନ୍ଦ ଖାଁ, ରାଜିମ, ରତ୍ନପୁର, ଦେଁଏସାଗଡ଼, ଜଗନ୍ନାଥପୁର,



ମଲାର, ପୁସଭରଗାଁ, ଦନ୍ତେବାଡ଼ା, ବୁଧଧାରୀ, ଡୁଙ୍ଗରଗଡ଼, ଫୁଲଝର, ବିଳାସପୁର, ମହାନଦୀ ଓ ଜଙ୍କନଦୀର ସଙ୍ଗମସ୍ଥଳ ପ୍ରଭୃତି ଠାରେ ରହିଥିବା ଜଗନ୍ନାଥ ମନ୍ଦିରରେ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ଅନୁକ୍ରମେ ଛୋଟ ଛୋଟ ରଥରେ ଶ୍ରୀଜୀଉଙ୍କ ଏହି ପବିତ୍ର ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ବିହାରର ଇନ୍ଦ୍ରଦ୍ୟୁମ୍ନ ଗଡ଼, ଚକ୍ରଧରପୁର, ସଣୁଆଁ, ଭାଲୁରୁଙ୍ଗି, ଗାନ୍ଧୀଟେଲା, ଧଳଭୂମି, ଟାଟା, ରେରୁଆ, ନାଗଫେଣୀ ଓ ରାଞ୍ଚିରେ ରଥାଯାତ୍ରା ଅନୁଷ୍ଠିତ ହୋଇଥାଏ। ୧୬୯୧ ତତ୍କାଳୀନ ରାଜାଙ୍କ ଦ୍ୱାରା ଏହି ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହୋଇଥିବାବେଳେ ୧୯୯୨ରେ ଏହାର ପୁନର୍ନିର୍ମାଣ କରାଯାଇ ପୂଜାର୍ଚ୍ଚନା କରାଯାଉଛି। ତେବେ ଏଠିକାର ରଥଯାତ୍ରା ସମୟରେ ସ୍ଥାନୀୟ ଆଦିବାସୀ ଓ ଓଡ଼ିଆଙ୍କ ଦ୍ୱାରା ଜଗନ୍ନାଥଙ୍କ ରଥଯାତ୍ରା ବେଶ ଧୁମ୍‌ଧାମ୍‌ରେ ପାଳିତ ହୁଏ। ପାହାଡ଼ ଉପରେ ମନ୍ଦିରରେ ଶ୍ରୀଜୀଉଙ୍କ ଦର୍ଶନ ନିମନ୍ତେ ପାହାଚ ବ୍ୟବସ୍ଥା ରହିବା ସହ ପାହାଡ଼ରେ ଗାଡ଼ିରେ ଚଢ଼ିବା ପାଇଁ ବ୍ୟବସ୍ଥା ରହିଛି। ସେହିପରି ଆସାମର ମିଶନୀ ଠାରେ ଥିବା ଜଗନ୍ନାଥଙ୍କ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ତେବେ ମଣିପୁରର ରଥଯାତ୍ରା ସମ୍ପୂର୍ଣ୍ଣ ରୂପେ ସ୍ୱତନ୍ତ୍ର।

ମଣିପୁର ରଥଯାତ୍ରାକୁ ସେଠାକାର ଅଞ୍ଚଳବାସୀ କାଙ୍ଗଂବା ନାମରେ ନାମିତ କରିଛନ୍ତି। ସେଠାକାର ହିନ୍ଦୁଙ୍କ ପାଇଁ ଏହା ଏକ ପ୍ରମୁଖ ପାର୍ବଣ। ମଣିପୁର ପରି ପାହାଡ଼ ଘେରା ଉପତ୍ୟକା ଅଞ୍ଚଳରେ ରଥଯାତ୍ରା ପ୍ରଥମେ ୧୮୩୨ ଖ୍ରୀଷ୍ଟାବ୍ଦରେ ମହାରାଜା ଗମ୍ଭୀର ସିଂହଙ୍କ ଅମଳରେ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ପର୍ବ ଅଞ୍ଚଳବାସୀଙ୍କ ପାଇଁ ଅଧିକ ଲୋକପ୍ରିୟ ହୋଇଥିଲା। ସେଠାକାର ଶ୍ରଦ୍ଧାଳୁ ଜଗନ୍ନାଥଙ୍କୁ ଜଗବନ୍ଧୁ ନାମରେ ସମ୍ବୋଧିତ କରିଥାଆନ୍ତି। ପ୍ରତିବର୍ଷ ଜଗନ୍ନାଥ ଏହି ଅଞ୍ଚଳବାସୀଙ୍କ ସହାୟତାରେ ୨୦ ଫୁଟ ରଥରେ ୬ଟି ଲୁହା ଚକ ବିଶିଷ୍ଟ ରଥରେ ବିଜେ ହୁଅନ୍ତି।

ସେହିପରି ବେଙ୍ଗାଲୁରୁର ୨୦୧୫ରୁ ରଥାଯାତ୍ରା ପାଳିତ ହେଉଛି। ବେଙ୍ଗାଲୁରୁରେ ବସବାସ କରୁଥିବା ୧୫ ହଜାରରୁ ଉର୍ଦ୍ଧ୍ୱ ଓଡ଼ିଆ ଓ ଶ୍ରୀଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଏହି ରଥଯାତ୍ରା ପାଳିତ ହୋଇଥାଏ। ଦେଶରେ ରାଜଧାନୀ ଦିଲ୍ଲୀର ହାଉଜ ଖାସ ଅଞ୍ଚଳରେ ରହିଛି ଶ୍ରୀଜଗନ୍ନାଥ ମନ୍ଦିର। ସେଠାରେ ପ୍ରତିବର୍ଷ ବେଶ ଧୁମ୍‌ଧାମ୍‌ରେ ରଥଯାତ୍ରା ପାଳିତ ହୋଇଥାଏ। ଶ୍ରୀଜଗନ୍ନାଥ ମନ୍ଦିର କର୍ତ୍ତୃପକ୍ଷ ଓ ଓଡ଼ିଶା କଳା ଓ ସଂସ୍କୃତି କେନ୍ଦ୍ର ପକ୍ଷରୁ ଏହି ରଥଯାତ୍ରା ପାଳନ କରାଯାଏ। ରାଜ୍ୟ କଳା ସଂସ୍କୃତି ବିଭାଗ ପକ୍ଷରୁ ରଥଯାତ୍ରା ପାଳନ କରାଯାଏ। ରାଜ୍ୟ କଳା ସଂସ୍କୃତି ବିଭାଗ ପକ୍ଷରୁ ରଥଯାତ୍ରା ଅବସରରେ ଓଡ଼ିଶୀ ନୃତ୍ୟ ଓ ଓଡ଼ିଆ କଳାର ପ୍ରଚାର ପ୍ରସାର କରାଯାଏ। ଦିଲ୍ଲୀରେ ବସବାସ କରୁଥିବା ଓଡ଼ିଆଙ୍କ ସମେତ ଦିଲ୍ଲୀବାସୀ ଉକ୍ତ ଦିନ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ସହ ରଥ ଟାଣିଥାନ୍ତି। ସେହିପରି ଚେନ୍ନଇର ରେଡ୍ଡି କୁପମ ରୋଡ଼ରେ ୨୦୦୧ରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ କରାଯାଇ ପ୍ରତିବର୍ଷ ରଥଯାତ୍ରା ବେଶ ଆଡ଼ମ୍ବର ସହକାରେ ପାଳିତ ହୋଇଥାଏ। ଓଡ଼ିଶା ମନ୍ଦିର ନିର୍ମାଣ ଶୈଳୀରେ ଏହି ମନ୍ଦିର କରାଯାଇଛି। ତେବେ ଏଠାକାର ରଥ ସମ୍ପୂର୍ଣ୍ଣ ଭାବରେ ଷ୍ଟିଲରେ ନିର୍ମିତ। ଷ୍ଟିଲ ନିର୍ମିତ ରଥ ଉପରେ କାଠ ଓ ରଙ୍ଗ ବେରଙ୍ଗ ଲୁଗାରେ ସଜା ଯାଇଥାଏ। ଏହା ବ୍ୟତୀତ ମନ୍ଦିରର ଚର୍ତୁଃପାର୍ଶ୍ୱରେ ଥିବା ପଟ୍ଟଚିତ୍ର ଦକ୍ଷିଣ ଭାରତର ମନ୍ଦିରଠାରୁ ଭିନ୍ନ ରହିଛି।

ହାଇଦ୍ରାବାଦ ବଞ୍ଜାରା ହିଲ ରୋଡ଼ସ୍ଥିତ ଓଡ଼ିଆଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରତିବର୍ଷ ରଥଯାତ୍ରା ପାଳିତ ହୋଇଥାଏ। ୨୦୦୯ରେ ପ୍ରତିଷ୍ଠିତ ଏହି ମନ୍ଦିର ପରିସରରେ ରଥଯାତ୍ରା ଅବସରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ। ବାଲି ପଥରରେ ନିର୍ମିତ ଏହି ମନ୍ଦିରର ଉପର ଭାଗ ବେଶ ଆକର୍ଷଣୀୟ। ୬୦ଟି କୋଣରେ ବିଭିନ୍ନ ମନ୍ଦିରର ୭୦ ଫୁଟ ଉଚ୍ଚ ଚୂଡ଼ା ମନ୍ଦିରର ବିଶେଷତ୍ୱ। ମହାପ୍ରଭୁଙ୍କ ରଥଯାତ୍ରା ହେଉଛି ମାନବ ଜାତିର ଏକ ମହାମିଳନର ପର୍ବ। ଏହି ଆଲେଖ୍ୟ ସମୟରେ ମନେପଡୁଛି କବି ଶାରିଆ ଭିକଙ୍କ ଆତ୍ମହରା ଭରା ଭକ୍ତି ନିବେଦନ -

'ଥକା ମନ ଚାଲ ଯିବା, ଚକାନୟନ ଦେଖିବା।
ଶଙ୍ଖନାଭି ମଣ୍ଡଳରେ ବେନିନେତ୍ର ପଖାଳିବା।'



ତାଳଚେର (ଭାସ୍କର ନ୍ୟୁଜ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆଜି ୫୬ତମ ଜନ୍ମ ଦିବସ ଅବସରରେ ଆଜି ତାଳଚେରର ହାଟତୋଟା ସ୍ଥିତ ହନୁମାନ ମନ୍ଦିର ପରିସରରେ ଲୋକମାନଙ୍କୁ ବସ୍ତ୍ର, ଛତା ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯିବା ସହ ୧୦୦୮ ଦୀପ ପ୍ରଜ୍ୱଳନ କରାଯାଇଥିଲା। ବିଜେପି ନେତା ତଥା ସମାଜସେବୀ ବିଭୂତି ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମାତା ବସନ୍ତ ମଞ୍ଜରୀ ପ୍ରଧାନ ଯୋଗ ଦେଇ ଶତାଧିକ ଅସହାୟ ଲୋକମାନଙ୍କୁ ବସ୍ତ୍ର, ଛତା ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ । ଶ୍ରୀମତୀ ପ୍ରଧାନ ହନୁମାନ ମନ୍ଦିର ରେ ପୂଜାର୍ଚ୍ଚନା କରି ଦୀପ ପ୍ରଜ୍ୱଳନ କରି କେନ୍ଦ୍ର ମନ୍ତ୍ରୀଙ୍କ ଶୁଭ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା ଉଦ୍ଧବ ପଟ୍ଟନାୟକ, କଳ୍ପିକ ପ୍ରଧାନ, ପୂର୍ବତନ ଉପ ନଗରପାଳ ନାରୀ ନେତ୍ରୀ ଉର୍ମିଳା ଦେହୁରୀ, କଳ୍ପିନ ପ୍ରଧାନ, ସୁଫଳା ପୃଷ୍ଟି, ହିମାଂଶୁ ସାହୁ, ସୈଳେନ୍ଦ୍ର ସାହୁ, ସରସ୍ୱତୀ ସାହୁ, ସଙ୍ଗୀତା ସାହୁ, ବରିଷ୍ଠ ବିଜେପି ନେତା ପ୍ରକାଶ ମହାରଣା, ଜିତେନ୍ଦ୍ର ଦାସ, ଅମୂଲ୍ୟ ପ୍ରଧାନ, ବୁଲୁ ମିଶ୍ର, ନିରଞ୍ଜନ ପ୍ରଧାନ, ମାନସ ସିଂହ, ସମାଜସେବୀ ବାପି ମହାନ୍ତି, ବସନ୍ତ ନାୟକ, ଶିଖର ନାୟକ, ରାଜୀବ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧୋତ୍ସବରେ ଧର୍ମେନ୍ଦ୍ର

କଟକ (ଭାସ୍କର ନ୍ୟୁଜ): ଓଡ଼ିଶାରେ ସେବାର ପର୍ଯ୍ୟାୟବାଚୀ ଶବ୍ଦ ହେଲା ଗୋପବନ୍ଧୁ ଦାସ । ପଣ୍ଡିତ ଗୋପବନ୍ଧୁ ତ୍ୟାଗ ଓ ସେବାରେ ହିମାଳୟ ଠାରୁ ବି ବହୁତ ବଡ ଥିଲେ ବୋଲି ଗୁରୁବାର କଟକ ସାରଳା ଭବନ ପରିସରରେ ଲୋକସେବକ ମଣ୍ଡଳ ଆନୁକୂଲ୍ୟରେ ଆୟୋଜିତ ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୭ତମ ଶ୍ରାଦ୍ଧୋତ୍ସବରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ପଣ୍ଡିତ ଗୋପବନ୍ଧୁ ଥିଲେ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ଚେହେରା । ଭାରତବର୍ଷରେ ଓଡ଼ିଶାକୁ ପରିଚୟ ଦେଇଥିବା ଜଣେ ସାମାଜିକ କାର୍ଯ୍ୟକର୍ତ୍ତା ହେଉଛନ୍ତି ଗୋପବନ୍ଧୁ । ପଣ୍ଡିତ ଗୋପବନ୍ଧୁ ବାଲ୍ୟକାଳରୁ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସର୍ବସ୍ୱ ସମାଜକୁ ସମର୍ପିତ କରିଥିଲେ । ମହାତ୍ମା ଗାନ୍ଧୀ, ରବୀନ୍ଦ୍ର ନାଥ ଟାଗୋର, ସ୍ୱାମୀ ବିବେକାନନ୍ଦ, ମହର୍ଷି ଅରବିନ୍ଦ, ମଦନ ମୋହନ ମାଲବୀୟ ଓ ସର୍ବପଲ୍ଲୀ ରାଧାକୃଷ୍ଣଙ୍କ ଭଳି ମହାପୁରୁଷମାନେ ସାମଗ୍ରିକ ଏବଂ ବହୁଭାଷୀ ଶିକ୍ଷାର ପରିକଳ୍ପନା କରିଥିଲେ । ମୌଲାନା ଆଜାଦ ଏବଂ ଓଡ଼ିଶାର ହରେକୃଷ୍ଣ ମହତାବଙ୍କ ଭଳି ବ୍ୟକ୍ତିବିଶେଷମାନେ ଜାତୀୟ ପ୍ରଗତିରେ ଉଲ୍ଲେଖନୀୟ ଯୋଗଦାନ ଦେଇଥିଲେ । ଗୋପବନ୍ଧୁ ମଧ୍ୟ ଦେଶର ସଂଘର୍ଷମୟ ସ୍ଥିତିରେ ଆମ ରାଜ୍ୟରେ ସତ୍ୟବାଦୀ ବକୁଳବନ ବିଦ୍ୟାଳୟ ତିଆରି କରିଥିଲେ, ଯାହା ତାଙ୍କ ଦୂରଦୃଷ୍ଟିର ପ୍ରତିଫଳନ । ତାଙ୍କର ବିଚାର ଓ ଆଦର୍ଶ ଶତାବ୍ଦୀ ଶତାବ୍ଦୀ ଧରି ଯୁବ ସମାଜକୁ ଅନୁପ୍ରାଣିତ କରିବ । ପଣ୍ଡିତ ଗୋପବନ୍ଧୁ ଏକାଧାରରେ ବହୁବିଧ ବ୍ୟକ୍ତି ଥିଲେ । ଓଡ଼ିଶାର ସ୍ୱତନ୍ତ୍ରତା ସଂଗ୍ରାମକୁ ଆଗକୁ ନେବା ସହ ଗୋଟିଏ ସମୟରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ନେତୃତ୍ୱ ନେଉଥିଲେ । ଏହାସହ ଓଡ଼ିଶାକୁ ଭାଷା ଭିତ୍ତିରେ ଗଢିବା ପାଇଁ ଅଦମ୍ୟ ପ୍ରଚେଷ୍ଟା କରୁଥିଲେ । ଲୋକମାନଙ୍କ ମଧ୍ୟରେ ସ୍ୱାଧୀନତାର ନୂଆ ଜାଗରଣ ତିଆରି କରିଥିଲେ । ନିର୍ଭୀକ ସାମ୍ବାଦିକ ଭାବେ ଇଂରେଜମାନଙ୍କୁ ସମାଲୋଚନା ମଧ୍ୟ କରୁଥିଲେ । ନିର୍ଭିକ ସାମ୍ବାଦିକତାକୁ ପେଶା କରିଥିଲେ । ଏକାଧାରରେ ବହୁ ଆୟାମୀ ବ୍ୟକ୍ତିତ୍ୱର ଧନୀକ ବ୍ୟକ୍ତି ଥିଲେ ଗୋପବନ୍ଧୁ । ମହାତ୍ମା ଗାନ୍ଧୀ ମଧ୍ୟ ଗୋପବନ୍ଧୁ ଜଣେ ଉଚ୍ଚକୋଟୀର ନେତୃତ୍ୱ ଥିଲେ ବୋଲି କହିଥିଲେ । ତାଙ୍କ ଭଳି ମହାପୁରୁଷ ଯଦି ୭୦ରୁ ୮୦ ବର୍ଷ ବୟସ ପର୍ଯ୍ୟନ୍ତ ବଞ୍ଚିଆନ୍ତେ ତେବେ ସେ ରାଷ୍ଟ୍ରୀୟ ଆନ୍ଦୋଳନର ଜନକ ହୋଇଥାନ୍ତେ । ଓଡ଼ିଶା ଓ ଦେଶ ପ୍ରତି ତାଙ୍କର ଅବଦାନ ସବୁ ଦିନ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ସେ କହିଛନ୍ତି । ଓଡ଼ିଶାର ସମ୍ଭାବନା ଉପରେ ଆଲୋକପାତ କରିବା ସହ ଶ୍ରୀ ପ୍ରଧାନ କହିଥିଲେ ଯେ ଆମ ଆଗରେ ୨୦୩୬ର ବିକଶିତ ଓଡ଼ିଶାର ଲକ୍ଷ୍ୟ ରହିଛି । ସମ୍ରାଟ ଖାରବେଳ, କପିଳେନ୍ଦ୍ର ଦେବ ଓଡ଼ିଶାକୁ ଗୌରବଶାଳୀ କରିଥିଲେ। କଳିଙ୍ଗ ଯୁଦ୍ଧରୁ ଅଶୋକଙ୍କ ସାମ୍ରାଜ୍ୟକୁ ଆମେ ପ୍ରତିହତ କରିଥିଲେ । ଆମ ମୂଳ ଆଧାରରେ ଅସ୍ମିତା ଅଛି । ଓଡ଼ିଆ ଅସ୍ମିତା କେବଳ ରାଜନୈତିକ ବିଷୟ ନୁହେଁ । ଓଡ଼ିଆ ଅସ୍ମିତା ହଜାର ହଜାର ବର୍ଷ ପୂର୍ବର ଓଡ଼ିଆ ଲୋକଙ୍କ ଦୃଢ଼ତାକୁ ପ୍ରତିପାଦନ କରିବା ହେଉଛି ଓଡ଼ିଆ ଅସ୍ମିତା । ଖାରବେଳ, କପିଳେନ୍ଦ୍ର ଦେବ, ଗୋପବନ୍ଧୁ, ମଧୁବାବୁ ଓଡ଼ିଆ ଅସ୍ମିତାର ପ୍ରତୀକ ଥିଲେ । ସମାଜରେ ସାହିତ୍ୟ, ଭାଷା, ସଂସ୍କୃତି, ସମ୍ଭାବନା, ମୂଲ୍ୟବୋଧ କଣ ହେବ, ଆଧୁନିକତା କେଉଁ ଆଧାରରେ ହେବ ଆଜି ଆଲୋଚନାର ବିଷୟ। ଆମ ସରକାର ବକୁଳ ବନ ବିଦ୍ୟାଳୟର ପୁନଃ ଉଦ୍ଧାର ପାଇଁ ଅଣ୍ଟା ଭିଡିଛନ୍ତି । ସମାଜ ଖବର କାଗଜ ନିଜକୁ ଓଡ଼ିଶାରେ ନବସୃଜନ ପାଇଁ, ବିଚାର ସୃଷ୍ଟି ପାଇଁ, ପଣ୍ଡିତ ଗୋପବନ୍ଧୁ ଦାସଙ୍କ ବିଚାରକୁ ପୁନର୍ଜୀବିତ କରିବା ପାଇଁ ଦାୟିତ୍ୱ ନେବା ଦରକାର । ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଯେଉଁ ଲେଖାକୁ ଆମେ ପିଲା ଦିନେ ପଢ଼ିଥିଲେ ଯାହା ୧୦୦ ବର୍ଷ ପୂର୍ବରୁ ଲେଖା ହୋଇଥିଲା, ତାହାକୁ ନରେନ୍ଦ୍ର ମୋଦୀ ନୂତନ ଶିକ୍ଷାନୀତିରେ ଲାଗୁ କରିଛନ୍ତି । ଓଡ଼ିଶାକୁ ଆଉ ଥରେ ବୈଭବଶାଳୀ, ପୃଥିବୀର ପ୍ରୟୋଗଶାଳା, ବିକଶିତ ଭାରତ କରିବାକୁ ହେଲେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ବିଚାରକୁ ପୁନର୍ଜୀବିତ କରିବାକୁ ହେବ। ଆଜି ସମାଜରେ ନିଜେ ନୁହେଁ ସମୂହର ବିଚାରକୁ ପ୍ରତିଷ୍ଠା କରିବାକୁ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଉଲ୍ଲେଖନୀୟ ଯେ, ଏହି ଅବସରରେ ଶ୍ରୀ ପ୍ରଧାନ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୭ତମ ଶ୍ରାଦ୍ଧୋତ୍ସବରେ ଯୋଗଦେବା ଅବସରରେ ତାଙ୍କ ପ୍ରତିମୂର୍ତ୍ତି ଏବଂ ଲୋକସେବକ ମଣ୍ଡଳର ପୂର୍ବତନ ରାଷ୍ଟ୍ରୀୟ ସମ୍ପାଦକ, ପ୍ରବୀଣ ସାମ୍ବାଦିକ ତଥା ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ନିରଞ୍ଜନ ରଥଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ଆନ୍ତର୍ଜାତିକ ନିଶା ଅପବ୍ୟବହାର ଦିବସ ପାଳିତ

କଟକ(ଭାସ୍କର ନ୍ୟୁଜ): ନିଶାମୁକ୍ତ ସମାଜ ଗଠନ ଦିଗରେ ଯୁବପିଢୀର ମହତ୍ୱପୂର୍ଣ୍ଣ ଭୂମିକା ରହିଛି । ମହିଳା, ଛାତ୍ରଛାତ୍ରୀ, ଯୁବ ସମାଜଠାରୁ ଆରମ୍ଭ କରି ସମାଜର ପ୍ରତ୍ୟେକ ବର୍ଗର ବ୍ୟକ୍ତି ଏ ଦିଗରେ ଉଦ୍ୟମ କରିବାର ଆବଶ୍ୟକତା ରହିଛି । ଗୁରୁବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ଅବକାରୀ ବିଭାଗର ମିଳିତ ସହଯୋଗରେ ଆୟୋଜିତ ଆନ୍ତର୍ଜାତିକ ନିଶା ଅପବ୍ୟବହାର ଓ ଅବୈଧ କାରବାର ନିରୋଧ ଦିବସ ଅବସରରେ ବିଶିଷ୍ଟ ବକ୍ତାମାନେ ଏହି ମତପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଡଃ ଇପସିତା ପ୍ରିୟଦର୍ଶିନୀ ମିଶ୍ର ବୈଠକରେ ଅଧ୍ୟକ୍ଷତା କରି ନିଶା ସାମାଜିକ, ଅର୍ଥନୈତିକ, ସ୍ୱାସ୍ଥ୍ୟଗତ ସମସ୍ୟା ବୃଦ୍ଧି କରିଥାଏ ତେଣୁ ଦୃଢ ସଂଙ୍କଳ୍ପ ନେଇ ନିଶା ସେବନଠାରୁ ନିଜକୁ ଦୂରେଇ ରଖିବା ପାଇଁ ସେ ଆହ୍ୱାନ ଦେଇଥିଲେ । ଭେଷଜ ବିଶେଷଜ୍ଞ ଡକ୍ଟର ଜୟନ୍ତ କୁମାର ପଣ୍ଡା ବିଭିନ୍ନ ପ୍ରକାରର ନିଶା ଓ ଡାକ୍ତରୀ ବିଦ୍ୟାରେ ଏହାର ପ୍ରୟୋଗ ଏବଂ ଶରୀର ଉପରେ ମାଦକ ଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ । କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀ ନିଶା ସେବନ କରି କେହି କିଛି ଭଲ କାମ କରିବାର ନଜିର ନଥିବାରୁ ଏହି କୁ ଅଭ୍ୟାସଠାରୁ ଦୂରେଇ ରହିବା ପାଇଁ ମାନସିକ ସ୍ତରରେ ଦୃଢ ହେବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ରଥ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରନ କୁମାର ସିଂହ, ଅତରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମନୋରନ ବାରିକ ପ୍ରମୁଖ ନିଶା ସେବନର ଅପକାରିତା ସମ୍ବନ୍ଧରେ ଦର୍ଶାଇଥିଲେ । ଏହି ଅବସରରେ ସକାଳୁ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା ।

# ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ପକ୍ଷରୁ ବାଇକ୍ ରାଲି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱରରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ପକ୍ଷରୁ ମାଦକ ଦ୍ରବ୍ୟ ଦୁରୁପଯୋଗ ଏବଂ ଅବୈଧ ଚୋରା ଚାଲାଣ ବିରୋଧୀ ଅନ୍ତର୍ଜାତୀୟ ଦିବସ ଅବସରରେ ବାଇକ ରାଲି ଅନୁଷ୍ଠିତ ହୋଇଯାଇଛି। ଏନସିବି ଭୁବନେଶ୍ୱରର ଜୋନାଲ ନିର୍ଦ୍ଦେଶକ କୂଳଦୀପ ଶର୍ମା, ସମାଜସେବୀ ସୁଚିସ୍ମିତା ପୃଷ୍ଟି, ଲିଂକନ ସୁବୁଦ୍ଧି ଓ ବାଇକର ଅମିତା ସିଂ ଯୋଗ ଦେଇ ସବୁଜ ପତାକା ଦେଖାଇ ବାଇକ ରାଲିର ଶୁଭାରମ୍ଭ କରିଥିଲେ। ଏନସିବିର ସ୍ଲୋଗାନ ଥିଲା ନିଶାକୁ ନା' । ନିଶା କାରବାର ଧରପଗଡ଼ ସହିତ ଦଣ୍ଡ ବିଧାନ ବୃଦ୍ଧି ନେଇ ଏନସିବି କାମ କରୁଛି। ଆଜିକା ଦିନର ଯୁବ ନିଶାଗ୍ରସ୍ତ ହୋଇ ପଥଭ୍ରଷ୍ଟ ହୋଇ ଗଲେଣି। ଏଭଳି ସଚେତନତା କରିବା ଦ୍ୱାରା ଲୋକ ମାନେ ସଚେତିତ ହେବେ ।

# ଅବକାରୀ ବିଭାଗ ପକ୍ଷରୁ ନିଶାମୁକ୍ତି ଅଭିଯାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଅବକାରୀ ବିଭାଗ ପକ୍ଷରୁ ନିଶାମୁକ୍ତ ଅଭିଯାନ ଆରମ୍ଭ ହୋଇଛି । ଏହି ଅବସରରେ ଆୟୋଜିତ ଏକ ପଦଯାତ୍ରାରେ ସାମିଲ ହୋଇଛନ୍ତି ଯୁବ ପିଢ଼ି । ଆମେ ସଂକଳ୍ପ ନେବା ନିଶା ନୁହେଁ ଜୀବନ ବାଛିବା। ମାଦକ ଦ୍ରବ୍ୟ ଦୁରୁପଯୋଗ ଏବଂ ଅବୈଧ ଚୋରା ଚାଲାଣ ବିରୋଧୀ ଅନ୍ତର୍ଜାତୀୟ ଦିବସ ଅବସରରେ ଆୟୋଜିତ ହୋଇଯାଇଛି ପଦଯାତ୍ରା କାର୍ଯ୍ୟକ୍ରମ । ଅବକାରୀ ବିଭାଗ ପକ୍ଷରୁ ଆୟୋଜିତ ହୋଇଯାଇଛି ନିଶାମୁକ୍ତ ଅଭିଯାନ କାର୍ଯ୍ୟକ୍ରମ । ଏହି ଆହ୍ୱାନ ସହ ଅବକାରୀ ବିଭାଗ ମଙ୍ଗ ଧରିଛି ନିଶା ମୁକ୍ତ ଅଭିଯାନର । ରାଜ୍ୟରେ ଚୋରା ମଦ ବିକ୍ରି ହେଉ ଅବା ୧୮ ବର୍ଷରୁ କମ୍ ପିଲାଙ୍କୁ ମଦ କିଣିବା ଅବା ବିକିବା ଦଣ୍ଡନୀୟ ଅପରାଧ । ଏହି ସମସ୍ତ ଦିଗ ପ୍ରତି ବିଭାଗ ଯଥେଷ୍ଟ ଧ୍ୟାନ ଦେଉଥିବା ଦୃଢୋକ୍ତି ବା ବେଳେ ଆଗାମୀ ଦିନରେ ରାଜ୍ୟରେ ନିଶା ମୁକ୍ତ ରାଜ୍ୟ ଗଠନ କରିବା ପାଇଁ ଲକ୍ଷ୍ୟ ରଖିଛି ବିଭାଗ । ଏନେଇ ଆମେ ସଂକଳ୍ପ ନେବା ନିଶା ନୁହେଁ ଜୀବନ ବାଛିବା ସ୍ଲୋଗାନ ସହ ଏକ ସଚେତନତା ପଦଯାତ୍ରା ଆୟୋଜିତ ହୋଇଯାଇଛି। ଏହି ଅବସରରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ, ବିଜେପି ନେତ୍ରୀ ପିଙ୍କି ପ୍ରଧାନ ସମେତ ଅବକାରୀ ବିଭାଗ ମୁଖ୍ୟ ପ୍ରମୁଖ ଉପସ୍ଥିତ ରହି କଳିଙ୍ଗ ଷ୍ଟାଡିୟମ୍‌ରୁ ଜନତା ମଇଦାନ ଯାଏଁ ପଦଯାତ୍ରାରେ ସାମିଲ୍ ହୋଇଥିଲେ।

## ଦକ୍ଷିଣ ପୂର୍ବ ରେଳପଥ - ଟେଣ୍ଡର

ଏତଦ୍ୱାରା ଏହି ନୋଟିସ ମାଧ୍ୟମରେ ସର୍ବସାଧାରଣ ଏବଂ ବିଶେଷକରି ଋଣଗ୍ରହୀତାମାନଙ୍କୁ ଏବଂ ଗ୍ୟାରେଣ୍ଟରମାନଙ୍କୁ ଜଣାଇ ଦିଆଯାଉଅଛି କି ପ୍ରାଧିକୃତ ଅଧିକାରୀ ଇଣ୍ଡସଇଣ୍ଡ ବ୍ୟାଙ୍କ ଲିମିଟେଡ୍ (ସିକ୍ୟୁଓର୍ଡ କ୍ରେଡିଟର) ନିମ୍ନଲିଖିତ ସ୍ଥାବର ସମ୍ପତ୍ତିକୁ ନିଜ ଅଧୀନକୁ ନେବା ସହ ବାକି ରହିଥିବା ଟ.୧,୫୩,୯୫,୭୩୨.୦୯- ( ଏକ କୋଟି ତେପନ ଲକ୍ଷ ପଞ୍ଚାନବେ ହଜାର ସାତଶହ ବତିଶ ଟଙ୍କା ନଅପଇସା ମାତ୍ର) ସହ ପରବର୍ତ୍ତୀ ସୁଧ ଆଦାୟ କରିବା ପାଇଁ ଆସନ୍ତା ୦୬.୦୮.୨୦୨୫ରେ ଯେଉଁଠି ଯେମିତି ଅଛି ଅବସ୍ଥାରେ ନିଲାମ କରାଯିବ। ଏଥିସହ ୩୧.୦୫.୨୦୨୫ ସୁଦ୍ଧା ଦଣ୍ଡିତ ସୁଧ ଏବଂ ଖର୍ଚ୍ଚ ଚାର୍ଜ ଓ ଅନ୍ୟାନ୍ୟ ଖର୍ଚ୍ଚ ସିକ୍ୟୁଓର୍ଡ କ୍ରେଡିଟର୍ସ ମେସର୍ସ ସ୍ୱର୍ଣ୍ଣଲକ୍ଷ୍ମୀ ଭଣ୍ଡାର (ଋଣଗ୍ରହୀତା), ମନୋରଞ୍ଜନ ପଣ୍ଡା (ଗ୍ୟାରେଣ୍ଟର/ବନ୍ଧକଦାତା), ଅରୁପମା ପଣ୍ଡା (ଗ୍ୟାରେଣ୍ଟର) ଏବଂ ଜଗନ୍ନାଥ ପଣ୍ଡା (ଗ୍ୟାରେଣ୍ଟର) ଏବଂ ତାଙ୍କର ଗ୍ରୁପ୍ ଏକାଉଣ୍ଟ-ମନୋରଞ୍ଜନ ପଣ୍ଡା (ଋଣଗ୍ରହୀତା/ବନ୍ଧକଦାତା), ଅରୁପମା ପଣ୍ଡା (ଗ୍ୟାରେଣ୍ଟର), ଜଗନ୍ନାଥ ପଣ୍ଡା (ଗ୍ୟାରେଣ୍ଟର) ଏବଂ ମେସର୍ସ ସ୍ୱର୍ଣ୍ଣଲକ୍ଷ୍ମୀ ଭଣ୍ଡାର (ଗ୍ୟାରେଣ୍ଟର), ଯାହାକି ସଂରକ୍ଷିତ ମୂଲ୍ୟ, ଅମାନତ ଜମା ଏବଂ ସମ୍ପତ୍ତି ପରିଦର୍ଶନ ସଂପର୍କରେ ନିମ୍ନରେ ଉଲ୍ଲେଖ।

| ଲଟ୍ ନଂ | ବନ୍ଧକ ସମ୍ପତ୍ତିର ବିବରଣୀ | ଥିବା ପ୍ରତିବନ୍ଧକ | ସଂରକ୍ଷିତ ମୂଲ୍ୟ | ଅମାନତ ଜମା |
|---|---|---|---|---|
| ୧ | ଏକତ୍ର ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶବିଶେଷ ସହ ଘର ନିର୍ମାଣ, ଯାହାକି ଶାବକ ପ୍ଲଟ୍ ନଂ ୩୩୬, ଶାବକ ଖାତା ନଂ ୧୬୯, ମୌଜା- ନୂଆପଡ଼ା, ଏରିଆ-ଏ.୦.୦୪୦ ଡିସିମିଲ, ଯୋଗାଯୋଗ ହାଲ ଖାତାନଂ ୬୧୪/୫୩୮, ପ୍ଲଟ୍ ନଂ- ୩୩୬/୩୦୪୪, ଏରିଆ-ଏ.୦.୦୪୦ ଡିସିମିଲ, କିସମ- ଘରବାରି, କଟକ ଏବଂ ବାଉଣ୍ଡରୀ: ଉତ୍ତର- ସୁଧିର କୁମାର ସାହୁ, ଦକ୍ଷିଣ- ବାବାଜୀ ରଣା, ପୂର୍ବ- ଓଟିଏସ୍ ମିଲ ଏବଂ ପଶ୍ଚିମ- ରାସ୍ତା। ଏହି ସମ୍ପତ୍ତିର ସଂପୂର୍ଣ୍ଣ ବିବରଣୀ ତଥା ଅଧିକ ବିବରଣୀ ଡିଡ୍ ନଂ ୧୭୯୪, ତାରିଖ: ୨୨.୦୪.୧୯୯୯ ଯାହାକି ମନୋରଞ୍ଜନ ପଣ୍ଡାଙ୍କ ନାମରେ ରହିଛି। | ଶୂନ୍ୟ | ଟ.୧,୦୭,୨୫,୦୦୦/- (ଏକକୋଟି ସାତ ଲକ୍ଷ ପଚିଶ ହଜାର ଟଙ୍କା ମାତ୍ର) | ଟ.୧୦,୭୨,୫୦୦/- (ଦଶ ଲକ୍ଷ ବାସ୍ତରୀ ହଜାର ପାଞ୍ଚଶହ ଟଙ୍କା ମାତ୍ର) |

| | |
|---|---|
| ନିଲାମ ତାରିଖ ଓ ସମୟ | ୦୬.୦୮.୨୦୨୫(ପୂର୍ବାହ୍ନ ୧୧ଟାଠାରୁ ଅପରାହ୍ନ ୧୨ଟା ପର୍ଯ୍ୟନ୍ତ) |
| ଅନ୍‌ଲାଇନ ନିଲାମ ୱେବସାଇଟ୍ | https://wwwbankeauctions.com |
| ଅନ୍‌ଲାଇନରେ ନିଲାମ ପାଇଁ ଆବେଦନ କରିବାର ଶେଷ ତାରିଖ | ୦୫.୦୮.୨୦୨୫ |
| ନିଲାମ ଡାକିବା ପାଇଁ ସର୍ବନିମ୍ନ ପରିମାଣ | ଟ.୧,୦୦,୦୦୦/-ମାତ୍ର |
| ଆଗ୍ରହୀ କ୍ରେତାଙ୍କ ସମ୍ପତ୍ତି ପରିଦର୍ଶନର ତାରିଖ ଓ ସମୟ | ୧୬.୦୭.୨୦୨୫ (ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା) |
| ପ୍ରାଧିକୃତ ଅଧିକାରୀଙ୍କୁ ଯୋଗାଯୋଗ କରିବାର ବିବରଣୀ | ମୋବାଇଲ ନଂ: ୯୮୭୪୪୩୮୭୮୫, ଇମେଲ୍: rohit.swaroop@indusind.com |

**ବିକ୍ରୟର ସର୍ତ୍ତ ଏବଂ ନିୟମ ପାଇଁ ଦୟାକରି ସିକ୍ୟୁଓର କ୍ରେଡିଟରଙ୍କ ୱେବସାଇଟ୍ https://www.bankeauctions.comରେ ଥିବା ଲିଙ୍କକୁ ଦେଖନ୍ତୁ**

**ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟରମାନେ ଏହାକୁ ୩୦ ଦିନିଆ ବିକ୍ରୟ ନୋଟିସ ବୋଲି ଧରିନେବେ।**

ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟରମାନଙ୍କୁ ଏହା ଶେଷ ଏବଂ ଚୂଡ଼ାନ୍ତ ସୁଯୋଗ ଦିଆଯାଉଛି ଯେ ଏହି ବିକ୍ରୟ ନୋଟିସର ୩୦ଦିନ ମଧ୍ୟରେ ସେମାନେ ଋଣ ପରିଶୋଧ କରି ବନ୍ଧକ ସମ୍ପତ୍ତିକୁ ମୁକୁଳାଇପାରିବେ, ବିଫଳ ହେଲେ ଉପର ଲିଖିତ ସର୍ତ୍ତ ଅନୁଯାୟୀ ସେଗୁଡ଼ିକୁ ବିକ୍ରି କରାଯିବ।

**ତାରିଖ: ୨୭.୦୬.୨୦୨୫**
**ସ୍ଥାନ: କଟକ**

**ପ୍ରାଧିକୃତ ଅଧିକାରୀ**
**ଇଣ୍ଡସଇଣ୍ଡ ବ୍ୟାଙ୍କ ପ୍ରାଇଭେଟ୍ ଲିମିଟେଡ୍**



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍ୱାଧୀନତା ଆନ୍ଦୋଳନର ଭଗୀରଥ, ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ, ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଅନନ୍ତ ପ୍ରସାଦ ଜେନା ସଭାପତିତ୍ୱ କରିଥିବା ବେଳେ ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଂଯୋଜନା କରିଥିଲେ । ଓଡିଆ ପ୍ରାଣ ପର୍ଶୁରାମ ଦ୍ୱିବେଦୀ ଓ ସୀତାବଲ୍ଲଭ ମହାପାତ୍ର ଅତିଥି ଭାବେ ଯୋଗଦେଇ ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ବିଶ୍ୱମଣି ଭାବେ ବର୍ଣ୍ଣନା କରି ବରପୁତ୍ରଙ୍କର ଗୁଣଗାନ କରିଥିଲେ । ସେହିଭଳି ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖାର ଉପଦେଷ୍ଟା ନିମାଇଁ ଚରଣ ଦାସ ଓ ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ଆଦି ବରପୁତ୍ରଙ୍କ ଗୁଣଗାନ କରିଥିଲେ ।

## ସାମୟିକ କର୍ମଚାରୀଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଖୁସି ଖବର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରଥଯାତ୍ରା ପୂର୍ବରୁ ରାଜ୍ୟର ସାମୟିକ କର୍ମଚାରୀ ମାନଙ୍କ ପାଇଁ ଖୁସି ଖବର। ପୂର୍ବରୁ ସାମୟିକ କର୍ମଚାରୀ ମାନଙ୍କୁ କାର୍ଯ୍ୟରୁ ଅନ୍ତର କରାଯିବା ବେଳେ ସେମାନଙ୍କୁ ଏକକାଳୀନ ୧.୫ ଲକ୍ଷ ଟଙ୍କା ମିଳୁଥିଲା। ଏହି ପରିମାଣକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨.୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି। ରଥ ଯାତ୍ରା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଏଭଳି ନିଷ୍ପତ୍ତିକୁ ସାମୟିକ କର୍ମଚାରୀମାନେ ସ୍ୱାଗତ କରିଛନ୍ତି। ଏଭଳି ଚିନ୍ତାଧାରା କର୍ମଚାରୀଙ୍କ ମୁହଁରେ ହସ ଫୁଟାଇଛି ବୋଲି କୁହାଯାଇଛି।

### ଜରୁରୀକାଳୀନ ପରିସ୍ଥିତିର କଳା ଅଧ୍ୟାୟର ୫୦ ବର୍ଷ ପୂର୍ତ୍ତିର ଆଲୋଚନାଚକ୍ର

## ଏମର୍ଜେନ୍ସି ଭଳି ଆଜି ମଧ୍ୟ କଂଗ୍ରେସ ପାଖରେ ସାମନ୍ତବାଦୀ ମାନସିକତା ରହିଛି: ଧର୍ମେନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏମର୍ଜେନ୍ସିର ଗୋଟିଏ ମୂଳ କାରଣ ଥିଲା-ଇନ୍ଦିରା ଗାନ୍ଧୀଙ୍କ ପରିବାର ପ୍ରତି ମୋହ । ମୁଁ ଓ ମୋର ପୁତ୍ର ସଞ୍ଜୟ ଗାନ୍ଧୀ ଏବଂ ପରିବାର ଦେଶକୁ ଚଲାଇବାର ମାନସିକତା । ଆଜି ମଧ୍ୟ କଂଗ୍ରେସ ପାଖରେ ସେହି ସାମନ୍ତବାଦୀ, ଏକଛତ୍ରବାଦୀ ଓ ଆହଙ୍କାର ମାନସିକତା ରହିଛି ବୋଲି ଗୁରୁବାର ଭୁବନେଶ୍ୱର ଠାରେ ବିଜେପି ପକ୍ଷରୁ 'କଂଗ୍ରେସ ଦ୍ୱାରା ଗଣତନ୍ତ୍ରକୁ କୁଠାରଘାତ ଇତିହାସର ୫୦ ବର୍ଷର କାହାଣୀ' ଶୀର୍ଷକ ଆଲୋଚନା ଚକ୍ରରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କଂଗ୍ରେସ ଦ୍ୱାରା ଜାରି କରାଯାଇଥିବା ଜରୁରୀକାଳୀନ ପରିସ୍ଥିତିର କଳା ଅଧ୍ୟାୟର ୫୦ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏହି ସେମିନାରରେ ଶ୍ରୀ ପ୍ରଧାନ କହିଛନ୍ତି, ୧୯୭୫ ଜୁନ୍ ୨୫ ତାରିଖରେ 'ଜରୁରୀକାଳୀନ ପରିସ୍ଥିତି' ଭାରତୀୟ ଗଣତନ୍ତ୍ର ଉପରେ କଂଗ୍ରେସ ଦ୍ୱାରା ଲଗାଯାଇଥିବା ଏକ କଳା ଫର୍ଦ୍ଦ, ଯାହାକୁ ଦେଶ କେବେ ଭୁଲିପାରିବ ନାହିଁ । ସମସ୍ତ ବିରୋଧୀ ନେତାଙ୍କୁ ଆକ୍ରୋଶମୂଳକ ଭାବେ ଗିରଫ କରାଯାଇ ଜେଲରେ ପୁରାଇ ନିର୍ଯ୍ୟାତନା ଦିଆଯାଇଥିଲା । ଓଡ଼ିଶା ମାଟିର ଶୀର୍ଷ ନେତା ଡ. ହରେକୃଷ୍ଣ ମହତାବ, ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ, ପବିତ୍ର ମୋହନ ପ୍ରଧାନ, ସାମ୍ବାଦିକ ରାଧାନାଥ ରଥ ତଥା ବିଶ୍ୱଭୂଷଣ ହରିଚନ୍ଦନ, ହରିଶ୍ଚନ୍ଦ୍ର ବକ୍ସିପାତ୍ର ପ୍ରମୁଖ ଇନ୍ଦିରା ଗାନ୍ଧୀଙ୍କ ଏକଛତ୍ରବାଦୀ, ଅସହିଷ୍ଣୁ ତଥା ଆକ୍ରୋଶମୂଳକ ପଦକ୍ଷେପର ଶିକାର ହୋଇଥିଲେ। କିଶୋର କୁମାରଙ୍କ ଭଳି ଗୀତକୁ ଅଲ୍ ଇଣ୍ଡିଆ ରେଡିଓରେ ପ୍ରସାରଣ କରିବା ପାଇଁ ବିରୋଧ ହୋଇଥିଲା। ଏହି ଅବସରରେ ଶ୍ରୀ ପ୍ରଧାନ ଜରୁରୀକାଳୀନ ପରିସ୍ଥିତିର କଳା ସ୍ମୃତିର ୫୦ ତମ ବର୍ଷ ଉପଲକ୍ଷେ ଭୁବନେଶ୍ୱର ଓୟୁଏଟି ପରିସରରେ ଆୟୋଜିତ ଏକ ପ୍ରଦର୍ଶନୀକୁ ଉଦଘାଟନ କରିବା ସହ ଲୋକତନ୍ତ୍ର ସେନାନୀମାନଙ୍କୁ ସମ୍ମାନିତ କରିଥିଲେ । ଆଲୋଚନା ଚକ୍ର ଶେଷ ହେବା ପରେ ଏ ସମ୍ପର୍କରେ ଗଣମାଧ୍ୟମକୁ ମଧ୍ୟ ପ୍ରତିକ୍ରିୟା ଦେଇଥିଲେ। ଭୁବନେଶ୍ୱର ଓୟୁଏଟି କ୍ୟାମ୍ପସ ପରିସରରେ 'ଏକ ପେଡ୍ ମା' କେ ନାମ ୨.୦' ଅଭିଯାନ ଅଧୀନରେ ବୃକ୍ଷରୋପଣ କରିଥିଲେ ।

















# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ରାଜଭାଷା ବିଭାଗର ସୁବର୍ଣ୍ଣଜୟନ୍ତୀ ସମାରୋହ | ୬

ଶିବୁ ସୋରେନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ | ୬

RNI Regd. No.ORI ORI 2004/12956 Postal Regd. No. BN/294/21-232 | Published Simultaneously from Bhubaneswar, Angul & Berhampur. | www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୮୭ | Vol. 22 No-87 | 27 JUNE 2025 FRIDAY, BHUBANESWAR | ଶୁକ୍ରବାର, ୨୭ ଜୁନ୍ ୨୦୨୫ | ପୃଷ୍ଠା-୮+୮ | ମୂଲ୍ୟ: ୭.୦୦





ପବିତ୍ର ରଥଯାତ୍ରା ଉପଲକ୍ଷେ

ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ

# TETRAHEDRON

## GROUP OF INSTITUTIONS

Tangi,Cuttack, Contact : 8093064525,9040363480, 7008222977

ADMISSION OPEN +2 1ST YR Sc.(CHSE & CBSE) & NEET-2025-26

## NEET RESULTS -2025

590 AIR-2241 Category Rank -762 SOURAV RANJAN JAJPUR M. : 9337135920
588 AIR-2418 Category Rank -1329 PRANAB KUMAR CUTTACK M : 9348405006
585 AIR-2839 Category Rank -220 AMIT ANSUMAN JAJPUR M : 8260552053
578 AIR-3798 Category Rank -1414 G.S TANISHA BHADRAK M : 6370203229
575 AIR-4483 Category Rank -1714 SOUMYA RANJAN KENDRAPARA M: 9853490176
574 AIR-4690 Category Rank -113 ASHUTOSH (SC) SAMBALPUR M : 9438110102
574 AIR-4551 Category Rank -1743 SUBHASANKAR BALASORE M. : 9556941413
572 AIR-5040 Category Rank -1968 ASHUTOSH KENDRAPARA M : 7735074814
571 AIR-5170 Category Rank -2530 SOMESH PRASAD TALCHER, ANGUL M. : 7849035336
568 AIR-5836 Category Rank -2793 SWARAJ JAGATSINGHPUR M. : 6372296215
567 AIR-6281 Category Rank -2980 MONALISHA KEONJHAR M. : 9938758948

567 AIR-6262 Category Rank -590 ANSUMAN CUTTACK M. :6372343040
565 AIR-6808 Category Rank -2755 RAJESH JAJPUR M : 6370895135
564 AIR-6976 Category Rank -3268 PRASANTA KU. JAJPUR M : 7894331492
564 AIR-7229 Category Rank -3377 ARCHITA CUTTACK M. : 7978178553
562 AIR-7733 Category Rank -755 ASIS KU. KEONJHAR M : 9827856657
560 AIR-8185 Category Rank -3762 SUBHASHISH JAJPUR M. : 9040499246
559 AIR-8790 Category Rank - 4013 SOVNA JAJPUR M : 7978917103
558 AIR-8910 Category Rank -3873 SATYARANJAN CUTTACK M. : 8249555100
555 AIR-10001 Category Rank -4505 KABIR CUTTACK M. :8917235240
553 AIR-10868 Category Rank -4844 IRA MOHANTY JAJPUR M. :9438174925
552 AIR-11400 Category Rank -1844 SURYASNAT SALIPUR,CUTTACK M. : 9439942163
552 AIR-11200 Category Rank -4738 SWATI SNIGDHA BARIPADA M. : 9040575691
551 AIR-11844 Category Rank -5213 SOUBHAGYA RANJAN JAJPUR M. : 9692767335
550 AIR-12293 Category Rank -5263 JAYASHREE JAJPUR M. : 7077298174

549 AIR-12842 Category Rank -5591 SANJIB KU. CUTTCK M. : 8658284937
549 AIR-12780 Category Rank -1372 PRADIPTA KU. CUTTACK M. :8338869928
549 AIR-12748 Category Rank -5483 R.S BHAKTI SWARUPA CUTTACK(MAHANGA) M. :9777746799
548 AIR-13272 Category Rank -1436 RUDRA NARAYAN JAJPUR M : 8908938985
548 AIR-13018 Category Rank -1400 RAJKUMAR BHUBANESWAR M. : 9692089794
548 AIR-13377 Category Rank -5793 AMIT KU. JAJPUR M : 9348601405
545 AIR-14827 Category Rank -6475 SUBHANKAR JAJPUR M. : 9310679902
544 AIR-15048 Category Rank -6412 AMIT KU. CUTTACK M. : 9692868845
542 AIR-16115 Category Rank -6792 RITIK NARENDRA NAYAGARH M. :7855924761
541 AIR-16789 Category Rank -7429 ANUPAMA JAJPUR M. :8260543757
541 AIR-16951 Category Rank -7308 JYOTIRANJAN JAGATSINGHPUR M. :9090317675
540 AIR-17367 Category Rank -7698 IPSITA BARIPADA M. : 7847007731
540 AIR-17183 Category Rank -7614 GYANARANJAN JAJPUR M. :8984012686
539 AIR-18094 Category Rank -2014 RAJENDRA KENDRAPARA M. :8249757722

539 AIR-18150 Category Rank -7530 SWARNAPRAVA BHADRAK M. : 9348538749
539 AIR-17974 Category Rank -7990 ASHUTOSH JAJPUR M. :9438213231
539 AIR-18113 Category Rank -7518 ARUP ANGUL M. : 8260114745
538 AIR-18804 Category Rank -8370 ASISH KENDRAPARA M. : 8093906398
538 AIR-000 Category Rank -000 ROHIT RASHMI KHORDHA M. : 9090478270
538 AIR-18329 Category Rank -7603 SARASWATA CUTTACK M. :9827707252
535 AIR-20761 Category Rank -9399 SACHITANANDA KENDRAPARA M. : 7978636315
535 AIR-20362 Category Rank -8360 PRAGYAN PARAMITA M. : 7008984646
534 AIR-21361 Category Rank -9650 DEBASMITA(SGS) ANGUL M. :7848987971
533 AIR-22099 Category Rank -8971 SUBHAM BHADRAK M. : 9937533036
532 AIR-22673 Category Rank -2585 LOKANTH DHENKANAL M. :8984711270
531 AIR-23543 Category Rank -2705 DEEPANKAR JAJPUR M. :7750878883
531 AIR-23310 Category Rank -9394 SUBHASHREE JAJPUR M. : 7077329698
531 AIR-23105 Category Rank -2644 SAIEED JAJPUR M. :8984303637

## OUR ACHIEVERS FOR AIIMS

710 AIIMS,BBSR(2024) KAMALAKANTA Mob. : 8249906661
700 AIIMS,RAIPUR(2024) RAHUL M. : 6372741832
697 AIIMS,DELHI(2021) SUSHREE SANGITA Mob. : 9810975701
695 AIIMS,GRORAKHAPUR(2024) OMM PRAKASH M. : 6372521307

695 SWAGATIKA M. : 7381845430 AIIMS GORAKHAPUR(2024)
680 DEVASIS SAHOO Mob. : 9861492793 AIIMS BBSR(2021)
675 ASHIRBAD BISWAL Mob. : 7846821473 AIIMS GORAKHPUR(2023)
670 ADITYA NARAYAN M. : 8260333635 AIIMS MADURAI(2024)
670 ANUPAM NAYAK Mob. : 7205755502 AIIMS KALYANI (2023)
665 SATYAJIT NAYAK Mob. : 8260601336 AIIMS RAIPUR(2022)

| 590+ MARKS | 580+ MARKS | 570+ MARKS | 560+ MARKS | 550+ MARKS | 540+ MARKS |
|---|---|---|---|---|---|
| 01 STUDENT | 03 STUDENTS | 09 STUDENTS | 17 STUDENTS | 25 STUDENTS | 38 STUDENT |
| **530+ MARKS** | **520+ MARKS** | **515+ MARKS** | **GOVT. MBBS** | **AIIMS** | **SCB** |
| 53 STUDENTS | 65 STUDENTS | 79 STUDENTS | 95-110 EXPECTED | 10 EXPECTED | 20 EXPECTED |

TETRAHEDRON HIGHER SECONDARY SCHOOL
TETRAHEDRON WOMEN'S HIGHER SECONDARY SCHOOL
TETRAHEDRON RESIDENTIAL COACHING FOR NEET & JEE

Qualifying & Scholarship Test for NEET :

22nd JUNE 2025 (Exam from 11am. to 2.00pm.)
FOR ONLINE REGISTRATION VISIT OUR WEBSITE :
https://neet.tetrahedroncoaching.com

Course Fees According to NEET Score -2025

| | |
|---|---|
| For Student Scoring 500 above | Free |
| For Student Scoring 490 above | Rs. 10,000/- +(GST) |
| For Student Scoring 480 above | Rs. 20,000/- +(GST) |
| For Student Scoring 470 above | Rs. 30,000/- +(GST) |
| For Student Scoring 460 above | Rs. 40,000/- +(GST) |
| For Student Scoring 450 above | Rs. 50,000/- +(GST) |
| For Student Scoring 425 above | Rs. 60,000/- +(GST) |
| For Student Scoring 400 above | Rs. 65,000/- +(GST) |
| For Student Scoring 350 above | Rs. 70,000/- +(GST) |
| For Student Scoring 300 above | Rs. 75,000/- +(GST) |

For very very poor student scoring 480+ in NEET 2025 Hostel fees also free

## OUR CHSE RESULTS -2025



581 ABINASH PANDA R. NO. : 312CZ142 MOB. : 8926374475

578 ANUNJAYA R.NO. : 312CZ044 M. : 9937820270
575 HARAPRASAD R.NO. : 312CZ052 M. : 9777635809
574 ANANYA ANUPRITA R.NO. : 321CZ001 M. : 6372522094
574 ANANYA R.NO. : 321CZ018 M. : 9178552089
574 PRIYADARSHINI R.NO. : 321CZ020 M. : 8456010982
574 RUTUPURNA R.NO. : 321CZ025 M. : 8908000397
573 ASHUTOSH R.NO. : 312CZ009 M. : 7008710810
573 SWARNA PRAVA R.NO. : 321CZ002 M. : 9348538749
572 SOUMYAK R.NO. : 312CZ015 M. : 6372996292
572 SANDEEP R.NO. : 312CZ021 M. : 9438775289
571 PRIYANKA R.NO. : 321CZ016 M. : 8328937059
570 SWAYAM R.NO. : 312CZ039 M. : 9583495922

99% 1st Division

RESULT : 99.7%
ABOVE 95% : 13
ABOVE 560 : 51
ABOVE 90% : 185
ABOVE 89% : 229
ABOVE 88% : 280
ABOVE 85% : 446
ABOVE 500 : 534
ABOVE 80% : 712
ABOVE 75% : 902
ABOVE 70% : 1023
ABOVE 60% : 1120

ଆମର ମୁଖ୍ୟ strength ହେଉଛି ତ୍ରିଦେବ୍ ସାରଙ୍କ ଦ୍ୱାରା ପିଲାମାନଙ୍କୁ counselling ଏବଂ 24hour guidance, self study from morning 8.00am. to night 2.00am, super specialist teachers and completion of course before 15th December, Weekly Test, 30No. of PTS & VST, Doubt Clearing by Expert Teachers. .

One Year NEET Coaching Starts from 23rd June & 30th June 2025



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ପ୍ରଶାସନ ଦ୍ୱାରା ଅନ୍ତର୍ଜାତୀୟ ନିଶା ସେବନ ଓ ଅବୈଧ ନିଶା କାରବାର ବିରୋଧୀ ଦିବସ-୨୦୨୫ ଆଜି ପାଳିତ ହୋଇଯାଇଛି । ସକାଳ ୭ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଏହାକୁ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ଉଦଘାଟନ କରିଥିବା ବେଳେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ ସାମନ୍ତରାୟ ସହଯୋଗ କରିଥିଲେ। ଶତାଧିକ ଛାତ୍ରଛାତ୍ରୀ, ବୁଦ୍ଧିଜୀବି, ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର କର୍ମକର୍ତ୍ତା, ଜିଲ୍ଲା ଅବକାରୀ ବିଭାଗ କର୍ମକର୍ତ୍ତା ଏବଂ ବିଭିନ୍ନ ବେସରକାରୀ ସଂଗଠନର କର୍ମକର୍ତ୍ତା ସହର ପରିକ୍ରମା କରି ନିଶା ନିବାରଣ ନିମନ୍ତେ ବାର୍ତ୍ତା ବାଣ୍ଟିଥିଲେ । ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲରେ ସାଧାରଣ ସଭା ଆୟୋଜିତ ହୋଇଥିଲା । ଏଥିରେ ଅବକାରୀ ବିଭାଗ କେନ୍ଦୁଝରର ଅଧିକ୍ଷକ ସୀତାରାଣୀ ପଟ୍ଟାୟତ ଓ ଉପ ଅଧିକ୍ଷକ ଦିବ୍ୟଦୀପ ଯୋଗଦେଇ ନିଜ ନିଜ ଭାଷଣରେ ନିଶା ସେବନ ଦ୍ୱାରା କିପରି ନିଶା ସେବନକାରୀଙ୍କ ବ୍ୟକ୍ତିଗତ ନୁହେଁ ବରଂ ସାମଗ୍ରିକ ଭାବେ ସମାଜ ଉପରେ ପଡୁଥିବା କୁପ୍ରଭାବ ଉପରେ ଆଲୋକପାତ କରିଥିଲେ । ନିଶା କବଳରୁ ଛୋଟପିଲାଙ୍କୁ ନିବୃତ ରଖିବା ଏବଂ ଅବୈଧ ନିଶା କାରବାରକୁ ରୋକିବା ପାଇଁ ସରକାରୀ ସ୍ତରରେ ନିଆଯାଉଥିବା ପଦକ୍ଷେପ ବାବଦରେ ଅତିଥି ମାନେ ସୂଚନା ଦେଇଥିଲେ ।

# ନିଆଳି ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ସମୂହ ପାଇଖାନା ଜରାଜୀର୍ଣ୍ଣ



ନିଆଳି(ଭାସ୍କର ନ୍ୟୁଜ): ସରକାରୀ ଅର୍ଥ ଖର୍ଚ୍ଚ କରାଯାଇ ଲକ୍ଷାଧିକ ଟଙ୍କା ବ୍ୟୟ ବରାଦରେ ସାଂସଦ, ବିଧାୟକ, ସମିତି ଓ ପଞ୍ଚାୟତ ପାଣ୍ଠି ବ୍ୟୟବରାଦ କରାଯାଇ ପ୍ରତି ପଞ୍ଚାୟତରେ ନିର୍ମାଣ ହୋଇଛି ସମୂହ ପାଇଖାନା। ସମୂହ ପାଇଖାନା ନିର୍ମାଣ କରିବାର ଉଦ୍ଦେଶ୍ୟ ଗ୍ରାମାଞ୍ଚଳରେ ଝିଅବୋହୂମାନେ ଶୌଚାଳୟକୁ ବ୍ୟବହାର କରିବା ସହ ଶୌଚ ପରେ ଲୁଗାପଟା ବଦଳାଇବେ। ଯାହା ଫଳରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ପାଣି ଭଳି ପଇସା ଖର୍ଚ୍ଚ କରୁଛନ୍ତି। ହେଲେ ଏହି ଟଙ୍କା ପାଣିରେ ପଡୁଥିବା ଦେଖିବାକୁ ମିଳିଛି ନିଆଳି ବ୍ଲକର ବିଭିନ୍ନ ପଞ୍ଚାୟତରେ। ବ୍ଲକ୍‌ଠାରୁ ମାତ୍ର ୨ ଶହ ମିଟର ଦୂରରେ ହାଟଗଡିଆ ହୁଡାରେ ସାଂସଦଙ୍କ ପାଣ୍ଠିରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ନିର୍ମାଣ କରାଯାଇଛି ସମୂହ ପାଇଖାନା। କିନ୍ତୁ ପାଇଖାନା ଅବସ୍ଥା ଏଭଳି ପାଇଖାନା ବ୍ୟବହାର କରିବା ତ ଦୂରର କଥା ଏହାର ଅବସ୍ଥା ଦେଖିଲେ ଶୌଚାଳୟ ଯିବାକୁ ଭୟ ଲାଗିବ। ସେହିଭଳି ଉକ୍ତ ବ୍ଲକ ଅଧିନସ୍ତ ଅଁଳ ପଞ୍ଚାୟତ କାଳିଆ ଘାଇ ହାଟ ପାଖରେ ୬୦ ନମ୍ବର ରାଜ୍ୟ ରାଜପଥ ପାର୍ଶ୍ୱରେ ଏହି ସମୂହ ଶୌଚାଳୟ ଥିଲେ ମଧ ଏହା ବି ଜରାଜୀର୍ଣ୍ଣ । ଏଠାରେ ମଧ ରାଜ୍ୟ ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଏହି ସମୂହ ଶୌଚାଳୟ ଆରମ୍ଭ କରିଥିଲେ। ଏଠାରେ ଥିବା ରାଜ ପଥରେ ଆସୁଥିବା ପଥଚାରୀଙ୍କ ପାଇଁ ମଧ କାମରେ ଆସୁଥିଲା। ହେଲେ ଏହାର ଅବସ୍ଥା ଜରାଜୀର୍ଣ୍ଣ ହୋଇ ପଡ଼ିରହିଛି। ସମାନ ଘଟଣା ଦେଖିବାକୁ ମିଳିଛି ଦେବୀକନ୍ଦଳ ଦୀପାଞ୍ଚଳ ଶଗଡାଇଲ ପଂଚାୟତ ସେଳେଦା ଗ୍ରାମରେ ଥିବା ସମୂହ ଶୌଚାଳୟ ସମାନ ଅବସ୍ଥା। ନା ଅଛି କବାଟ ନା ଅଛି ଝରକା ନା ପାଣିର ବ୍ୟବସ୍ଥା। ସେ ସ୍ଥାନୀୟ ଗ୍ରାମବାସୀ ହୁଅନ୍ତୁ କି ସ୍ଥାନୀୟ ସରପଞ୍ଚ। ସେହିଭଳି ଦେବୀକନ୍ଦଳ ଦୀପଞ୍ଚଳ ରାଣୀଓଳା ପଂଚାୟତ ବରିଷଣ ଗ୍ରାମରେ ଥିବା ସମୂହ ପାଇଖାନାର ସମାନ ଅବସ୍ଥା। ସ୍ଥାନୀୟ ଲୋକମାନେ ଏହି ପାଇଖାନା ଘରେ ଜାଳ କୁଟା ରଖିବା ଶହ ଏହାର ଛାତ ଉପରେ ଘଷି କୁଟା ରଖିବାର ଦେଖିବାକୁ ମିଳିଛି। ଖାଲି ଏହି ଚାରି ପଞ୍ଚାୟତ ନୁହେଁ ଏକ ବରୁଆ ପଂଚାୟତ ନାଟି ଗ୍ରାମରେ ଥିବା ସମୂହ ପାଇଖାନାର ସମସ୍ତ ବ୍ୟବସ୍ଥା ଥିଲେ ମଧ ନିର୍ମାଣ ର ୫ ବର୍ଷ ରୁ ଉର୍ଦ୍ଧ୍ୱ ପୁରିଥିଲେ ବି ଏହାକୁ ଦିନଟିଏ ପାଇଁ ବ୍ୟବହାର କରାଯାଇ ନାହିଁ। ସେହିଭଳି ଏରଞ୍ଚ ପଂଚାୟତ ରେ ଏରଞ୍ଚ ଗ୍ରାମରେ ଥିବା ସମୂହ ପାଇଖାନା ମଦୁଆ ଙ୍କ ଆଡ୍ଡା ସ୍ଥଳୀ ପାଲଟିଛି।ଏହି ଶୌଚାଳୟ ରେ କୁକୁର ଷଣ୍ଢ ଶୋଉଥିଲେ ହେଁ ସ୍ଥାନୀୟ ଲୋକ ଜାଳ ରଖୁଛନ୍ତି। କେତେକ ଜାଗାରେ ପାଣି ଟାଙ୍କିରେ ଗଛ ଲତା ମାଡି ଯାଇଥିବା ବେଳେ ଆଉ କେତେକ ଜାଗାର ଅବସ୍ଥା ନ କହିଲେ ଭଲ। କେତେକ ଜାଗାରେ ଝରକା କବାଟ ତାଡ଼ି କବାଡିଆ ଦୋକାନରେ ଦେଇ ସାରିଲେଣି। ଏଠାରେ ପ୍ରଶ୍ନ ଉଠୁଛି ସାଧାରଣ ଲୋକଙ୍କ ଟିକସ ଅର୍ଥ ରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ପାଇଖାନା ନିର୍ମାଣ କରାଯାଉଥିବା ବେଳେ କାହିଁକି ଏସବୁ ପ୍ରତି ସ୍ଥାନୀୟ ସରପଞ୍ଚ ଓ ପଂଚାୟତ ନିର୍ବାହୀ ଅଧିକାରୀ ଓ ସେହି ୱାର୍ଡ ର ୱାର୍ଡ ମେମ୍ବର ଓ ଗ୍ରାମବାସୀ ଧ୍ୟାନ ଦେଉ ନାହାନ୍ତି। ଏହି ସବୁ ସମୂହ ପାଇଖାନା ଗୁଡିକୁ ପଂଚାୟତ ୍‌ ଅନ୍ୟ ଅର୍ଥ ରାଶି ଖର୍ଚ୍ଚ କରି ମରାମତି କଲେ ଅଞ୍ଚଳ ବାସୀ ଉପକୃତ ହେବେ। ଯଥାଶୀଘ୍ର ସମୂହ ପାଇଖାନା ପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ରଥଯାତ୍ରା ପାଇଁ ବାଲୁକା ଶିଳ୍ପୀ ମାନସ ସାହୁଙ୍କ ସହଭାଗୀ ହୋଇଛି ବେଦାନ୍ତ ଆଲୁମିନିୟମ୍




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ରଥଯାତ୍ରା ଉପଲକ୍ଷେ ପୁରୀ ଅନ୍ତର୍ଜାତୀୟ ବେଳାଭୂମିରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏକ ଭବ୍ୟ ବାଲୁକା ମୂର୍ତ୍ତି ଉନ୍ମୋଚନ କରିଛି। ଏହି ମହାନ କଳାକୃତିଟି ପ୍ରସିଦ୍ଧ ବାଲୁକା ଶିଳ୍ପୀ ମାନସ କୁମାର ସାହୁଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି, ଯାହାଙ୍କ ଅନନ୍ୟ ସୃଷ୍ଟି ତାଙ୍କୁ ପୂର୍ବରୁ ବିଶ୍ୱସ୍ତରୀୟ ସ୍ୱୀକୃତି ଦେଇଛି। ୧୫ ଫୁଟ ଲମ୍ବ ଏବଂ ୬ ଫୁଟ ଉଚ୍ଚତା ବିଶିଷ୍ଟ ଏହି ମୂର୍ତ୍ତିଟିକୁ ୧୦ ଟନ୍ ବାଲି ବ୍ୟବହାର କରି ତିଆରି କରାଯାଇଥିଲା। ଏହାକୁ ତିଆରି କରିବା ପାଇଁ ଦୁଇଦିନ ସମୟ ଲାଗିଥିଲା। ମୂର୍ତ୍ତିଟିକୁ ବିଭିନ୍ନ ପ୍ରକାରର ରଙ୍ଗ ଏବଂ ଫୁଲ ମାଳାରେ ସଜ୍ଜିତ କରାଯାଇଥିଲା। ଏହି ଆକର୍ଷଣୀୟ ମୂର୍ତ୍ତିଟି ତୀର୍ଥଯାତ୍ରୀ ଏବଂ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। କୋଣାର୍କର ଜଣେ ପ୍ରସିଦ୍ଧ ମୂର୍ତ୍ତିକାର ଏବଂ ଐତିହ୍ୟ ସଂରକ୍ଷଣକାରୀ ପଦ୍ମଶ୍ରୀ ପ୍ରଭାକର ମହାରଣା ଏହି କୃତିକୁ ପ୍ରଶଂସା କରିଥିଲେ, ଯାହା ଏହାର ସାଂସ୍କୃତିକ ଗୁରୁତ୍ୱକୁ ଆହୁରି ସୁଦୃଢ଼ କରିଥିଲା। ଏହି ଅବସରରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ରଥଯାତ୍ରା କେବଳ ଏକ ଉତ୍ସବ ନୁହେଁ; ଏହା ପ୍ରଭୁ ଜଗନ୍ନାଥ ଏବଂ ଭକ୍ତଙ୍କ ମଧ୍ୟରେ ବିଶ୍ୱାସ, ସମ୍ପ୍ରଦାୟ ଏବଂ ଅନନ୍ତ ବନ୍ଧନର ଏକ ଉତ୍ସବ। ଆମେ ବାଲୁକା କଳା ମାଧ୍ୟମରେ ଏହି ପବିତ୍ର ପରମ୍ପରାକୁ ସମର୍ଥନ ଓ ପାଳନ କରି ଗର୍ବିତ, ଯାହାକି ଓଡ଼ିଶାର ସଂସ୍କୃତିରେ ଗଭୀର ଭାବରେ ରୂପାୟିତ। ବେଦାନ୍ତ ଆଲୁମିନିୟମ ପ୍ରତିବର୍ଷ ରଥଯାତ୍ରା ପାଳନକୁ ଗର୍ବର ସହିତ ସମର୍ଥନ କରିବ ସହ ଓଡ଼ିଶାର ଆଧ୍ୟାତ୍ମିକ ଏବଂ କଳାତ୍ମକ ପରିଚୟକୁ ସଂରକ୍ଷଣ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରେ। ସବୁବର୍ଷ ଭଳି ଏବର୍ଷ ମଧ ବେଦାନ୍ତ ଆଲୁମିନିୟମ ରଥଯାତ୍ରା ଏବଂ ବାହୁଡା ଯାତ୍ରା ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ଆୟୋଜନ କରିବ, ଯେଉଁଥିରେ ଅର୍ଣ୍ଣଛତ୍ର-ଭଣ୍ଡାର ମାଧ୍ୟମରେ ଖାଦ୍ୟ ବଣ୍ଟନ, ପାନୀୟଜଳ ଏବଂ ଭକ୍ତଙ୍କ ପାଇଁ ଜଳଖିଆର ବ୍ୟବସ୍ଥା କରାଯିବା ସହ ଶାନ୍ତିପୂର୍ଣ୍ଣ ଭଜନ ସନ୍ଧ୍ୟାର ମଧ ଆୟୋଜନ କରାଯିବ, ଯେଉଁଥିରେ ମହାପ୍ରସାଦ ଏବଂ ନିର୍ମାଲ୍ୟ ବଣ୍ଟନ କରାଯିବ।

## ଅସରାଏ ବର୍ଷାରେ କଣାସ ବଜାରରେ ଲହଡି ଭାଙ୍ଗୁଛି ପାଣି



କଣାସ(ଭାସ୍କର ନ୍ୟୁଜ): କେନ୍ଦ୍ର ଓ ରାଜ୍ୟ ସରକାର ରାସ୍ତାଘାଟ ନିର୍ମାଣ ଉପରେ ଗୁରୁତ୍ୱ ଦେଉଥିବା ବେଳେ ବର୍ଷାଜଳ ନିଷ୍କାସନ ଦିଗରେ ବିଭାଗୀୟ ଅଧିକାରୀ ଗୁରୁତ୍ୱ ଦେଉନଥିବାରୁ କଣାସ ବଜାରରେ ଅସରାଏ ବର୍ଷାହେଲେ ନିଷ୍କାସନ ପାଇଁ ପଥ ନଥିବାରୁ ରାସ୍ତା ଉପରେ ଲହଡି ଭାଙ୍ଗୁଛି । ରାସ୍ତା କଡରେ ନାଳା ନ ଥିବାରୁ ବହୁଦିନ ତଳେ ବର୍ଷାଜଳ ଜମି ରହୁଥିଲା । ଏ ସଂପର୍କରେ ବିଡିଓ, ତହସିଲଦାରଙ୍କୁ ଅଭିଯୋଗ କରାଯିବାରୁ ପୂର୍ବତନ କଣାସ ତହସିଲଦାର ସରକାରୀ ଜାଗାକୁ ମାଡି ଯାଇଥିବାରୁ ମାପଚୁପ କରି ଜଳ ନିଷ୍କାସନ ପାଇଁ ଜାଗା ବାହାର କରିବା ସହ ପଞ୍ଚାୟତ ପକ୍ଷରୁ ନାଳ ଖୋଳାଯାଇଥିଲା। ନାଳକୁ କେତେକ ବ୍ୟକ୍ତି ପୋତିଦେବାରୁ ବର୍ତ୍ତମାନ ବର୍ଷାଜଳ ନିଷ୍କାସନ ହୋଇପାରୁ ନଥିବାରୁ କେତେକ ବ୍ୟକ୍ତି କଣାସ ତହସିଲଦାର ହିମାଂଶୁ ଶେଖର ଗିରି ଏବଂ କଣାସ ସରପଞ୍ଚ ଭଗବାନ ସୁବୁଦ୍ଧିଙ୍କ ନିକଟରେ ପୋତା ଯାଇଥିବା ନାଳକୁ ପୁନରୁଦ୍ଧାର କରିବା ପାଇଁ ଦାବିପତ୍ର ଦେଇଛନ୍ତି । ଏ ସଂପର୍କରେ ତହସିଲଦାର ଗିରିଙ୍କୁ ପଚାରିବାରୁ ରଥଯାତ୍ରା ପରେ ପୁନଶ୍ଚ ନାଳ ଖୋଳାଯିବ ବୋଲି କହିଥିଲେ।

## ସ୍ୱାଧିନତାର ୭୭ବର୍ଷ ପରେ ବି ଗାଁରେ ମାଟିରାସ୍ତା

# ନାହିଁନଥବା ଅସୁବିଧା ଭୋଗୁଛନ୍ତି ଗ୍ରାମବାସୀ

ଫୁଲନଖରା(ଭାସ୍କର ନ୍ୟୁଜ): ବୟାଳିଶମୌଜା ଝାରକଟା ପଚାଂୟତ ଅନ୍ତର୍ଗତ ଝାରକଟା ପ୍ରାଥମିକ ବିଦ୍ୟାଳୟ ଶ୍ରୀରାମ ଗ୍ରାମ ଗୋଛାୟତ ସାହି ପର୍ଯ୍ୟନ୍ତ ୨କିମି ରାସ୍ତାଟି ସ୍ୱାଧିନତାର ୭୮ବର୍ଷ ପରେ ମଧ ମାଟି ରାସ୍ତାରେ ରହିଯାଇଛି । ବର୍ଷତମାମ ସ୍ଥାନୀୟ ବାସିନ୍ଦା ଦୁଃଖେକଷ୍ଟେ ଯା ଆସ କରନ୍ତି ମାତ୍ର ବର୍ଷାଦିନେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହୁଅନ୍ତି । ବର୍ଷାଦିନେ ରାସ୍ତା ଉପରେ ଆଣ୍ଠୁଏ ଗାତ ହୋଇଯାଉଥିବାରୁ ପଥଚାରୀମାନେ ଏଥିରେ ପଡି ବହୁ କ୍ଷତିଗ୍ରସ୍ତ ହୁଅନ୍ତି । ଭାରିଯାନ ଚଳାଚଳ ଦ୍ୱାରା ରାସ୍ତା ଆହୁରି କାଦୁଅ ହେବା ସହିତ ଛୋଟଗାଡି ବା ସାଇକେଲ ଯିବା ପାଇଁ ଅନୁପଯୋଗୀ ହୋଇପଡୁଛି । ତେବେ ଗ୍ରାମ୍ୟ ଉନ୍ନୟନ ବିଭାଗକୁସ୍ଥାନିୟ ବାସିନ୍ଦା ବହୁବାର ଏହି ରାସ୍ତା ସମ୍ବନ୍ଧରେ ଅଭିଯୋଗ ଦେଲେ ମଧ କୌଣସି ସୁଫଳ ମିଳୁନାହିଁ । ଏହି ରାସ୍ତା ଟି ପକ୍କା ରାସ୍ତା ରେ ପରିଣତ ହେଲେ ଝାରକଟା, ଅଇନୀ, ନହରପଦା, ମଣିବାଡ ଗ୍ରାମବାସୀ କଟକସହର ତଥା ଦଧିବାମନପୁର ଛକକୁ ଅତି ସୁବିଧାରେ ଯା ଆସ କରିପାରିବେ । ଏହା ସହିତ ଜଗତସିଂହପୁର ଯିବା ପାଇଁ ଶ୍ରୀରାମ, ବ୍ରହ୍ମପୁର, ଝିଙ୍କିରିଆ, ବଉଳକୁଦ, କଦମପଡା, ଦଧିବାମନପୁର ଖରିପଡିଆ ଇତ୍ୟାଦି ଗ୍ରାମର ଗ୍ରାମବାସିମାନେ ଏହି ରାସ୍ତାରେ ସୁବିଧାରେ ପରମହଂସ ବ୍ରିଜ ଦେଇ ଯାଇପାରିବେ । ରାସ୍ତାଟି ସମ୍ପୂର୍ଣ୍ଣ ପକ୍କା ରାସ୍ତା ହେବା ପରେ ବୟାଳିଶମୌଜା ମୁଖ୍ୟରାସ୍ତାରେ ମଧ ଟ୍ରାଫିକ ସମସ୍ୟା କମହେବ । ତେବେ ଦୀର୍ଘ ବର୍ଷ ଧରି ଏହି ରାସ୍ତାଟି ଏଭଳି ଅବହେଳିତ ଅବସ୍ଥାରେ ପଡି ରହିଥିବାରୁ ଆଖପାଖ ୧୦ଟି ଗ୍ରାମର ବାସିନ୍ଦାଙ୍କ ମଧ୍ୟରେ ତ୍ରୀବ ଅସନ୍ତୋଷ ଦେଖାଦେଇଛି । ବିଭିନ୍ନ ଯୋଜନା ମାଧ୍ୟମରେ ସରକାର ଗ୍ରାମାଂଚଳର ବିକାଶ କରୁଥିବା ବେଳେ କଟକସହର ଠାରୁ ମାତ୍ର ୫କିମି ବ୍ୟବଧାନରେ ଏଭଳି ମାଟିରାସ୍ତା ରହିବା ଏକ ଲଜ୍ଜାଜନକ ବିଷୟ । ଯୁଦ୍ଧକାଳୀନ ପରିସ୍ଥିତିରେ ଏହି ରାସ୍ତାଟିକୁ ପକ୍କା ରାସ୍ତା କରିବା ପାଇଁ ଝାରକଟା ଏବଂ ଶ୍ରୀରାମ ଗ୍ରାମବାସୀ ବୃନ୍ଦ କଟକସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀଙ୍କ ନିକଟରେ ଦୃଢ ଦାବି କରିଛନ୍ତି ।



# ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ




ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପିଙ୍ଗଳାକ୍ଷୀ ପବ୍ଲିକ୍ ୱେଲଫେୟାର ଅର୍ଗାନାଇଜେସନ୍ ଓ ପୁରୀ ଜିଲ୍ଲା ଅବକାରୀ ବିଭାଗର ମିଳିତ ସହଯୋଗରେ ଗୁରୁବାର ନିଶାମୁକ୍ତ ଭାରତ ଅଭିଯାନ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ପଦଯାତ୍ରାରେ ଅତିରିକ୍ତ ତହସିଲଦାର ନିରନ ନାୟକ, ନିମାପଡ଼ା ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ, ନିମାପଡ଼ା ଥାନାଧିକାରୀ ବାମଦେବ ସ୍ୱାଇଁ ଶପଥ ପାଠ ପରେ ସବୁଜ ପତାକା ଦେଖାଇ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ । ନିମାପଡ଼ା ଦୋଳବେଦୀ ଛକରୁ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରାଟି ଯାଇଥିଲା । ପଦଯାତ୍ରାରେ ସ୍ୱତନ୍ତ୍ର କଲେଜର ଶତାଧିକ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ପରିଶେଷରେ ତଳଅଣ୍ଟିଆ ସ୍ଥିତ ପିପିଡ଼ବ୍ଲ୍ୟୁଓର ପ୍ରଶାସନିକ ଭବନରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ମୁଖ୍ୟ ଅତିଥି ଭାବେ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ସାସ୍ୱତଶ୍ରିମୟ ମାର୍ଥା, ନିମାପଡ଼ା ଅବକାରୀ ବିଭାଗ ଅଧିକାରୀ ନାରାୟଣ ବେହେରା ଓ ସନ୍ତୋଷ କୁମାର ବେହେରା, ପୂର୍ବତନ ନିମାପଡ଼ା ଅତିରିକ୍ତ ଶିକ୍ଷାଧିକାରୀ ସୌଦାମିନୀ ଦାଶ, ପିପିଡ଼ବ୍ଲ୍ୟୁଓର କୋଷାଧକ୍ଷ ପଦ୍ମଲୋଚନ ମହାନ୍ତି, ପବିତ୍ର ମୋହନ ମହାପାତ୍ର ଯୋଗଦେଇ ନିଶାମୁକ୍ତ ଦେଶ ଗଠନରେ ଛାତ୍ରଛାତ୍ରୀଙ୍କ ଗୁରୁତ୍ୱ ସଂପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମକୁ ପିପିଡ଼ବ୍ଲ୍ୟୁଓର ଗୀତିନନ୍ଦା ପଟ୍ଟନାୟକ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ଜନ୍ମେଜୟ ସ୍ୱାଇଁ, ପ୍ରଜ୍ଞା ପରମିତା ପରିଡ଼ା, ସ୍ମିତାହାସ ନାୟକ, ଭବାନୀ ଶଙ୍କର ମହାରଣା ଆଦି ପରିଚାଳନା କରିଥିଲେ । ଶେଷରେ ପଦ୍ମଲୋଚନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ପରିଶେଷରେ ପିଙ୍ଗଳାକ୍ଷୀ ପବ୍ଲିକ୍ ୱେଲଫେୟାର ଅର୍ଗାନାଇଜେସନର ମୁଖ୍ୟ ଗଗନ ବିହାରୀ ଦାସଙ୍କ ଅଧକ୍ଷତାରେ ସଠିକ୍ ରୂପେ ପରିଚାଳନା ହୋଇଥିଲା ।

# ବିପଦସଂକୁଳ ଘରେ ଉପନିବନ୍ଧକ ଓ ବିବାହ ପଞ୍ଜିକରଣ କାର୍ଯ୍ୟାଳୟ

ଆଳି(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ତହସିଲରେ ଥିବା ଉପନିବନ୍ଧକ ଓ ବିବାହ ପଞ୍ଜିକରଣ କାର୍ଯ୍ୟାଳୟ ଦୀର୍ଘବର୍ଷ ହେବ ଭଙ୍ଗା ଦଦରା ବିପଦପୁର୍ଣ ଗୃହ ମଧରେ ଚାଲୁଛି । କେଉଁଠି ଘରର ଛାତରୁ ରଡ଼ ଦେଖାଗଲାଣି ତ କେଉଁଠି ଛାତରୁ ପ୍ଲାଷ୍ଟର ଖସିଲାଣି, କେଉଁଠି କାନ୍ଥ ଫାଟି ଆଁ କଲାଣି । ତାହା ତଳେ ବିପଦପୂର୍ଣ୍ଣ ଅବସ୍ଥାରେ ସରକାରୀ ଅଫିସର ମାନେ କାର୍ଯ୍ୟ ତୁଲାଉଛନ୍ତି । ବର୍ଷାରେ ଛାତରୁ ପାଣି ଗଡି ଅଫିସରେ ଥିବା କାଗଜପତ୍ର ଓଦା ହୋଇ ନଷ୍ଟ ହେବାକୁ ବସିଲାଣି ତ କେତେବେଳେ ଛାତ ଭୁଶୁଡି ପଡିବ ତାହା କହି ହେବ ନାହିଁ । ଏହି ଘର ବିପଦପୂର୍ଣ୍ଣ ଅବସ୍ଥାରେ ଥିବାବେଳେ ପ୍ରଶାସନ ନିଦରେ ଶୋଇଛି । ରାଜ୍ୟ ସରକାର କି ଜିଲ୍ଲା ପ୍ରଶାସନ ସହ ସ୍ଥାନୀୟ ନେତାଙ୍କ କାର୍ଯ୍ୟଳୟ ଉପରେ ନଜର ପଡୁନି । କାର୍ଯ୍ୟାଳୟରେ ଥିବା ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାକୁ ବସିଲାଣି । ରାଜସ୍ୱ ଭଳି ଏକ ଗୁରୁତ୍ୱ ପୂର୍ଣ୍ଣ ବିଭାଗରେ ସାଧାରଣ ଲୋକଙ୍କ ରେକର୍ଡ ପତ୍ର ଅସୁରକ୍ଷିତ ଭାବେ ପଡି ରହିଛି । ରାଜ୍ୟ ସରକାର ବିକାଶର ନାରା ଦେଉଥିବା ବେଳେ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗର ଜରାଜୀର୍ଣ୍ଣ ଅବସ୍ଥା ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି । ଏହି କାର୍ଯ୍ୟଳୟ ଦୀର୍ଘ ଦିନ ହେବ ପ୍ରତିଷ୍ଠା ହୋଇଥିବା ବେଳେ ଏ ପର୍ଯ୍ୟନ୍ତ ଏହାର ପୁନରୁଦ୍ଧାର ଆଉ ହୋଇପାରିନାହିଁ । ଏଠି ପ୍ରଶ୍ନ ଉଠେ ଯେ, ଏଭଳି ବିପଦପୂର୍ଣ୍ଣ ଅବସ୍ଥାରେ ଉପ ନିବନ୍ଧକ ଓ ବିବାହ ପଞ୍ଜିକରଣ କାର୍ଯ୍ୟାଳୟ ଘର ଭାଙ୍ଗି କିମ୍ବା ବିଜୁଳି ଘଡଘଡିରେ, ଯଦି କାର୍ଯ୍ୟାଳୟ କିମ୍ବା ସାଧାରଣ ଜନତାଙ୍କ କିଛି କ୍ଷତି ହୁଏ, ତେବେ ଏଥିପାଇଁ ଦାୟୀ କିଏ ରହିବେ ? ଏ ସମ୍ପର୍କରେ ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ରଙ୍କୁ ପଚାରିବାରୁ ସେ କୁହନ୍ତି ଉପନିବନ୍ଧକ ଓ ବିବାହ ପଞ୍ଜିକରଣ କାର୍ଯ୍ୟାଳୟ ଏକ ପୁରାତନ କୋଠାରେ ଚାଲୁଛି । ମୁଁ ଏନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇଛି ଯଥାଶୀଘ୍ର ଏହି ବିଷୟରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ।

## ଅନ୍ତର୍ଜାତୀୟ ଠକ ବୁଖାରିକୁ ୫ ବର୍ଷ ସଶ୍ରମ କାରାଦଣ୍ଡ

ବଡ଼ଚଣା(ଭାସ୍କର ନ୍ୟୁଜ): ଚଣ୍ଡିଖୋଲ କୋର୍ଟରେ ବିଚାରାଧିନ ବହୁ ଚର୍ଚ୍ଚିତ ଠକ ସୟଦ ଇଶାନ ବୁଖାରୀକୁ ଚଣ୍ଡିଖୋଲ ପ୍ରଥମ ଶେଣୀ ବିଚାର ବିଭାଗୀୟ ବିଚାରପତି ଶ୍ରୀମଇ ନନ୍ଦ ବିଚାର୍ କରି ଦୋଷୀସାବ୍ୟସ୍ତ କରି ୫ ବର୍ଷ ସଶ୍ରମ ଜେଲ ଦଣ୍ଡ ସହ ଜୋରିମାନା ଆଦେଶ ଦେଇଛନ୍ତି। ପ୍ରକାଶଥାଉ କି ୨୦୨୩ ମସିହାରେ ରାଜ୍ୟ ଏସ୍‌ଟିଏଫ୍ ଇନ୍ସପେକ୍ଟର ସରିତା ବେହୁରିଆଙ୍କ ଅଭିଯୋଗ କ୍ରମେ ଏସ୍‌ଟିଏଫ୍ କେସ ନମ୍ବର ରୁଜୁ କରି ଦଫା ୪୧୯, ୪୨୦, ୪୬୫, ୪୬୭, ୪୬୮, ୪୭୧, ୧୨୦ (ବି) ଭାରତୀୟ ପିଙ୍ଗଳ କୋଡ୍ ଓ ୬୬( ସି), ୬୬ (ଡି) ରେ ତଦନ୍ତ କରି ଗତ ତା ୧୫ ଡିସେମ୍ବର ୨୦୨୩ ରେ ଗିରଫ କରି କୋର୍ଟଚାଲାଣ କରିଥିଲା । କୋର୍ଟ ବିଚାର୍ କରି ୧୮ ସାକ୍ଷୀଙ୍କ ବୟାନ ରେକର୍ଡ କରି ଉଭୟପକ୍ଷ ଓକିଲଙ୍କ ଯୁକ୍ତି ଉପସ୍ଥାପନ ପରେ ଆସାମୀକୁ ଦୋଷୀ ସାବ୍ୟସ୍ତ କରି ପିଙ୍ଗଳ କୋଡ୍ ଦଫା ୪୧ ରେ ଏକବର୍ଷ, ୪୬୫ ଏକବର୍ଷ, ୪୬୮, ଏକ ବର୍ଷ ପଞ୍ଚ ହଜାର ଜୋରିମାନା, ୪୭୧ ଏକବର୍ଷ ଓ ୬୬ (ଡି) ଆଇଟି ଦଫା ଏକ ବର୍ଷ ସହ ଜୋରିମାନା ମୋଟ ପାଞ୍ଚ ବର୍ଷ ସଶ୍ରମ କାରାଦଣ୍ଡ ଓ ଜୋରିମାନା ଅନାଦେୟ ୬ ମାସ ଅଧିକ ଜେଲଦଣ୍ଡ ଦିଆଯାଇଛି ।

## ଦେଶୀମଦ ସହ କାର ଜବତ



ଜଳେଶ୍ୱର(ଭାସ୍କର ନ୍ୟୁଜ): ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଦେଶୀମଦ ଚୋରାଚାଲାଣ କମିବାର ନାଁ ନେଉନି। ପଶ୍ଚିମବଙ୍ଗରୁ ଓଡ଼ିଶାକୁ ପ୍ରତ୍ୟହ ବିପୁଳ ପରିମାଣରେ ଚୋରାମଦ ଚାଲାଣ ହେଉଛି। ଜଳେଶ୍ୱର ଅବକାରୀ ବିଭାଗ ଭାରପ୍ରାପ୍ତ ଅଧିକାରୀ ଜୟପ୍ରକାଶ ବେହେରା, ରେଞ୍ଜ ଅଫିସର ଅନିଲ କୁମାର ପଣ୍ଡା କୌଣସି ସୂତ୍ରରୁ ଖବର ପାଇ ରାଇବଣିଆର ମହୁଲକୁଳିରୁ ୬୦୦ ଲିଟର ଦେଶୀମଦ ଜବତ କରିଛନ୍ତି। ଏହାସହ ଏକ ଓଡି୦୧ଏ-୬୬୦୬ ନଂ ମାରୁତି ଓଲ୍ଟୋ କାରକୁ ଜବତ୍ କରିଛନ୍ତି। ଯାନରେ ଟିୟୁ ଭିତରେ ମଦ ଚାଲାଣ ହେଉଥିଲା। ସୁବର୍ଣ୍ଣରେଖାରେ ବନ୍ୟା ହୋଇଥିବରୁ ପଶ୍ଚିମବଙ୍ଗରୁ ଜଳେଶ୍ୱରକୁ ଏହି ରାସ୍ତାରେ ବ୍ୟାପକ ନିଶା ଚାଲାଣ ହେଉଛି। ଅବକାରୀ ପୋଲିସ କେସ ନଂ ୬୭/୨୫-୨୬ରେ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

# ଛତ୍ରପୁରରେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଶାଖା ଉଦ୍‌ଘାଟିତ



ଛତ୍ରପୁର(ଭାସ୍କର ନ୍ୟୁଜ): ଅଗ୍ରଣୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ନୂତନ ଶାଖା ଛତ୍ରପୁରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ନୂତନ ଶାଖାଟି ଗଞ୍ଜାମ ଜିଲ୍ଲାର ପଞ୍ଚମ ଏବଂ ରାଜ୍ୟର ୫୮ତମ ଶାଖା ଅଟେ । ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଭୁବନେଶ୍ୱର ଅଞ୍ଚଳରେ ଏହାର ଉପସ୍ଥିତିକୁ ସୁଦୃଢ କରିବା ସହ ଗ୍ରାହକଙ୍କ ନିକଟତର ହେବା ପାଇଁ ବିଭିନ୍ନ ଯୋଜନା ଘୋଷଣା କରିଛି । ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଏହି ନୂତନ ଶାଖାକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଛତ୍ରପୁର ଉପ-ଜିଲ୍ଲାପାଳ ଡଃ. ଶିବାଶିଷ ବରାଳ, ଛତ୍ରପୁର ବିଡିଓ ସମ୍ବିତ ସଂଗ୍ରାମଜିତ ସାହୁ, ଆଞ୍ଚଳିକ ପ୍ରବନ୍ଧକ ଦିଲ୍ଲିପ କୁମାର ରାଉଳ ଏବଂ ଶାଖା ପ୍ରବନ୍ଧକ ଜିବିତେଷ ପରିଡା ପ୍ରମୁଖ ଉପସ୍ଥିତ ଥିଲେ । ଆଞ୍ଚଳିକ ପ୍ରବନ୍ଧକ ଶ୍ରୀ ରାଉଳ ଭୁବନେଶ୍ୱରରେ ଶାଖା ସମ୍ପ୍ରସାରଣ ସମ୍ପର୍କରେ ନିଜର ମତ ରଖି ରାଜ୍ୟରେ ବ୍ୟବସାୟିକ ଅଭିବୃଦ୍ଧି ଓ ରଣନୀତିକ ପ୍ରାଧାନ୍ୟ ରଖୁଥିବା, ଗଞ୍ଜାମ ଜିଲ୍ଲାରେ ଆଉ ଏକ ଶାଖା ଖୋଲାଯାଇଥିବାରୁ ସେ ଅତ୍ୟନ୍ତ ଖୁସି ବୋଲି କହିଛନ୍ତି। ଶାଖା ଏବଂ ଅନ୍ୟାନ୍ୟ ଚ୍ୟାନେଲଗୁଡିକର ଦ୍ରୁତ ବିସ୍ତାରିତ ନେଟୱାର୍କ ମାଧ୍ୟମରେ ଗ୍ରାହକଙ୍କୁ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇବାରେ ଏହା ସହଯୋଗ କରିବ ବୋଲି ସେ କହିଛନ୍ତି । ଏହା ଗ୍ରାହକ ସେବାକୁ ଅଧିକ ସୁଗମ କରିବା ସହ ଋଣ ବିତରଣରେ ଉନ୍ନତି ଆଣିବ ଏବଂ ଖୁଚୁରା, କୃଷି ଓ ଏସ୍‌ଏସ୍‌ଏମ୍‌ର କ୍ଷେତ୍ର ଗୁଡିକ ପାଇଁ ଟର୍ଣ୍ଣ ଆରାଉଣ୍ଡ୍ ଟାଇମ୍ (ଟିଏଟି) ହ୍ରାସ କରିବ ଯାହା ଦ୍ୱାରା ଗ୍ରାହକ ସନ୍ତୁଷ୍ଟି ଅଧିକ ବୃଦ୍ଧି ପାଇବ।

OFFICE OF THE EXECUTIVE ENGINEER, RWS&S DIVISION, KENDRAPARA.
At : Ichhapur, Post : Shree Baladevjew, Email: eerwsskendrapara@gmail.com

TENDER CANCELLATION NOTICE

O-343

Letter No. 4044 / Dated. 25.06.2025

The NIT-25 of 2025-26 invited ONLINE vide this office letter No. 3518 /dt. 02.06.2025 closed on dt. 20.06.2025 and opened on date.21.06.2025 is hereby cancelled due to mismatching of closing and opening date as per Tender Call Notice and in the Tender portal.

Sd/- Er. B.K. Nayak
Executive Engineer
RWS&S Division, Kendrapara

OIPR 25004/11/0036/2526

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, JEYPORE (R&B) CIRCLE, JEYPORE
INVITATIONS FOR BIDS (IFB)

B-237

Bid Identification No. C.C.E.J.C (R&B) - 03/2025-26

No. 2340 Date. 21.06.2025

| | | |
|---|---|---|
| 1. | Nature of the work: | BUILDING WORKS |
| 2. | Total No. of Works: | 04 (Four) Nos. |
| 3. | Tender cost: | Rs. 1.25 to 3.63 Crs. |
| 4. | Period of completion: | 04 (Four) to 10 (Ten) Calendar Months. |
| 5. | Cost of Bid Document: | Rs. 10,000/- |
| 6. | Bid Security (EMD): | Rs. 1.25 Lacs to 3.63 Lacs as per column no. 06 of IFB. |
| 7. | Class of Contractor: | "B" & "A" Class as per Cl no. 05 of TCN & according to Financial Eligibility. |
| 8. | Date & time of availability of bid Document in the portal: | from 11.00 hours of 02.07.2025 to 17.00 hours of 16.07.2025 |
| 9. | Last date / Time for receipt of bids in the Portal: | 17.00 hours of 16.07.2025 |
| 10. | Opening date of Bid: | 10.00 hours of 17.07.2025 |
| 11. | Name and address of the Officer Inviting Bid: - | Chief Construction Engineer, Jeypore (R&B) Circle, Jeypore |

Further details can be seen from the e-procurement portal https://tendersodisha.gov.in
Any addendum / corrigendum / cancellation of tender can also be seen in the said website only.

Sd/- Chief Construction Engineer
Jeypore (R&B) Circle, Jeypore

OIPR 34108/11/0026/2526

C-596

OFFICE OF THE
BARIPADA MUNICIPAL COUNCIL, BARIPADA
Phone:-06792-252703, Fax:-06792-252703, Email:-baripadam.hud@nic.in
Website- www.baripadamunicipality.in
No: 942 Date: 24.06.2025

DTCN PART-I (TCHNICAL BID) SECTION-II
COMPETITIVE BIDDING THROUGH 'e' Procurement

The Executive Officer on behalf of Baripada Municipality, Baripada invites percentage rate bids in single cover system in **ONLINE MODE** only in conformity with Detailed Tender Call Notice (DTCN).

Bid Documents consisting of Work, Estimated Cost, Cost of Tender Paper, EMD, and time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

Tender Reference No: **BPDM-.7 of 2025-2026** Tender I.D No : **2025_ORULB_**

| Sl. No. | Description | Critical Dates |
|---|---|---|
| 1 | Procurement Officer – Publisher / Tender Inviting Authority / Bids | Executive Officer, Baripada Municipality, Baripada. |
| 2 | Name of the Work | As per DTCN |
| 3 | Nos. Of Work | As per DTCN |
| 4 | Tendered cost of the works | As per DTCN |
| (i) | Period of availability of tenders on-line for bidding | From **Dt.30/06/2025** (01.00 P.M.) to **Dt. 21/7/2025** (5.00 P.M.) |
| (ii) | Last date and time of bidding on-line (Submission of Bids) | Dt. **21/07/2025** (5.00 P.M.) |
| (iii) | Date and time of opening of the Bids received on-line | Dt. **22 /07/2025** (11.30 A.M. onwards) |
| (iv) | To be intimated later to the bidder(s) found qualified after evaluation of Technical Bids and Price Bid received on-line. | |

Detail Tender Call Notice (DTCN) may also be seen from the 'e'-procurement portal i.e. www.tendersorissa.gov.in and Baripada Municipality Website i.e. www.baripadamunicipality.in

Corrigendum or Addendum if any will not be published in newspapers and can be seen in e-procurement portal as well as in Baripada Municipality web side.

Sd/- Executive Officer,
Baripada Municipality

OIPR 13078/11/0054/2526

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପୁଅ ଭିଜିଲାନ୍ସ ଜାଲରେ

ଜଗତସିଂହପୁର(ଭାସ୍କର ନ୍ୟୁଜ): କୁଜଙ୍ଗ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଡାଟାଏଣ୍ଟ୍ରି ଅପରେଟର ଭାବେ କାର୍ଯ୍ୟ କରୁଥିବା ପୂର୍ବତନ ନିପୁର(କଲିଅଦା) ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ସ୍ୱାଇଁଙ୍କ ପୁଅ ସୂର୍ଯ୍ୟକାନ୍ତ ଭିଜିଲାନ୍ସ କବଜାରେ ପଡିଛନ୍ତି। କୁଜଙ୍ଗ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଡାଟାଏଣ୍ଟ୍ରି ଅପରେଟର ଭାବେ କାମ କରୁଥିବା ସୂର୍ଯ୍ୟକାନ୍ତଙ୍କୁ ଆକାଉଟେଣ୍ଟ ଦାଇତ୍ୱ ମଧ ଦିଆଯାଇଥିଲା। ଜଣେ ଶିକ୍ଷକଙ୍କ ହାଉସବିଲ୍ଡିଂ ଲୋନ କରାଇ ପାଇଁ ସୂର୍ଯ୍ୟକାନ୍ତ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଲାଞ୍ଚ କାରବାର ହେଉଥିବା ସମୟରେ ଦୁର୍ନୀତି ନିବାରଣ ଅଧିକାରୀ ସରୋଜଙ୍କୁ ଧରିଥିଲେ। ଭିଜିଲାନ୍ସ ପକ୍ଷରୁ ସରୋଜକାନ୍ତ ସ୍ୱାଇଁଙ୍କ କାର୍ଯ୍ୟାଳୟ ଓ ତାଙ୍କ ପୈତୃକ ଗ୍ରାମ ଜଗତସିଂହପୁର ବ୍ଲକ ଅଧିନ ଅଳସୁଧା ଘରେ ମଧ ଚଢ଼ାଉ ଚାଲିଛି।

# ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ଶ୍ରାଦ୍ଧ ଦିବସ ପାଳିତ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ୯୭ତମ ପୂଣ୍ୟତିଥି ଅବସରରେ ନିମାପଡ଼ା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଉତ୍କଳମଣୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ସାଧାରଣ ସଭା ଆୟୋଜିତ ହୋଇଯାଇଛି । ଗୋପବନ୍ଧୁ ସେବାସଂଘ ସଂପାଦକ କୃଷ୍ଣଚନ୍ଦ୍ର ପାତ୍ରଙ୍କ ପୌରାହିତ୍ୟରେ ମୁଖ୍ୟ ଅତିଥି ଭାବେ ନିମାପଡ଼ା ତହସିଲଦାର ମନୋଜ କୁମାର ପ୍ରଧାନ ଯୋଗଦେଇ ସାଂପ୍ରତିକ ସମାଜରେ ଗୋପବନ୍ଧୁ ଦାଶଙ୍କ ନୀତି ଓ ଆଦର୍ଶର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଜାଗ୍ରତ ଯୁବଶକ୍ତି ସଂଗଠନ ସଂଯୋଜକ ସମୀର ରଂଜନ ରାଉତରାୟ, ଆବାହକ ଆଦର୍ଶ ଦାଶଙ୍କ ନେତୃତ୍ୱରେ ବିଶ୍ୱଜିତ ବେହେରା, ଦେବାଶିଷ ଦାଶ, ପ୍ରଭାକର ନନ୍ଦ, ଅଜୟ କୁମାର ମିଶ୍ର, ଗଙ୍ଗାଧର ଓଝା, ରତିକାନ୍ତ ଓଝା, ପ୍ରତାପ ଚନ୍ଦ୍ର ସାବୁତ, ଅଭିରାମ ମଲ୍ଲିକ, ଅଭିଜିତ ମହାପାତ୍ର, ସନ୍ଦୀପ ଆଚାର୍ଯ୍ୟଙ୍କ ସମେତ ଶତାଧିକ ସ୍ୱାଭିମାନୀ ପୂଜ୍ୟପୂଜା ପ୍ରାଣ ବ୍ୟକ୍ତିତ୍ୱଗଣ ଯୋଗଦେଇ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଗୋପବନ୍ଧୁ ଦାଶ କେବଳ ଉତ୍କଳର ମଣି ନୁହଁନ୍ତି ବରଂ ସମଗ୍ର ବିଶ୍ୱର ମଣି ବୋଲି ମୁକ୍ତ କଣ୍ଠରେ ସର୍ବଜନ ନିର୍ବିଶେଷରେ ସ୍ୱୀକାର କରି ବିଶ୍ୱମଣି ପଣ୍ଡିତ ଗୋପବନ୍ଧୁ ଦାଶ ସମ୍ବୋଧନ ଉପରେ ଗୁରୁତ୍ୱାରୋପ କରିଥିଲେ।

# ଶିଶୁ ସୁରକ୍ଷା ଉପରେ ଆଲୋଚନାଚକ୍ର



ଡେଲାଙ୍ଗ(ଭାସ୍କର ନ୍ୟୁଜ): ଡେଲାଙ୍ଗ ପଞ୍ଚାୟତ ସମିତି ବିଜୁ ସଭାଗୃହରେ ଗତ ୨୫ ତାରିଖରେ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶିଶୁ ହସିଲେ ଦୁନିଆ ହସେ ସେମାନଙ୍କ ସୁରକ୍ଷା, ଯତ୍ନ ଓ ବିକାଶ ସମାଜ ତଥା ପିତାମାତାଙ୍କ ଉତ୍ତରଦାୟିତ୍ୱ । ସେମାନଙ୍କ ଶାରୀରିକ, ମାନସିକ, ବୌଦ୍ଧିକ ବିକାଶ କ୍ଷେତ୍ରରେ ଅନ୍ତରାୟ ହେଉଛି ଶିଶୁ ନିର୍ଯାତନା ଓ ଯୌନ ଶୋଷଣ । ଘଟଣାର ପ୍ରତିକାର ପ୍ରତିରୋଧ ତଥା ପୁନରାବୃତି ନହେବା ପାଇଁ କଟକର ସ୍ୱଚ୍ଛାସେବୀ ସଂଗଠନ ସଂଯୋଗ ଓ ପୁରୀ ଜିଲ୍ଲା ଶିଶୁ ସୁରକ୍ଷା ସମିତି ମିଳିତ ଆନୁକୁଲ୍ୟରେ ଆଲୋଚନାଚକ୍ର କରାଯାଇଥିଲା । ସଂସ୍ଥାର ସଚିବ ରୀନି ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଡେଲାଙ୍ଗ ବିଡ଼ିଓ କ୍ଷିତିସ ବେହେରା, ବ୍ଲକ୍ ଅଧକ୍ଷ ବାସନ୍ତୀ ସାହୁ, ଉପାଧକ୍ଷ ଦୁର୍ବାସା ନିଶଙ୍କ, ସିଡ଼ିପିଓ ଜାପାନି ମିତ୍ର, ବିଇଓ ଶତ୍ରୁଘ୍ନ ବେହେରା, ସଂଯୋଗ ଆଞ୍ଚଳିକ ପ୍ରଶିକ୍ଷକ ରୂପାଲି ମହାନ୍ତି, ପ୍ରକଳ୍ପ ନିର୍ଦ୍ଦେଶକ ପ୍ରସାନ୍ତ କୁମାର ବଳିୟାରସିଂହ, ଆଇଡ଼ିଏସ. ସୁପରଭାଇଜର ସଂଘମିତ୍ରା, ସୌମ୍ୟ ହୋତା, ସରୋଜିନ ବେହେରା, ଝୁନୁ ମଲ୍ଲିକ ଯୋଗଦେଇ ଶିଶୁ ସୁରକ୍ଷା ଉପରେ ଆଲୋଚନା କରି ପଞ୍ଚାୟତ ସ୍ତରରେ ସରପଞ୍ଚଙ୍କ ଦ୍ୱାରା ନିର୍ଯାତନା ରୋକିବା ପାଇଁ ଗୁରୁତ୍ୱ ଦେଇଥିଲେ ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଶ୍ରାଦ୍ଧ ଦିବସ କଂଗ୍ରେସ ଭବନ, ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି । ଏହି ଅବସରରେ ସକାଳେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ନେତାଗଣ ଗୋପବନ୍ଧୁ ଛକରେ ଥିବା ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ଭବନ ପରିସରରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଶିବାନନ୍ଦ ରାୟ, ସମୀର କୁମାର ରାଉତରାୟ, ସୁରେଶ କୁମାର ରାଉତରାୟ, ମନୋରଞ୍ଜନ ଦାଶ, ଚିନ୍ମୟ ପ୍ରସାଦ ବେହୁରା, ଖଗେଶ୍ୱର ମଲ୍ଲିକ, ସଂଜୟ ରାଉତ ପ୍ରମୁଖ ଉପସ୍ଥିତ ରହି ଗୋପବନ୍ଧୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ସାଇବର ଥାନା ପରିଦର୍ଶନ କଲେ ସୋଫିଆ



କଟକ(ଭାସ୍କର ନ୍ୟୁଜ୍): ଗୁରୁବାର ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ କଟକ କଫଲା ବଜାର ସ୍ଥିତ ସାଇବର ଥାନା ପରିଦର୍ଶନରେ ଯାଇ ସାଧାରଣ ଲୋକେ ସମ୍ମୁଖୀନ ହେଉଥିବା ଠକାମିରୁ ସୁରକ୍ଷା ପାଇଁ ଥାନାର ଅଧିକାରୀ ଓ ପଦଧିକାରୀଙ୍କ ସହିତ ସୌଜନ୍ୟମୂଳକ ଆଲୋଚନା କରିଥିଲେ । ଏହି ଅବସରରେ ଥାନାର କାର୍ଯ୍ୟପ୍ରଣାଳୀ, ଅନୁସନ୍ଧାନ କାର୍ଯ୍ୟ ଏବଂ ଉପଲବ୍ଧ ଟେକ୍ନୋଲୋଜି ସଂପର୍କରେ ବିଧାୟିକା ଅବଗତ ହୋଇଥିଲେ। ରାଜ୍ୟରେ ବଢୁଥିବା ସାଇବର କ୍ରାଇମ ବିଶେଷକରି ମହିଳା ଓ ଯୁବପିଢିଙ୍କ ପାଇଁ ଚିନ୍ତାଜନକ। ଘରେ ବସିବା ବେଳେ ଲୋକମାନେ ଠକାଯାଉଛନ୍ତି, ଯାହା ଏକ ଗମ୍ଭୀର ସମସ୍ୟା ବୋଲି ବିଧାୟିକା କହିଛନ୍ତି । ଏହା ଉପରେ ଅଧିକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ ।ସାଧାରଣ ଲୋକଙ୍କ ମଧ୍ୟରେ ସାଇବର ସୁରକ୍ଷା ବିଷୟରେ ଜ୍ଞାନ ବୃଦ୍ଧି ହେବା ଦ୍ୱାରା ଅପରାଧ ଉପରେ ନିୟନ୍ତ୍ରଣ ଅଣାଯାଇପାରିବ । ଦରକାର ମୁତାବକ ଭିତ୍ତିଭୂମିର ବିକାଶ ଏବଂ ଆବଶ୍ୟକ ଦକ୍ଷ ତାମିଲପ୍ରାପ୍ତ କର୍ମଚାରୀ ଯୋଗାଇ ଦେବାକୁ ବିଧାୟିକା ବିଭାଗୀୟ କର୍ତ୍ତୃପକ୍ଷ ତଥା ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।ଅନ୍ୟମାନଙ୍କ ମଧ୍ୟରେ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା, ବିକି ଚକ୍ରବର୍ତ୍ତୀ, ସୁରଜିତ ସାହୁ, ଶୋନୁ ସ୍ୱାଇଁ, ଦେବେନ୍ଦ୍ର ପ୍ରସାଦ ଶେଠୀ, ଶୟଦ ରାମଜନ ଅଲ୍ଲୀ, ସେକ ବାବାଯାନୀ, ସତ୍ୟଶ୍ରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଭିଜିଲାନ୍ସ ଜାଲରେ ଆର୍‌ଆଇ ଓ ଅମିନ

କଟକ(ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା କନ୍ଦରପୁର ରାଜସ୍ୱ ସର୍କଲର ଆରଆଇ ଓ ଅମିନ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଜଣେ ବ୍ୟବସାୟୀଙ୍କଠାରୁ ୧୨ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀ ଆର୍‌ଆଇ ମନୋଜ କୁମାର ବେହେରା ଓ ଅମିନ ବିଚିତ୍ରାନନ୍ଦ ଶତପଥୀ ଧରାପଡିଛନ୍ତି। ସୂଚନାଥାଉକି ଆରଆଇ ଅଫିସ ନିକଟରେ ଦୋକାନ କରିଥିବା ଜଣେ ବ୍ୟବସାୟୀ ଚାଷ ଜମିର କିସମ ପରିବର୍ତ୍ତନ କରି ଘରବାଡ଼ି ଡିହ ପଟ୍ଟା ପ୍ରଦାନ କରିବା ପାଇଁ ଆବେଦନ କରିଥିଲେ। ଉଭୟ ଆର୍‌ଆଇ ମନୋଜ କୁମାର ବେହେରା ଓ ଅମିନ ବିଚିତ୍ରାନନ୍ଦ ଶତପଥୀ ତାଙ୍କ ନିକଟରୁ ଏ ନେଇ ଟଙ୍କା ଦାବି କରି ଆସୁଥିଲେ। ବ୍ୟବସାୟୀ ଜଣକ କିଛି ଟଙ୍କା ଦେଇଥିଲେ । ଦୁଇ କର୍ମଚାରୀ ସେଥିରେ ସନ୍ତୁଷ୍ଟ ନଥିଲେ। ବ୍ୟବସାୟୀ ଜଣକ ନିରାଶ ହୋଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇ ଥିଲେ। ଭିଜିଲାନ୍ସ ଯୋଜନା ମୁତାବକ ବ୍ୟବସାୟୀ ଜଣକ ନଗଦ ୧୨ହଜାର ଟଙ୍କାର କେମିକାଲ ବୋଳା ନୋଟ ନେଇ ଆରଆଇ ଅଫିସ ନିକଟରେ ପହଞ୍ଚିଥିଲେ। ବ୍ୟବସାୟୀ ଜଣକ ଟଙ୍କା ନେଇ ଆରଆଇ ଓ ଅମିନଙ୍କୁ ଟଙ୍କା ଦେବା ମାତ୍ରେ ସେଠାରେ ଛକି ରହିଥିବା ଭିଜିଲାନ୍ସ ଟିମ ଦୁଇ କର୍ମଚାରୀଙ୍କୁ ଟଙ୍କା ସହ କାବୁ କରି ନେଇଥିଲା।

## ତାରିଣୀ ବସ୍ତ୍ରାଳୟ ଅଗ୍ନିକାଣ୍ଡରେ ଯୁବକଙ୍କ ମୃତ୍ୟୁ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ମାଆ ତାରିଣୀ ବସ୍ତ୍ରାଳୟରେ ଅଗ୍ନିକାଣ୍ଡ ଘଟଣା। ଅଗ୍ନିକାଣ୍ଡରୁ ଉଦ୍ଧାର ହୋଇଥିବା ଯୁବକଙ୍କ ମୃତ୍ୟୁ ହୋଇଛି । କ୍ୟାପିଟାଲ ହସ୍ପିଟାଲରେ ମୃତ ଘୋଷଣା କଲେ ଡକ୍ଟର। ମୃତ ଯୁବକ ପୁରୀ ଜିଲ୍ଲାର ରାକେଶ ସାହୁ। ଅଗ୍ନିଶମ ବାହିନୀ ଉଦ୍ଧାର କରି ନେଇଥିଲେ ମେଡିକାଲ। ଗୋଦାମ ଘରେ ନଥିଲା ଫାୟାର ଫାଇଟିଂ ସିଷ୍ଟମ୍।

## 'ନିଶା ରୋକିବା ପାଇଁ ଯଥେଷ୍ଟ ନୁହନ୍ତି ପୋଲିସ, ଅବକାରୀ ବିଭାଗ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନିଶାଦ୍ରବ୍ୟ ଦୁରୂପଯୋଗ ଏବଂ ବେଆଇନ ଚୋରାଚାଲାଣ ବିରୋଧୀ ଆନ୍ତର୍ଜାତୀୟ ଦିବସରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ହୋଇଛି ରାଜ୍ୟସ୍ତରୀୟ କର୍ମଶାଳା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ନିଶା ଦ୍ରବ୍ୟ ବ୍ୟବହାର ଯୋଗୁଁ କ୍ଷତି ହଉଛି। ସୁସ୍ଥ ସମାଜ ଗଠନ ପାଇଁ ଏହାର ନିବାରଣ ଆବଶ୍ୟକ। ନିଶା ସେବନ ଦ୍ୱାରା ପରିବାର ନଷ୍ଟ ହେଉଛି, ନିଶା ସେବନ ପାଇଁ ଜନ ଜାଗରଣ ଆବଶ୍ୟକ। ମୁଁ ଆଦିବାସୀ ସମାଜରୁ ଆସିଛି। ଛୋଟ ବେଳେ ଦେଖିଛି ଅନେକ ଲୋକ ନିଶାସେବନ କରି ଶିକ୍ଷା ଓ କୌଣସି ବିଷୟରେ ଅବଗତ ନାହାନ୍ତି। ଅଶାନ୍ତି ସୃଷ୍ଟି କରନ୍ତି, ସମୟ ସମୟରେ ମର୍ଡର କରନ୍ତି। ଛୋଟବେଳେ ଆମେ କେମିତି ବଞ୍ଚି ଯାଇଛୁ। ଆଦିବାସୀ ସମାଜରେ ମଦକୁ ଅତିଥି ସତ୍କାରରେ ବ୍ୟବହାର କରନ୍ତି। କଲେଜରେ ପାଠ ପଢିଲା ବେଳେ ଆଦିବାସୀ ସାହିରେ ରହିଛି, ସମସ୍ତଙ୍କ ଘରେ ମଦ ରନ୍ଧା ହୁଏ। ସେତବେଳେ ନିଶା ନିବାରଣ ପାଇଁ କାମ କରିଛି। ପୋଲିସ ଫୋର୍ସ, ଅବକାରୀ ବିଭାଗ ରହିଛି ତାସତ୍ୱେ ବି ଏସବୁ ଯଥେଷ୍ଟ ନୁହଁ ନିଶା ରୋକିବା ପାଇଁ ।


















ରାୟଗଡ଼ା, (ଭାସ୍କର ନ୍ୟୁଜ୍) : ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ୍ ଅନ୍ତର୍ଗତ ଚମ୍ପିଆ ଗ୍ରାମ ଠାରେ ରାୟଗଡ଼ା ଜିଲ୍ଲା କଳାକାର ମହାସଂଘ ପକ୍ଷରୁ କଳାକାର ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଥମେ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହିଥିବା ଜିଲ୍ଲା ସଭାପତି ସନ୍ତୋଷ କୁମାର ବଛାଙ୍କୁ ଗ୍ରାମବାସୀ ତଥା କଳାକାର ମାନେ ସ୍ୱାଗତ ଜଣେଇ ପାଛୋଟି ନେଇଥିଲେ ଏହା ପରେ କଳାକାର ସମ୍ମିଳନୀ ବୈଠକ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ କଳାକାରଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହୋଇଥଲା ଏବଂ ସରକାରଙ୍କ ତରଫରୁ କଳାକାର ମାନଙ୍କ ପାଇଁ ମିଳୁଥିବା ବିଭିନ୍ନ ସରକାରୀ ସହାୟତା ବିଷୟରେ ମୁଖ୍ୟ ଅତିଥି ବୁଝାଇ ଥିଲେ । ଆଗାମୀ ଦିନରେ କଳାକାର ମାନେ ସମସ୍ତେ ସଂଘଠିତ ହୋଇ ଆଞ୍ଚଳିକ ଭାଷା କଳା ସଂସ୍କୃତିର ପ୍ରଚାର ପ୍ରସାର କରିବା ସହ ସ୍ଥାନୀୟ ଲୋକକଳାକୁ ବଜେଇ ରଖି ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଲୋକକଳା ମହୋତ୍ସବ ପାଳନ କରିବା ନେଇ ନିଷ୍ପତି କରାଯାଉଥିଲା ଏବଂ ଏ ନେଇ ବ୍ଲକ୍ କମିଟି ଆଗାମୀ ଦିନରେ କରାଯିବ ବୋଲି ଜିଲ୍ଲା ସଭାପତି କହିଥିଲେ ଏହି କଳାକାର ସମ୍ମିଳନୀରେ ସ୍ଥାନୀୟ ସରପଞ୍ଚ କୁନି ମାଣ୍ଡାଙ୍ଗି, ସମିତି ସଭ୍ୟ ସୁଜାତା ତୁଳ ସ୍ଥାନୀୟ ବରିଷ୍ଠ କଳାକାର ତଥା ପୌରାଣିକ ନାଟ ଗୁରୁ ରାଜାରାଓ ମୁଟୁକା, ଜଣାଶୁଣା ହାସ୍ୟ ଅଭିନେତା ନାଗେଶ୍ୱର ହାରାକା, ସମାଜସେବୀ କାଳୀ ଚରଣ ପଣ୍ଡା, ରାମଚନ୍ଦ୍ର ତାଡିଙ୍ଗି, ବିକାଶ ଗାଣ୍ଡା ଏବଂ ବ୍ଲକ୍ର ବିଭିନ୍ନ ପଞ୍ଚାୟତ କଳାକାର ଉପସ୍ଥିତ ରହି ପୌରାଣିକ ନାଟ୍ୟ, ସଙ୍କୀର୍ତ୍ତନ ଓ ଆଞ୍ଚଳିକ ବାଜା ପରିବେଷଣ କରିଥିଲେ ।



# ବ୍ରିଜ୍ ଉପରେ ୩ ଫୁଟର ପାଣି, ଯାତାୟତ ଠପ୍

ପାପଡାହାଣ୍ଡି, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଜଟବାଲ ଗ୍ରାମ ଚେରଘାଟ ବ୍ରିଜ ଉପରେ ପ୍ରବାହିତ ହେଉଛି ୩ ଫୁଟର ପାଣି । ଯାନବାହାନ ଚଳାଚଳ ଠପ୍ ପଡିଥିବାରୁ ସାଧାରଣ ଧନ ଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି । ସରକାର ରାଜ୍ୟର ସମସ୍ତ ରାସ୍ତାଘାଟ ପ୍ରଶସ୍ତ କରିବା ସହ ଆବଶ୍ୟକ ସ୍ଥାନରେ ବ୍ରିଜ ଓ କଲଭର୍ଟ ସବୁ ନିର୍ମାଣ କାର୍ଯ୍ୟ ଆରମ୍ଭ ପାଇଁ ଆଦେଶ ଦେବା ପରେ । ରାଜ୍ୟରେ ରାସ୍ତା ମରାମତି କାମ ଜୋର ସୋରରେ ଚାଲିଛି । ଏହି କ୍ରମରେ ନବରଙ୍ଗପୁର ଜିଲ୍ଲାର ୨୬ ନମ୍ବର ଜାତୀୟ ରାଜପଥର ପ୍ରଶସ୍ତିକରଣ ଓ



ଜଟବାଲ ଚେରଘାଟ ଉପରେ ବ୍ରିଜ ନିର୍ମାଣ କାର୍ଯ୍ୟ ଚାଲିଥିଲା । ରାସ୍ତା କାମ ମୋଟାମୋଟି ସରିଯାଇଥିବା ବେଳେ ବ୍ରିଜ କାମ କିନ୍ତୁ ଅସମ୍ପୂର୍ଣ୍ଣ ରହିଛି । ଯାନବାହାନ ଚଳାଚଳ ପାଇଁ ବାଇପାସ ରାସ୍ତା ମଧ୍ୟ ନିର୍ମାଣ ହୋଇଥିଲା । ହେଲେ ଗତ ତିନି ଦିନ ଧରି ନବରଙ୍ଗପୁର ଜିଲ୍ଲାରେ ଲଗାଣ ବର୍ଷା ଲାଗିରହିଛି । ଫଳ ସ୍ୱରୂପ ବ୍ରିଜ ଉପରେ ୩ ଫୁଟ ପାଣି ପ୍ରବାହିତ ହେଉଛି । ବାଇପାସ ରାସ୍ତା ମଧ୍ୟ ପ୍ରଖର ପାଣିର ସ୍ରୋତରେ ଧୋଇ ଯାଇଛି । ଫଳରେ ପାପଡାହାଣ୍ଡି ଓ ନବରଙ୍ଗପୁର ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ସବୁ ସମୟରେ ଜିଲ୍ଲାର ସମସ୍ତ ବ୍ଲକର ଜନସାଧାରଣ ନବରଙ୍ଗପୁର ଜିଲ୍ଲା ସଦର ମହକୁମା ଉପରେ ନିର୍ଭର କରି ଆସୁଛନ୍ତି । ତେଣୁ ବର୍ତ୍ତମାନର ଅବସ୍ଥା ସେମାନଙ୍କୁ ଏକ ବଡ଼ ଝଟକା ଦେଇଛି । ବିଶେଷ କରି ଜଟାବାଲର ଆଖପାଖ ଗ୍ରାମରେ ବସବାସ କରୁଥିବା ଜନସାଧାରଣ ପେଟ ପାଟଣା ପାଇଁ ପାପଡାହାଣ୍ଡି ବ୍ଲକ ସଦର ମହକୁମା ଉପରେ ନିର୍ଭର କରୁଥିବାରୁ, କେମିତି ପେଟ ପାଟଣା ପାଇଁ ସେ ବ୍ଲକକୁ ଯିବେ ସେନେଇ ଚିନ୍ତା ବ୍ୟକ୍ତ କରିଛନ୍ତି ।

# ଅର୍ଦ୍ଧନିର୍ମିତ ସ୍କୁଲ ଘରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍) : ମାହାଙ୍ଗା ନିର୍ବାଚନ ମଣ୍ଡଳୀ ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ଗ୍ରାମପଞ୍ଚାୟତର ଲାଲବାଗ ସରକାରୀ ଉଚ୍ଚ ବିଦ୍ୟାଳୟର ୩ଟି ଶ୍ରେଣୀରେ ୮୭ଜଣରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି । ଏହି ଛାତ୍ରଛାତ୍ରୀଙ୍କ ନିମନ୍ତେ ୮ଜଣ ଶିକ୍ଷୟତ୍ରୀ ରହିଥିଲା ବେଳେ କୌଣସି ପିଅନ ନାହାନ୍ତି । ଏପରିସ୍ଥଳେ ଏହି ବିଦ୍ୟାଳୟ ଶ୍ରେଣୀ ଗୃହ ସମସ୍ୟା ରହିଥିବା କାରଣରୁ ପ୍ରାକ୍ତନ ମନ୍ତ୍ରୀ ପ୍ରତାପ ଜେନା ଏହି ବିଦ୍ୟାଳୟକୁ ୫ଟିରେ ସାମିଲ କରିଥିଲେ । ବିଦ୍ୟାଳୟର ନୂତନ ଗୃହ ନିର୍ମାଣ ନିମନ୍ତେ ୫୦ଲକ୍ଷରୁ ଉର୍ଦ୍ଧ ଟଙ୍କା ମଞ୍ଜୁର କରାଯାଇଥିଲା । ନିଶ୍ଚିନ୍ତକୋଇଲି ବ୍ଲକ



ପ୍ରଶାସନ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲା । ବ୍ଲକ ପ୍ରଶାସନ ତରଫରୁ ଏହି ବିଦ୍ୟାଳୟର ପୁରୁଣା ଗୃହକୁ ଭାଙ୍ଗି ଦିଆଯାଇଥିଲା । ତେବେ ନିର୍ବାଚନ ଆସିବାରୁ ବିଦ୍ୟାଳୟର ନୂତନ ଗୃହ ନିର୍ମାଣକୁ ଅଧାରୁ ବନ୍ଦ କରି ଦିଆଯାଇଥିଲା । ବିଦ୍ୟାଳୟର ୨ମହଲା ଗୃହ ବିପଦ ସଙ୍କୁଳ ଅବସ୍ଥାରେ ରହିଥିଲା ବେଳେ ବିଦ୍ୟାଳୟର କାନ୍ଥ ଫାଟି ଆଁ କରିଛି । ଅସରାଏ ବର୍ଷା ହେଲେ ଶ୍ରେଣୀ ଗୃହ ପାଣିରେ ଲହଡି ଖେଳୁଛି । ଫଳରେ ବିଦ୍ୟାଳୟର ଜରୁରୀ କାଳୀନ ସରକାରୀ କାଗଜପତ୍ର ସୁରକ୍ଷିତ ଭାବେ ରହି ପାରୁନାହିଁ । ସେହିପରି ଭାବେ ଏହି ବିଦ୍ୟାଳୟକୁ ନେଇ ଦୁଇ ପଂଚାୟତ ମଧ୍ୟରେ ରାଜନୈତିକ ବାଦ ବିବାଦ ଦେଖାଦେଇଛି । ତେବେ ପ୍ରଶାସନର ଖେଳ ଛାତ୍ର ଛାତ୍ରୀ ସର୍ବୋପରି ଶିକ୍ଷାକର୍ମଚାରୀ ମାନଙ୍କ ନିମନ୍ତେ କାଳ ପାଲଟିଥିବାର ଛାତ୍ରାଭିଭାବକ ମହଲରେ ଅଭିଯୋଗ କରାଯାଇଛି । ଅପରପକ୍ଷରେ ଏହି ବିଦ୍ୟାଳୟର ଗୃହ ସମସ୍ୟା ସମାଧାନ କରାଯାଉନଥିବା କାରଣରୁ ଦିନକୁ ଦିନ ଏହି ବିଦ୍ୟାଳୟରେ ଛାତ୍ର ଛାତ୍ରୀଙ୍କ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛି । ଅଭିଭାବକମାନେ ସେମାନଙ୍କ ପିଲାଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ଏହି ବିଦ୍ୟାଳୟରେ ନାମ ଲେଖାଇବା ନିମନ୍ତେ ଉଚିତ ମଣୁ ନଥିବାର ଅଭିଯୋଗ ହୋଇଛି । ପ୍ରଶାସନ ତରଫରୁ ତୁରନ୍ତ ଏହି ବିଦ୍ୟାଳୟର ଗୃହ ନିର୍ମାଣ କରାନଗଲେ ଆଗାମୀ ଦିନରେ ଛାତ୍ର ଛାତ୍ରୀ ସର୍ବୋପରି ଅଭିଭାବକମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ପଛାଇବେ ନାହିଁ ବୋଲି ଚରମ ଚେତାବନୀ ଦେଇଛନ୍ତି ।

# ଜୁନାଗଡ଼-ନବରଙ୍ଗପୁର ରେଳପଥ ପାଇଁ ଜମି ଅଧିଗ୍ରହଣ ନେଇ ବିଜ୍ଞପ୍ତି ପ୍ରକାଶ

ରାଇଘର, (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର-ଜୁନାଗଡ ରେଳପଥ ପାଇଁ ଜମି ଅଧିଗ୍ରହଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଭାରତ ସରକାର ରେଳ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ନବରଙ୍ଗପୁର ଜିଲ୍ଲାର ନବରଙ୍ଗପୁର ଓ କଳାହାଣ୍ଡିଜିଲ୍ଲାର ଜୁନାଗଡ ଦୀର୍ଘ ୧୧୬.୨୨ କି.ମି ନୂତନ ବ୍ରଡଗେଜ୍ ରେଳପଥ ପାଇଁ ଜିଲ୍ଲାର ୩ଟି ତହସିଲ ନବରଙ୍ଗପୁର, ନନ୍ଦାହାଣ୍ଡି ଓ ପାପଡାହାଣ୍ଡିର ୨୧ଟି ଗାଁର ୪୦୮ ଏକର ଜମି ଅଧିଗ୍ରହଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ନବରଙ୍ଗପୁର ତହସିଲର ୫ଟି ଗାଁ ଚିକିଲି, ଗୁମ୍ଭାଗୁଡା, ହାତୀବେଡା, କେଶରୀଗୁଡା, ସାନକୁମୁଲିର ଗାଁର ୬୨.୮୮୨ଏକର ଜମି । ନନ୍ଦାହାଣ୍ଡି ତହସିଲର କେବଳ ଗୋଟିଏ ଗାଁ ପଡାଲଗୁଡାରେ ୨୧.୮୮୯ ଏକର ଜମି । ସେଭଳି ପାପଡାହାଣ୍ଡି ତହସିଲର ୧୫ଟି ଗାଁ ଆଉଁଳି, ବାଙ୍କଶର୍ଗୀ, ଚନ୍ଦନପାଲା, ଧନସୁଲି, ଡକରୀ ବେଡା, ଗାଦବାକତରା, ହିର୍ଲି, ଝାଡକୁସୁମୀ, କାଳିଆଗୁଡା, ମହୁଲି, ନାକଟିଗୁଡା, ପାଇକକତରା, ପାପଡାହାଣ୍ଡି, ପାତ୍ରଗୁଡା, ତୁମ୍ବର୍ଲା ଗାଁର ୩୨୨.୭୨ ଏକର ଜମି ଜମି ସର୍ବମୋଟ ୪୦୮ ଏକର ପରିମାଣର ଜମି ଦେଇ ନବରଙ୍ଗପୁର ଠାରୁ ଜୁନାଗଡକୁ ରେଳ ସଂଯୋଗ ପାଇଁ ସର୍ଭେ କରାଯାଇଛି । ଏହି ବିଜ୍ଞପ୍ତି ଅନୁଯାୟୀ ଜମି ଅଧିଗ୍ରହଣ ପାଇଁ କୌଣସି ବ୍ୟକ୍ତିଙ୍କର ଜମିଅଧିଗ୍ରହଣ ପାଇଁ ଆପରିଅଭିଯୋଗ ଥିଲେ ବିଜ୍ଞପ୍ତି ପ୍ରକାଶନର ୩୦ ଦିନ ମଧ୍ୟରେ ସଂପୃକ୍ତ ତହସିଲଦାରଙ୍କ ନିକଟରେ ଅଭିଯୋଗ ଦାଖଲ କରିବାକୁ ସୂଚନା ଦିଆଯାଇଛି ।

# ଡମ୍ବ ସମାଜ ପକ୍ଷରୁ ପଦଯାତ୍ରା

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ଡମ୍ବ ସମାଜ ତରଫରୁ ବିଭିନ୍ନ ଦାବି ନେଇ ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକ ଠାରେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ପଦଯାତ୍ରାରେ ଖଇରପୁଟ ବ୍ଲକ ଡମ୍ବ ସମାଜ ସହିତ ମାଲକାନଗିରି ଜିଲ୍ଲାର ବିଭିନ୍ନ ବ୍ଲକର ଡମ୍ବ ସମାଜର ସଭାପତି ସହ ପୁରୁଷ, ମହିଳା ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ଡମ୍ବ ସମାଜ ବିଭିନ୍ନ ଦାବି ନେଇ ଖଇରପୁଟ ଜଗନ୍ନାଥ ମନ୍ଦିର ଠାରୁ ବାହାରି ଝଡି ବର୍ଷା ପାଣିରେ ଭିଜି ଭିଜି ବିଶାଳ ବଡ ରାଲି କରି ଦାବି ପୂରଣ ସ୍ଲୋଗାନ ଦେଇ ପୁରୁଷ, ମହିଳା ବହୁ ସଂଖ୍ୟାରେ ଖଇରପୁଟ ବ୍ଲକ ତହସିଲ୍ଦାରଙ୍କୁ ଯାଇ ଦାବି ପତ୍ର ପ୍ରଦାନ



କରିଥିଲେ । ଏଥିରେ ସେମାନଙ୍କ ଦାବି ଥିଲା ଚିଠି ନଂ ୧୮/୦୧/୨୦୧୭ କୋଡ' ଭାରତ ସରକାରଙ୍କ ଅନୁଯାୟୀ ଆଦିବାସୀ ମାନ୍ୟତା ନିମନ୍ତେ ନୂତନ ମାର୍ଗଦର୍ଶୀକା ଅନୁଯାୟୀ ମୂଳନିବାସୀ ଡମ୍ବ ମାନଙ୍କୁ ଆଦିବାସୀ ମାନ୍ୟତା ପ୍ରଦାନ କରାଯାଉ । ଜିଲ୍ଲାର ୭ ଗୋଟି ବ୍ଲକ, ଗୋଟିଏ ମୁନିସିପାଲଟି, ଗୋଟିଏ ଏନ୍ଏସିରେ ବସବାସ କରୁଥିବା ଭୂମିହୀନ ମାନଙ୍କୁ ଓଡିଶା ଭୁ ସଂସ୍କାର ଆଇନ ଅନୁଯାୟୀ ସ୍ଥାୟୀ ଭାବରେ ଥଇଥାନ କରାଯାଉ । ଜିଲ୍ଲାରେ ବସବାସ କରୁଥିବା ସମସ୍ତ ମୂଳନିବାସୀ ଶିକ୍ଷିତ ଡମ୍ବ ଯୁବତୀ ଓ ଯୁବକ ଯଗ୍ୟତା ସନ୍ତନ ସରୁକ୍ଷଣ ପ୍ରଦାନ କରାଯାଉ । ୨୦୦୬ ଜଙ୍ଗଲ ଜମି ଆଇନ ଅନୁଯାୟୀ ମୂଳନିବାସୀ ଡମ୍ବମାନଙ୍କୁ ଗୋଷ୍ଠୀଗତ ଏବଂ ବ୍ୟକ୍ତିଗତ ଅଧିକାର ନିମନ୍ତେ ପ୍ରଦାନ କରାଯାଉ । ଡମ୍ବ ଭାଷାକୁ ସରକାରୀ ବିଦ୍ୟାଳୟରେ ପାଠପଢା ନିମନ୍ତେ ମାନ୍ୟତା ପ୍ରଦାନ କରାଯାଉ । ଏହି ରାଲିରେ ଡମ୍ବ ସମାଜର ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ବ୍ଲକର ସଭାପତି ଉପସ୍ଥିତ ରହି ରାଲିକୁ ସଫଳ କରିଥିଲେ ।

# ବର୍ଷାରେ ଭିଜୁଛି ସାରସକଣା ବ୍ଲକ

ସାରସକଣା, (ଭାସ୍କର ନ୍ୟୁଜ୍) : ଆଜକୁ ତିନିଦିନ ଧରି ଲଗାଣ ବର୍ଷାରେ ବିଭିନ୍ନ ଗ୍ରାମରେ ପାଣି ଉବୁଟୁବୁ ହେଲାଣି ତ କେଉଁ ଗ୍ରାମରେ ବନ୍ୟା ହୋଇ ଗ୍ରାମର ଲୋକଙ୍କୁ ବେହାଲ କରିସାରିଲାଣି । ନିକଟରେ ନେଦା ଓ ବଣଗାଁ ଗ୍ରାମରେ ସୁବର୍ଣ୍ଣରେଖା ନଦୀ ଜଳ ଗ୍ରାମ ଭିତରକୁ ପଶିଯାଇଛି । ଲୋକ ମାନେ ଭୟ ଓ ଆଶଙ୍କାରେ ରାତି ବିତାଉଛନ୍ତି । ଫସଲ ନଷ୍ଟ ହେବାକୁ ବସିଲାଣି । ଗ୍ରାମ୍ୟ ରାସ୍ତା ଗୁଡ଼ିକ ର ମଧ୍ୟ ଅବସ୍ଥା ଗୁରୁତର । ଗୋଳିଆ ପାଣି ଖାଇ ଲୋକମାନଙ୍କର ବିଭିନ୍ନ ପ୍ରକାରର ରୋଗ ରେ ପଡ଼ିବାର ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ । ଏପଟେ ଚୋରି, ଡକାୟତି, ବଢ଼ିବାରେ ଲାଗିଛି । ନିକଟରେ ବିଭିନ୍ନ ଜାଗାରେ ଛିନ୍ତାଇ ଜୋର୍ ସୋର୍ରେ ଚାଲିଛି । ଉକ୍ତ ବ୍ଲକ୍ର ପୋକପକା ଗ୍ରାମର ପରିତ୍ୟକ୍ତ ଅଞ୍ଚଳରୁ ପିସ୍ତଲ ମଧ୍ୟ ମିଳିଛି । ତେଣୁ ଗ୍ରାମର ଲୋକ ମାନଙ୍କ ମଧ୍ୟରେ ଭୟ ଓ ଆଶଙ୍କାରେ ଗ୍ରାମବାସୀ ମାନେ ଜୀବନ ବିତାଉଛନ୍ତି । ରାତିରେ ବାହାରକୁ ଯିବା ଆସିବା ପାଇଁ ଭୟ କରୁଛନ୍ତି । ତେଣୁ ଜନସାଧାରଣଙ୍କ ସୁରକ୍ଷା ଦିଗରେ ପ୍ରଶାସନ ତରଫରୁ କିଛି ପଦକ୍ଷେପ ନେଲେ, ଗ୍ରାମବାସୀ ମାନେ ଉପକୃତ ହେବେ ବୋଲି ଆଶା ଓ ବିଶ୍ୱାସ ।

# କଣି ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଜରିପଡ଼ା ପଞ୍ଚାୟତର କଣି ସରକାରୀ ପ୍ରାଥମିକ ବିଦ୍ୟାଳୟର ୫୫ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ କନକଲତା ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଟେଟ୍ରାହେଡ୍ରେନ୍ ଗ୍ରୁପ୍ ଅଫ ଇନ୍ଷ୍ଟିଚ୍ୟୁସନର ପ୍ରତିଷ୍ଠାତା ଚେୟାରମ୍ୟାନ୍ ତ୍ରିଦେବ ବେହେରା ଯୋଗ ଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ସରପଞ୍ଚ ସଂଯୁକ୍ତା ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅମୀୟ କୁମାର ସାମଲ, ଜରିପଡ଼ା ସାଧନ କେନ୍ଦ୍ର ଅଧିନସ୍ଥ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନା, ନୀଳକଣ୍ଠ ବ୍ରହ୍ମା ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ତପନ କୁମାର ଜେନା, ସୁରେଶ ପ୍ରଧାନ, ଶିକ୍ଷୟିତ୍ରୀ ବନ୍ଦନା ମଲ୍ଲିକ ଓ ନିର୍ମଳା ରାଉତ ପରିଚାଳନା କରିଥିଲେ ।

# ବିଜୁଳିକାଟକୁ ନେଇ ଲୋକେ ହନ୍ତସନ୍ତ

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍) : ଲକ୍ଷ୍ମୀପୁର ବ୍ଲକରେ ବାର ବାର ବିଜୁଳି କାଟକୁ ନେଇ ଲୋକେ ଅତିଷ୍ଟ ହୋଇ ପଡିଲେଣି । ଏନେଇ ଉପଭୋକ୍ତାଙ୍କ ମହଲରେ ଆସନ୍ତୋଷ ଦେଖା ଦେଇଛି । ଗତ ଦୁଇ ଦିନ ତଳେ ଚମ୍ପି ପଞ୍ଚାୟତ ପୁରା ଅନ୍ଧାରରେ ଥିଲା । ଏହାକୁ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ମାରବାଇ ଗୁଡା ଗ୍ରାମରେ ପଶୁ ଶିକାର ପାଇଁ କିଛି ଦୁର୍ବୃତ୍ତ ବିଜୁଳି ତାର ବ୍ୟବହାର କରୁଥିବାରୁ ସମସ୍ୟା ଉପୁଜିଥିବା ସଫେଇ ଦେଇଥିଲେ । ଅବାଧ ପଶୁ ଶିକାର ଏକ ଜଘନ୍ୟ ଅପରାଧ ଜାଣିବି ଦୁର୍ବୃତ୍ତ କିନ୍ତୁ ଏଥିରୁ ପଛାଉ ନାହାନ୍ତି । ଯାହା ଫଳରେ ବ୍ଲକରେ ବିଜୁଳି ସମସ୍ୟା ଏବେ ମୁଖ୍ୟ ସମସ୍ୟା ରୂପେ ଛିଡା ହୋଇଛି । ତେଣୁ କରି ବନ ବିଭାଗ ଓ ବିଜୁଳି ବିଭାଗ ପୋଲିସର ସହାୟତା ନେବା ଜରୁରୀ ହୋଇ ପଡିଛି । ମଣିଷ ଜୀବନରେ ଏବେ ବିଜୁଳି ସଂଯୋଗ ଏକ ନିର୍ଦ୍ଦିଷ୍ଟ ସ୍ଥାନ ଗ୍ରହଣ କରିଥିବା ବେଳେ ବିଜୁଳି ଫେଲ ହେଲେ ନାହିଁ ନଥିବା ଅସୁବିଧା ସୃଷ୍ଟି ହେଉଛି । ଏଇ ବିଷୟ ଜାଣିବି ପ୍ରଶାସନ ଚୁପ ବସିବାକୁ ନେଇ ସବୁ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଆଇନର ଉର୍ଦ୍ଧରେ କେହି ନାହାନ୍ତି, ତେଣୁ ଆଇନ କାନୁନ କୁ ଯିଏ ଉଲଂଘନ କରୁଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଲକ୍ଷ୍ମୀପୁର ଅଞ୍ଚଳରେ ୨୪ ଘଣ୍ଟା ବିଜୁଳୀ ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି ।

# ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ୮୦ ବର୍ଷିୟା ବୃଦ୍ଧା

କାଳିମେଳା, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ଅନ୍ତର୍ଗତ ତେଲାରାଇ ଗ୍ରାମପଞ୍ଚାୟତର ଦୟାଲତଙ୍ଗ ଗ୍ରାମରେ ରହୁଥିବା ଜଣେ ୮୦ ବର୍ଷିୟା ବୃଦ୍ଧା ବାରେ ଗୁନାମା ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ଥିବା ଅଭିଯୋଗ ହୋଇଛି । ଗରିବ ବୃଦ୍ଧ ବୃଦ୍ଧା ବ୍ୟକ୍ତିଙ୍କ ବଞ୍ଚିବା ପାଇଁ ସରକାର ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନା କରିଥିଲେ ସୁଦ୍ଧା ପଞ୍ଚାୟତ କିମ୍ବା ସମିତି ପକ୍ଷରୁ ସଠିକ୍ ହିତାଧିକାରୀ



ଚୟନ ଏଠାରେ କରାଯାଇ ନାହିଁ । ଯାହା ଫଳରେ ମୌଳିକ ସୁବିଧାରୁ ବଞ୍ଚିତ ହୋଇଥିବା ପରିଲକ୍ଷିତ ହୋଇଛି । ତେଣୁ ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଚୋରି କରି ଭିକାରୁଣୀ ଚମ୍ପଟ

ଟାଙ୍ଗୀ (ଭାସ୍କର ନ୍ୟୁଜ୍) : ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ସଦରମହକୁମା ବଳରାମପୁର ସାହିରେ ରହୁଥିବା ଜନୈକ ବ୍ୟକ୍ତିଙ୍କ ଘରେ ପ୍ରବେଶ କଲେ ଭିକାରୁଣୀ । ଭିକ ମାଗିବା ବାହାନାରେ ଘରେ ପ୍ରବେଶ କରି ଗଡ଼ରେଜ୍ ଖୋଲି ଟଙ୍କା ଓ ସୁନା ଗହଣା, ବିଭିନ୍ନ ନଥିପତ୍ର ନେଇ ଚମ୍ପଟ ମାରିଛନ୍ତି । ଏଣିକି ସମସ୍ତେ ସତର୍କ ରହିବା ପାଇଁ ନିବେଦନ କରିଛନ୍ତି ଟାଙ୍ଗୀ ସରପଞ୍ଚ କିଶୋର କୁମାର ବେହେରା । ଅନ୍ୟ ପଟରେ କେତେକ ଯାଯାବର ବିଭିନ୍ନ ସ୍ଥାନରେ ଅସ୍ଥାୟୀ ବୋଡିଂ କରି ବିଭିନ୍ନ ଘରକରଣା ସାମଗ୍ରୀ ବିକ୍ରି କରିବା ବାହାନାରେ ଗାଁ-ଗାଁରେ ଘୁରି ବୁଲୁଛନ୍ତି ଏବଂ ସମୟ ସୁବିଧା ଦେଖି ଏକାକୀ ରହୁଥିବା ଘରକୁ ଟାର୍ଗେଟ କରି ଲୁଟପାଟ କରୁଛନ୍ତି ତେଣୁ ସମସ୍ତେ ଏଥିପ୍ରତି ସଜାଗ ରହିବାକୁ ଟାଙ୍ଗୀ ଥାନା ପୋଲିସ ପକ୍ଷରୁ କୁହାଯାଇଛି ।

# ଏସିଡ୍ ଆକ୍ରମଣ ରୋକିବା ନେଇ ସଚେତନତା

ଜଗତସିଂହପୁର (ଭାସ୍କର ନ୍ୟୁଜ୍): ଜଗତସିଂହପୁର ପୌରପରିଷଦ ସ୍ଥିତ ପୁରୋହିତପୁର ଉଚ୍ଚ ବିଦ୍ୟାଳୟରେ ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ନାଲସା ଯୋଜନା ଅନୁଯାୟୀ ଏସିଡ୍ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ଦିଆଯାଉଥିବା ଆଇନ୍ ସହାୟତା, ଦଣ୍ଡବିଧାନ ଆଇନ୍ ଏବଂ ଓଡ଼ିଶା ପିଡ଼ିତା କ୍ଷତି ପୂରଣ ଯୋଜନା ସମ୍ପର୍କରେ ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ପ୍ରାଧିକରଣ ସଚିବଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଛାତ୍ରଛାତ୍ରୀମାନେ ପସ୍ଥିତ ଥିଲେ । ବରିଷ୍ଠ ଶିକ୍ଷକ ସ୍ୱାଗତ ଭାଷଣ ଦେଇଥିଲେ । ପ୍ରାଧିକରଣ ସଚିବ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ଆଲୋଚନା କରିବା ସହ ଏସିଡ୍ ଆକ୍ରମଣର




ଶିକାର ହେଉଥିବା ବ୍ୟକ୍ତିଙ୍କ ପାଇଁ ବିଭିନ୍ନ ଆଇନଗତ ବ୍ୟବସ୍ଥା, ଆଇନ ସେବା ପ୍ରାଧିକରଣ ଦ୍ୱାରା ଦିଆଯାଉଥିବା ଆଇନଗତ ସହାୟତା ଏବଂ ଓଡିଶା ପୀଡ଼ିତା କ୍ଷତିପୂରଣ ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ । ତତ୍ ସହିତ ଏସିଡ୍ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି କିପରି ମାଗଣାରେ ଚିକିତ୍ସା ପାଇବା ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ପାରିବେ ଏହି ବିଷୟରେ ଛାତ୍ର ଛାତ୍ରୀମାନଙ୍କୁ ସଚେତନ କରାଇଥିଲେ । ଶେଷରେ ପ୍ରଧାନ ଶିକ୍ଷୟତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ୨୪ କଇଁଛ ଉଦ୍ଧାର, ଜଣେ ଗିରଫ

କାଳିମେଳା, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା କାଳିମେଳା ବନ ବିଭାଗ ପକ୍ଷରୁ କାଳିମେଳା ଅଞ୍ଚଳରୁ ୨୪ ଟି ଜୀବନ୍ତ କଇଁଛ ଉଦ୍ଧାର କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହେଇଛି । ବେଆଇନ ବନ୍ୟଜନ୍ତୁ ଚୋରା ଚାଲାଣ ସମ୍ବନ୍ଧରେ ବିଶେଷ ସୂଚନା ପାଇବା ପରେ ଜଙ୍ଗଲ ଏବଂ ରାଜସ୍ୱ କର୍ମଚାରୀଙ୍କ ଏକ ମିଳିତ ଦଳ କାଳିମେଳା ଅଞ୍ଚଳ ର ମାଙ୍ଗିପାଲି ଗ୍ରାମରେ ଚଢ଼ାଉ କରିଥିଲେ । ଏହି ଟିମ୍ ଏମପିଭି-୬୩ ଗାଁର ସୁବାଶ ଦେ ନାମକ ଜଣେ ବ୍ୟକ୍ତିକୁ ଗିରଫ କରିଥିଲେ । ଯିଏକି ଗୋଟିଏ ମୋଟରସାଇକେଲରେ ୨୪ ଟି ଜୀବନ୍ତ କଇଁଛ ବିକ୍ରି କରୁଥିବାର



ଦେଖିବାକୁ ପାଇଥିଲେ । ସେହି ବ୍ୟକ୍ତିଙ୍କ ଠାରୁ ୨୪ ଟି ଜୀବନ୍ତ କଇଁଛ ଉଦ୍ଧାର କରିଥିଲେ । ପୁଙ୍ଖାନୁପୁଙ୍ଖ ପଚରା ଉଚରା ପରେ ଅଭିଯୁକ୍ତଙ୍କୁ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ କୋର୍ଟରେ ହାଜର କରାଯାଇଥିଲା । କଇଁଛ ଚୋରା ଚାଲାଣ ପାଇଁ ବ୍ୟବହୃତ ଗାଡି ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଥିବା ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି କାଳିମେଳା ବନାଞ୍ଚଳ ଅଧିକାରୀ । ବନ ବିଭାଗ ମାଲକାନଗିରି ବନ୍ୟଜନ୍ତୁ ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ ଏବଂ ଏହିପରି କୌଣସି ବେଆଇନ କାର୍ଯ୍ୟକଳାପ ବିଷୟରେ ବନ ବିଭାଗକୁ ଜଣାଇବାକୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି ।

# ଚାଷୀଙ୍କ ପାଇଁ କାଳ ସାଜିଛି ପାଇପ୍ ଲାଇନ୍

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସଦର ବ୍ଲକ୍ ଢେଙ୍କାନାଳର ବଡନାଗେନା ଓ ସାନନାଗେନା ଗ୍ରାମର କୃଷକମାନଙ୍କର ସମସ୍ୟା ନେଇ ଓଡିଶା କୃଷକ ସଭାର ସଦସ୍ୟ ସରୋଜ କୁମାର ଶତପଥୀ, କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ବ୍ଲକ୍ ଚେୟାର୍ମ୍ୟାନ୍ ବିନୟ କୁମାର ସାହୁ ଓ ସ୍ଥାନୀୟ ଯୁବନେତା ବିଶ୍ୱଜିତ୍ ପାଣି ସୂଚନା ପାଇ ଏହି ଦୁଇ ଗ୍ରାମର କୃଷକମାନଙ୍କ ପାଖକୁ ଯାଇ ସେମାନଙ୍କର ସମସ୍ୟା ବୁଝିଥିଲେ । ଗ୍ରାମ ଦ୍ୱୟର ବିଜୟ କୁମାର ସାହୁ, ସମୀର ପାଣି, କୃଷ୍ଣଚନ୍ଦ୍ର ପଣ୍ଡା, ଶଙ୍କର୍ଷଣ ମହାନ୍ତି, ନିରାକାର ମହାନ୍ତି, କୃପାସିନ୍ଧୁ ମହାନ୍ତି ପ୍ରାୟ ୨୦ଜଣ ଚାଷୀ ସେମାନଙ୍କର ସମାସ୍ୟା ବାବଦରେ ଅବଗତ କରାଇଥିଲେ । ମୁଖ୍ୟ ସମସ୍ୟା ଥିଲା କୋଟପାଳରୁ ବଡ ନାଗେନା, ଭାଟକାଟେଣୀକୁ ବ୍ରାହ୍ମଣୀ ନଦୀରେ ପାଇପ୍ ପକାଇ ପାଣି ଉତ୍ତୋଳନ କରିବା, କୃଷକମାନଙ୍କ ବ୍ୟକ୍ତିଗତ ଜାଗାରେ ଜୋର ଜବରଦସ୍ତ ଭାବରେ ପାଇପ୍ ଲାଇନ୍ ଉପଯୁକ୍ତ କ୍ଷତିପୂରଣ ନଦେଇ ନେବା, ଠିକାଦର ଜୋର ଜବରଦସ୍ତ ପାଇପ୍ ବିଛାଉଥିବାବେଳେ କୃଷକମାନେ ବିରୋଧ କରିବାରୁ ଠିକାଦାର କାମ ବନ୍ଦ କରି ଚାଲିଗଲେ । କୃଷକମାନଙ୍କ ଅଭିଯୋଗ ହେଲା ପ୍ରଶାସନ କମ୍ପାନୀ ଚାପରେ କୃଷକମାନଙ୍କ ବ୍ୟକ୍ତିଗତ ଯାଗାରେ ଜୋରଜବରଦସ୍ତ ପାଇପ୍ ପକାଇବା ପାଇଁ ଚେଷ୍ଟା ଜାରି ରଖିଛନ୍ତି । ଆଉ ବଡ଼ନାଗେନା ଦେଇ ଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାର ରାସ୍ତାରେ ଖୋଳି ପାଇପ୍ ବିଛାଇ ରାସ୍ତାକୁ ଗମନାଗମନର ଅନୁପଯୋଗୀ କରିଦେଇଛନ୍ତି । ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯିବା ପାଇଁ



ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯାତାୟତରେ ଲୋକ ଘାଣ୍ଟି ହେଉଛନ୍ତି । ଆମ୍ବୁଲାନ୍ସ ଯାଇ ନପାରିବାରୁ ଏକ ଗର୍ଭବତୀ ମହିଳାକୁ ଲୋକମାନେ ଭାରକରି ଆମ୍ବୁଲାନ୍ସ ପାଖକୁ ଆଣିବାର ଲୋକମାନେ ପ୍ରକାଶ କରିଥିଲେ । ଚାଷୀମାନଙ୍କର ଅନେକ ସମସ୍ୟା ବାବଦରେ କୃଷକମାନେ ଅଭିଯୋଗ କରିଥିଲେ । ପ୍ରକାଶଥାଉକି, ଏହି ପାଇପ୍ ଲାଇନ୍ ବେଲଟିକିରିର ଛାଟିଆ ଠାରେ ଓ୍ୱାରୀ କମ୍ପାନୀକୁ ପାଣି ଯୋଗାଣ ପାଇଁ ବିଛାଯାଉଛି । ତେଣୁ କୃଷକମାନଙ୍କ ସମସ୍ୟାକୁ ଗମ୍ଭୀର ଭାବରେ ନେଇ କୃଷକମାନଙ୍କ ମତାମତ ଅନୁସାରେ ସମାଧାନ କରିବାକୁ ଆମେ ପ୍ରଶାସନ ନିକଟରେ ଅନୁରୋଧ କରୁଛୁ । ନହେଲେ ଦଳ କୃଷକମାନଙ୍କ ହିତ ପାଇଁ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବ ।

# ୨୭% ସଂରକ୍ଷଣ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବେଲପାହାଡ, (ଭାସ୍କର ନ୍ୟୁଜ୍) : ନିକଟ ଅତୀତରେ କେନ୍ଦ୍ର ସରକାର ଦେଶର ଜାତିଗତ ଜନଗଣନା କରିବାକୁ କ୍ୟାବିନେଟରେ ନିଷ୍ପତି ନେଇଥିବାରୁ ରାଜ୍ୟ ଓବିସି ମଞ୍ଚ ଓଡିଶା ତରଫରୁ ସାଧୁବାଦ ଦିଆଯାଇଛି । ଯଥାଶୀଘ୍ର ଜାତି ଜନଗଣନା କରାଇ ଓବିସିଙ୍କୁ ସ୍ୱତନ୍ତ୍ର ରୂପେ କେନ୍ଦ୍ର ଓ ରାଜ୍ୟ ସରକାର ଶିକ୍ଷା (ସରକାରୀ ଓ ବେସରକାରୀ ଅନୁଷ୍ଠାନରେ), ଚାକିରୀ (ସରକାରୀ ଓ ବେସରକାରୀ କ୍ଷେତ୍ରରେ) ତଥା ରାଜନୀତିରେ ସମାନୁପାତିକ ପ୍ରତିନିଧତ୍ୱ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବେଲପାହାଡ ପୌରାଧିକାରୀଙ୍କ ମାଧ୍ୟମରେ ବୁଧବାର ଦିଆଯାଇଥିବା ପତ୍ରରେ ଉଲ୍ଲେଖ ଅଛି । ପୁନଃ ୧୪ ମଇ ୨୦୨୫ ଦିନ ଓଡିଶା ରାଜ୍ୟ ସରକାର ଏସ୍ଇବିସିଙ୍କୁ ସରକାରୀ ଉଚ୍ଚଶିକ୍ଷାରେ ୧୧.୨୫% ସଂରକ୍ଷଣ ଘୋଷଣାକୁ ରାଜ୍ୟ ଓବିସି ମଞ୍ଚ ସ୍ୱାଗତ କରିଛି । ଏହାଦ୍ୱାରା ଏସ୍ଇବିସି ଛାତ୍ର ଓ ଯୁବକମାନେ ଶିକ୍ଷା ଓ ଚାକିରୀ କ୍ଷେତ୍ରରେ କିଛି ଉପକୃତ ହେବେ ବୋଲି କୁହାଯାଇଛି । କିନ୍ତୁ ଦୁଃଖର ବିଷୟ ଯେ ଓଡିଶା ରାଜ୍ୟ ସରକାର ମଣ୍ଡଳ କମିସନ ସୁପାରିଶ ଲାଗୁ ହେବା ଦିନ ଠାରୁ ଏଯାବତ୍ ୩୧ ବର୍ଷ ହେଲା ଓବିସିଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଶୂନ ସଂରକ୍ଷଣ ଦେଇ ଅଣଦେଖା କରି ଆସୁଛନ୍ତି । ଓବିସି ସଂଗଠନ ପକ୍ଷରୁ ସ୍ପଷ୍ଟ କୁହାଯାଇଛି କି ଏସ୍ଇବିସି ସଂରକ୍ଷଣ ଓବିସି ସଂରକ୍ଷଣ ନୁହେଁ । କାରଣ ରାଜ୍ୟରେ ଦୁଇଟି ପଛୁଆ ବର୍ଗ ତାଲିକା ରହିଛି ଓ ଏହି ଦୁଇ ତାଲିକା ସମାନ ନୁହେଁ । ଯଥା– ୧) ଓବିସି, ମଣ୍ଡଳ କମିଶନ ନିର୍ଦ୍ଧାରିତ ଓଡିଶାର ୨୦୦ଟି ଜାତିକୁ ନେଇ ପଛୁଆ ବର୍ଗ ତାଲିକା ଓ ୨) ଏସ୍ଇବିସି, ଯାହା ଓଡିଶା ରାଜ୍ୟ ସରକାର ଗଠିତ ଦାସ କମିଶନ ନିର୍ଦ୍ଧାରିତ ୨୧୦ଟି ଜାତିବିଶିଷ୍ଟ ତାଲିକା, ଯେଉଁଥିରେ ୨୦୦ଟି ଓବିସି ଜାତି ତାଲିକା ସହ ୧୦ଟି ଅଣଓବିସି, ସାଧାରଣ ବର୍ଗର ଜାତିଙ୍କୁ ଯୋଡାଯାଇଛି । ଅର୍ଥାତ୍ ଏସ୍ଇବିସି ହେଲା ଓବିସି ଯୁକ୍ତ ୧୦ଟି ସାଧାରଣ ବର୍ଗର ଜାତି । ଫଳରେ ଏସ୍ଇବିସି ବର୍ଗରେ ଓବିସି ଯୁବକଙ୍କୁ ସରକାରୀ ଚାକିରୀଟିଏ ପାଇବାକୁ ହେଲେ ଅଣଓବିସି, ସାଧାରଣ ବର୍ଗର ଯୁବକଙ୍କ ସହ ପ୍ରତିଦ୍ୱନ୍ଦିତା




କରିବାକୁ ହେଉଛି ଓ ସେମାନେ ବିଫଳ ହେଉଛନ୍ତି । ପୁଣି ଏହି ଏସ୍ଇବିସି ବର୍ଗରେ ଓବିସି ଛାତ୍ରଙ୍କୁ ଉଚ୍ଚଶିକ୍ଷାରେ ସିଟ୍ ଟିଏ ପାଇବାକୁ ଅଣଓବିସି ସାଧାରଣ ବର୍ଗର ଛାତ୍ରଙ୍କ ସହ ପ୍ରତିଯୋଗୀତା କରିବାକୁ ପଡିବ ଏବଂ ବିଫଳ ହେବେ । ତେଣୁ ଏସ୍ଇବିସିରେ ଥିବା ଅଣଓବିସିମାନେ ସବୁ ଆରକ୍ଷଣକୁ ହାତେଇ ନେବା ସ୍ୱାଭାବିକ । ଅର୍ଥାତ୍ ଓବିସି ପିଲା ଓଡିଶାରେ କେବଳ ଜାତି ସାର୍ଟିଫିକେଟ ପାଉଥିବେ, କିନ୍ତୁ ଚାକିରୀ ନୁହେଁ କି କଲେଜରେ ସିଟ ବି ନୁହେଁ । ଉଚ୍ଚଶିକ୍ଷାରେ ସଂରକ୍ଷଣ ଲାଗୁହେଲେ ବି ସେହି ସମାନ ଦଶା ହିଁ ହେବ । ଏହି ସାଧାରଣ ମାନସାଙ୍କକୁ ଜାଣିଶୁଣି ସବୁ ରାଜନୈତିକ ଦଳର ସରକାର ମାନେ ନବୁଝିଲା ପରି ଓବିସିଙ୍କୁ ତାଙ୍କର ସାମ୍ବିଧାନିକ ହକ୍ରୁ ବେଦଖଲ କରି ଆସୁଛନ୍ତି । ଏହା କଟୁ ହେଲେ ବି ସତ୍ୟ । ତେଣୁ ଓଡିଶା ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି ଯେ ଦୀର୍ଘଦିନ ଧରି ଅବହେଳିତ ହୋଇ ଆସିଥିବା ଓଡିଶାର ଓବିସି ଛାତ୍ର ଓ ଯୁବକଙ୍କୁ ଏସ୍ଇବିସି ଠାରୁ ଅଲଗା କରି ହାଲକୁ ଅନ୍ୟୁନ ୨୭% ଆରକ୍ଷଣ ଦିଅନ୍ତୁ । ଓବିସିଙ୍କ ପାଇଁ ୫୦% ସଂରକ୍ଷଣ ସୀମାରେଖା ପ୍ରଯୁଜ୍ୟ ନୁହେଁ । କାରଣ ମାନ୍ୟବର ସୁପ୍ରିମକୋର୍ଟଙ୍କ ଅନେକ କେସ୍ରେ ଫଇସଲା ହୋଇଛି ଯେ ଯେଉଁ ବର୍ଗ ସର୍ତ ପୂରଣ କରୁଥିବେ ତାଙ୍କୁ ଆରକ୍ଷଣ ଦେବାରେ ୫୦% ସୀମାରେଖା ବାଧକ ନୁହେଁ । ରାଜ୍ୟ ସରକାର ନିଜେ ସୃଷ୍ଟି କରିଥିବା ଏସ୍ଇବିସି ସପକ୍ଷରେ ରାଜ୍ୟ ଟ୍ରିବ୍ୟୁନାଲ ତଥା ହାଇକୋର୍ଟରେ ତଥ୍ୟ ଦେଇ ପାରିଲେ ନାହିଁ ବୋଲି ଏସ୍ଇବିସିଙ୍କ ୨୭% ସଂରକ୍ଷଣ କାଟ ଖାଇଲା । ସରକାର ସୃଷ୍ଟି କରିଥିବା ସେହି ଅଣଓବିସି ୧୦ଟି ଜାତିକୁ ଅଲଗା ସଂରକ୍ଷଣ ଦେବାରେ ରାଜ୍ୟ ସରକାରଙ୍କୁ କୌଣସି ବାଧା ନାହିଁ । ଏପରି ଦୁଇ ପ୍ରକାର ପଛୁଆ ବର୍ଗ ସଂରକ୍ଷଣ ତାମିଲନାଡୁ ତଥା ବିହାରରେ ଦିଆଯାଉଛି । ଏଣୁ ଏଣିକି ଏସ୍ଇବିସି ନାମରେ ଓବିସିଙ୍କୁ ପ୍ରତାରିତ ନ କରିବାକୁ ଅନୁରୋଧ କରାଯାଇଛି । ଏସ୍ଇବିସି ସଂରକ୍ଷଣ ୧୧.୨୫% ରୁ ବଢାଇ ୨୭% ଅଥବା ତାର ଦୁଇଗୁଣା ୫୪% ସଂରକ୍ଷଣ ଦେଲେ ବି ଓବିସିମାନେ ଯେଉଁ ଶୂନକୁ ସେଇ ଶୂନ ହିଁ ପାଇବେ ବୋଲି ଓବିସି ସଂଗଠନ ପକ୍ଷରୁ କୁହାଯାଇଛି ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଅଷ୍ଟଶମ୍ଭୁ ମନ୍ଦିରରେ ବିଜେପି ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ୫୬ତମ ଜୟନ୍ତୀ ଅବସରରେ ତାଙ୍କର ଶୁଭ ମନାସି ଠାକୁରଙ୍କ ନିକଟରେ ୨୧ଗୋଟି ଦୀପ ଦାନ କରି ଦୀର୍ଘାୟୁ କାମନା କରାଯାଇଛି। ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଯଶସ୍ୱୀ ରାଉତଙ୍କ ନେତୃତ୍ୱରେ କୁଆଳୋ ସରପଞ୍ଚ ଅଜିତ କୁମାର ସାହୁ, ୧ନଂ ମଣ୍ଡଳ ସଭାପତି ବୈଷ୍ଣବ ନାଥ, ବରିଷ୍ଠ ନେତା ଶରତ ଚନ୍ଦ୍ର ସାହୁ, ସନ୍ତୋଷ ରାଉତ, ଅନିଲ କୁମାର ଭୁଟିଆଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ମନ୍ଦିରରେ ହେଉଥିବା କାର୍ଯ୍ୟକ୍ରମରେ ସାମିଲ ହୋଇ ଶୁଭ କାମନା କରିବା ସହିତ ଜନ୍ମଦିନ ଅବସରରେ କିଛି ଚାରାରୋପଣ କରିଥିଲେ। ପରେ ସେହି ଜନ୍ମଦିନ ଅବସରରେ ୨ନଂ ଜୋନ୍‌ର ପରଜଙ୍ଗ ପାଣି ପଞ୍ଚାୟତ ସଭା ଗୃହ ଠାରେ ଭାରତୀୟ ଜନତା ଯୁବ ମୋର୍ଚ୍ଚା ପରଜଙ୍ଗ ସହଯୋଗରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଯୋଗ ଦେଇଥିବା ବେଳେ, ରକ୍ତଦାନ ମହତ ଦାନ ଭାବେ ଜନ୍ମଦିନରେ ଜନପ୍ରିୟ ଜନନେତାଙ୍କୁ ଅଭିନନ୍ଦନ ଓ ଶୁଭକାମନା ଜଣାଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ କେନ୍ଦ୍ରର ଟେକ୍ନିକାଲ ଟିମ୍‌ଙ୍କ ଦ୍ୱାରା ୬୭ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଅନ୍ୟତମ ଅତିଥିଭାବେ ଶିବିରରେ ସମିତି ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧ୍ୟକ୍ଷା ଶ୍ରୀମତୀ ରାଉତ ଯୋଗ ଦେଇଥିବା ବେଳେ ନାରୀନେତ୍ରୀ ବନଲତା ମହାନ୍ତି, ୨ନଂ ଜୋନ ମଣ୍ଡଳ ସଭାପତି ବିବସ୍ତ ପ୍ରଧାନ, ଦୀପକ ଗୋଛାୟତ, ସନ୍ତୋଷ ସାହୁ, ରାଜା ଦାସଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଓ ଯୁବ ମୋର୍ଚ୍ଚା ସଦସ୍ୟ ମାନେ ଶିବିରକୁ ସହଯୋଗ କରିଥିଲେ।

## କେନାଲବନ୍ଧ ରାସ୍ତା ଶୋଚନୀୟ, ଆନ୍ଦୋଳନ ପାଇଁ ଚେତାବନୀ





ଏରସମା (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା-ଚଟୁଆ ୫୫ନଂ ଜାତୀୟ ରାଜପଥରୁ କୁଜଙ୍ଗ ବ୍ଲକ୍ ଅଞ୍ଚଳର ରାହାମା ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ୧୩ସି ରାସ୍ତା ଏବେ ଶୋଚନୀୟ ହୋଇପଡିଛି। ଏରସମା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଥିବା ଉକ୍ତ ରାସ୍ତାର ରକ୍ଷଣାବେକ୍ଷଣ ଅଭାବରୁ ଦୀର୍ଘଦିନ ଧରି ଗମନାଗମନ କ୍ଷେତ୍ରରେ ଘୋର ସମସ୍ୟା ଦେଖାଦେଇଛି। ବିଶେଷ କରି ୫୫ନଂ ଜାତୀୟ ରାଜପଥରୁ ନୂଆଡିହି ପଞ୍ଚାୟତ ଅଞ୍ଚଳ ପର୍ଯ୍ୟନ୍ତ ଚଳିତ ବର୍ଷାରେ ରାସ୍ତା ଶୋଚନୀୟ ହୋଇ ପଡ଼ିବାରୁ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ ଚଳିତ ବର୍ଷା ଋତୁ ପୂର୍ବରୁ ଏହି ରାସ୍ତାର ମରାମତି ପାଇଁ ଗତ ନଭେମ୍ବର ମାସରେ ଜିଲ୍ଲପାଳଙ୍କୁ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ଗତ ମାର୍ଚ୍ଚ ମାସରେ ଏରସମା ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ଓ ପରେ ଏରସମା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରାଯାଇଥିଲା। ପରବର୍ତ୍ତୀ ସମୟରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମଧ ଅଭିଯୋଗ କରାଯାଇଛି। ମାତ୍ର ଏ ସମସ୍ତ ଅଭିଯୋଗ ପରେ ମଧ କୌଣସି ଅଭିଯୋଗ ଗ୍ରହଣ କରାଗଲା ନାହିଁ ଚଳିତ ବର୍ଷା ଋତୁ ଆସିବାରୁ ଏହି ରାସ୍ତା ବର୍ତ୍ତମାନ ମରଣଯନ୍ତା ପାଲଟିଛି। ଉକ୍ତ ପିଚୁ ରାସ୍ତାରେ ଆଉ ପିଚୁର ନାଁ ଗନ୍ଧ ନାହିଁ। ସମଗ୍ର ରାସ୍ତାର ଉଭୟ ପାର୍ଶ୍ୱ ଦବିଯାଇ ୬ଇଞ୍ଚ ଖାଲ ଖମା ହୋଇ ପାଣି ଜମି ରହିବା ସହିତ ରାସ୍ତା ଶୋଚନୀୟ ହୋଇପଡିଛି। ଏରସମା ବ୍ଲକ ମୁଖ୍ୟ କାର୍ଯ୍ୟାଳୟ ତଥା ବାଇଳ ହାଟ, ରାହାମା ରେଲୱେ ଷ୍ଟେସନ ଓ ରାହାମା ବଜାରକୁ ଯିବା ପାଇଁ ପଞ୍ଚାୟତ ଅଞ୍ଚଳର ଦଶୀପୁର, ଜଳଉ, ଉଇଁଚ, ମହିମାଦେଇପୁର, ନୂଆଡିହି, କିଆଡିଂ, ବ୍ରାହ୍ମଣସାହି ଓ ପାଇକସାହି ଆଦି ଗ୍ରାମର ଜନସାଧାରଣଙ୍କ ଏହି ରାସ୍ତାଟି ମୁଖ୍ୟ ଗମନାଗମନ ହୋଇଥିବାରୁ ବର୍ତ୍ତମାନ ରାସ୍ତାର ଏପରି ଶୋଚନୀୟ ଅବସ୍ଥାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଚୁକ୍ତି ଅନୁଯାୟୀ ସମ୍ପୃକ୍ତ ଠିକା ସଂସ୍ଥା ୫ବର୍ଷ ପର୍ଯ୍ୟନ୍ତ ରାସ୍ତାର ରକ୍ଷଣା ବେକ୍ଷଣ କରିବେ। ମାତ୍ର ସମ୍ପୃକ୍ତ ଠିକା ସଂସ୍ଥା ପରବର୍ତ୍ତୀ ସମୟରେ ରାସ୍ତାର କୌଣସି ମରାମତି କାର୍ଯ୍ୟ ନକରିବାରୁ ଦୀର୍ଘ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଗମନାଗମନ କ୍ଷେତ୍ରରେ ଘୋର ସମସ୍ୟା ଦେଖାଦେଇଛି। ଏରସମା ଗ୍ରାମ୍ୟ ଉନ୍ନୟନ ବିଭାଗର ଖାମ ଖିଆଲ ନୀତି ଓ ଲାଞ୍ଚ ଖୋର ମନୋବୃତ୍ତିକୁ ନେଇ ରାସ୍ତା ଶୋଚନୀୟ ହୋଇଥିବାରୁ ସମାଜସେବୀ ପାଣୁ ନାୟକ, ବଳରାମ ଜେନା, ଜଗବନ୍ଧୁ ବିଶ୍ୱାଳ, ସଞ୍ଜୟ ଲେଙ୍କା ପ୍ରମୁଖଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ପାଟନାଳୀ ପୋଲକୁ ନାହିଁ ସଂଯୋଗୀକରଣ ରାସ୍ତା

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ କାଉପଡ଼ା ପଞ୍ଚାୟତ ଅନ୍ତର୍ଗତ ଥକେଇନେଉଳି ଗ୍ରାମ ମଧ ଦେଇ ଯାଇଥିବା ୨୧ନଂ ପାଟନାଳୀ ଉପରେ କେନ୍ଦ୍ରାପଡ଼ା (ରାସ୍ତା ଓ କୋଠାବାଡ଼ି) ବିଭାଜନ-୨ ପକ୍ଷରୁ ଏକ ପୁରୁଣା ପୋଲକୁ ଭାଙ୍ଗି ଏକ ନୂତନ ପୋଲ ନିର୍ମାଣ କରାଯାଇଛି। ହେଲେ ଏହି ପୋଲଟି ନିର୍ମାଣ ସରିଥିଲେ ମଧ ଠିକାଦାର ଜଣକ ଅଦ୍ୟାବଧି ପୋଲକୁ ସଂଯୋଗୀକରଣ ରାସ୍ତା ନିର୍ମାଣ କରିନାହାଁନ୍ତି। ଫଳରେ ସ୍ଥାନୀୟ ୪ଟି ପଞ୍ଚାୟତର ଅଧିବାସୀ ହୀନସ୍ତା ହେଉଛନ୍ତି। ଘଟଣାରୁ ପ୍ରକାଶ କେନ୍ଦ୍ରାପଡ଼ା-ଗୋଲରାହାଟ ରାସ୍ତା ଉପରେ କାଉପଡ଼ା ପଞ୍ଚାୟତର ଥକେଇନେଉଳି ଗ୍ରାମ ଠାରେ ଦୀର୍ଘଦିନରୁ ରହିଥିବା ଯାତାୟତ ଅନୁପଯୋଗୀ ଅଣ ଓସାରିଆ ପୋଲଟି ସ୍ଥାନରେ ଏକ ନୂତନ ଓସାରିଆ ପୋଲ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଆସୁଥିଲେ। ଫଳରେ ସରକାରଙ୍କ ପକ୍ଷରୁ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ଦ୍ୱାରା ଟେଣ୍ଡର କରାଯାଇ ଜଣେ ଠିକାଦାରଙ୍କୁ ଏହି ପୋଲ ନିର୍ମାଣ ପାଇଁ



### ହୀନସ୍ତାରେ ୪ ପଞ୍ଚାୟତବାସୀ

ଦାୟିତ୍ୱ ଦିଆଯାଇଥିଲା ହେଲେ ଠିକାଦାର ଜଣକ ପୁରୁଣା ପୋଲ ଭାଙ୍ଗି ନୂତନ ପୋଲ ନିର୍ମାଣ କରି ସାରିଲେଣି। ହେଲେ ଅଦ୍ୟାବଧି ଏହି ପୋଲ ନିର୍ମାଣର କୌଣସି ସୂଚନା ଫଳକ ନିର୍ମାଣ ସ୍ଥଳରେ ଲଗାଯାଇ ନାହିଁ। ଗ୍ରାମବାସୀଙ୍କ ଠାରୁ ପ୍ରକାଶ ଯେ, ଏହି ପୋଲ ନିର୍ମାଣ ଦିନ ଠାରୁ ଠିକାଦାର ଜଣକ ସ୍ଥାନୀୟ ପଞ୍ଚାୟତବାସୀଙ୍କ ଚଳାଚଳ ନିମନ୍ତେ ଅସ୍ଥାୟୀ ରାସ୍ତା ସଠିକ୍ ଭାବେ ନିର୍ମାଣ କରିନାହାଁନ୍ତି। ଫଳରେ କେନ୍ଦ୍ରାପଡ଼ା-ଗୋଲରାହାଟ ରାସ୍ତା ଉପରେ ନିର୍ଭରଶୀଳ କାଉପଡ଼ା, ଗୋଲରାହାଟ, ଖମୋଳ, ଚାଟରାଚକଡ଼ା ଓ ଗୁଆଳସିଂ ପଞ୍ଚାୟତର ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଠିକାଦାର ଜଣକ ପାଟନାଳୀ ଭିତରେ ର' ଠ' ଭାବେ ନିର୍ମାଣ କରିଥିବା ପାଦଚଲା ରାସ୍ତାଟି ସାମାନ୍ୟ ଲଘୁଚାପ ବର୍ଷା ହେଲେ ବୁଡ଼ି ଯାଉଛି। ଯାହାଫଳରେ ସ୍ଥାନୀୟ ଲୋକମାନେ ଓ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟକୁ ଯିବା ପାଇଁ ପାଖାପାଖି ୩ରୁ ୪ କିଲୋମିଟର ବାଟ ବୁଲି ଯିବାକୁ ପଡୁଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଆଗକୁ ଲଘୁଚାପ ଜନିତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ପାଟନାଳୀରେ ପାଣି ଆସିଲେ ନିର୍ମାଣ ହୋଇଥିବା ପାଦଚଲା ରାସ୍ତା ପାଣିରେ ଭାସିଯିବାର ସମ୍ଭାବନା ଅଛି। ଏଥିସହିତ ଏହି ରାସ୍ତାଟି କେନ୍ଦ୍ରାପଡ଼ା କଲେଜ ଛକରୁ ବାହାରି ଡେରାବିଶ ବ୍ଲକ ବାଟ ଦେଇ ଗୋଲରାହାଟ ପର୍ଯ୍ୟନ୍ତ ଯାଇଛି। ଏହି ରାସ୍ତାରେ ଦୈନିକ ବହୁ ଦୁଇଚକିଆ, ଚାରିଚକିଆ ଓ ମାଲବାହୀ ଯାନ ମଧ ଚଳପ୍ରଚଳ ହୋଇଥାଏ। ଠିକାଦାର ଜଣକ କେବଳ କାଉପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପୂର୍ବରୁ ଏକ ଚାରିଚକିଆ ଯାନ ପ୍ରବେଶ ନିଷେଧ ଲେଖାଥିବା ଛୋଟିଆ ବ୍ୟାନରଟି ମାରି କାମ ସାରି ଦେଇଛନ୍ତି। ଫଳରେ ବହୁ ଚାରିଚକିଆ ଯାନ ଚାଳକଙ୍କର ଏହି ଛୋଟିଆ ବ୍ୟାନର ଉପରେ ନଜର ନପଡ଼ି ସେମାନେ ଗ୍ରାମ ଭିତରକୁ ପଶି ଫେରିବାକୁ ବହୁ କଷ୍ଟ ଭୋଗ କରୁଛନ୍ତି। ତେଣୁ ତୁରନ୍ତ ନବନିର୍ମିତ ପାଟନାଳୀ ପୋଲକୁ ସଂଯୋଗୀକରଣ ରାସ୍ତା ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ପାଳିତ



ଚାନ୍ଦବାଲି (ଭାସ୍କର ନ୍ୟୁଜ୍) : ଚାନ୍ଦବାଲିରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ୯୭ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ସେବକ ଶିରୋମଣି, ସେବା ଓ ତିତିକ୍ଷାର ପ୍ରତୀକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପୁଣ୍ୟତିଥିକୁ ଗୁରୁବାର ସକାଳ ୯ ଘଟିକା ସମୟରେ ଚାନ୍ଦବାଲି ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ଥିବା ପ୍ରତିମୂର୍ତ୍ତି ନିକଟରେ ସମାଜସେବୀ, ଶିକ୍ଷକ, ଆଇନଜୀବୀ, ରାଜନେତା, ସାମ୍ବାଦିକ ଓ ବୁଦ୍ଧିଜୀବୀ ଏକତ୍ର ହୋଇ ଉତ୍କଳମଣିଙ୍କ ଶ୍ରାଦ୍ଧ ଦିବସ ପାଳନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଚାନ୍ଦବାଲି ବିଡ଼ିଓ ସଂଜୀବ କୁମାର ମହାପାତ୍ର ଯୋଗ ଦେଇ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ଉତ୍ତରୀୟ ଓ ପୁଷ୍ପମାଲ୍ୟ ଦେବା ସହ ଉତ୍କଳମଣିଙ୍କ ତ୍ୟାଗ ପୂର୍ଣ୍ଣ ଜୀବନୀ ବିଷୟରେ ଆଲୋଚନା କରି ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେବାକୁ କହିଥିଲେ। ଏହି ଅବସରରେ ପାଠକ ମଞ୍ଚ ପକ୍ଷରୁ ମହାନ୍ ଦେଶ ସେବକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ଭାରତରତ୍ନ ଉପାଧି ପ୍ରଦାନ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ଅମୁଲ୍ୟ ରାଉତ, ପ୍ରଫୁଲ୍ଲ ଦାସ, ଉପେନ୍ଦ୍ର ରାଉଳ, ଭାସ୍କର ସାମ୍ବାଦିକ ସୁବ୍ରତ ରାୟ, ପ୍ରଭାଷ ସୁଭଦର୍ଶନୀ ମହାନ୍ତି, ତାରାପଦ ମହାନ୍ତି, ଦିଲୀପ ରାଉତ, ବିଶ୍ୱନାଥ ସୁତାର, ମାଧବାନନ୍ଦ ଓଝା, ସବ୍ୟସାଚୀ ମହାନ୍ତି, ଜଗନ୍ନାଥ ରାଉତ, ବିଶ୍ୱଭୂଷଣ ରଣା, ସନ୍ତୋଷ ବାରିକ, ରାଜନାରାୟଣ ନାୟକ, ପ୍ରଶାନ୍ତ ଦାଶ, ସାଗର ସାହୁ, ପ୍ରଶାନ୍ତ ବେହେରା, କିଷାନ ପାତ୍ର, ସମ୍ବିତ ମହାନ୍ତି, ଅଭୟ ସାମଲ, ବିଶ୍ୱମୋହନ ଜେନା, କିଶୋର ଦାସ, ଶାନ୍ତି ଭୂଷଣ ବିଶ୍ୱାଳ, ସୁମନ୍ତ ପଟ୍ଟନାୟକ, ଗୌରହରୀ ବଳ, ଅଶୋକ କର ଓ ଅକ୍ଷୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ନିତ୍ୟ ପ୍ରକାଶ ବେହେରା ସମସ୍ତଙ୍କୁ ଧନ୍ୟବାଦ ଜଣାଇ ଥିଲେ।

## ଶଖୁଲା ଗଛ ହଟାଇବାକୁ ପ୍ରଶାସନ ପକ୍ଷରୁ ପଦକ୍ଷେପ

ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଠାରେ ଓ କଟା ବାହାଲ ନିକଟରେ ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ଥିବା ଦୁଇଟି ଶୁଖିଲା ଗଛକୁ ତୁରନ୍ତ ହଟାଇବାକୁ ଅତିରକ୍ତ ତହସିଲଦାର ମଦନ ମୋହନ



ଜେନା ବନ ବିଭାଗ ମହାବୀରଡ଼ ରେଞ୍ଜରଙ୍କୁ ୨୫/୬ରେ ନଂ ୨୫୯୦ ଚିଠି ଦେଇ ଅବଗତ କରାଯାଇଥିବା ଜଣାପଡିଛି। ବିପଦର ଆଶଙ୍କାରେ ଥିବା ଶୁଖିଲା ଗଛ ହଟାଇବା ପାଇଁ ବିଭିନ୍ନ ଗଣମାଧ୍ୟମରେ ଜନସାଧାରଣ ଓ ଗାଇଗୋରୁଙ୍କ ଯାତାୟାତ ପଥରୁ ଉଦ୍ଧାର ପାଇଁ ପ୍ରଚାର ପ୍ରସାର କରାଯାଇଥିଲା । ଏ ସମ୍ବନ୍ଧେ ପ୍ରଶାସନ ବିପଦ ପୂର୍ଣ୍ଣ ଗଛକୁ ହଟାଇବା ଆବଶ୍ୟକ ବୋଲି ଅନୁଭବ କରି ରେଞ୍ଜ ଅଧିକାରୀଙ୍କୁ ଚିଠି କରିଥିବାବେଳେ ଜିଲ୍ଲାପାଳ, ଡ଼ିଏଫଓ, ଉପଜିଲ୍ଲାପାଳଙ୍କ ଅବଗତି ନିମନ୍ତେ ସୂଚନା ଦିଆଯାଇଥିବା ଜଣାପଡ଼ିଛି।

## କଳାଙ୍ଗରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି

ବୋଲଗଡ (ଭାସ୍କର ନ୍ୟୁଜ୍) : ବୋଲଗଡ ବ୍ଲକ କଳାଙ୍ଗ ପଞ୍ଚାୟତ ପରିସରରେ ସୋମବାର ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବିଧାୟକ ପ୍ରଦୀପ ସାହୁଙ୍କ ଉପସ୍ଥିତିରେ ଏଡିଏମ୍ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ଓ ଏସ୍‌ପି ସାଗରିକା ନାଥ ପ୍ରମୁଖ ସ୍ଥାନୀୟ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ସମୁଦାୟ ୧୬୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୧୩୮ଟି ବ୍ୟକ୍ତିଗତ ଏବଂ ୨୬ଟି ସାମୂହିକ ଅଭିଯୋଗ ରହିଥିଲା। ଅଭିଯୋଗଗୁଡ଼ିକୁ ଗ୍ରହଣ କରିବା ପରେ ତର୍ଜମା କରି ଅଧିକାରୀମାନେ ସମାଧାନ ପାଇଁ ସଂପୃକ୍ତ ବିଭାଗକୁ ପଠାଇ ଦେଇଥିଲେ। ଏହି ଅବସରରେ ବ୍ଲକ ଅଧକ୍ଷା ହୁଲାସ ପ୍ରଧାନ, ବିଡ଼ିଓ ସୁମନସୁଧା କୁଣ୍ଡୁ,





ତହସିଲଦାର ବିଜୟ ସେଠୀ ଏବିଡ଼ିଓ ରତିକାନ୍ତ ମିଶ୍ରଙ୍କ ସମେତ ଜିଲ୍ଲା ଓ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ବ୍ଲକର ୧୯ଟି ପଞ୍ଚାୟତ ଅଞ୍ଚଳର ଲୋକମାନଙ୍କ ଅଭିଯୋଗ ପଞ୍ଜିକରଣ ଓ ଶୁଣାଣି କରିବାରେ ବ୍ଲକ ଉପାଧକ୍ଷ, ଜିଲ୍ଲାପରିଷଦ ସଦସ୍ୟ, ସରପଞ୍ଚ ଓ ସମିତି ମେମ୍ବରମାନେ ଯୋଗ ଦେଇଥିଲେ। ଏହି ଶିବିରରେ ବିଭିନ୍ନ ବିଭାଗ ପକ୍ଷରୁ ଜନସଚେତନତା ଷ୍ଟଲ ଖୋଲିଥିବା ବେଳେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପିଠା ପ୍ରସ୍ତୁତି ଓ ମିଶନ ଶକ୍ତି ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସରଞ୍ଜାମ ପ୍ରଦର୍ଶନ ଓ ବିକ୍ରିବଟା କରାଯାଇଥିଲା। ଆଇଆଇସି ସ୍ମିସ୍ମାମୟୀ ବରାଳଙ୍କ ନେତୃତ୍ୱରେ ପୋଲିସ ମାନେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମକୁ କଳାଙ୍ଗ ଗ୍ରାମ ପଞ୍ଚାୟତ ସରପଞ୍ଚ ପ୍ରତିନିଧି ରତିକାନ୍ତ ରାଉତରାୟ, ସମିତି ସଭ୍ୟ ରଶ୍ମିରଞ୍ଜନ ପ୍ରଧାନ ଗ୍ରାମ ସଭାପତି ଟୁନା ହୋତା ପ୍ରମୁଖ ସହଯୋଗ କରି ପରିଚାଳନା କରିଥିଲେ।

## ଚାଷୀଙ୍କ ଧାନ ତୁରନ୍ତ ନ ଉଠାଇଲେ ଆନ୍ଦୋଳନ

ବରଗଡ଼ (ଭାସ୍କର ନ୍ୟୁଜ୍) : ସଂପ୍ରତି ବର୍ଷାରେ ପ୍ରତି ଧାନ ମଣ୍ଡିରେ ହଜାର ହଜାର ବସ୍ତା ଓଦା ହୋଇ ଗଜା ମଧ ହୋଇ ପଡ଼ି ରହିଥିବା ବେଳେ ସରକାର ଚାଷୀଙ୍କ ଧାନ ଉଠାଉ ନଥିବାରୁ ଚାଷୀ କୁଳ ହତାଶ ହୋଇ ମୁଣ୍ଡରେ ହାତ ଦେଇ ବସିଛନ୍ତି। ସେପଟେ ଅଦିନିଆ ବର୍ଷାରେ ବ୍ୟାପକ ଫସଲ ନଷ୍ଟ ସାଙ୍ଗକୁ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା କ୍ଷୟକ୍ଷତିର ଆକଳନ କରାଯାଇ ନାହିଁ ଓ



କ୍ଷତିଗ୍ରସ୍ତ ଚାଷୀଙ୍କୁ ଆର୍ଥିକ ସହାୟତା ମିଳିପାରି ନାହିଁ। ତେଣୁ ଚାଷୀଙ୍କ ସମସ୍ୟା ସମାଧାନ କରିବାର ସୁନେଲି ସ୍ୱପ୍ନ ଦେଖାଇ କ୍ଷମତାକୁ ଆସିଥିବା ସରକାର ଚାଷୀଙ୍କୁ ପ୍ରତାରଣା କରିଛି ବୋଲି ଉଲ୍ଲେଖ କରି ଜିଲ୍ଲାପାଳଙ୍କ ଜରିଆରେ ଆନ୍ଦୋଳନର ଚେତାବନୀ ଦିଆଯାଇଛି। ଏଥିସହ ଧାନମଣ୍ଡିରେ ତୁରନ୍ତ କଟ୍‌ନୀଛଟ୍‌ନୀ ବନ୍ଦ ଓ ଧାନ କିଣା ସମୟ ବୃଦ୍ଧି କରାଯିବା ସହିତ ମାର୍କେଟ ୟାର୍ଡ଼ରୁ ସମସ୍ତ ଧାନ ତୁରନ୍ତ ଉଠାଯାଉ ଓ ଫସଲ ନଷ୍ଟ ହୋଇଥିବା ଚାଷୀଙ୍କୁ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯାଉ ବୋଲି ଦାବି କରି ବରଗଡ଼ ଜିଲ୍ଲା ବିଜେଡି ଜିଲ୍ଲାପାଳ ଅଫିସ୍ ଘେରିଛି। ଏହି ଅବସରରେ ଜିଲ୍ଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ର, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ରୀତା ସାହୁ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲ୍ଲା ପରିଷଦ ଅଧକ୍ଷା ମାନିନୀ ଭୋଇ, ପୌର ପରିଷଦ ଅଧକ୍ଷା କଳ୍ପନା ମାଝୀ, ବରିଷ୍ଠ ବିଜେଡି ନେତା ଗୌରହରି ମିଶ୍ର, ଜିଲ୍ଲା ଯୁବ ବିଜେଡି ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ଟି କେତ୍ ମହଉମ୍, ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ବରଗଡ଼ ବ୍ଲକ ସଭାପତି ପ୍ରଫୁଲ୍ଲ କୁମାର ନାଏକ, ବିକ୍ରମ ସିଂହ, ମଧୁ ସାହୁ, ଦିଲ୍ଲୀପ ପଧାନ, ପ୍ରଶାନ୍ତ ମିଶ୍ର, ଯତୀନ ଦାସ, ଗଣେଶ ସାହୁ, ସତ୍ୟଜିତ ପୁରୋହିତ, ସୁଶାନ୍ତ ସାହୁ ପ୍ରମୁଖ ବିଜେଡି ନେତୃମଣ୍ଡଳୀ ଜିଲ୍ଲାପାଳ ଆଦିତ୍ୟ ଗୋୟଲ୍‌ଙ୍କୁ ଭେଟି ଚାଷୀ ମାନଙ୍କ ସମସ୍ୟାର ତୁରନ୍ତ ସମାଧାନ କରାଯାଉ ଅନ୍ୟଥା ଆଗାମୀ ଦିନରେ ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ ବିଜେଡି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ପ୍ରଦାନ କରିଥିଲେ। ତେବେ ଜିଲ୍ଲାପାଳ ତୁରନ୍ତ ଚାଷୀଙ୍କ ଧାନ ଉଠାଇବୁ ଓ ଚାଷୀଙ୍କ ସମସ୍ୟା ଗୁଡ଼ିକର ସମାଧାନ କରିବୁ ବୋଲି ଦୃଢ଼ ପ୍ରତିଶ୍ରୁତି ପ୍ରଦାନ କରିଥିଲେ।

## ଉପ-ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣରେ ଅନିୟମିତତା



ଏରସମା (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅର୍ନ୍ତଗତ ପଲ୍ଲୀକଣ୍ଠା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ନିର୍ମାଣ ହୋଇଥିବା ଉପ-ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହି ଦୁଇ ମହଲା ବିଶିଷ୍ଟ ଉପ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ନିମନ୍ତେ ସରକାରଙ୍କ ପକ୍ଷରୁ ୩୫ଲକ୍ଷ ଟଙ୍କାର ଅର୍ଥରାଶି ବ୍ୟୟ ବରାଦ କରାଯାଇଛି। ମାତ୍ର ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ୧୦ରୁ ୧୨ଝୁଡ଼ି ବାଲି ସହିତ ସିମେଣ୍ଟ ୧ଝୁଡି ଭାଗରେ ଏହି ଗୃହ ତିଆରି କରାଯାଇଥିବା ବେଳେ ନିମ୍ନମାନର ଛାତ ପକା ଯାଇଥିବା ଅଭିଯୋଗ ହୋଇଛି। ସେହିପରି ଗଡ଼କୁଜଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ନିର୍ମାଣ ହୋଇଥିବା ଉପ-ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଛି। ଏହି ଦୁଇ ମହଲା ବିଶିଷ୍ଟ ଉପ-ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ନିମନ୍ତେ ସରକାରଙ୍କ ପକ୍ଷରୁ ୩୫ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି। ଯଦି ଏହି ଦୁଇଟି ଉପ-ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିବା ନିର୍ମାଣକୁ ଭିଜିଲାନ୍ସ ତଦନ୍ତ କରାଯିବ ତା'ହେଲେ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ଅସଲ ମୁଖା ଖୋଲିବ ବୋଲି ସାଧାରଣରେ ଜୋରଦାର ଚର୍ଚ୍ଚା ହେଉଛି। ଏହି ଦୁଇ ଗୋଟି ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ, ଜିଲ୍ଲାପାଳ ଓ ବିଭାଗୀୟ ମନ୍ତ୍ରୀ ଦୃଷ୍ଟି ଆକର୍ଷଣ କରିବା ସହିତ ଉପ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣକୁ ତଦନ୍ତ କରି ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦାବୀ କରାଯାଇଛି।

## ଭୂତ କରୁଛି ଚେକ୍‌ଡ୍ୟାମ୍

ବାଙ୍କୀ (ଭାସ୍କର ନ୍ୟୁଜ୍) : କଟକ ଜିଲ୍ଲା ଆଠଗଡ ଟିଗିରିଆ ବ୍ଲକ ବିନ୍ଧାଣିମା ପଞ୍ଚାୟତ ବିନ୍ଧାଣିମା ଗ୍ରାମ ନିକଟସ୍ଥରେ ଭୂତ କରୁଛି ଚେକ୍ ଡ୍ୟାମ୍ । କହିବାର ତାତ୍ପର୍ଯ୍ୟ ଏହି କି ଉକ୍ତ ସ୍ଥାନରେ ଚେକ୍‌ଡ୍ୟାମ୍ କାମ ଚାଲିଥିବା ବେଳେ କାର୍ଯ୍ୟ କରୁଥିବା କଣ୍ଟ୍ରାକ୍ଟର ବାବୁ ବିନା ସୂଚନା ଫଳକରେ ଅଳ୍ପ ସଂଖ୍ୟକ ଲେବର ବ୍ୟବହାର ଓ ମେସିନ ସାହାଯ୍ୟରେ କାମ କରୁଛନ୍ତି। ସରକାରୀ ନିର୍ଦ୍ଦେଶ ଅନୁସାରେ ଯେଉଁ ସ୍ଥାନରେ ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟ କରାଯିବ ଉକ୍ତ ସ୍ଥାନରେ ପ୍ରଥମେ ସୂଚନା ଫଳକ ମରାଯିବା କଥା। ଯାହାଦ୍ୱାରା ସରକାରଙ୍କ ସମସ୍ତ ବିକାଶ ମୂଳକ କାଯ୍ୟ ସାଧାରଣ ଲେକେମାନେ କିମ୍ବା ଉକ୍ତ ସ୍ଥାନରେ ବସବାସ କରୁଥିବା ସାଧାରଣ ଜନତା ଜାଣିପାରିବେ। କିନ୍ତୁ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି ବିନ୍ଧାଣିମା ପଞ୍ଚାୟତ ବିନ୍ଧାଣିମା ଠାରେ। ଅଘୋଷିତ ସୂଚନାଫଳକ ଏହା ପ୍ରମାଣିତ କରୁଛି। ଯେଉଁ ସ୍ଥାନରେ ଏହାର ନିର୍ମାଣ କାର୍ଯ୍ୟ ଚାଲିଛି ସେ ସ୍ଥାନରେ କୌଣସି ସରକାରୀ ଅଧିକାରୀ ନଥିବା ଦେଖିବାକୁ ମିଳିଛି। ତେବେ ଏହି ଚେକ ଡ୍ୟାମ ନିର୍ମାଣରେ ଯେଉଁ ସିମେଣ୍ଟ ଓ ରଡ୍ ବ୍ୟବହାର କରାଯାଉଛି ତାହା ଅତ୍ୟନ୍ତ ନିମ୍ନମାନର। କେଉଁଠି ରଡ୍ ଲାଗୁଛି ତ କେଉଁଠାରେ ଜମା ଲଗାଯାଉ ନାହିଁ। ଶୁଣିବାକୁ ମିଳୁଛି ଉକ୍ତ କଣ୍ଟ୍ରାକ୍ଟରବାବୁ ସ୍ଥାନୀୟ ବିଧାୟକଙ୍କ ଖାସ ଲୋକ। ଆସନ୍ତା ବର୍ଷା ଋତୁ ପରେ ଏହା ଭାଙ୍ଗିଯିବାର ଆଶଙ୍କା କରାଯାଉଛି। ସରକାରଙ୍କ କୋଟି କୋଟି ଟଙ୍କା ପାଣିରେ ପଡିବା ଥୟ। ଯଦି ଏହାର ନିର୍ମାଣରେ ସରକାରୀ ବାବୁମାନେ ସଠିକ ଯାଞ୍ଚ ନକରନ୍ତି ତେବେ ଚାଷୀଙ୍କ ସଠିକ୍ କାମରେ ଆସିପାରିବ ନାହିଁ। କିଛିଦିନ ଏହା କାର୍ଯ୍ୟ କାରୀ ହେବା ସତ ହେଲେ ଏହା ଚାରି ଛଅ ମାସ ପରେ ଜରାଜୀର୍ଣ୍ଣ ଅବସ୍ଥାକୁ ଚାଲିଯିବ। ସରକାରଙ୍କ ବିକାଶ ମୂଳକ ଯୋଜନା ଉପରେ ଚାଷୀ ଆକ୍ଷେପ କରିବେ। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହେଉଛି।

## ରାଶିଫଳ

ଶୁକ୍ରବାର, ୨୭ ଜୁନ୍ ୨୦୨୫



**ମେଷ:** ବ୍ୟବସାୟୀମାନେ କରୁଥିବା ବ୍ୟବସାୟରେ ଲାଭବାନ ହେବେ। ଉଚ୍ଚ ଅଧିକାରୀଙ୍କ ସହ ଭଲ ସମ୍ପର୍କ ରଖନ୍ତୁ ଆପଣଙ୍କୁ ବହୁତ ସାହାଯ୍ୟ ମିଳିବ। ଆଶା କରୁଥିବା ଦିଗରୁ ଅର୍ଥ ପାଇବା କଷ୍ଟକର ହୋଇପାରେ। ମନଗଢା କଥା କହି ବନ୍ଧୁମାନେ ଆପଣଙ୍କୁ ଅସୁବିଧାରେ ପକାଇ ପାରନ୍ତି।



**ବୃଷ:** ଅଯଥା ଖର୍ଚ୍ଚରୁ ନିଜକୁ ରୋକିବାକୁ ହେବ ନଚେତ ଆବଶ୍ୟକତା ସମୟରେ ଆପଣଙ୍କ ପାଖରେ ପଇସାର ଅଭାବ ଦେଖାଯାଇପାରେ। ମହିଳାମାନେ ପରିବାରରେ ପୃଷ୍ଟି ସାଧନ ପାଇଁ ପ୍ରୟାସ କରିବେ। ଆଇନ ଅଦାଲତ ସମ୍ପର୍କୀୟ ଦୁଶ୍ଚିନ୍ତା ଦୂର ହେବ। ନୂତନ ବାହନ ଆଦି ପ୍ରାପ୍ତି ହେବାର ଯୋଗ ଅଛି।



**ମିଥୁନ:** ନିଜର କର୍ତ୍ତବ୍ୟନିଷ୍ଠା ଫଳରେ ପରିବାରର ଲୋକମାନଙ୍କ ଠାରୁ ବହୁତ ଭଲପାଇବା ପାଇବେ। ପରୀକ୍ଷାର୍ଥୀମାନେ ସଫଳ ହୋଇ ଉଚ୍ଚ ପଦ ହାସଲ କରିପାରନ୍ତି। କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ପ୍ରତିବନ୍ଧକ ଦେଖାଦେଇପାରେ।



**କର୍କଟ:** ପରିବାରରେ ନୂଆ ଦାୟିତ୍ୱ ଗ୍ରହଣ କରିବେ। ବୁଝି ବିଚାରି ସମସ୍ୟାର ସମାଧାନ କରିବେ। ସମାଜ ସେବାରେ ମନ ବଳାଇବେ। ସଙ୍ଗୀତରେ ରୁଚି ରଖିଥିବା ଲୋକଙ୍କୁ ଭଲ ଗୁରୁ ମିଳିବେ। ଚାକିରିଆ ଅଫିସ୍ କାମରେ ଦୂର ଜାଗାକୁ ଯାତ୍ରା କରିବେ।



**ସିଂହ:** କର୍ମକ୍ଷେତ୍ରରେ ନିବେଶ କରିଲେ ଉନ୍ନତି ହେବା ସହ ସମସ୍ତ ଚିନ୍ତାରୁ ମୁକ୍ତି ମିଳିବ। ବ୍ୟବସାୟୀମାନେ ଆବଶ୍ୟକତାଠାରୁ ଅଧକ ଆଦାନ ପ୍ରଦାନ କରିବେ। ପାରିବାରିକ ସମସ୍ୟା କ୍ଷେତ୍ରରେ ଜାଣିଶୁଣି ମଧ ନୀରବ ରହିବେ। ପିଲାମାନେ ସବୁକ୍ଷେତ୍ରରେ ସଫଳତା ହାସଲ କରିବେ।



**କନ୍ୟା:** କର୍ମ କ୍ଷେତ୍ରରେ ଶତ୍ରୁତା ବୃଦ୍ଧି ହୋଇପାରେ। ପ୍ରିୟ ବନ୍ଧୁଙ୍କ ସହିତ ଗପସପରେ ସମୟ ବିତାଇବେ। ଭାବନା ଉପରେ ନିୟନ୍ତ୍ରଣ ରଖିବାର ଶିକ୍ଷା ଲାଭ କରିବେ। ଚାକିରି କ୍ଷେତ୍ରରେ ପ୍ରିୟପାତ୍ର ହୋଇପାରନ୍ତି। କୌଣସି ଦୂର ସ୍ଥାନକୁ ତୀର୍ଥ ଯାତ୍ରାର ସୁଯୋଗ ପାଇବେ। ଆପଣଙ୍କ ଆୟ ପୂର୍ବ ପରି ରହିବ। ସମାଜରେ ମାନ ସମ୍ମାନ ପାଇପାରନ୍ତି।



**ତୁଳା:** ପରିବାରରେ ସମସ୍ତଙ୍କ ସ୍ୱାସ୍ଥ୍ୟ ଭଲ ରହିବ। ବନ୍ଧୁମାନେ ଆପଣଙ୍କ ଘରକୁ ହଠାତ୍ ଆସିପାରନ୍ତି। କର୍ମ କ୍ଷେତ୍ରରେ ସତର୍କରେ ଚଳନ୍ତୁ ନହେଲେ ଝାମେଲା ଅଧିକ ବଢିଯାଇପାରେ। ଚଳଚ୍ଚିତ୍ର ଆଦି କ୍ଷେତ୍ରରେ ବିଶେଷ ଲାଭବାନ ହେବେ।



**ବିଛା:** ବାପାମାଆଙ୍କ ପରାମର୍ଶ ଆପଣଙ୍କ ଲାଗି ଫଳପ୍ରଦ ସାବ୍ୟସ୍ତ ହେବ। ସାଙ୍ଗସାଥିମାନଙ୍କ ପାଇଁ ଅଧିକ ଖର୍ଚ୍ଚ କରିପାରନ୍ତି। ଆପଣ ଅଜ୍ଞାତ ବିପଦର ସମ୍ମୁଖିନ ହୋଇପାରନ୍ତି। କର୍ମ ତତ୍ପରତା ହେତୁ ଆଗେଇ ଚାଲିବେ। ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ। ନୂତନ ବାହନ ଆଦି ପ୍ରାପ୍ତି ହେବାର ଯୋଗ ଅଛି।



**ଧନୁ:** ଶିକ୍ଷାରେ ପ୍ରଗତି ହେବାର ସମ୍ଭାବନା ଅଛି। ଯେକୌଣସି କାମରେ ଯଥେଷ୍ଟ ଲାଭବାନ୍ ହେବ । ବ୍ୟବସାୟ କ୍ଷେତ୍ରରେ ସତର୍କତା ଅବଲମ୍ବନ କରନ୍ତୁ ନଚେତ୍ ଠକାମିରେ ପଡିବେ। ନୂତନ ଘର ତିଆରି କରିପାରନ୍ତି। ମହିଳାମାନେ ପୂଜା ପାଠରେ ମନୋନିବେଶ କରିପାରନ୍ତି। ପିଲାମାନେ ସବୁକ୍ଷେତ୍ରରେ ସଫଳତା ହାସଲ କରିବେ।



**ମକର:** କାରବାରରେ ସଫଳତା ପାଇବେ। ଲେଖାପଢା ପ୍ରତି ଆଗ୍ରହ ରୁଚି ବଢିବ। ସାମାଜିକ ପ୍ରତିଷ୍ଠା ଓ ମାନ ସମ୍ମାନ ବୃଦ୍ଧି ହେବ। ମହିଳାମାନେ ସରକାରୀ ଚାକିରିର ସୁଯୋଗ ପାଇବେ। ଅର୍ଜିତ ଧନ ଓ ମାନ ହାନି ଘଟିପାରେ। ଦୈବୀ ଆଶୀର୍ବାଦରୁ ସମସ୍ୟାଗୁଡିକ ସେତେ ଗୁରୁତ୍ୱର ହେବ ନାହିଁ। ଦୂର ଯାତ୍ରାରେ ଲକ୍ଷଣ ପୂରଣ କରିପାରନ୍ତି।



**କୁମ୍ଭ:** ସମାଜ ସେବାରେ ମନ ବଳାଇବେ। ଆଶା କରୁଥିବା ଦିଗରୁ ଅର୍ଥ ପାଇବା କଷ୍ଟକର ହୋଇପାରେ। ଆଇନ ଅଦାଲତ ସମ୍ପର୍କୀୟ ଦୁଶ୍ଚିନ୍ତା ଦୂର ହେବ । ନୂତନ ବାହନ ଆଦି ପ୍ରାପ୍ତି ହେବାର ଯୋଗ ଅଛି । ପରିବାରରେ ସମସ୍ତଙ୍କ ସ୍ୱାସ୍ଥ୍ୟ ଭଲ ରହିବ। ବନ୍ଧୁମାନେ ଆପଣଙ୍କ ଘରକୁ ହଠାତ୍ ଆସିପାରନ୍ତି ଯାହା ଆପଣଙ୍କୁ ଆନନ୍ଦ ଦେବ।



**ମୀନ:** ଚାକିରି କ୍ଷେତ୍ରରେ ପ୍ରିୟପାତ୍ର ହୋଇପାରନ୍ତି। କୌଣସି ଦୂର ସ୍ଥାନକୁ ତୀର୍ଥ ଯାତ୍ରାର ସୁଯୋଗ ପାଇବେ। ଆପଣଙ୍କ ଆୟ ପୂର୍ବ ପରି ରହିବ। ସମାଜରେ ମାନ ସମ୍ମାନ ପାଇବେ। କୌଣସି ଲୋକଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ପ୍ରିୟ ବନ୍ଧୁଙ୍କ ସହିତ ଗପସପରେ ସମୟ ବିତାଇବେ।



ଶ୍ରୀପତି ଗୁରୁ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



କୋଲକାତା: ରଥଯାତ୍ରା ମହୋତ୍ସବର ଗୋଟିଏ ଦିନ ପୂର୍ବରୁ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର ଏଠାରେ ନବନିର୍ମିତ ଜଗନ୍ନାଥ ମନ୍ଦିରରେ ଦୀଘା ଶଙ୍କରପୁର ଉନ୍ନୟନ କର୍ତ୍ତୃପକ୍ଷ (ଡିଏସଡିଏ), ପୋଲିସ ଏବଂ ଇସ୍କନ ସନ୍ୟାସୀଙ୍କ ସହିତ ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ଜଣେ ଡିଏସ୍‌ଡିଏ ଅଧିକାରୀ କହିଛନ୍ତି ଯେ ବୈଠକ ପରେ ମମତା ବାନାର୍ଜୀ ମନ୍ଦିର ନିକଟରେ ରଖାଯାଇଥିବା ପ୍ରଭୁ ଜଗନ୍ନାଥ ଏବଂ ତାଙ୍କ ଭଉଣୀଭାଇ ବଳରାମ ଏବଂ ସୁଭଦ୍ରାଙ୍କ ପାଇଁ ନିର୍ମିତ ତିନୋଟି ରଥ ଯାଞ୍ଚ କରିଥିଲେ। ସେ ଡିଏସଡିଏ ଅଧିକାରୀ ଏବଂ ପୋଲିସ କର୍ମଚାରୀଙ୍କ ସହିତ ଏକ କିଲୋମିଟର ଯାତ୍ରା ମାର୍ଗର ମଧ୍ୟ ସମୀକ୍ଷା କରିଥିଲେ। ମନ୍ତ୍ରୀ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ, ସେ ପୋଲିସ ମହାନିର୍ଦ୍ଦେଶକ ରାଜୀବ କୁମାରଙ୍କୁ କହୁଥିବା ଶୁଣିବାକୁ ମିଳିଥିଲା, 'ଏହି ମାର୍ଗ ଅନୁସରଣ କରନ୍ତୁ। ଲୋକଙ୍କ ପାଇଁ ସବୁକିଛି ସୁଗମ ଏବଂ ଉପଯୁକ୍ତ ହେବା ଉଚିତ।'






## ରାଜଭାଷା ବିଭାଗର 'ସୁବର୍ଣ୍ଣ ଜୟନ୍ତୀ ସମାରୋହ'

ନୂଆଦିଲ୍ଲୀ: କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଗୁରୁବାର ନୂଆଦିଲ୍ଲୀରେ ରାଜଭାଷା ବିଭାଗର 'ସୁବର୍ଣ୍ଣ ଜୟନ୍ତୀ ସମାରୋହ' କୁ ମୁଖ୍ୟ ଅତିଥି ଭାବେ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସମେତ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ବନ୍ଦୀ ସଞ୍ଜୟ କୁମାର, ରାଜଭାଷା ଉପରେ ଗଠିତ ସଂସଦୀୟ କମିଟିର ଉପାଧ୍ୟକ୍ଷ ଭର୍ତ୍ତୃହରି ମହତାବ, ରାଜ୍ୟସଭା ସାଂସଦ ସୁଧାଂଶୁ ତ୍ରିବେଦୀ ଏବଂ ରାଜଭାଷା ବିଭାଗର ସଚିବ ଶ୍ରୀମତୀ ଅଂଶୁଲି ଆର୍ଯ୍ୟଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଅମିତ ଶାହ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଭାରତର ସ୍ୱାଧୀନତାର ଶତବାର୍ଷିକୀ ଅବସରରେ ରାଷ୍ଟ୍ରର ଆତ୍ମସମ୍ମାନର ପୁନରୁଦ୍ଧାର ପାଇଁ ସମସ୍ତ ପ୍ରୟାସ ମଧ୍ୟରେ ରାଜଭାଷା ବିଭାଗର ୧୯୭୫ରୁ ୨୦୨୫ ପର୍ଯ୍ୟନ୍ତ ୫୦ ବର୍ଷର ଯାତ୍ରା ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ ହେବ।



























## ଶିବୁ ସୋରେନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ନୂଆଦିଲ୍ଲୀସ୍ଥିତ ସାର ଗଙ୍ଗାରାମ ହସ୍ପିଟାଲ ଯାଇ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଶିବୁ ସୋରେନଙ୍କ ପୁଅ ତଥା ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଦିସୋମ ଗୁରୁଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ରାଷ୍ଟ୍ରପତିଙ୍କୁ ବିସ୍ତୃତ ସୂଚନା ଦେଇଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶିବୁ ସୋରେନଙ୍କ ଆସୁ ଆରୋଗ୍ୟ କାମନା କରିଛନ୍ତି। ଏହା ପୂର୍ବରୁ ବୁଧବାର ଝାଡଖଣ୍ଡ ରାଜ୍ୟପାଳ ସନ୍ତୋଷ କୁମାର ଗଙ୍ଗୱାର ହସ୍ପିଟାଲକୁ ଆସି ଗୁରୁଜୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏହି ଅବସରରେ ସେ ଶିବୁ ସୋରେନଙ୍କ ପରିଜନଙ୍କୁ ମଧ୍ୟ ଭେଟିଥିଲେ ଓ ତାଙ୍କର ଶୀଘ୍ର ସ୍ୱାସ୍ଥ୍ୟଲାଭ କାମନା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ଶିବୁ ସୋରେନ ରୁଟିନ ହେଲଥ ଚେକଅପ ପାଇଁ ନୂଆଦିଲ୍ଲୀ ଗସ୍ତରେ ଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଚାନକ ବିଗିଡି ଯାଇଥିଲା। ଏଣୁ ତାଙ୍କୁ ତୁରନ୍ତ ସାରଗଙ୍ଗାରାମ ହସ୍ପିଟାଲରେ ଆଡମିଟ କରାଯିବା ସହ ଚିକିତ୍ସା ଆରମ୍ଭ କରାଯାଇଥିଲା। ବୁଧବାର ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବା ଆରମ୍ଭ ହୋଇଥିଲା। ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ମୁଖପାତ୍ର ସୁପ୍ରିୟୋ ଭଟ୍ଟାଚାର୍ଯ୍ୟ ବୁଧବାର କହିଥିଲେ ଯେ ଶିବୁ ସୋରେନଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ରହିଛି।















## ଟିପିସିଓଡିଏଲ୍ ପକ୍ଷରୁ ରଥଯାତ୍ରା ପାଇଁ ସୁରକ୍ଷିତ ଓ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଂଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ୍) ପୁରୀରେ ରଥଯାତ୍ରା ୨୦୨୫ ସମୟରେ ଏକ ସୁରକ୍ଷିତ ଓ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ପାଇଁ ବ୍ୟାପକ ସୁରକ୍ଷା ଓ ଭିତ୍ତିଭୂମି ପ୍ରସ୍ତୁତି ପଦକ୍ଷେପ ଗ୍ରହଣ କରିଛି। ଦିନରାତି ଚବିଶ ଘଂଟା ୮୦୦ କର୍ମଚାରୀଙ୍କୁ ମୂତୟନ କରି ଟିପିସିଓଡିଏଲ୍ ପକ୍ଷରୁ ରଥଯାତ୍ରା ୨୦୨୫ ପାଇଁ ଦୃଢ଼ ସୁରକ୍ଷା ଅଭିଯାନ ଗ୍ରହଣ କରାଯାଇଛି। ଏଥିରେ ଲିକେଜ୍ କରେଣ୍ଟ ପରୀକ୍ଷା, ଲୁହା ଖୁଣ୍ଟରେ ଇନସୁଲେସନ ପେଣ୍ଟିଂ ଏବଂ ଲୋକମାନଙ୍କ ସୁରକ୍ଷା ପାଇଁ ଡିଟି ଫେନ୍ସିଂ ଦେବା ଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଏହା ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ଅଗ୍ନି ନିର୍ବାପକ ଯନ୍ତ୍ର ରଖାଯାଇଛି। ଏହି ପବିତ୍ର ଯାତ୍ରା ସମୟରେ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣକୁ ସୁନିଶ୍ଚିତ କରିବା ଲାଗି ପ୍ରତିଷେଧମୂଳକ ଓ ପୂର୍ବାନୁମାନ ଭିତ୍ତିକ ରକ୍ଷଣାବେକ୍ଷଣ ସହିତ ଫିଡର, ବିଦ୍ୟୁତ ଓ ବିତରଣ ଟ୍ରାନ୍ସଫରମରଗୁଡ଼ିକର ନେଟ୍‌ୱର୍କରେ ଉନ୍ନତି ଅଣାଯାଇଛି ଏବଂ ବିଦ୍ୟୁତ୍ ବିଭ୍ରାଟକୁ ଏଡ଼ାଇବା ଲାଗି ରିଲେ ପ୍ରୋଟେକ୍ସନ ସେଟିଂର ବ୍ୟାପକ ପରୀକ୍ଷଣ କରାଯାଇଛି।



ବେଲପାହାଡ଼,( ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଟିଆରଏଲ ଜୁବୁଲି ହଲଠାରେ ଅନୁଷ୍ଠିତ ଉତ୍କର୍ଷ ବ୍ରଜରାଜନଗର କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ବିଜେପି ସରକାରର ୧ ବର୍ଷ ପୂର୍ତ୍ତି ଉପଲକ୍ଷି ତଥା ଆଞ୍ଚଳିକ ବିକାଶ ବାବଦରେ ଜନତା ଜନାର୍ଦ୍ଦନ ଙ୍କୁ ହିସାବ ଦେଇଛନ୍ତି। ଭାଜପା ସରକାରଙ୍କୁ କେନ୍ଦ୍ରରେ ୧୧ ବର୍ଷ ଓ ରାଜ୍ୟରେ ୧ ବର୍ଷ ପୂର୍ତ୍ତି ହୋଇଛି। ଏହିଅବସରରେ ମନ୍ତ୍ରୀ ଶ୍ରୀ ପୂଜାରୀ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସଫଳ ଜନ କଲ୍ୟାଣକାରୀ ଯୋଜନା ଓ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ ସହିତ ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେ, ବେଲପାହାଡ଼ ପୌର ନଗରପାଳ ନିମାଇଁ ଚରଣ ପଣ୍ଡା, ବ୍ରଜରାଜନଗର ନଗରପାଳ ଗୋପାଳ ସିତାନୀ ଓ ଲଖନପୁର ବ୍ଲକ ଅଧକ୍ଷା ହୁତେଶ୍ୱରୀ ତିହିଆ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ରେ ପ୍ରଶାସନ ପକ୍ଷରୁ ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଲଖନପୁର ତହସିଲଦାର ପ୍ରସନ୍ନ ପଟେଲ, ବିଡିଓ ବିନୟ ପଟେଲ, ବେଲପାହାଡ଼ ନିର୍ବାହୀ ଅଧିକାରୀ ଗୌରବ ପ୍ରଧାନ, ବ୍ରଜରାଜନଗର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ ସାମିଲ ରହିଥିଲେ। ସେହିପରି ବିଜେପି ଜିଲା ସଭାପତି ରଘୁନନ୍ଦନ ପଣ୍ଡା, ବିଜେପି କର୍ମୀ ପ୍ରମୋଦ ସେନାପତି, ଚକାନନ୍ଦ ସା, ତପନକାନ୍ତ ଜେନା, ସଞ୍ଜୟ ସିଂ, ମୋନାଲିସା ମୋଦକ, ପ୍ରଚଣ୍ଡ ଜୟସ୍ୱାଲ, ଟିକେତ ସାହୁ, କୈଳାଶ ନାଏକ, ସୁଶାନ୍ତ ଚଇନି, ମଙ୍ଗଳ ସାହୁ, ରମେଶ ଜୟସ୍ୱାଲ, ପୌର କର୍ମଚାରୀ ଶୈଳେଶ ବହିଦାର, ଅଲିଭା ତାଣ୍ଡି, ବାସନ୍ତୀ ପ୍ରଧାନ, ସୌମ୍ୟ ମହାଲି, ବିନୋଦ ଜେନା, ଦୟାନିଧି ଖମାରୀ, ସ୍ୱେଚ୍ଛାସେବୀ ପୁଷ୍ପାଞ୍ଜଳି ସାହୁ, ପ୍ରମୁଖ ସହଯୋଗ କରିଥିଲେ।



# ମତ୍ସ୍ୟ ବିଭାଗ କାର୍ଯ୍ୟାବଳୀର ସମୀକ୍ଷା ବୈଠକ



ନୂଆପଡ଼ା(ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲାରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ମତ୍ସ୍ୟ ବିଭାଗ କାର୍ଯ୍ୟାବଳୀର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମତ୍ସ୍ୟ ବିଭାଗ ତରଫରୁ ଚାଲୁଥିବା ବିଭିନ୍ନ ଯୋଜନା ବିଷୟରେ ଆଲୋଚନା କରାଗଲା। ଚଳିତ ବର୍ଷ ମତ୍ସ୍ୟ ପୋଖରୀ ଯୋଜନାରେ ୧୦୮ ହେକ୍ଟର ବନ୍ଧ ଖନନ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି। ତା'ଭିତରୁ ୪.୨୦ ହେକ୍ଟର କ୍ଷେତ୍ରରେ ପୋଖରୀ ଖନନ ହୋଇସାରିଛି। ୪୫ ହେକ୍ଟର କ୍ଷେତ୍ର ପୁରୁଣା ପୋଖରୀରେ ମାଛ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ୯୪ ଏକର କ୍ଷେତ୍ର ପୋଖରୀରେ ମାଛ ଜାଆଁଳ ଛାଡି ମତ୍ସ୍ୟ ଉତ୍ପାଦନ କରିବାକୁ ସରକାରଙ୍କ ଅନୁମୋଦନ ଅଛି। ସେହିପରି ୧୨୦ ଟି ବାୟୋଫ୍ଲକ୍ସ କୁଣ୍ଡରେ ମାଛ ଚାଷ କରିବାକୁ ଲକ୍ଷ୍ୟ ରଖାଯାଇଅଛି। ୪୨ ଟି ମାଛ ଧରା ଜାଲ ମତ୍ସ୍ୟ ଚାଷୀଙ୍କୁ ଦିଆଯିବ। ଏହା ସହିତ ୪୦ ହେକ୍ଟର କ୍ଷେତ୍ର ଗ୍ରାମପଞ୍ଚାୟତ ପୋଖରୀରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମାଛ ଚାଷପାଇଁ ସୁଯୋଗ ଦିଆଯିବ। ଜିଲ୍ଲାରେ ମତ୍ସ୍ୟ ଚାଷ ପାଇଁ ବହୁଳ ସୁଯୋଗ ଥିବାରୁ ଏହାର ସଦୁପଯୋଗ କରି ଜିଲ୍ଲାକୁ ମତ୍ସ୍ୟ ଚାଷରେ ଆଗେଇ ନେବା ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି ।

# ୧୪ରୁ ବିଭିନ୍ନ ଦାବି ନେଇ ଓଡ଼ିଶା ରାଜସ୍ୱ ଅମଲା ସଂଘର ଆନ୍ଦୋଳନ ନିଷ୍ପତ୍ତି



ମାଲକାନଗିର(ଭାସ୍କର ନ୍ୟୁଜ୍): ଓଡ଼ିଶା ରାଜସ୍ୱ ଅମଲା ସଂଘର ବିଭିନ୍ନ ଦାବି ନେଇ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନେବା ସହିତ ଦାବି ପୂରଣ ନହେଲେ ଜୁଲାଇ ୧୪ ତାରିଖ ଠାରୁ ଅନିର୍ଦ୍ଦିଷ୍ଟ କାଳ ଯାଏଁ କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ଡାକରା ଦିଆଯାଇଛି। ଓଡ଼ିଶା ରାଜସ୍ୱ ଅମଲା ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ନିଷ୍ପତ୍ତି ଅନୁସାରେ ଓଡ଼ିଶା ରାଜସ୍ୱ ଅମଲା ସଂଘ ଜିଲ୍ଲା ଶାଖା ମାଲକାନଗିରି ଜିଲ୍ଲା ସଭାପତି ସିଏଚ୍‌ପି କ୍ରିଷ୍ଣା ରାଓଙ୍କ ନେତୃତ୍ୱରେ ଦଶଦଫା ସମ୍ବଳିତ ଦାବି ମାଲକାନଗିରି ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୋମନାଥ ପ୍ରଧାନଙ୍କ ଜରିଆରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ପ୍ରକାଶ ଥାଉକି, ଜିଲ୍ଲା ସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କର ଦୀର୍ଘ ଦିନର ଦାବି ପୂରଣ କରିବା ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ପୋଷଣ କରୁଥିବା ଯୋଗୁଁ, ଜିଲ୍ଲାସ୍ତରରେ ଅମଲାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।ତେବେ ରାଜ୍ୟ ସରକାରଙ୍କ ସହ ବିଭିନ୍ନ ସମୟରେ ଏବଂ ବିଭିନ୍ନ ମାଧ୍ୟମରେ ପତ୍ରାଳାପ କରିବା ସହିତ ବିଭିନ୍ନ ସ୍ତରରେ ଆଲୋଚନା ମଧ୍ୟ ହୋଇସାରିଛି । କିନ୍ତୁ, ଉପରୋକ୍ତ ସମସ୍ତ ଆଲୋଚନା ପର୍ଯ୍ୟାଲୋଚନା ପରେ ମଧ୍ୟ ବର୍ତ୍ତମାନ ଯାଏଁ ଫଳ ଶୂନ୍ୟ ହୋଇଅଛି । ଏହି ପରିପ୍ରେକ୍ଷୀରେ ଯଦି ରାଜ୍ୟ ସରକାର ଆଗାମୀ ୧୫ ଦିନ ମଧ୍ୟରେ ଉପରୋକ୍ତ ଦାବି ଗୁଡ଼ିକ ପୂରଣ ନକରନ୍ତି ତାହେଲେ, ସଂଘ ଆଗାମୀ ଜୁଲାଇ ୦୭ ତାରିଖ ଠାରୁ ଜୁଲାଇ ୧୧ ତାରିଖ ଯାଏଁ କଳା ବ୍ୟାଜ୍ ପରିଧାନ କରିବ ଏବଂ ତାସତ୍ତ୍ୱେ ଯଦି ରାଜ୍ୟ ସରକାର ଉପରୋକ୍ତ ଦାବି ଗୁଡ଼ିକ ପୂରଣ ନକରନ୍ତି ତେବେ, ରାଜ୍ୟ ସଂଘର କାର୍ଯ୍ୟକାରିଣୀ ବୈଠକରେ ଗୃହୀତ ହୋଇଥିବା ନିଷ୍ପତ୍ତି ଅନୁସାରେ ଜୁଲାଇ ୧୪ ତାରିଖ ଠାରୁ ସଂପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି ଜିଲ୍ଲା ସଭାପତି ସିଏଚ୍‌ପି କ୍ରିଷ୍ଣା ରାଓ, ସମ୍ପାଦକ ଦିଲ୍ଲିପ କୁମାର ନାୟକ ପ୍ରକାଶ କରିଥିଲେ । ଏହି ଅବସରରେ ଟୁକୁନା ପଢିଆରୀ, ଜନାର୍ଦ୍ଦନ ହନ୍ତାଳ, ଦିବ୍ୟସିଂ ପାଇକରାୟ, ବୀର ପ୍ରସାଦ ପଟ୍ଟନାୟକ, ପ୍ରଦୀପ କୁମାର ମିଶ୍ର, କୁନା ନାୟକ, କେ.ଦିଲ୍ଲିପ କୁମାର, ନିର୍ମଳା ନାୟକ, ସଂମିତା ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଆଦର୍ଶ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସହ ଚାରାରୋପଣ କଲେ ସାଂସଦ



ରାଇଘର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ସାଂସଦ ବଳଭଦ୍ର ମାଝୀ ଫଟକି ଆଦର୍ଶ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କ ସହ ମିଳି ଚାରା ବୃକ୍ଷରୋପଣ କରିଛନ୍ତି। ପରିବେଶ ସୁରକ୍ଷା ଓ ହରିତ ଭବିଷ୍ୟତ ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଏମ୍‌ପିଙ୍କ ସହ ଅଞ୍ଚଳର ଶିକ୍ଷକମାନେ ଓ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। ବୃକ୍ଷରୋପଣ ପରେ ଏମ୍‌ପି ଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ପରିବେଶ ପ୍ରତି ସଚେତନ ଓ ଦାୟିତ୍ୱଶୀଳ ହେବା ପାଇଁ ପ୍ରେରଣା ଦିଆଯାଇଥିଲା।ସେ କହିଥିଲେ, 'ଗଛ ଲଗେଇବା ମାନେ କେବଳ ପରିବେଶକୁ ସୁନ୍ଦର କରିବା ନୁହେଁ, ବରଂ ପ୍ରତିଟି ଗଛ ଏକ ଜୀବନ, ଏକ ଆଶା। ଆମ ପ୍ରଥମ କର୍ତ୍ତବ୍ୟ ହେଉଛି ପୃଥିବୀକୁ ସୁରକ୍ଷିତ ଓ ସୁନ୍ଦର ରଖି ଆଗାମୀ ପିଢ଼ି ପାଇଁ ଏକ ମଜବୁତ ଭବିଷ୍ୟତ ତିଆରି କରିବା। ସାଂସଦଙ୍କ କଥାକୁ ଛାତ୍ରଛାତ୍ରୀ ମାନେ ହୃଦୟଙ୍ଗମ କରି ଉକ୍ତ କାର୍ଯ୍ୟରେ ମନପ୍ରାଣ ଦେଇ କାର୍ଯ୍ୟକ୍ରମ କୁ ସଫଳ କରିବାକୁ ନିଷ୍ପତି ନେଇଥିବା ଦେଖିବାକୁ ମିଳିଥିଲା ସେହିପରି ସାଂସଦ ରାଇଘର ବ୍ଲକ ଗସ୍ତ କରି ନୂତନ ବସ୍ ଷ୍ଟାଣ୍ଡ ଠାରେ ଆୟୋଜିତ ସମ୍ବିଧାନ ହତ୍ୟା ଦିବସରେ ଯୋଗ ଦେଇ ବସ୍ ଷ୍ଟାଣ୍ଡ ଠାରେ ବୃକ୍ଷରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଯୁବ କୋଷାଧକ୍ଷ ସନ୍ତୋଷ ମହାପାତ୍ର, ସାଂସଦ ପ୍ରତିନିଧି ପ୍ରୀତି ସ୍ନିଧା ମହାପାତ୍ର, ମନ୍ତ୍ରୀ ପ୍ରତିନିଧି ଶିବନାଥ ବାନାର୍ଜୀ, ଜଗନ୍ନାଥ ନାୟକ, ସୁଶାନ୍ତ ସାମନ୍ତରାୟ , ଶ୍ୟାମଲାଲ କଲାରଙ୍କ ସମେତ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ଜଣେ ମୃତ, ୪ ଗୁରୁତର

ଖଡ଼ିଆଳ(ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ଥାନା ଅରେଡା ପଞ୍ଚାୟତ ଅମଲାପାଲି ଠାରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ଯୁବକଙ୍କର ମୃତ୍ୟୁ ହୋଇଥିବାବେଳେ ୪ ଜଣ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି। ସୂଚନାରୁ ପ୍ରକାଶ ଯେ ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଗୋହିରାପଦର ଗ୍ରାମର ଯୁଗସାଏ ଭୋଇ (୫୦) ଓ ତାଙ୍କ ସହିତ ଅନ୍ୟ ଦୁଇଜଣ ଗୋଟିଏ ବାଇକରେ ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଆସିଥିଲେ। ଚିକିତ୍ସା ସାରି ଘରକୁ ଫେରୁଥିବା ସମୟରେ ଅରେଡା ଗ୍ରାମ ପାଖରେ କଣ୍ଟାବାଞ୍ଜି ପଟୁ ଆସୁଥିବା ଅନ୍ୟ ଏକ ବାଇକ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। କଣ୍ଟାବାଞ୍ଜି ପଟୁ ଆସୁଥିବା ବାଇକରେ ମଧ୍ୟ ତିନିଜଣ ବସିଥିଲେ। ଦୁଇ ବାଇକ ଧକ୍କା ହେବା ଫଳରେ ଦୁଇ ମୋଟର ସାଇକେଲର ପାଞ୍ଚ ଜଣ ଗୁରୁତର ହୋଇ ଥିବାବେଳେ ଜଣେ ମୃତ୍ୟୁବରଣ କରିଛନ୍ତି। ସମସ୍ତଙ୍କୁ ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ବଙ୍ଗୋମୁଣ୍ଡା ଥାନା ଗୋବିରାପଦର ଗ୍ରାମର ଯୋଗସାଏ ଭୋଇ (୫୦)ଙ୍କ ମୃତ୍ୟୁ ହୋଇଯାଇଛି। ଗୁରୁତର ୪ ଜଣଙ୍କୁ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତରିତ କରାଯାଇଛି । ମୃତ ବ୍ୟକ୍ତିଙ୍କ ଶବ ବ୍ୟବଚ୍ଛେଦ କରାଯାଇ ଶବକୁ ପରିବାରକୁ ହସ୍ତାନ୍ତର କରାଯାଇଥିବା ଖଡ଼ିଆଳ ଆଇଆଇସି ଦିଲ୍ଲୀପ ସାହୁ ପ୍ରକାଶ କରିଛନ୍ତି। କଣ୍ଟାବାଞ୍ଜି ପଟୁ ଆସୁଥିବା ବାଇକରେ ଥିବା ବ୍ୟକ୍ତି ମାନେ ବୋଡ଼େନ ବ୍ଲକ ଦରଗାଁ ଗ୍ରାମର ବୋଲି ଜଣାପଡିଛି।

# କଳାକାର ମହାସଂଘ ପକ୍ଷରୁ ସମ୍ମିଳନୀ




ରାୟଗଡ଼ା (ଭାସ୍କର ନ୍ୟୁଜ୍): ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ୍ ଅନ୍ତର୍ଗତ ଚମ୍ପିଆ ଗ୍ରାମ ଠାରେ ରାୟଗଡ଼ା ଜିଲ୍ଲା କଳାକାର ମହାସଂଘ ପକ୍ଷରୁ କଳାକାର ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଥମେ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହିଥିବା ଜିଲ୍ଲା ସଭାପତି ଶ୍ରୀ ସନ୍ତୋଷ କୁମାର ବଛାଙ୍କୁ ଗ୍ରାମବାସୀ ତଥା କଳାକାରମାନେ ସ୍ୱାଗତ ଜଣେଇ ପାଛୋଟି ନେଇଥିଲେ। ଏହା ପରେ କଳାକାର ସମ୍ମିଳନୀ ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ କଳାକାର ଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହୋଇଥଲା। ସରକାରଙ୍କ ତରଫରୁ କଳାକାରମାନଙ୍କ ପାଇଁ ମିଳୁଥିବା ବିଭିନ୍ନ ସରକାରୀ ସହାୟତା ବିଷୟରେ ମୁଖ୍ୟ ଅତିଥି ବୁଝାଇଥିଲେ। ଆଗାମୀ ଦିନରେ କଳାକାରମାନେ ସମସ୍ତେ ସଂଗଠିତ ହୋଇ ଆଞ୍ଚଳିକ ଭାଷା କଳା ସଂସ୍କୃତି ର ପ୍ରଚାର ପ୍ରସାର କରିବା ସହ ସ୍ଥାନୀୟ ଲୋକକଳାକୁ ବଜେଇ ରଖି ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଲୋକକଳା ମହୋତ୍ସବ ପାଳନ କରିବା ନେଇ ନିଷ୍ପତ୍ତି କରାଯାଇଥିଲା। ଏନେଇ ବ୍ଲକ୍ କମିଟି ଆଗାମୀ ଦିନରେ କରାଯିବ ବୋଲି ଜିଲ୍ଲା ସଭାପତି କହିଥିଲେ। ଏହି କଳାକାର ସମ୍ମିଳନୀରେ ସ୍ଥାନୀୟ ସରପଞ୍ଚ କୁନି ମାଣ୍ଡାଙ୍ଗି, ସମିତି ସଭ୍ୟ ସୁଜାତା ତୁଳ, ସ୍ଥାନୀୟ ବରିଷ୍ଠ କଳାକାର ତଥା ପୌରାଣିକ ନାଟ୍ୟଗୁରୁ ରାଜାରାଓ ମୁଟୁକା , ଜଣାଶୁଣା ହାସ୍ୟ ଅଭିନେତା ନାଗେଶ୍ୱର ହାରାକା, ସମାଜସେବୀ କାଳୀ ଚରଣ ପଣ୍ଡା, ରାମଚନ୍ଦ୍ର ତାଡିଙ୍ଗି, ବିକାଶ ଗାଣ୍ଟା ଏବଂ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତ କଳାକାର ଉପସ୍ଥିତ ରହି ପୌରାଣିକ ନାଟ୍ୟ, ସଙ୍କୀର୍ତ୍ତନ ଓ ଆଞ୍ଚଳିକ ବାଜା ପରିବେଷଣ କରିଥିଲେ। ତୁହାକୁ ତୁହା ବର୍ଷା ସତ୍ତ୍ୱେ ଶତାଧିକ ସ୍ଥାନୀୟ କଳାକାର ସାମିଲ୍ ହୋଇଥିଲେ।

# ବିଜେପି ପକ୍ଷରୁ ସମ୍ବିଧାନ ହତ୍ୟା ଦିବସ ପାଳିତ




ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): କଂଗ୍ରେସ ସରକାରଙ୍କ ଅମଳରେ ଲଗା ଯାଇଥିବା ଜରୁରୀ କାଳୀନ ପରିସ୍ଥିତିକୁ ପଚାଶ ବର୍ଷ ପୂର୍ତ୍ତି ହୋଇଛି। ଭାରତୀୟ ଲୋକତନ୍ତ୍ର ଇତିହାସରେ ଏହା ଏକ କଳା ଅଧ୍ୟାୟ ସୃଷ୍ଟି କରିଥିବାରୁ ଏହି ଦିନକୁ ବିଜେପି ଦଳ ତରଫରୁ ସମ୍ବିଧାନ ହତ୍ୟା ଦିବସ ରୂପେ ପାଳନ କରାଯାଇଛି। ଏନେଇ ଲକ୍ଷ୍ମୀପୁର ମଣ୍ଡଳ ସଭାପତି ଅଜୟ ଖରାଙ୍କ ନେତୃତ୍ୱ ରେ ଲକ୍ଷ୍ମୀପୁର ଠାରେ ଏହି ଦିବସ ପାଳନ କରାଯାଇଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା, ସମ୍ମାନିତ ଅତିଥି ଭାବେ ନକୁଳ ବିଷୋୟୀ ଯୋଗ ଦେଇଥିବା ବେଳେ ନୃପେନ୍ଦ୍ର ନାରାୟଣ ବାଘ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏଥିରେ କାକିରିଗୁମା ମଣ୍ଡଳ ସଭାପତି ଶର୍ମ ହିକକା, ଉପସଭାପତି ନରେନ୍ଦ୍ର ହିଆଲ,ଉଦୟ ହିକକା, ପିକନ ସାହୁ, ସୁମନ୍ତ ଚେଟୀ, ପରମା ଖରା,ପ୍ରସାଦ ଖରା,ସମୀର ବିଡ଼ିକା, ସୁନୀଲ ସାହୁ, ବାମ ଦେବ ତୁରୁକ, ପ୍ରତାପ ହାଲବା ଓ ହେମାଳୟ ହାଲବାଙ୍କ ସମେତ ଅନେକ ବିଜେପି କର୍ମୀ ଉପସ୍ଥିତ ଥିଲେ।

# ଅନ୍ତର୍ଜାତିକ ନିଶା ଦ୍ରବ୍ୟ ସେବନ କାରବାର ଓ ଅବୈଧ ଚାଲାଣ ବିରୋଧ ଦିବସ ପାଳିତ



ଗୁଣୁପୁର (ଭାସ୍କର ନ୍ୟୁଜ୍): ଜିଲ୍ଲା ପ୍ରଶାସନ ଓ ଅବକାରୀ ବିଭାଗ ପକ୍ଷରୁ ଗୁଣପୁର ଠାରେ ଅନ୍ତର୍ଜାତିକ ନିଶା ଦ୍ରବ୍ୟ ସେବନ କାରବାର ଓ ଅବୈଧ ଚାଲାଣ ବିରୋଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅବକାରୀ ବିଭାଗ ଓ ପୋଲିସ ବିଭାଗର ମିଳିତ ଆନୁକୂଲ୍ୟରେ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡ ନିକଟରୁ ଶୋଭାଯାତ୍ରାଟି ବାହାରି ସହର ପରିକ୍ରମା କରି ଉପଜିଲ୍ଲାପାଳଙ୍କ ନିକଟରେ ପହଞ୍ଚିଥିଲା। ଏହି ସଚେତନତା ଶୋଭାଯାତ୍ରାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ସାମିଲ ହୋଇ ସହର ପରିକ୍ରମା କରି ନିଶା ଦ୍ରବ୍ୟ ଠାରୁ ଦୂରେଇ ରହିବାକୁ ଲୋକଙ୍କୁ ସଚେତନ କରିଥିଲେ । ନିଶା ପାନ ଏବଂ ଡ୍ରଗସ ସେବନ କରିବା ଦ୍ୱାରା ପାରିବାରିକ ଅଶାନ୍ତି , ମାନସିକ ଅବସାଦ ଭଳି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବା ସହ ନିଜେ ନିଜକୁ ମାରିବା ଭଳି ପରିସ୍ଥିତି ସୃଷ୍ଟି ହେଉଛି । ତେଣୁ ନିଶା ପାନ ଏବଂ ଡ୍ରଗସ ସେବନଠାରୁ ଦୂରେଇ ରହିବା ସହ ଚୋରା ଚାଲାଣଠାରୁ ଦୂରେଇ ରହିବା ପାଇଁ ଲିଫ ଲେଟ ମାଧ୍ୟମରେ ଲୋକଙ୍କୁ ସଚେତନତା କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଅବକାରୀ ଥାନା ଅଧିକାରୀ ପ୍ରୀତିଧରା ନାୟକ, ଗୁଣପୁର ଆଦର୍ଶ ଥାନା ଆଇଆଇସି କମଳାକାନ୍ତ ବସନ୍ତ କୁମାର କଅଁର, ଦିବାକର ମହାପାତ୍ର, ବିଶ୍ୱେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# ଆଇନଶୃଙ୍ଖଳାକୁ ନେଇ ବିଜେଡିର ବିକ୍ଷୋଭ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ହାଇସ୍କୁଲ୍ ଛକ ଠାରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ଜିଲ୍ଲା ବିଜୁ ଜନତା ଦଳର ସଭାପତି ପ୍ରଦୀପ ନାୟକଙ୍କ ଅଧକ୍ଷତାରେ ଗୋପାଳପୁର ଛାତ୍ରୀ ଗଣଦୁଷ୍କର୍ମ ଏବଂ ବଢୁଥିବା ମହିଳା ନିର୍ଯାତନା, ମହିଳାଙ୍କୁ ନ୍ୟାୟ ଦାବି କରି ସରକାରଙ୍କ ବିରୁଦ୍ଧରେ ବିକ୍ଷୋଭ କରାଯାଇଥିଲା ଏହା ପରେ ଏକ ରାଲି କରି ବିଜେଡି କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ। ଏହି ବିକ୍ଷୋଭରେ ପାରଳା ବିଧାୟକ ଇଂ. ରୁପେଶ କୁମାର ପାଣିଗ୍ରାହୀ, ପୌରପରିଷଦ ଅଧକ୍ଷା ନିର୍ମଳା ସେଠୀ, ପୌର ପରିଷଦ ଉପାଧକ୍ଷ ଲେଙ୍କା ମଧୁ, କାଶୀନଗର ବ୍ଲକ ଅଧକ୍ଷା ବାଲାସାୟାମ୍ମା, ଗୋଷାଣୀ ବ୍ଲକ ଅଧକ୍ଷ ଏନ. ବୀରରାଜୁ, ଗୋଷାଣୀ ଜିଲ୍ଲାପରିଷଦ ଏସ. ବାଲାରାଜୁ, କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧକ୍ଷ ରଘୁରାମ ସାହୁ, ବରିଷ୍ଠ ବିଜୁ ଜନତା ଦଳର ନେତା ଲକ୍ଷ୍ମୀ ପରିଚ୍ଛା ଓ ଗଜପତି ରାଓ ଯୁବନେତା ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ। ସୂଚନାଯୋଗ୍ୟଯେ ରାଜ୍ୟରେ ଏବେ ପ୍ରତି ଜିଲ୍ଲାରେ ଆଇନ ଶୃଙ୍ଖଳା ଓ ନାରୀ ନିର୍ଯାତନାକୁ ନେଇ ବିଜେଡି ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା କରାଯାଉଛି।

# ମାଓ ସ୍ମାରକ ଧ୍ୱଂସ କଲେ ସୁରକ୍ଷାକର୍ମୀ



ମାଲକାନଗିରି (ଭାସ୍କର ନ୍ୟୁଜ୍); ମାଓ ସଂଗଠନର ଏକ ସହିଦ ସ୍ମାରକକୁ ଧ୍ୱଂସ କରିଛନ୍ତି ସୁରକ୍ଷାକର୍ମୀ । ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ସୀମାନ୍ତ ରାଜ୍ୟ ଛତିଶଗଡର ବିଜାପୁର ଜିଲ୍ଲାର ନେଲସନାର ଥାନା ଅନ୍ତର୍ଗତ ବଂଗୋଲି ଗ୍ରାମ ଅଞ୍ଚଳରେ ମାଓ ଦମନ ଅଭିଯାନ ସମୟର ଏକ ମାଓ ସ୍ମାରକକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିଛନ୍ତି ସୁରକ୍ଷାକର୍ମୀ । ଦୀର୍ଘ ଦିନ ହେବ ଏହି ଅଞ୍ଚଳରେ ମାଓ ଗତିବିଧି ରହିଥିଲା ।ମାଓବାଦୀମାନେ ଏହି ସ୍ମାରକ ଠାରେ ଏକତ୍ରିତ ହୋଇ ନିଜର ବିଚାରଧାରାକୁ ପ୍ରଚାର କରିବା ସହ ପ୍ରଜାମେଳି କରୁଥିଲେ ବର୍ତ୍ତମାନ ସୁରକ୍ଷାକର୍ମୀଙ୍କ ଦ୍ୱାରା ଏହି ମାଓ ସ୍ମାରକକୁ ଧ୍ୱଂସ କରିବା ପରେ ଅଂଚଳର ମାଓ ଗତିବିଧି ଏବଂ ମାଓ ଭୟ ଧୀରେ ଧୀରେ ହ୍ରାସ ପାଇବ ବୋଲି ପୋଲିସ ଠାରୁ ସୂଚନା ମିଳିଛି।

# ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

ପାରଳାଖେମଣ୍ଡି(ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା କାଶୀନଗର ବ୍ଲକ ଅନ୍ତର୍ଗତ କିଡିଗାଁ ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ବିଜୟ କୁମାର ଦାଶ, ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶଙ୍କର କେରକେଟା ଓ ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା ଏହି ମିଳିତ ଜନ ଅଭିଯୋଗ ଶୁଣାଣିରେ ଯୋଗଦାନ କରି କିଡିଗାଁ ଗ୍ରାମ ପଞ୍ଚାୟତ ସମେତ ହାଡଭାଙ୍ଗି, ଗୋରିବନ୍ଧା ଓ ଶିଆଳି ପଞ୍ଚାୟତର ସମୁଦାୟ ମୋଟ-୨୨ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୦୯ ଗୋଟି , ଗ୍ରାମଭିତ୍ତିକ ସମସ୍ୟା- ୧୩ ଗୋଟି ଅଭିଯୋଗ ଆସିଥିଲା, ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସାମାଜିକ ସୁରକ୍ଷା,ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ସମୟରେ କାଶୀନଗର ପଞ୍ଚାୟତ ସମିତି ଅଧକ୍ଷା ବାଲା ସାୟମା,ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡମ୍ବରୁଧର ମଲ୍ଲିକ, ତହସିଲଦାର,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ମୁବାରକ ଅଲ୍ଲୀ,ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ସନ୍ତୋଷ କୁମାର ନାୟକ ଓ ସ୍ଥାନୀୟ ସରପଞ୍ଚ ଓ ଜନପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା ଉନ୍ନୟନ ସମିତି ଓ ଗ୍ରାମଦ୍ୟୋୟ ବୈଠକ



ନୂଆପଡ଼ା(ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ସ୍ଥାନୀୟ ସଭାକନା ସଭା ଗୃହରେ ଜିଲ୍ଲା ଉନ୍ନୟନ ସମିତି ବୈଠକ ସହିତ ଗ୍ରାମଦ୍ୟୋୟ ସଭା ଅନୁଷ୍ଠିତ ହୋଇ ଯାଇଅଛି। ଜିଲ୍ଲାର ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପ୍ରତି ମାସ ଏହି ବୈଠକ ଅନୁଷ୍ଠିତ ହେଉଛି। ସଭାରେ ବନଖଣ୍ଡ ଅଧିକାରୀ ଖରୀଆର ଅଜିଜ ଖାନ୍, ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ,ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ,ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ମନୋଜ କୁମାର ସାହୁଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ତହସିଲଦାର, ସମସ୍ତ ଅଧିକ୍ଷଣ ଯନ୍ତ୍ରୀ,ନିର୍ବାହୀ ଯନ୍ତ୍ରୀ ଏବଂ ଲାଇନ୍ ବିଭାଗ ଅଧିକାରୀମାନେ ଯୋଗ ଦେଇଥିଲେ। ବୈଠକରେ ଜଳସେଚନ, ପଞ୍ଚାୟତି ରାଜ, ରାଜସ୍ୱ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ , ରାସ୍ତା ଓ ଗୃହନିର୍ମାଣ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ,ଉଠା ଜଳସେଚନ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ , ପ୍ରାଣୀ ସମ୍ପଦ, ପରିବହନ,ଶିକ୍ଷା,ସ୍ୱାସ୍ଥ୍ୟ,ଜଙ୍ଗଲ , ଖଣି , ଟୁରିଜିମ ଇତ୍ୟାଦି ସମସ୍ତ ବିଭାଗର କାର୍ଯ୍ୟ ଉପରେ ସମୀକ୍ଷା ହୋଇଥିଲ। ସୂଚନାଯୋଗ୍ୟ ଯେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଏହି ମାସିକ ଉନ୍ନୟନ ସମିତି ବୈଠକ ପ୍ରତି ମାସ ଅନୁଷ୍ଠିତ ହେଉଛି । ଏହା ଦ୍ୱାରା ସମସ୍ତ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ପୂର୍ବକ କାମ ହୋଇ ପାରୁଛି। ଜିଲ୍ଲାର ପ୍ରଗତି ପଥରେ ଆସୁଥିବା ବାଧା ବନ୍ଧନର ତ୍ୱରିତ ସମାଧାନ ହୋଇ ପାରୁଛି। ସମସ୍ତ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନେ ଉତ୍ସର୍ଗୀକୃତ ମନୋଭାବ ନେଇ ନିଜ ନିଜ ବିଭାଗର କାମ ଠିକ୍ ଭାବରେ କରି ଜିଲ୍ଲାକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି ।

# କୋଇଲା ଖଣିରେ ଚାଲିଥିବା ବେଆଇନ ଡିଜେଲ ପମ୍ପ ସିଜ୍



ବ୍ରଜରାଜନଗର (ଭାସ୍କର ନ୍ୟୁଜ୍):ବହୁଦିନରୁ ଲଖନପୁର ଖୋଲାମୁହଁ କୋଇଲା ଖଣିରେ ଜୟଅମ୍ବେ ରୋଡ ଲାଇନ୍ସ ପ୍ରାଇଭେଟ ଲିମିଟେଡ ନାମକ ଠିକା ସଂସ୍ଥା ବେଆଇନ ଡିଜେଲ ପମ୍ପ ଚଳାଉଥିବା ଜଣାପଡିଛି । ଏହି ବାବଦରେ ଲଖନପୁର କୋଇଲା ଖଣି ସୁରକ୍ଷା ଅଧିକାରୀ ସଂଜୀବ କୁମାର ଓ ମହାପ୍ରବନ୍ଧକ ଅଓ୍ୱଧ କିଶୋର ପାଣ୍ଡେଙ୍କୁ ଜଣାଇଥିଲେ ମଧ୍ୟ କିଛି ପଦକ୍ଷେପ ଗ୍ରହଣ କରିନଥିଲେ । ବିଶେଷ ସୂତ୍ରରୁ ଖବର ପାଇ ଗତକାଲି ବୌଦ୍ଧ ପରିମାପକ ବିଜ୍ଞାନ ବିଭାଗ ପକ୍ଷରୁ ଆଶା ମିଞ୍ଜ, ରଞ୍ଜିତ ସିଂହ ଦେହେଲିଆ, ସରୋଜ କୁମାର ନାୟକ, ନିର୍ମଳ ଜେନା ଜୟଅମ୍ବେ ରୋଡ ଲାଇନ୍ସ ପ୍ରାଇଭେଟ ଲିମିଟେଡ ନାମକ ଠିକା ସଂସ୍ଥାରେ ପହଞ୍ଚି ଉକ୍ତ ଡିଜେଲ ପମ୍ପର କାଗଜ ପତ୍ର ମାଗିଥିଲେ। ଜୟଅମ୍ବେର ମେଣ୍ଟେନାନ୍ସ କର୍ମଚାରୀ ଶେଖ ଅବଦୁଲ କିଛି କାଗଜ ପତ୍ର ଦେଇନଥିଲେ । ବୌଦ୍ଧ ପରିମାପକ ବିଜ୍ଞାନ ବିଭାଗରୁ ଆସିଥିବା ଅଫିସର ସାତ ଦିନ ଭିତରେ କାଗଜପତ୍ର ଜମା କରିବାକୁ ତାଗିଦ କରିବା ସହ ଉକ୍ତ ଡିଜେଲ ପମ୍ପ କୁ ଜବତ କରିଛି । ସାତ ଦିନ ମଧ୍ୟରେ କାଗଜପତ୍ର ଜମା ନକଲେ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଶା ମିଞ୍ଜ ସୂଚନା ଦେଇଛନ୍ତି ।

# ରାସ୍ତା ସମ୍ପ୍ରସାରଣକୁ ନେଇ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ପୁଣି ଭେଟିଲେ ବିଜେପି କର୍ମୀ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସହରର ମୁଖ୍ୟ ରାସ୍ତା ର ସମ୍ପ୍ରସାରଣ ନକରି ଆଜି ପର୍ଯ୍ୟନ୍ତ ସେମିତି ପଡ଼ିରହିଛି। ପୂର୍ବ ସମୟରେ ଜନ ସାଧାରଣଙ୍କ ଗମନାଗମନ ପାଇଁ ଯେଉଁ ଯେଉଁ ରାସ୍ତା ରେ ବ୍ୟବସ୍ଥା କରିଥିଲେ ବର୍ତ୍ତମାନ ତାହା ହିଁ ପଡ଼ି ରହିଛି । ପାରଳାଖେମୁଣ୍ଡି ରେ ପାୟ ୪୦ ହଜାର ରୁ ଅଧିକ ଲୋକ ବସବାସ କରୁଥିବାବେଳେ ସାତଟି ବ୍ଲକର ଜନସଂଖ୍ୟା ଏହି ରାସ୍ତା ଉପରେ ନିର୍ଭର କରନ୍ତି ।ଫଳରେ ପ୍ରତ୍ୟେକ ଦିନ ସହର ରେ ଟ୍ରାଫିକ ସମସ୍ୟା ଲାଗି ରହିଛି। ପୂର୍ବ ସରକାର ପାରଳାଖେମୁଣ୍ଡିକୁ ଅଣଦେଖା କରିଥିବାବେଳେ ସ୍ଥିତି ଯେମିତିକୁ ସେମିତି ହିଁ ରହିଛି। ପୂର୍ବରୁ ଏହି ରାସ୍ତା ସମ୍ପ୍ରସାରଣ ନିମନ୍ତେ ଜିଲ୍ଲାପାଳ ଏବଂ ପୂର୍ତ୍ତବିଭାଗର ଅଧିକାରୀଙ୍କୁ ଦଳ ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତଥାପି ଅଣଦେଖା କରି ଆଜି ସେହି ପୁରୁଣା କାମକୁ ଆରମ୍ଭ କରିଥିବା ବେଳେ ଆଜି ପାରଳାଖେମୁଣ୍ଡିର ବହୁ ବିଜେପି କର୍ମୀ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟର ଅନେକ ସ୍ଥାନରେ ପ୍ରବଳ ବର୍ଷା ହେବାର ଆଶଙ୍କା କରି ଗୃହ ଓ ନଗର ଉନ୍ନୟନ ବିଭାଗ ରାଜ୍ୟର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲବି)କୁ ସତର୍କ ରହିବାକୁ ଏବଂ ସମସ୍ତ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଜାରି କରିଛି। ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ୟୁଏଲବି ଗୁଡ଼ିକୁ ସମ୍ଭାବ୍ୟ ଜଳାବଦ୍ଧ ଅଞ୍ଚଳରେ ଜଳ ନିଷ୍କାସନ ନିମନ୍ତେ ପଣି ପମ୍ପକୁ ଆଗୁଆ ରଖିବା ସହ କଣ୍ଟ୍ରୋଲ ରୁମ୍ ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅତ୍ୟଧିକ ବର୍ଷା ଯୋଗୁଁ ସୃଷ୍ଟି ହେଉଥିବା ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଦ୍ରୁତ ପ୍ରତିକ୍ରିୟା ଦଳ ଗଠନ କରିବାର ଗୁରୁତ୍ୱ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ବିଭାଗ ପରିସ୍ଥିତି ଉପରେ ନିରନ୍ତର ନଜର ରଖିଛି ଏବଂ ନାଗରିକମାନଙ୍କୁ ସତର୍କ ରହିବାକୁ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ପରାମର୍ଶ ଅନୁସରଣ କରିବାକୁ ଅନୁରୋଧ କରାଯାଇଛି। ସୂଚନାଯୋଗ୍ୟ ଯେ, ବର୍ଷା ସମୟରେ ସହରାଞ୍ଚଳର ବିଭିନ୍ନ ଜାଗାରେ ଥିବା ମେନ୍ ହୋଲ୍ ଗୁଡିକର ଢ଼ାଙ୍କୁଣି ନଥିବାରୁ ବର୍ଷ ସମୟରେଲୋକମାନେ ଗଳି ପଡି ମୃତ୍ୟୁବରଣ କରୁଥିବା ଖବର ନଜରକୁ ଆସୁଛି। ଏହାକୁ ଦୃଷ୍ଟିରେ ରଖି ସହରାଞ୍ଚଳ ସ୍ଥାନୀୟ ସଂସ୍ଥାମାନେ ଆବଶ୍ୟକ ପଦକ୍ଷେପ ସହ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

# କଂଗ୍ରେସ ପକ୍ଷରୁ ଉତ୍କଳମଣିଙ୍କ ଶ୍ରାଦ୍ଧ ଦିବସ ପାଳିତ

କଟକ(ଭାସ୍କର ନ୍ୟୁଜ୍): କଟକ ଶକ୍ତି ନଗର କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା କଂଗ୍ରେସ ଉପସଭାପତି ଶିଶିର ରଥଙ୍କ ଅଧକ୍ଷତାରେ ଉତ୍କଳ ପ୍ରଦେଶ କଂଗ୍ରେସର ପ୍ରଥମ ସଭାପତି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଉତ୍କଳ ମଣିଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇ ତାଙ୍କର ବହୁବିଧ ପ୍ରତିଭା ତଥା ଏ ଜାତି ପାଇଁ ଏ ସମାଜ ପାଇଁ ଥିବା ଯୋଗଦାନ ଓ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଆଜିର ଯୁବ ସମାଜ ଗୋପବନ୍ଧୁଙ୍କ ନୀତି ଆଦର୍ଶ, ତଥା ସେବା ଓ ତ୍ୟାଗ ବ୍ରତରେ ବ୍ରତୀ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ଉପସଭାପତି ମନୋଜ ବିଶ୍ୱାଳ ଓ ରାଜେଶ୍ ସ୍ୱାଇଁ, ବରିଷ୍ଠ କଂଗ୍ରେସ ନେତା ରାମ ଚନ୍ଦ୍ର ଗୋଚ୍ଛାୟତ, ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ନଗର ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ, ଓ ଜୟନାରାୟଣ ତ୍ରୀପାଠୀ, ଜିଲ୍ଲା ପ୍ରାକ୍ତନ ସମ୍ପାଦକ ଦିଲ୍ଲୀପ ଦଳାଇ, ନଗର ଯୁବ କଂଗ୍ରେସ ସଭାପତି ବିପ୍ଲବ ଶିଳାଦିତ୍ୟ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ରାଉତ୍, ବ୍ଲକ୍ କଂଗ୍ରେସ ସଭାପତି ବିପନ ପଶାୟତ ଓ ଆଶୁତୋଷ ବରାଳ, ୱାର୍ଡ ସଭାପତି ରଜନୀକାନ୍ତ ବସ୍ତିଆ ଓ ସନ୍ତୋଷ ବିଶ୍ୱାଳ, ଋଷି କାଣ୍ଡୀ ପ୍ରମୁଖ ଯୋଗଦେଇ ଉତ୍କଳମଣିଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ଦେଶରେ ଶ୍ରେଷ୍ଠ ମେଡିକାଲ କଲେଜ ମଧ୍ୟରେ ଦ୍ୱାଦଶ ସ୍ଥାନରେ ଏମ୍ସ ଭୁବନେଶ୍ୱର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଉତ୍କର୍ଷତାର ଉଲ୍ଲେଖନୀୟ ଯାତ୍ରା ଜାରି ରଖିବା ସହିତ, ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଏମ୍ସ ଭୁବନେଶ୍ୱର, ପ୍ରତିଷ୍ଠିତ ଇଣ୍ଡିଆ ଟୁଡେ-ଏମଡିଆରଏ ମେଡିକାଲ କଲେଜ ସର୍ଭେ ୨୦୨୫ରେ ସମଗ୍ର ଦେଶରେ ଦ୍ୱାଦଶ ଶ୍ରେଷ୍ଠ ମେଡିକାଲ କଲେଜ ଭାବେ ସ୍ଥାନ ପାଇଛି। ଏଥିସହିତ ଏହି ପ୍ରତିଷ୍ଠାନ ଦେଶର ଶ୍ରେଷ୍ଠ ୧୦ ଉଦୀୟମାନ ମେଡିକାଲ କଲେଜ ବର୍ଗରେ ମଧ୍ୟ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଯାହାକି ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଏବଂ ମେଡିକାଲ୍ ଶିକ୍ଷା କ୍ଷେତ୍ରରେ ଶ୍ରେଷ୍ଠତାର ଦ୍ରୁତ ବର୍ଦ୍ଧିତ ପ୍ରତିଷ୍ଠାର ପ୍ରମାଣ ଦେଇଛି। ଏହି ଅବସରରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ କହିଛନ୍ତି ଯେ ଏହି ମାନ୍ୟତା ଉତ୍କର୍ଷତା ପାଇଁ ଆମର ନିରନ୍ତର ପ୍ରୟାସର ପ୍ରତିଫଳନ। ଏମ୍ସ ଭୁବନେଶ୍ୱର ସ୍ୱାସ୍ଥ୍ୟସେବା ଏବଂ ଚିକିତ୍ସା ବିଜ୍ଞାନରେ ବିଶ୍ୱାସ, ନବସୃଜନ ଏବଂ ଅଖଣ୍ଡତାର ପ୍ରତୀକ ଭାବରେ ଉଭା ହୋଇଛି। ଏନେଇ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଡିନ୍ (ପରୀକ୍ଷା) ଡ. ସୌଭାଗ୍ୟ କୁମାର ଜେନା, ମେଡିକାଲ୍ ଅଧିକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, କୁଳସଚିବ ଡ. ସୁଦୀପ୍ତ ରଞ୍ଜନ ସିଂହ, ଡ. ଗୌରବ ଛାବ୍ରା, ଡ. ପଙ୍କଜ କୁମାର, ଡ. ଦେବପ୍ରିୟ ବନ୍ଦୋପାଧ୍ୟାୟ, ଡ. ସିପ୍ରା ରାଉତ ଏବଂ ଡ. ମାଙ୍ଗାନି ମଙ୍ଗଳାବଲ୍ଲୀ ପ୍ରମୁଖ ଯୋଗ ଦେଇଥିଲେ।

With Best Complime-ts from :
A Well Wisher



ଶୁଭେଚ୍ଛା ବାର୍ତ୍ତା
ପବିତ୍ର ରଥଯାତ୍ରା ଅବସରରେ
ମୋର ଶୁଭେଚ୍ଛା ଓ ଅଭିନନ୍ଦନ



ତ୍ରିଲୋଚନ ବାରିକ
ଅଧ୍ୟାପକ, ଅର୍ଥନୀତି ବିଭାଗ
ସନ୍ତରାଗାଡିଆ କଲେଜ

ଶୁଭେଚ୍ଛା ବାର୍ତ୍ତା
ପବିତ୍ର ରଥଯାତ୍ରା ଅବସରରେ
ମୋର ଶୁଭେଚ୍ଛା ଓ ଅଭିନନ୍ଦନ



କ୍ଷମାସାଗର ପଣ୍ଡା
ଏସ୍‌ଡିପିଓ, ପଟ୍ଟାମୁଣ୍ଡାଇ

# କୋଟିଆରେ ରଥ ଟାଣିବେ ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କୋଟିଆରେ ରଥ ଟାଣିବେ ରାଜସ୍ୱ ମନ୍ତ୍ରୀ । ପ୍ରଥମ ଥର ପାଇ କୋଟିଆ ରଥଯାତ୍ରାରେ ସାମିଲ ହେବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ଏକାଧିକ ମନ୍ତ୍ରୀ । ରଥଯାତ୍ରାରେ ସାମିଲ ହେବାକୁ କୋଟିଆ ବାସୀଙ୍କ ଅନୁରୋଧ ଆସିଥିଲା । ତାକୁ ବିଚାର କରି କାର୍ଯ୍ୟକ୍ରମ ଚୂଡାନ୍ତ କରାଯାଉଛି । ରାଜସ୍ୱ ମନ୍ତ୍ରୀଙ୍କ ସହ ଏକାଧିକ ମନ୍ତ୍ରୀ କୋଟିଆ ଯାଇ ରଥଯାତ୍ରାରେ ସାମିଲ ହେବେ । ଆସନ୍ତାକାଲି ସୁଦ୍ଧା କାର୍ଯ୍ୟକ୍ରମ ଚୂଡାନ୍ତ ହେବ । ପୁରି ରଥଯାତ୍ରା ପରଦିନ କୋଟିଆରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ । ତେବେ କୋଟିଆ ବିବାଦର ସମାଧାନ ପାଇଁ ରାଜସ୍ୱ ମନ୍ତ୍ରୀଙ୍କ ଅଧକ୍ଷତାରେ ଏକ କମିଟି ହୋଇଛି । କମିଟିର ପ୍ରଥମ ବୈଠକ ମଧ୍ୟ ସରିଛି । ରଥଯାତ୍ରାରେ ମନ୍ତ୍ରୀ କୋଟିଆ ଯାଉଥିବା ବେଳେ ସେ ନେଇ ସମୀକ୍ଷା କରିପାରନ୍ତି।




CKA Birla Group
orient electric

**ଓରିଏଣ୍ଟ ଇଲେକ୍ଟ୍ରିକ୍ ଲିମିଟେଡ୍**
ସିଆଇଏନ୍: ଏଲ୍୩୧୧୦୦୦ଆର୍୨୦ପିଏଲ୍‌ସି୦୨୫୦୯୨
ପଞ୍ଜିକୃତ କାର୍ଯ୍ୟାଳୟ: ୟୁନିଟ୍- VIII, ପ୍ଲଟ୍ ନମ୍ବର.୭, ଭୋଇନଗର, ଭୁବନେଶ୍ୱର, ଓଡ଼ିଶା-୭୫୧୦୧୨
ଟେଲିଫୋନ୍ : ୦୬୭୪-୨୩୯୬୯୩୦, କର୍ପୋରେଟ୍ ଅଫିସ୍: ୨୪୦, ଓଖଲା ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଫେଜ୍-III, ଓଖଲା, ନୂଆଦିଲ୍ଲୀ ୧୧୦୦୨୦
ଇ-ମେଲ୍: investor@orienteletric.com ୱେବସାଇଟ୍:: www.orienteletric.com

## ୯ମ ବାର୍ଷିକ ସାଧାରଣ ବୈଠକ ଭିଡିଓ କନଫରେନ୍ସିଂ / ଅନ୍ୟାନ୍ୟ ରେଡ଼ିଓ ଭିଜୁଆଲ୍ ଉପାୟ, ବୁକ୍ କ୍ଲୋଜର ଏବଂ ଅନ୍ତିମ ଲାଭାଂଶ ସୂଚନା

ଏଥିସହ ସୂଚନା ଦିଆଯାଉଛି ଯେ ଓରିଏଣ୍ଟ ଇଲେକ୍ଟ୍ରିକ୍ ଲିମିଟେଡ୍ ('କମ୍ପାନୀ')ର ସଦସ୍ୟ ମାନଙ୍କର ୯ମ ବାର୍ଷିକ ସାଧାରଣ ସଭା (ଏଜିଏମ୍) ଶୁକ୍ରବାର, ଜୁଲାଇ ୨୫, ୨୦୨୫ ଦିନ ଅପରାହ୍ନ ୦୩:୩୦ ଟଗ ରେ, ଆଇଏସ୍‌ଟିରେ ଭିଡିଓ କନଫରେନ୍ସିଂ (ଭିସି)/ ଅନ୍ୟାନ୍ୟ ରେଡିଓ ଭିଜୁଆଲ୍ ଉପାୟ (ଓଏଭିଏମ୍) ମାଧ୍ୟମରେ ଅନୁଷ୍ଠିତ ହେବ, ଯାହା କମ୍ପାନୀ ଫିକ୍ଟ ୨୦୧୩ ('ଆଇନ୍') ର ପ୍ରଯୁଜ୍ୟ ବ୍ୟବସ୍ଥା, ସେଠାରେ ପ୍ରଣୀତ ନିୟମ, ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ତାଲିକାଭୁକ୍ତ ଦାୟିତ୍ୱ ଏବଂ ପ୍ରକାଶନ ଆବଶ୍ୟକତା) ନିୟମାବଳୀ, ୨୦୧୫ ତାଲିକାଭୁକ୍ତ ନିୟମାବଳୀ) ଏବଂ ସେପ୍ଟେମ୍ବର ୨୪ରେ ପ୍ରକାଶିତ ସାଧାରଣ ସର୍କୁଲାର ସଂଖ୍ୟା ୦୯/୨୦୨୪ ତାରିଖ ସେପ୍ଟେମ୍ବର୧୯, ୨୦୨୪, ୦୯/୨୦୨୩ ତାରିଖ ସେପ୍ଟେମ୍ବର ୨୫, ୨୦୨୩ ସହିତ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ('ଏମ୍‌ସିଏ') ଏବଂ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ଏସ୍‌ଇବିଆଇ) (ଏଠାରେ ସାମୂହିକ ଭାବରେ (ସର୍କୁଲାର' ଭାବରେ କୁହାଯିବ) ଦ୍ୱାରା ଜାରି କରାଯାଇଥିବା ଅନ୍ୟାନ୍ୟ ପ୍ରଯୁଜ୍ୟ ନିମ୍ନ ଏବଂ ସର୍କୁଲାର ସହିତ ଆହୂତ ନୋଟିସରେ ଉଲ୍ଲେଖିତ ବ୍ୟବସାୟ ପରିଚାଳନା ପାଇଁ ୯ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହେବ।

୧. ଭିସିଓଆର୍‌ଭିଏମ୍ ମାଧ୍ୟମରେ ଏହି ଏଜିଏମ୍ ପରିଚାଳନା ଏବଂ ଇଭୋଟିଂ ସୁବିଧା ପ୍ରଦାନ କରିବା ପାଇଁ କମ୍ପାନୀ ନ୍ୟାସନାଲ ସିକ୍ୟୁରିଟିଜ୍ ଡିପୋଜିଟୋରୀ ଲିମିଟେଡ୍ (ଏମ୍‌ଏସ୍‌ଡି)ର ସେବାକୁ ଅଧିକୃତ ଏଜେନ୍ସି ଭାବରେ ନିଯୁକ୍ତ କରିଛି।

୨. ସର୍କୁଲାର ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବାର୍ଷିକ ରିପୋର୍ଟ ସହିତ ୯ମ ଏଜିଏମ୍‌ର ନୋଟିସ୍ କେବଳ ଇଲେକ୍ଟ୍ରୋନିକ୍ ମୋଡ୍ ମାଧ୍ୟମରେ ସେହି ସମସ୍ତ ସଦସ୍ୟଙ୍କୁ ପଠାଯିବ ଯାହାଙ୍କର ଇମେଲ୍ ଠିକଣା କମ୍ପାନୀ/ନିବନ୍ଧକ ଏବଂ ସେୟାର ଟ୍ରାନ୍ସଫର ଏଜେଣ୍ଟ ଡିପୋଜିଟୋରୀ ଅଂଶଗ୍ରହଣକାରୀଙ୍କ ପାଖରେ ପଞ୍ଜିକୃତ ହୋଇଛି। ତଥାପି, ସଦସ୍ୟମାନେ ଯଦି ଏହା ପାଇବାକୁ ଚାହାଁନ୍ତି ତେବେ investor@orienteletric.comରେ ଏକ ଅନୁରୋଧ କରି ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବାର୍ଷିକ ରିପୋର୍ଟର ଭୌତିକ କପି ପାଇଁ ଅନୁରୋଧ କରିପାରିବେ। ଡିମାଟେରିଆଲାଇଜ୍ଡ ମୋଡ୍‌ରେ ସେୟାର ଧାରଣ କରୁଥିବା ସଦସ୍ୟମାନଙ୍କୁ ସେମାନଙ୍କର ଡିପୋଜିଟୋରୀ ଅଂଶଗ୍ରହଣକାରୀଙ୍କ ମାଧ୍ୟମରେ ସେମାନଙ୍କର ପ୍ରାସଙ୍ଗିକ ଡିପୋଜିଟୋରୀ ସହିତ ସେମାନଙ୍କର ଇମେଲ୍ ଠିକଣା ଏବଂ ମୋବାଇଲ୍ ନମ୍ବର ପଞ୍ଜିକୃତ କରିବାକୁ ଅନୁରୋଧ କରାଯାଇଛି। ଭୌତିକ ମୋଡ୍‌ରେ ସେୟାର ଧାରଣ କରୁଥିବା ସଦସ୍ୟମାନଙ୍କୁ einward.ris@kfintech.comରେ କମ୍ପାନୀର ରେଜିଷ୍ଟ୍ରାର ଏବଂ ସେୟାର ଟ୍ରାନ୍ସଫର ଏଜେଣ୍ଟ ('ଆର୍‌ଟିଏ') କେଏଫ୍‌ଆଇଏନ୍ ଟେକ୍ନୋଲୋଜିସ୍ ଲିମିଟେଡ୍ (କେଏଫ୍‌ଆଇଏନ୍)କୁ ଏଠାରେ ଉଲ୍ଲେଖ କରାଯାଇଥିବା ବିବରଣୀ ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି।

୩. ଏହା ସହିତ ଏସ୍‌ଇବିଆଇର ନିୟମ ୩୬(୧) (ବି) ଅନୁଯାୟୀ, ତାଲିକାଭୁକ୍ତ ନିୟମାବଳୀ, ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ କମ୍ପାନୀର ବାର୍ଷିକ ରିପୋର୍ଟ ପାଇବା ପାଇଁ ୱେବ୍‌ଲିଙ୍କ୍ ସମ୍ବଳିତ ଏକ ଚିଠି ସେହି ଅଂଶୀଦାରମାନଙ୍କ ନିକଟକୁ ପଠାଯାଉଛି ଯେଉଁମାନେ କମ୍ପାନୀ ସହିତ ସେମାନଙ୍କର ଇମେଲ୍ ଠିକଣା ପଞ୍ଜୀକୃତ କରିନାହାଁନ୍ତି।

୪. ୯ମ ଏଜିଏମ୍‌ର ନୋଟିସ୍ ଏବଂ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବାର୍ଷିକ ରିପୋର୍ଟ କମ୍ପାନୀର ୱେବସାଇଟ୍ www.orientielectric.com, ଷ୍ଟକ୍ ଏକ୍ସଚେଞ୍ଜ ଏଲଇ ବିଏସ୍‌ଇ ଲିମିଟେଡ୍ ଏବଂ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡି ଲିମିଟେଡ୍‌ର ୱେବସାଇଟ୍ www.bseindia.com ଏବଂ www.nseindia.comରେ ଏବଂ ଏନ୍‌ଏସ୍‌ଡିଏଲ୍‌ର ୱେବସାଇଟ୍ https//www.evoting.nsdl.comରେ ମଧ୍ୟ ଉପଲବ୍ଧ ହେବ। ୧୮ ଜୁଲାଇ, ୨୦୨୫ର କଟ-ଅଫ୍ ତାରିଖ ଅନୁଯାୟୀ ସଦସ୍ୟମାନେ ୯ମ ଏଜିଏମ୍‌ର ନୋଟିସରେ ବ୍ୟାଖ୍ୟା କରାଯାଇଥିବା ପ୍ରକ୍ରିୟା ଅନୁସରଣ କରି ଭିସି/ଓଆର୍‌ଭିଏମ୍ ମାଧ୍ୟମରେ ଆର୍‌ଜିଏମ୍‌ରେ ଯୋଗ ଦେଇପାରିବେ। ସଦସ୍ୟମାନେ ଇମେଲ୍ ମାଧ୍ୟମରେ ପଠାଯାଇଥିବା ଲଗଇନ୍ ପ୍ରମାଣପତ୍ର ବ୍ୟବହାର କରି https:// www.evoting.nsdl.comର ରିମୋଟ୍ ଇ-ଭୋଟିଂ ମାଧ୍ୟମରେ ଭୋଟ ଦେଇପାରିବେ। ଯେଉଁମାନେ ପୂର୍ବରୁ ଭୋଟ ଦେଇନାହାଁନ୍ତି ଏବଂ ବୈଠକରେ ଯୋଗ ଦେଉଛନ୍ତି, ସେମାନେ ଭୌତିକ କିମ୍ବା ଡିମାଟ୍ ଫର୍ମରେ ସେୟାର ଧରନ୍ତୁ, ସେମାନଙ୍କ ପାଇଁ ମଧ୍ୟ ବାର୍ଷିକ ସାଧାରଣ ସଭା ସମୟରେ ଇ-ଭୋଟିଂ ଉପଲବ୍ଧ ହେବ। ଭୋଟ ଦେବା ପାଇଁ ବିସ୍ତୃତ ନିର୍ଦ୍ଦେଶାବଳୀ, ଯେଉଁମାନେ ସେମାନଙ୍କର ଇମେଲ୍ ଠିକଣା ପଞ୍ଜିକୃତ କରିନାହାଁନ୍ତି, ସେମାନଙ୍କ ପାଇଁ ୯ମ ବାର୍ଷିକ ସାଧାରଣ ସଭାର ନୋଟିସରେ ପ୍ରଦାନ କରାଯାଇଛି।

୫. ନିର୍ଦ୍ଦେଶକ ଏବଂ ପ୍ରମୁଖ ପରିଚାଳନାଗତ କର୍ମଚାରୀଙ୍କ ପଞ୍ଜିକା ଏବଂ ସେମାନଙ୍କର ଜଏଗ ସମୟରେ ସଦସ୍ୟମାନଙ୍କ ଦ୍ୱାରା ଇଲେକ୍ଟ୍ରୋନିକ୍ ଭାବରେ ଯାଞ୍ଚ ପାଇଁ ଅଂଶଧନ, ଚୁକ୍ତିନାମା ପଞ୍ଜିକା, ରଝଡଚ ଯୋଜନା କାର୍ଯ୍ୟକାରୀ କରିବା ଉପରେ ସଚିବ ଅଡିଟରଙ୍କ ପ୍ରମାଣପତ୍ର ଉପଲବ୍ଧ ହେବ, ଏବଂ ଇଏଗ ଡାକିବା ସହିତ ଥିବା ଲଟିସରେ ଉଲ୍ଲେଖ କରାଯାଇଥିବା ଅନ୍ୟାନ୍ୟ ପ୍ରାସଙ୍ଗିକ ଡକ୍ୟୁମେଣ୍ଟଗୁଡ଼ିକ ଇଏଗ ନୋଟିସ ପ୍ରସାରଣ ତାରିଖରୁ ଏହି ଇଏଗ ର ତାରିଖ ପର୍ଯ୍ୟନ୍ତ କମ୍ପାନୀର ୱେବସାଇଟରେ ଇଲେକ୍ଟ୍ରୋନିକ୍ ଭାବରେ ଯାଞ୍ଚ ପାଇଁ ଉପଲବ୍ଧ ହେବ।

୬. ଇମେଲ୍ ଠିକଣା, ବ୍ୟାଙ୍କ ବିବରଣୀ, ଲାଭାଂଶ ନିର୍ଦ୍ଦେଶ ଏବଂ ଯୋଗାଯୋଗ ବିବରଣୀ ପଞ୍ଜୀକରଣ/ ଅପଡେଟ୍ କରିବାର ପଦ୍ଧତି:

(୧) ଭୌତିକ ମୋଡରେ ସେୟାର ଧାରଣ କରୁଥିବା ସଦସ୍ୟ: ଭୌତିକ ମୋଡରେ ସେୟାର ଧାରଣ କରୁଥିବା ସଦସ୍ୟମାନେ ଫର୍ମ ଆଇଏସ୍‌ଆର-୧ ଏବଂ ଏସ୍‌ଇବିଆଇ ଦ୍ୱାରା ନିର୍ଦ୍ଧାରିତ ଅନ୍ୟାନ୍ୟ ଫର୍ମରେ ଏକ ଅନୁରୋଧ ପଠାଇ ଏହାକୁ ଅପଡେଟ୍ କରିପାରିବେ, ସହିତ ଶୋର ସାର୍ଟିଫିକେଟ୍ (ସମ୍ମୁଖ ଏବଂ ପଛ)ର କପି, ସଦସ୍ୟଙ୍କ ନାମ ସହିତ ଏକ ବାତିଲ ଚେକ୍-ଲିଫ୍ ଏବଂ ପାନ୍ ଏବଂ ଆଧାରର ସ୍ୱୟଂ-ପ୍ରମାଣିତ କପି କେଏଫ୍‌ଆଇଏନ୍ ଟେକ୍ନୋଲୋଜିସ୍ ଲିମିଟେଡ୍, ୟୁନିଟ୍: ଓରିଏଣ୍ଟ ଇଲେକ୍ଟ୍ରିକ୍ ଲିମିଟେଡ୍, କାର୍ଭି ସେଲେନିୟମ ବିଲଡିଂ ଟାୱାର ବି, ପ୍ଲଟ୍. ୩୧-୩୨, ଫାଇନାନ୍‌ସିଆଲ ଡିଷ୍ଟ୍ରିକ୍ଟ, ନାନାକ୍ରାମଗୁଡ଼ା, ସେରିଲିଙ୍ଗମ୍ପାଲି, ରଂଗରେଡ଼ି, ହାଇଦ୍ରାବାଦ-୫୦୦୦୩୨ରେ ଆର୍‌ଟିଆର୍‌କୁ କିମ୍ବା einward.ris@kfintech.com ଇମେଲ ମାଧ୍ୟମରେ କିମ୍ବା investor@orientelectric.com ଇମେଲ ମାଧ୍ୟମରେ। ଫର୍ମ ଆଇଏସ୍‌ଆର-୧ ଏବଂ ଅନ୍ୟାନ୍ୟ ଏପରି ଫର୍ମ କମ୍ପାନୀର ୱେବସାଇଟରେ www.orientelectric.comରେ ନିବେଶକଙ୍କ ବିଭାଗରେ ଉପଲବ୍ଧ।

(୨) ଡିମାଟ୍ ମୋଡ୍‌ରେ ସେୟାର ଧାରଣ କରିଥିବା ସଦସ୍ୟମାନେ: ଡିମାଟ୍ ମୋଡ୍‌ରେ ସେୟାର ଧାରଣ କରିଥିବା ସଦସ୍ୟମାନେ ଯେଉଁମାନେ ଇଲେକ୍ଟ୍ରୋନିକ୍ କ୍ଲିୟରିଂ ସିଷ୍ଟମ୍ ଏବଂ ଯୋଗାଯୋଗ ନମ୍ବର ମାଧ୍ୟମରେ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଲାଭାଂଶ ରାଶି ପାଇବା ପାଇଁ ସେମାନଙ୍କର ଇ-ମେଲ୍ ଠିକଣା, ବଙ୍କ୍ ବିବରଣୀ, ଲାଭାଂଶ ନିର୍ଦ୍ଦେଶ ପଞ୍ଜିକୃତ / ଅପଡେଟ୍ କରିନାହାଁନ୍ତି, ସେମାନଙ୍କୁ ଅନୁରୋଧ କରାଯାଇଛି ଯେ ସେମାନେ ଆପଣଙ୍କର ଡିପୋଜିଟୋରୀ ଅଂଶଗ୍ରହଣକାରୀଙ୍କ ଦ୍ୱାରା ପରାମର୍ଶ ଦିଆଯାଇଥିବା ପ୍ରକ୍ରିୟା ଅନୁସାରେ ସେମାନଙ୍କର ଡିପୋଜିଟୋରୀ ଅଂଶଗ୍ରହଣକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ଡିମାଟ୍ ଆକାଉଣ୍ଟରେ ପଞ୍ଜିକରଣ / ଅପଡେଟ୍ କରନ୍ତୁ।

୭. ବହି ବନ୍ଦ ଏବଂ ଲାଭାଂଶ ପ୍ରଦାନ:

ନବମ ବାର୍ଷିକ ସାଧାରଣ ସଭା ଏବଂ ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ଚୂଡ଼ାନ୍ତ ଲାଭାଂଶ ପ୍ରଦାନ ପାଇଁ ସଦସ୍ୟଙ୍କ ପଞ୍ଜିକା ଏବଂ କମ୍ପାନୀର ସେୟାର ଟ୍ରାନ୍ସଫର ବହି ଶନିବାର, ଜୁଲାଇ ୧୯, ୨୦୨୫ ରୁ ଶୁକ୍ରବାର, ଜୁଲାଇ ୨୫, ୨୦୨୫ (ଉଭୟ ଦିନ ଅନ୍ତର୍ଭୁକ୍ତ) ପର୍ଯ୍ୟନ୍ତ ବନ୍ଦ ରହିବ। ଏହା ବ୍ୟତୀତ, କମ୍ପାନୀ ଶୁକ୍ରବାର, ଜୁଲାଇ ୧୮, ୨୦୨୫ କୁ କଟ-ଅଫ୍ ତାରିଖ ଭାବରେ ସ୍ଥିର କରିଛି। ପ୍ରତ୍ୟେକ ଅଂଶ ପାଇଁ ୧ ଟଙ୍କା ହାରରେ ୦.୭୫ ଟଙ୍କା (୭୫%) ହାରରେ ଚୂଡ଼ାନ୍ତ ଲାଭାଂଶ ପ୍ରଦାନ, ୯ମ ବାର୍ଷିକ ସାଧାରଣ ସଭାରେ ସଦସ୍ୟଙ୍କ ଅନୁମୋଦନ ଉପରେ ନିର୍ଭର କରେ। ଫାଇନାଲ ଡିଭିଡେଣ୍ଡ, ୨୪ ଅଗଷ୍ଟ, ୨୦୨୫ ରବିବାର କିମ୍ବା ତା'ପୂର୍ବରୁ ଇଲେକ୍ଟ୍ରୋନିକ୍ ବ୍ୟାଙ୍କ ଟ୍ରାନ୍ସଫର ମୋଡ୍ ମାଧ୍ୟମରେ ସେହି ସଦସ୍ୟମାନଙ୍କୁ ପ୍ରଦାନ କରାଯିବ, ଯେଉଁମାନେ ଭୌତିକ ରୂପରେ ଅଂଶଧନ ଧାରଣ କରିଛନ୍ତି, ଯାହାଙ୍କ ନାମ କମ୍ପାନୀର ସଦସ୍ୟ ପଞ୍ଜିକାରରେ ଦେଖାଯିବ ଏବଂ ଡିମାଟ୍ ଭାବରେ ହୋଲ୍ଡିଂ କ୍ଷେତ୍ରରେ ଯାହାଙ୍କ ନାମ ଘଝଉଖ ଏବଂ ସେଣ୍ଟ୍ରାଲ୍ ଡିପୋଜିଟୋରୀ ସର୍ଭିସେସ୍ (ଇଣ୍ଡିଆ) ଲିମିଟେଡ୍ ଦ୍ୱାରା ୧୮ ଜୁଲାଇ, ୨୦୨୫ ଶୁକ୍ରବାର ବ୍ୟବସାୟ ସମୟ ଶେଷ ହେବା ପର୍ଯ୍ୟନ୍ତ ଲାଭଦାୟକ ମାଲିକ ଭାବରେ ପ୍ରଦାନ କରାଯାଇଛି।

୮. ଲାଭାଂଶ ଉପରେ ଟିଡିଏସ୍:

ଆର୍ଥିକ ଆଇନ ୨୦୨୦ରେ ସଂଶୋଧନ ଅନୁଯାୟୀ; ଏପ୍ରିଲ ୧, ୨୦୨୦ରେ କିମ୍ବା ତା'ପରେ କମ୍ପାନୀ ଦ୍ୱାରା ଘୋଷିତ, ପ୍ରଦାନ କିମ୍ବା ବଣ୍ଟନ କରାଯାଇଥିବା ଲାଭାଂଶ, ସେୟାରଧାରକମାନଙ୍କ ହାତରେ କରଯୋଗ୍ୟ। ସଦସ୍ୟଙ୍କ ଆବାସିକ ସ୍ଥିତି ଏବଂ କମ୍ପାନୀ/ଡିପୋଜିଟୋରୀ ସହିତ ଦାଖଲ କରାଯାଇଥିବା ଡକ୍ୟୁମେଣ୍ଟ ଉପରେ ନିର୍ଭର କରି ଟିକସ ହାର ଭିନ୍ନ ହେବ। ପାନ୍ ଥିବା ଜଣେ ବାସିନ୍ଦା ବ୍ୟକ୍ତିଗତ ସଦସ୍ୟ ଏବଂ ଯିଏ ଆୟକର ଦେବାକୁ ଦାୟୀ ନୁହଁନ୍ତି, ସେ ଉତ୍ସରେ କର ହ୍ରାସ ନ କରିବାର ଲାଭ ପାଇବା ପାଇଁ ପ୍ରଯୁଜ୍ୟ ଫର୍ମ ନଂ ୧୫ଜି/୧୫ଏଚ୍‌ରେ ଏକ ବାର୍ଷିକ ଘୋଷଣା ଦାଖଲ କରନ୍ତି। ସଦସ୍ୟମାନଙ୍କୁ ଅନୁରୋଧ କରାଯାଇଛି ଯେ ଯଦି ସେମାନଙ୍କର ଚଇଘ ପଞ୍ଜିକୃତ ହୋଇନାହିଁ, ତେବେ ୨୦% ଅଧିକ ହାରରେ କର କାଟି ନିଆଯିବ। ଭାରତ ଏବଂ ସେମାନଙ୍କ ବାସସ୍ଥାନ ଦେଶ ମଧ୍ୟରେ କର ଚୁକ୍ତି ଅନୁଯାୟୀ ଲାଭଦାୟକ ହାର ପାଇବା ପାଇଁ ଅଣନିବାସୀ ସଦସ୍ୟମାନେ ଆବଶ୍ୟକୀୟ ଡକ୍ୟୁମେଣ୍ଟ ପ୍ରଦାନ କରିବା ଉପରେ ନିର୍ଭର କରନ୍ତି ଯଥା: କୌଣସି ସ୍ଥାୟୀ ପ୍ରତିଷ୍ଠାନ ଏବଂ ଲାଭଦାୟକ ମାଲିକାନା ଘୋଷଣା, କର ବାସସ୍ଥାନ ପ୍ରମାଣପତ୍ର, ପାନ୍, ଫର୍ମ ୧୦ଏଫ୍, କର ଚୁକ୍ତି ଲାଭ ପାଇବା ପାଇଁ ଆବଶ୍ୟକ ଅନ୍ୟ କୌଣସି ଡକ୍ୟୁମେଣ୍ଟ ନାହିଁ। ଏହା ବ୍ୟତୀତ, ଆର୍ଥିକ ଆଇନ, ୨୦୨୧ର ଧାରା ୨୦୬ଆର୍‌ବି ଅନୁଯାୟୀ, ଯଦି ଜଣେ ବ୍ୟକ୍ତି ପୂର୍ବ ଦୁଇ ଆର୍ଥିକ ବର୍ଷ ପାଇଁ ତାଙ୍କର ଆୟ ରିଟର୍ଣ୍ଣ ଦାଖଲ କରିନାହାଁନ୍ତି ଏବଂ ତାଙ୍କ କ୍ଷେତ୍ରରେ ଉତ୍ସରେ ସଂଗୃହିତ କର (ଟିଡିଏସ୍) ସମେତ ଉତ୍ସରେ କଟାଯାଇଥିବା କର (ଟିସିଏସ୍)ର ମୋଟ ପରିମାଣ ଏହି ଦୁଇ ଆର୍ଥିକ ବର୍ଷରେ ୫୦,୦୦୦ ଟଙ୍କା କିମ୍ବା ତା'ଠାରୁ ଅଧିକ ହୋଇଥାଏ, ତେବେ ଟିଡିଏସ୍ (କ) ଆୟକର ଆଇନର ପ୍ରାସଙ୍ଗିକ ବ୍ୟବସ୍ଥାରେ ନିର୍ଦ୍ଦିଷ୍ଟ ହାରର ଦୁଇଗୁଣ କିମ୍ବା (ଖ) ପ୍ରଚଳିତ ହାର କିମ୍ବା ହାରର ଦୁଇଗୁଣ; କିମ୍ବା (ଗ) ୫% ହାରରୁ ଅଧିକ ହେବ। ପ୍ରତିବର୍ଷ ୫୦,୦୦୦ ଟଙ୍କାର ଟିଡିଏସ୍/ଟିସିଏସ୍‌ର ମୋଟ ପରିମାଣ କେବଳ ସଦସ୍ୟମାନଙ୍କ ଦ୍ୱାରା ପ୍ରାପ୍ତ ଲାଭାଂଶ ଆୟ ଉପରେ ଟିଡିଏସ୍ ପର୍ଯ୍ୟନ୍ତ ସୀମିତ ନୁହେଁ ବରଂ ଏଥିରେ ସମ୍ପୃକ୍ତ ଆର୍ଥିକ ବର୍ଷ ମଧ୍ୟରେ ସଦସ୍ୟଙ୍କ ସମସ୍ତ ଟିଡିଏସ୍/ ଟିସିଏସ୍ କାରବାର ଅନ୍ତର୍ଭୁକ୍ତ ହେବ। ସଦସ୍ୟଙ୍କୁ ଏଥିପାଇଁ ସ୍ୱୟଂ-ଘୋଷଣା ପ୍ରଦାନ କରିବାକୁ ପଡିବ। ଉପରୋକ୍ତ ଡକ୍ୟୁମେଣ୍ଟଗୁଡ଼ିକ einword.ris@kfintech.comକୁ ଇମେଲ୍ ପଠାଇ କିମ୍ବା ସ୍ୱ-ପ୍ରମାଣିତ ଡକ୍ୟୁମେଣ୍ଟଗୁଡ଼ିକୁ https://ris.kfintech.com/form୧୫ରେ ଅପଲୋଡ୍ କରି, ଶୁକ୍ରବାର, ୧୮ ଜୁଲାଇ, ୨୦୨୫ରେ କିମ୍ବା ପୂର୍ବରୁ ପ୍ରଦାନ କରାଯାଇପାରିବ। ଶୁକ୍ରବାର, ୧୮ ଜୁଲାଇ, ୨୦୨୫ ପରେ ପ୍ରାପ୍ତ କର ନିର୍ଣ୍ଣୟ/କାଟ ସମ୍ପର୍କରେ କୌଣସି ଯୋଗାଯୋଗକୁ ବିଚାରକୁ ନିଆଯିବ ନାହିଁ। ଯଦି ଟିଡିଏସ୍ ଅଧିକ ହାରରେ କଟାଯାଏ, ତେବେ ସଦସ୍ୟଙ୍କ ପାଖରେ ଆୟ ରିଟର୍ଣ୍ଣ ଦାଖଲ କରିବା ଏବଂ ଉପଯୁକ୍ତ ଫେରସ୍ତ ଦାବି କରିବା ପାଇଁ ଏକ ବିକଳ୍ପ ଉପଲବ୍ଧ ଅଛି।

୯. ୯ମ ବାର୍ଷିକ ସାଧାରଣ ସଭାର ସୂଚନା ଏବଂ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବାର୍ଷିକ ରିପୋର୍ଟ ଯଥାସମ୍ଭବରେ ସଦସ୍ୟମାନଙ୍କୁ ପ୍ରଯୁଜ୍ୟ ଆଇନ ଅନୁଯାୟୀ ସେମାନଙ୍କ ପଞ୍ଜିକୃତ ଇମେଲ୍ ଆଇଡିରେ ପଠାଯିବ।

ସଦସ୍ୟମାନଙ୍କୁ ଅନୁରୋଧ କରାଯାଇଛି ଯେ ସେମାନେ ନବମ ବାର୍ଷିକ ସାଧାରଣ ସଭାର ନୋଟିସରେ ଉଲ୍ଲେଖିତ ସମସ୍ତ ଟିପ୍ପଣୀ ଏବଂ ବିଶେଷକରି ବାର୍ଷିକ ସଭାରେ ଯୋଗଦାନ ପାଇଁ ନିର୍ଦ୍ଦେଶାବଳୀ, ରିମୋଟ୍ ଇ-ଭୋଟିଂ ମାଧ୍ୟମରେ କିମ୍ବା ବାର୍ଷିକ ସଭା ସମୟରେ ଭୋଟ ଦେବାର ପଦ୍ଧତିକୁ ଭଲଭାବେ ପଢିବାକୁ ଅନୁରୋଧ।

**ନିର୍ଦ୍ଦେଶକ ମଣ୍ଡଳୀଙ୍କ ଆଦେଶ ଅନୁଯାୟୀ**
**ଓରିଏଣ୍ଟ ଇଲେକ୍ଟ୍ରିକ୍ ଲିମିଟେଡ୍ ପାଇଁ**
**ସ୍ୱା/-**
**ଦୀକ୍ଷା ସିଂହ**
**କମ୍ପାନୀ ସେକ୍ରେଟାରୀ**
**ଏମ୍. ନଂ.ଏ୪୪୯୯୯**

**ସ୍ଥାନ : ନୂଆଦିଲ୍ଲୀ**
**ତାରିଖ : ୨୬ ଜୁନ୍, ୨୦୨୫**

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



କାକଟପୁର, (ଭାସ୍କର ନ୍ୟୁଜ୍): କାକଟପୁର ଗ୍ରାମ୍ୟଉନ୍ନୟନ ବିଭାଗ ସବଡ଼ିଭିଜନ ପକ୍ଷରୁ ଗୁରୁବାର ଦିନ ୪୦ କୋଟି ଟଙ୍କା ବ୍ୟୟ ବରାଦରେ ୪ ଗୋଟି ରାସ୍ତା କାର୍ଯ୍ୟ ସହ ୧ ଗୋଟି ସେତୁ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନା କରାଯାଇଛି। ପ୍ରକଳ୍ପଗୁଡିକ ମଧ୍ୟରେ ରହିଛି କାକଟପୁର ଠାରୁ ପାଟସୁନ୍ଦରପୁର ୫ କିମି ୪୨ ମିଟର ରାସ୍ତା, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗର ମନ୍ତ୍ରୀ ରବି ନାୟକଙ୍କ ଦ୍ୱାରା ଏହି ପ୍ରକଳ୍ପ କର ଭିତ୍ତିପ୍ରସ୍ତର ସ୍ଥାପନା କରାଯାଇଥିବା ବେଳେ କାର୍ଯ୍ୟକ୍ରମରେ ଜଗତସିଂହପୁର ଲୋକସଭା ସାଂସଦ ଡ ବିଭୂପ୍ରସାଦ ତରାଇ, କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, କଣ୍ଡାପଡା ଗ୍ରାମପଞ୍ଚାୟତ ସରପଞ୍ଚ ରୀନା ନାୟକ, ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ, ପୁରୀ ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ସମ୍ପାଦକ ସାଂସଦ ପ୍ରତିନିଧି ରାକେଶ କୁମାର ବିଶ୍ୱାଳ, କୈଳାସ ଚନ୍ଦ୍ର ନାୟକ, ମଙ୍ଗଳା ପ୍ରସାଦ ସାମନ୍ତରାୟ, ପ୍ରମୁଖ ସତାଧିକ କର୍ମୀ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଡିଭିଜନର ଅଧିକାରୀ ଓ ଯନ୍ତ୍ରୀ ମାନେ ଉପସ୍ଥିତ ଥିଲେ।



# ଗୋରୁ ଗାଡି ଜବତ, ୧୦୦ ଗୋରୁ ଉଦ୍ଧାର

ବଡ଼ଚଣା, (ଭାସ୍କର ନ୍ୟୁଜ୍): ବୁଧବାର ବିଳମ୍ବିତ ରାତିରେ ୫୩ନମ୍ବର ଜାତୀୟ ରାଜପଥ ଶ୍ରୀରାଚନ୍ଦ୍ରପୁର ଟୋଲ ପ୍ଲାଜ ନିକଟରୁ ବଡଚଣା ପୋଲିସ ଏକ ଚୋର ଗୋରୁ ଗାଡିକୁ ଜବତ କରିବା ସହିତ ଗାଡିରେ ଥିବା ୧୦୦ଟି ଗୋରୁଙ୍କୁ ଉଦ୍ଧାର କରିଛି। ଘଟଣାରୁ ପ୍ରକାଶ ଗତକାଲି ବିଳମ୍ବିତ ରାତିରେ ବାଲିଚନ୍ଦ୍ରପୁର ଚାରିନଙ୍ଗଳରୁ କଲିକତାକୁ ଚୋରା ଚାଲାଣ ହେଉଥିବା ଏକ ୧୬ ଚକିଆ ଗାଡ଼ିରେ ପ୍ରାୟ ୧୦୦ଟି ଗୋରୁ ଚାଲାଣ ହେଉଥିବାର ଏକ ବିଶେଷ ସୂତ୍ରରୁ ଖବର ପାଇ ବଡଚଣା ଥାନା ଅଧିକାରୀ ମଧୁସ୍ମିତା ବେହେରାଙ୍କ ନେତୃତ୍ୱରେ ବଡଚଣା ପୋଲିସ ଗାଡ଼ିଟିକୁ ଅଟକାଇବାକୁ ଚେଷ୍ଟା କରୁଥିବାବେଳେ ଗାଡ଼ିଟି ଦୃତ ଗତିରେ ପଳାଇ ଯିବାକୁ ଚେଷ୍ଟା କରିଥିଲା। ପୋଲିସ ଏହାର ପିଛା କରି ଶ୍ରୀରାମପୁର ଟୋଲ ପ୍ଲାଜା ନିକଟରେ ଅଟକାଇଥିଲେ। ଗାଡିଚାଳକ ଗାଡ଼ିରୁ ଡେଇଁ ପଳାଇ ଯିବାକୁ ଚେଷ୍ଟା କରୁଥିବା ବେଳେ ଆହାତ ହୋଇଥିଲେ। ପୋଲିସ ଆହାତ ଚାଳକକୁ ବଡଚଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କଟକ ବଡ଼ ମେଡ଼ିକାଲକୁ ପଠାଇଥିଲେ। ଏ



ସମ୍ବନ୍ଧରେ ଥାନାରେ ମାମଲା ରୁଜୁ କରାଯାଇଛି। ଖୁବ ଶୀଘ୍ର ଏହାର ତଦନ୍ତ କରି ଆସାମୀ ମାନଙ୍କୁ ଗିରଫ କରାଯିବ ବୋଲି ଗଣମାଧ୍ୟମରେ ଥାନା ଅଧିକାରୀ ମଧୁସ୍ମିତା ବେହେରା କହିଛନ୍ତି। ଜବତ ଗାଡ଼ିଟିରେ ଶହେ ଗୋରୁ ଅତି ଅମାନୁଷିକ ଭାବରେ ଚାଲାଣ ହେଉଥିବା ବେଳେ ବହୁ ଗୋରୁ ଆହାତ ଓ ଅସୁସ୍ଥ ଥିବା ଦେଖାଯାଇଥିଲା। ଗୋରୁଗୁଡିକୁ ପ୍ରଥମେ ଛତିଆ ଗୋଶାଳାକୁ ନିଆଯାଇଥିଲା। ମାତ୍ର ସେଠାରେ ସ୍ଥାନ ଅଭାବ ଯୋଗୁ ଗୋରୁ ଗୁଡିକୁ ଚୌଦ୍ୱାର ଗୋଶାଳାକୁ ସ୍ଥାନାନ୍ତର କରାଯାଇ ଥିଲା। ପ୍ରକାଶ ଥାଉକିବଡଚଣା ଅଞ୍ଚଳର ଦର୍ପଣଗଡ, ଚାରିନଙ୍ଗଳ, ନଳିପୁର ଓ ନେଉଳପୁରରୁ ଦୈନିକ ଶହଶହ ଗୋରୁ ପଶ୍ଚିମବଙ୍ଗକୁ ଚୋରାଚାଲାଣ ହେଉଥିବା ବେଳେ ବଡଚଣା ଥାନା ଅଧିକାରୀ ମଧୁସ୍ମିତା ବେହେରାଙ୍କ ଏତାଦୃଶ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି। ବଡ଼ଚଣା ଥାନା ଭାରପ୍ରାପ୍ତ ଦିନ ଠାରୁ ମାଫିଆ ମାନଙ୍କ ନିଦ ହଜିଯାଇଛି। ସେ ସାଧାରଣ ଲୋକଙ୍କ ନ୍ୟାୟ ପାଇଁ ଓ ଜନ ସେବା କାର୍ଯ୍ୟ କରୁଥିବାରୁ ଅଞ୍ଚଳରେ ପ୍ରିୟ ପାତ୍ର ହୋଇପାରିଛନ୍ତି।

# ଯୁବତୀଙ୍କୁ ଦୁଷ୍କର୍ମ ମାମଲାରେ ଆଉ ଜଣେ ଗିରଫ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆ ଥାନା ଅନ୍ତର୍ଗତ କୁଇତା ଢ଼ାବା ନିକଟ କାଜୁ ଜଙ୍ଗଲ ଠାରେ ୨୪ ତାରିଖ ରାତିରେ କିଛି ଦୁର୍ବୃତ୍ତ ଜଣେ ଯୁବତୀକୁ ଏକୁଟିଆ ପାଇ ଗଣବଳାତ୍କାର କରିଥିବାର କରଞ୍ଜିଆ ଥାନାରେ ଅଭିଯୋଗ ହୋଇଥିଲା। ପୀଡ଼ିତା ତଥା ଏତଲାକାରୀଙ୍କ ଅଭିଯୋଗ ଅନୁଯାଇ କରଞ୍ଜିଆ ଥାନାରେ ୨୧୯/୨୫ ନମ୍ବରରେ ଏକ ମାମଲା ରୁଜୁ ହୋଇ ପୋଲିସ ତଦନ୍ତ କରି ମୁଖ୍ୟ ଆସାମୀ ବିକାଶ କୁମାର ପାତ୍ରଙ୍କୁ ଗିରଫ କରିଥିଲା। ତେବେ ଅଧିକ ତନାଘାନା କରି ଦୁଷ୍କର୍ମ କରିଥିବା ଲୋକନାଥ ମହାନ୍ତକୁ ଗିରଫ କରାଇବାକୁ ସଫଳ ହେଇଛି। ଗିରଫ ପରେ ଉଭୟଙ୍କୁ କୋର୍ଟଚାଲାଣ କରିଥିବା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ ଉପଖଣ୍ଡ ପୋଲିସ ଅଧିକାରୀ ନବକୃଷ୍ଣ ନାଏକ। ଏହି ଘଟଣାରେ ଅନ୍ୟ ଆସାମୀ ଫେରାର ହୋଇଥିଲେ ମଧ୍ୟ ଅନ୍ୟ ଆସାମୀଙ୍କୁ ତୁରନ୍ତ ଧରିବୁ ବୋଲି ଦୃଢତାର ସହିତ କହିଥିଲେ ଉପଖଣ୍ଡ ପୋଲିସ ଅଧିକାରୀ। ତେବେ ପ୍ରାପ୍ତ ଘଟଣାରୁ ପ୍ରକାଶ ଯେ ଜନୈକ ଯୁବତୀ କରଞ୍ଜିଆ ଥାନାର ହଳଦିଆପୋଷି ଗ୍ରାମର ମାମୁ ଘରକୁ ବୁଲିବାକୁ ଆସିଥିଲା। ସେଦିନ ଅପରାହ୍ନ ୪.୩୦ମିନିଟ ସମୟରେ ନଧାଗାଡିଆ ଗ୍ରାମରେ ଥିବା ହନୁମାନ ମନ୍ଦିରକୁ ପୂଜା କରିବାକୁ ଆସିଥିଲା ଓ ପୂଜାସାରି ନିଜ ମାମୁଁଘର ଗ୍ରାମକୁ ଫେରୁଥିଲା। ବାଟରେ ଏକ କାଜୁ ଜଙ୍ଗଲ ନିକଟରେ କିଛି ଦୁର୍ବୃତ୍ତ ଯୁବତୀକୁ ଏକୁଟିଆ ପାଇଁ ପୋଲସର ମଟର ସାଇକେଲ ଯୋଗେ ଜାତୀୟ ରାଜପଥକଡକୁ ନେଇ ଦୁଷ୍କର୍ମ କରିଥିଲେ। ଯୁବତୀ ଜଣକ ବହୁ କଷ୍ଟରେ ଘରକୁ ଫେରି ପରିବାର ଲୋକଙ୍କୁ ଅଘଟଣ ସମ୍ପର୍କରେ ସୂଚନା ଦେବାସହ ସେହି ରାତି ପ୍ରାୟ ୨.୩୦ରେ କରଞ୍ଜିଆ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ କରଞ୍ଜିଆ ଆଇଆଇସି ଶରତ କୁମାର ମହାଳିକଙ୍କ ନେତୃତ୍ୱରେ ପୁଲିସ ବିଭିନ୍ନ ସ୍ଥାନ ଚଢ଼ାଉକରି ବିକାଶ କୁମାର ପାତ୍ର ନାମକ ଜଣେ ଆସାମୀଙ୍କୁ ଗିରଫ କରିଥିବା ବେଳେ ଗୁରୁବାର ଆଉ ଜଣକୁ ଗିରଫକରି ମେଡିକାଲ ଚିକିତ୍ସା କରାଯାଇ କୋର୍ଟଚାଲାଣ କରିଥିବା ସୂଚନା ଦେଇଛନ୍ତି ଉପଖଣ୍ଡ ପୋଲିସ ଅଧିକାରୀ ନବ କୃଷ୍ଣ ନାଏକ।

## ଏନକାଉଣ୍ଟରରେ ୨ମହିଳା ମାଓବାଦୀ ମୃତ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ସୁରକ୍ଷାକର୍ମୀ ଏବଂ ମାଓବାଦୀ ମଧ୍ୟରେ ଏନକାଉଣ୍ଟର ଦୁଇ ମହିଳା ମାଓବାଦୀଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାଇ, ମାଲକାନଗିରି ଜିଲ୍ଲା ସୀମାନ୍ତ ରାଜ୍ୟ ଛତିଶଗଡର ନାରାୟଣପୁର ଜିଲ୍ଲାର ଅବୁଝମାଡ଼ ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ଖବର ପୋଲିସକୁ ମିଳିବା ପରେ ସୁରକ୍ଷାକର୍ମୀର ଏକ ଦଳ ମାଓଦମନ ଅଭିଯାନରେ ବାହାରି ଅବୁଝମାଡ଼ ପାହାଡ଼ ରେ ପହଞ୍ଚି ତଲାସୀ ଅଭିଯାନ କରିବା ସମୟରେ ମାଓବାଦୀ ସାଥିରେ ଗୁଳିବିନିମୟ ହୋଇଥିଲା। ମାଓବାଦୀମାନେ ସୁରକ୍ଷାକର୍ମୀଙ୍କ ସାମ୍ନା କରି ନ ପାରି ଘଞ୍ଚ ଜଙ୍ଗଲ ଆଡ଼ରେ ଲୁଚି ପଳାଇଥିଲେ। ସୁରକ୍ଷାକର୍ମୀ ଦଳ ଗୁରୁବାର ଦିନ ଘଟଣାସ୍ଥଳରୁ ଦୁଇ ମହିଳା ମାଓବାଦୀଙ୍କ ଶବ ସହ ଗୋଟିଏ ଇନସାସ ରାଇଫଲ, ୩୧୫ ବୋର ରାଇଫଲ, ଗୁଳି, ମେଗଜିନ ସହ ମାଓ ବିସ୍ଫୋରକ ସାମଗ୍ରୀ ଜବତ କରିଛନ୍ତି। ମୃତ୍ୟୁ ହୋଇଥିବା ଦୁଇ ମହିଳା ମାଓବାଦୀ ହେଲେ ୫ଲକ୍ଷ ଇନାମୀ ମହିଳା ମାଓବାଦୀ ସୀମା ଏବଂ ୧ଲକ୍ଷ ଇନାମୀ ମହିଳା ମାଓବାଦୀ ଲିଙ୍ଗେ। ବର୍ତ୍ତମାନ ମଧ୍ୟ ଅବୁଝମାଡ଼ ଜଙ୍ଗଲରେ ସୁରକ୍ଷାକର୍ମୀ ଦ୍ୱାରା ତଲାସୀ ଅଭିଯାନ ଜାରି ରହିଥିବା ଜଣାପଡିଛି।

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ ପାଳିତ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବିଜେପିର କାନ୍ତକବି ଓ ସାହାଡ଼ା ସୁନ୍ଦରୀ ମଣ୍ଡଳ ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନରେ ଗୁରୁବାର ବିଭିନ୍ନ ସେବା କାର୍ଯ୍ୟ କରାଯାଇଛି। କାନ୍ତକବି ମଣ୍ଡଳ ପକ୍ଷରୁ ଯୋଗୀ ରଷି ଲଛମନ ଦାସ ଶିଶୁ ଆଶ୍ରମ, ନନ୍ଦପୁର ବିବେକାନନ୍ଦ ସ୍କୁଲ, ତିହିଡ଼ି ଡାକ୍ତରଖାନା, ଅଚକ ଅଙ୍ଗନୱାଡ଼ି ଓ ପ୍ରାଥମିକ ବିଦ୍ୟାଳୟରେ ଫଳ ଓ ବିସ୍କୁଟ ବଣ୍ଟନନ କରାଯାଇଥିଲା। ଏଥିସହ ଅଚକ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ସରୋଜ କୁମାର ନାୟକଙ୍କ ନେତୃତ୍ୱରେ ବିଜେପି ନେତା ଭରତ କୁମାର ସାହୁ, ତପନ ପାଢ଼ୀ, ବ୍ରଜ କିଶୋର ବେହେରା, ତାପସ ବେହେରା, ଯଜ୍ଞଦତ୍ତ ପତି, ଅଭିମନ୍ୟୁ ମହାନ୍ତି, ପ୍ରଭାତ ବେହେରା, ଧନେଶ୍ୱର ପାଢ଼ୀ, ସତ୍ୟାନନ୍ଦ ପାଣିଗ୍ରାହୀ, ସମିତିସଭ୍ୟ ଭକ୍ତହରି ମଳିକ ଓ ପୁଷ୍ପାଞ୍ଜଳି ବେହେରା, ମହିଳାମୋର୍ଚ୍ଚା ସଭାନେତ୍ରୀ କାଞ୍ଚନବାଳା ରାଉଳ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ସାହାଡ଼ା ସୁନ୍ଦରୀ ମଣ୍ଡଳ ପକ୍ଷରୁ ପୂର୍ବତନ ବିଧାୟକ ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ମଣ୍ଡଳ ସଭାପତି କେଶବ ବେହେରାଙ୍କ ତତ୍ତ୍ୱାବଧାନରେ ସାଂସଦଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ସରପଞ୍ଚ ଶୁଭ୍ରନାରାୟଣ ସେଠୀ ଓ ପ୍ରଦୀପ ବଳ, ସମିତିସଭ୍ୟ ଶୁକଦେବ ମଳିକ, ବିଜେପି ନେତା ତପୁନୁ ପାଣି, ହରିଶ୍ଚନ୍ଦ୍ର ନାୟକ ପ୍ରମୁଖ ତିହିଡ଼ି ଡାକ୍ତରଖାନା ପରିସର ସଫେଇ କରିବା ସହିତ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ।

## ଶିବ ମନ୍ଦିର ଦଧିନଉତି ଭରଣ ଉତ୍ସବ

ଆଳି, (ଭାସ୍କର ନ୍ୟୁଜ୍):ଓସ୍ତିଆ ପଞ୍ଚାୟତର ଆଳି ପାଖ ଥିବା ନଳଦିଆ ଗ୍ରାମରେ ନୀଳକଣ୍ଠେଶ୍ୱର ମହାଦେବଙ୍କ ନବନିର୍ମିତ ମନ୍ଦିରର ଦଧିନଉତି ଭରଣ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ଗ୍ରାମବାସୀମାନଙ୍କ ପ୍ରୟାସ ଯୁବଗୋଷ୍ଠୀଙ୍କ ସକ୍ରିୟ ସହଯୋଗରେ ଶତାଧିକ କଳସଧାରୀ ବ୍ରାହ୍ମଣୀ ନଦୀରୁ ଜଳ ଧାରଣକରି ମନ୍ଦିର ନିକଟରେ ପହଞ୍ଚି ଏକ ଦିନାତ୍ମକ ଯଜ୍ଞର ଶୁଭାରମ୍ଭ ହୋଇଥିଲା। ମୁଖ୍ୟ କଳସଧାରୀ ବେଣୁଧର ପ୍ରଧାନ ସପତ୍ନୀକ ଯଜ୍ଞକର୍ତ୍ତା ରୂପେ ଯୋଗ ଦେଇଥିଲେ। ବାଜା, ବାଣ ସହିତ ଖୋଳ କଂସାଳ ସାଙ୍ଗକୁ ହରିବୋଲ ହୁଳହୁଳିରେ ମନ୍ଦିର ପରିବେଶ ପ୍ରକମ୍ପିତ ହୋଇ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଆଧ୍ୟାତ୍ମିକ ବାତାବରଣ ମଧ୍ୟରେ ଯଜ୍ଞ ପୂର୍ଣ୍ଣାହୁତି ପରେ ଶ୍ରଦ୍ଧାଳୁମାନେ ଆଣିଥିବା ସୁନା ରୁପା ପରି ଧାତୁ ଦ୍ରବ୍ୟ, ଧାନ ପରି ଶସ୍ୟ ଦଧିନଉତିରେ ଭରଣ କରାଯାଇଥିଲା, ଭକ୍ତିଭାବ ପୂର୍ଣ୍ଣ ବଳୟ ମଧ୍ୟରେ ନଳଦିଆ ଏବଂ ପଡୋଶୀ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସୁମନ୍ତ କୁମାର ନାୟକଙ୍କ ସାଙ୍ଗଠନିକ ପ୍ରଚେଷ୍ଟା ଯୁବଗୋଷ୍ଠୀ ତଥା ଗ୍ରାମର ଅକ୍ଷବକ୍ଷଳ ବୃଦ୍ଧ ବନିତା ଉପସ୍ଥିତ ରହି ମାଙ୍ଗଳିକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ତିନିଦିନ ହେଲା ତୃଷାର୍ତ୍ତରେ ୩୧୯ ଛାତ୍ରଛାତ୍ରୀ

ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ କୁରୁଜଙ୍ଗା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୩୧୯ ଛାତ୍ରଛାତ୍ରୀ ଗତ ତିନିଦିନ ହେଲା ତୃଷାର୍ତ୍ତ ଅବସ୍ଥାରେ ରହିଛନ୍ତି। ସୂଚନାରୁ ପ୍ରକାଶ ସରକାର ଗ୍ରାମାଞ୍ଚଳର ଛାତ୍ରଛାତ୍ରୀମାନଙ୍କୁ ଇଂରାଜୀ ମାଧ୍ୟମରେ ଶିକ୍ଷା ଦେବା ପାଇଁ ପ୍ରତି ବ୍ଲକରେ ଆଦର୍ଶ ବିଦ୍ୟାଳୟ ମାନ ଖୋଲିଛନ୍ତି। ଏହି ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ହଷ୍ଟେଲରେ ରହିବା ସହ ଅତ୍ୟାଧୁନିକ ଶିକ୍ଷା ଗ୍ରହଣ କରିବେ। ଏହି ଲକ୍ଷ୍ୟ ନେଇ ଡେରାବିଶ ବ୍ଲକ ଅନ୍ତର୍ଗତ କୁରୁଜଙ୍ଗା ପଞ୍ଚାୟତରେ ଆରମ୍ଭ କରାଯାଇଥିବା ଏହି ବିଦ୍ୟାଳୟରେ ଏବେ ଷଷ୍ଠ ଠାରୁ ନବମ ଶ୍ରେଣୀ ଯାଏ ଚାରୋଟି ଶ୍ରେଣୀରେ ମୋଟ ୩୧୯ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଏହି ବିଦ୍ୟାଳୟର କୋଠା ଓ ଅନ୍ୟ ପାରିପାର୍ଶ୍ୱିକ ଉନ୍ନତି ପାଇଁ କେନ୍ଦ୍ରାପଡ଼ା (ରାସ୍ତା କୋଠାବାଡ଼ି) ବିଭାଜନ-୨ ଦ୍ୱାରା ଜନୈକ ଠିକାଦାରଙ୍କୁ ଏହାର ନିର୍ମାଣ ଦାୟିତ୍ୱ ଦିଆଯାଇଥିଲ। ତେବେ ଏହି ଠିକାଦାର ଜଣକ ଏହି ଗୃହ ନିର୍ମାଣ



କରିବାରେ ଅହେତୁକ ବିଳମ୍ବ କରିବାରୁ ଗତ ୨୦୨୪ ମସିହା ଜାନୁୟାରୀ ମାସରେ ଏହି ଅର୍ଦ୍ଧନିର୍ମିତ କୋଠାରେ ବିଦ୍ୟାଳୟ କାର୍ଯ୍ୟ ଆରମ୍ଭ ହୋଇଥିଲା। ଠିକାଦାରଙ୍କ ମନମାନୀ ଓ ନିମ୍ନମାନର କାର୍ଯ୍ୟ ଯୋଗୁ ଏହି ବିଦ୍ୟାଳୟକୁ ବୋରିଂ ପାନୀୟ ଜଳ ଯୋଗାଇ ଦିଆଯାଉ ଥିବା ପାଣି ମୋଟରଟି ଗତ ତିନିଦିନ ହେବ ଖରାପ ହୋଇଯାଇଛି। ଫଳରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପାନୀୟ ଜଳ ଟିକିଏ ପାଇବା ପାଇଁ ଉହଳ ବିକଳ ହେଉଛନ୍ତି। ଏପରିକି ଶୌଚାଳୟରେ ପାଣି ନଥିବାରୁ ଶୌଚହେବା ପାଇଁ ଛାତ୍ରୀମାନେ ଦୁର୍ଦ୍ଦଶ ଭୋଗୁଛନ୍ତି। ଏଥିସହିତ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ପାଇଁ ମଧ୍ୟ ପାଚିକା ଜଣକ ସମାନ ଅବସ୍ଥା ଭୋଗ କରୁଛନ୍ତି। ବାଧ୍ୟ ହୋଇ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଠାରୁ ଅନତି ଦୂରରେ ଥିବା ଏକ ସରକାରୀ ନଳକୂପ ଉପରେ ପାନୀୟ ଜଳ ପାଇଁ ନିର୍ଭର କରିବା ସହିତ ସେଠାରୁ ପାଣି ଯାଇ ମଧ୍ୟାହ୍ନ ଭୋଜନ ରୋଷେଇବାସ ହେଉଛି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରିୟବ୍ରତ ସ୍ୱାଇଁଙ୍କୁ ପଚାରିବାରୁ ସେ କହିଲେ ଏହି କୋଠାକୁ ନିର୍ମାଣ କରୁଥିବା ଠିକାଦାର ଜଣକ ଅଦ୍ୟାବଧି ତା'ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିନାହିଁ। ଏଥିସହିତ କେନ୍ଦ୍ରାପଡ଼ା (ରାସ୍ତା କୋଠାବାଡ଼ି) ବିଭାଜନ-୨ ବିଭାଗ ପକ୍ଷରୁ ଏହି ବିଦ୍ୟାଳୟ ଘରକୁ ଆମକୁ ବିଧିବଦ୍ଧ ଭାବେ ହସ୍ତାନ୍ତର କରି ନାହାଁନ୍ତି। ମୁଁ ପାଣି ପମ୍ପ ଖରାପ ହୋଇଥିବା ସମ୍ବନ୍ଧରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଛି। ହେଲେ ଅଦ୍ୟାବଧି ବିଭାଗ ପକ୍ଷରୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ସଠିକ କରିବା ପାଇଁ କୌଣସି ପଦକ୍ଷେପ ନେଇ ନାହାଁନ୍ତି। ତେବେ ଏ ସମ୍ବନ୍ଧରେ ବିଭାଗୀୟ ଯନ୍ତ୍ରୀ ଅଜୟ କୁମାର ଦାସଙ୍କୁ ପଚାରିବାରୁ ସେ କହିଲେ ବିଦ୍ୟାଳୟ ଏଠାରେ ଗତ ଦେଢ଼ ବର୍ଷ ହେବ କାର୍ଯ୍ୟକ୍ଷମ ଅଛି। ତେବେ ପମ୍ପର ପାଣି ମୋଟରଟି ଖରାପ ହୋଇଯାଇଛି। ଆମେ ଏହାର ମରାମତି ପାଇଁ ମେକାନିକଙ୍କୁ ଖବର ଦେଇଛୁ, ଆସନ୍ତା କାଲି ମେକାନିକ୍ ଆସି ଏହାକୁ ମରାମତି କରିଦେବା ସହ ବିଦ୍ୟାଳୟକୁ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି।

## ଶ୍ରୀ ବଳଦେବଜିଉଙ୍କ ନବଯୌବନ ଦର୍ଶନ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ନବ ଯୌବନ ରୂପରେ ଦର୍ଶନ ଦେଲେ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜିଉ। ତୁଳସୀକ୍ଷେତ୍ରରେ ଗୁରୁବାର ଶ୍ରୀବଳଦେବଜୀଉଙ୍କ ନେତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ନାନ ଯାତ୍ରାରେ ଅତ୍ୟଧିକ ସ୍ନାନ ଯୋଗୁ ମହାପ୍ରଭୁ ଭୀଷଣ ଜ୍ୱରରେ ପିଡିତ ଥିଲେ। ଭକ୍ତମାନଙ୍କୁ ଦର୍ଶନ ବାରଣ ଥିଲା। ଦୀର୍ଘ ପନ୍ଦରଦିନ ପରେ ଭକ୍ତଙ୍କୁ ପ୍ରଭୁ ଦୁର୍ଲଭ ନବ ଯୌବନ ରୂପରେ ଦର୍ଶନ ଦେଇଛନ୍ତି। ହଜାରହଜାର ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଆଜି ଶ୍ରୀଜୀଉଙ୍କ ନବ ଯୌବନ ଦର୍ଶନ କରିଥିଲେ। ଆଜି ପ୍ରତ୍ୟୁଷରୁ ପହୁଡ଼ ଖୋଲାଯାଇ ନେତ୍ର ଦାନ ସମ୍ମୁଖ ଦର୍ପଣରେ କରାଯାଇଥିଲା। ପରେ ଜୟ ମଙ୍ଗଳା ଆଳତି ହୋଇଥିଲା। ଏହାପରେ ନୀତି ସ୍ନାନ, ନ୍ୟାସ ପ୍ରତିଷ୍ଠା, ହୋମ, ସୂର୍ଯ୍ୟ ପୂଜା ଓ ଦ୍ୱାରପାଳ ଏବଂ ପାର୍ଶ୍ୱ ଦେବତାଙ୍କୁ ନୂତନ ବସ୍ତ୍ର ପ୍ରଦାନ ପୂର୍ବକ ଭୋଗଲାଗି କରା ଯାଇଥିଲା। ଏହାପରେ ବଲଭ, ମଙ୍ଗଳାର୍ପଣ, ସକାଳ ଧୂପ, ଦ୍ୱିପ୍ରହର ଧୂପ, ସନ୍ଧ୍ୟାଆଳତି କରାଯାଇଥିଲା। ପରେ ମନ୍ଦିର ଚୁଡ଼ାରେ ନେତ ବନ୍ଧା ହୋଇଥିଲା। ରଥ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ସରିଥିବାରୁ ରାଜ ପୁରୋହିତଙ୍କ ଦ୍ୱାରା ରଥ ପ୍ରତିଷ୍ଠା କାର୍ଯ୍ୟ କରାଯାଇଥିଲା।

## ସାମ୍ବାଦିକଙ୍କୁ ଅସହଯୋଗ ନେଇ ଏସପିଙ୍କ ଦ୍ୱାରସ୍ଥ ହେଲେ ବ୍ଲକ ପ୍ରତିନିଧି

ବାରିପଦା, (ଭାସ୍କର ନ୍ୟୁଜ୍): ବିବାଦୀୟ ପ୍ରସଙ୍ଗକୁ ନେଇ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟିଲେ ସାମ୍ବାଦିକ ସଂଘ। ଆଲୋଚନା ପରେ ଉଭୟ ସଂଘର କର୍ମକର୍ତ୍ତା ଏବଂ ସଦସ୍ୟଙ୍କ ସୁରକ୍ଷା ସହିତ ପୋଲିସ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଧିକାରୀ ସାମିଲ କରିବାର ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ। ତେବେ ମୟୁରଭଞ୍ଜ ଜିଲ୍ଲା ମୋରଡା ଥାନା ଅଧିକାରୀ ସୁମିତ କୁମାର ସରେନଙ୍କ ମୁଁ ସର୍ବେସର୍ବା ନୀତିକୁ ଗ୍ରହଣ କରି ନ ପାରି, କାର୍ଯ୍ୟରତ ଦୁଇ ସାମ୍ବାଦିକ ସଂଘର କର୍ମକର୍ତ୍ତା ସଦସ୍ୟ ଜିଲ୍ଲା ସାମ୍ବାଦିକ ସଂଘ କର୍ମକର୍ତ୍ତା ଏବଂ ସଦସ୍ୟଙ୍କ ସହ ମିଳିତ ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ସମସ୍ୟା ସମ୍ପର୍କରେ ସାକ୍ଷାତ ଆଲୋଚନା କରିଥିଲେ। ମୋରଡ଼ା ବ୍ଲକରେ କାର୍ଯ୍ୟରତ ଥିବା ସମସ୍ତ ଗଣମାଧ୍ୟମର ସାମ୍ବାଦିକଙ୍କୁ ମୋରଡ଼ା ଥାନା ଅଧିକାରୀ ସୁମିତ ସରେନ ସମସ୍ତ ପ୍ରକାରର ଅସହଯୋଗ କରୁଥିବାରୁ ଗୁରୁବାର ଅତିରିକ୍ତ ଏସପି ଦୀପକ ଗୋଛାୟତ ଏବଂ ମୟୁରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲିଙ୍କ ନିକଟରେ ମୋରଡ଼ା ବ୍ଲକ ସାମ୍ବାଦିକ ସଂଘ ଚିତ୍ରଡା ଏବଂ ମୋରଡ଼ା



ପ୍ରେସ କ୍ଲବର ସମସ୍ତ ସଦସ୍ୟ ସାକ୍ଷାତ ଆଲୋଚନା କରିଥିଲେ। ତେବେ ସମୁହ ଭାବେ ଆଲୋଚନା ସମୟରେ ଅସନ୍ତୋଷ ପ୍ରକାଶ କରି ଏଥିରେ ସୁଧାର ଆଣିବାପାଇଁ ମୋରଡା ଥାନା ଅଧିକାରୀଙ୍କୁ ପରାମର୍ଶ ଦେବେ ବୋଲି କହିଥିଲେ ମୟୁରଭଞ୍ଜ ଏସପି। ଅଭିଯୋଗ ସମ୍ପର୍କରେ ଅବଗତ ହୋଇ ମୋରଡା ଥାନା ଅଧିକାରୀଙ୍କ କାର୍ଯ୍ୟ ଧାରାକୁନା ପସନ୍ଦ କରିଥିଲେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି। ବରଂ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କୁ କାର୍ଯ୍ୟକ୍ରମରେ ସାମିଲ ରଖି ଆଗକୁ ବଢିଲେ ସହଜରେ କାର୍ଯ୍ୟକ୍ରମର ଲକ୍ଷ ଓ ଉଦ୍ଦେଶ୍ୟ ପ୍ରଚାରପ୍ରସାର ହୋଇପାରିବ ବୋଲି ସ୍ୱୀକାର କରିଥିଲେ। କିନ୍ତୁ କାହିଁକି ଓ କୋଉ କାରଣରୁ ଗଣମାଧ୍ୟମକୁ ଅସହଯୋଗ କରିଆସୁଥିଲେ ସେ ନେଇ ଆଲୋଚନା କରିବା ସହିତ ଉପରିସ୍ଥ ଅଧିକାରୀଙ୍କୁ ପଠାଇ ଆପୋଷ ଆଲୋଚନା ମାଧ୍ୟମରେ ଏହାର ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ଆରକ୍ଷୀ ଅଧିକ୍ଷକ। ଏହି ଆଲୋଚନା ଓ ଏକ ଦାବିପତ୍ର ପ୍ରଦାନ ସମୟରେ ଦୁଇ ସଂଘର ସଭାପତି ରଣଜିତ କୁମାର ସାହୁ, ଘାସିରାମ ବେହେରାଙ୍କ ସହିତ ବିଶ୍ୱବନ୍ଧନ ବେହେରା, ସ୍ମାରକ ମାଝୀ, ତୁଷାର କାନ୍ତ ବେହେରା, ଅବିନାଶ ମହାନ୍ତି, ଦୀପକ ବେହେରା, ରବୀନ୍ଦ୍ର ମହାନ୍ତ, ଚିତ୍ତରଞ୍ଜନ ବେହେରା, ବିଭୁ ବେହେରା, ସହିତ ବାରିପଦା ସାମ୍ବାଦିକ ସଂଘର ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

## ଶ୍ରୀଜିଉଙ୍କ ନବଯୌବନ ଦର୍ଶନ ଲାଗି ମନ୍ଦିରରେ ଭିଡ଼

ବାଲିମେଳା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବାଲିମେଳା ଜଗନ୍ନାଥ ମନ୍ଦିରରେ ପାଳନ ହୋଇଥିଲା ନବଯୌବନ ଦର୍ଶନ। ଅନସର ଅବସ୍ଥା ପରେ ମୁଖ୍ୟ ଦେବତା ଜଗନ୍ନାଥ, ବଳଭଦ୍ର ଓ ମା ସୁଭଦ୍ରାଙ୍କ ନୂତନ ରୂପେ ଭକ୍ତଙ୍କ ଦର୍ଶନ ଦେଇଥିଲେ। ଏହିଦିନ ଦେଖାଯାଏ ଯେ, ଶ୍ରୀଜୀଉ ଅନସାର ସମୟରେ ଅସୁସ୍ଥ ରହିଥିବା ପରେ ତାଙ୍କୁ ନୂତନ ଶକ୍ତି, ନୂତନ ଚେତନା ଓ ଯୌବନର ରୂପ ଦିଆଯାଏ। ଏହି 'ନବଯୌବନ ବେଶ' ହେଉଛି ରଥଯାତ୍ରାର ପୂର୍ବ ସନ୍ଧ୍ୟାର ଏକ ଅତି ମହତ୍ତ୍ୱପୂର୍ଣ୍ଣ ଦିନ। ଏହି ଅବସରରେ ପ୍ରଭାତରୁ ମନ୍ଦିର ପରିସରରେ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଲା। ପୂଜାରୀମାନେ ଅନସର ପରେ ଶ୍ରୀଜୀଉଙ୍କୁ ଚନ୍ଦନ ଲେପନ, ନୂତନ ବସ୍ତ୍ର ଓ ଆଳଙ୍କାର ପିନ୍ଧାଇ ନବଯୌବନ ବେଶ ପ୍ରଦାନ କରିଥିଲେ। ସନ୍ଧ୍ୟା ସମୟରେ



ରଜା ଭାବରେ ଓଏଚପିସିର ବରିଷ୍ଠ ସାଧାରଣ ପରିଚାଳକ ଦିଲିପ କୁମାର ସ୍ୱାଇଁ ଶ୍ରୀଜୀଉଙ୍କ ଅଣସର ଗୃହ ଖୋଲି ପ୍ରଥମେ ଦର୍ଶନ କରିଥିଲେ ଏହାପରେ ସମସ୍ତ ଭକ୍ତ ଶ୍ରୀଜୀଉଙ୍କ ଦର୍ଶନ କରିଥିଲେ ପରେ ଗୁରୁବାର ରାତିରେ ଶ୍ରୀଜୀଉ ଗୁଣ୍ଡିଚା ଯାତ୍ରା ପାଇଁ ପ୍ରସ୍ତୁତ କରାଯାଇଥିଲା। ଏହି ଦିନ ଭକ୍ତଙ୍କ ପାଇଁ ମାନସିକ ଓ ଆଧ୍ୟାତ୍ମିକ ଶକ୍ତି ଆଣିଥାଏ। ଶ୍ରୀଜୀଉଙ୍କ ନବ ରୂପ ଦର୍ଶନ କରି ଲୋକମାନେ ଅଶେଷ ଆନନ୍ଦ ଅନୁଭବ କରିଛନ୍ତି। ନେତ୍ର ଉତ୍ସବରେ ମୁଖ୍ୟ କର୍ତ୍ତା ଭାବେ ଅଜୟ କୁମାର ପାତ୍ର କାର୍ଯ୍ୟ କରିଥିବାବେଳେ ମୁଖ୍ୟପୂଜକ ମୃତ୍ୟୁଞ୍ଜୟ ରଥ ସମସ୍ତ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଟ୍ରଷ୍ଟି ଦିଲିପ କୁମାର ବେପାରୀ ତତ୍ତ୍ୱାବଧାନ କରିଥିବା ବେଳେ କମିଟି ସଦସ୍ୟ ମାନେ ସହଯୋଗ କରିଥିଲେ।

# ତାଳଚେରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ ପାଳିତ




ତାଳଚେର, (ଭାସ୍କର ନ୍ୟୁଜ୍): ତାଳଚେରର ଗର୍ବ ଗୌରବ ଏ ମାଟିର ସୁପୁତ୍ର ଓଡିଶାର ରତ୍ନ ଉଜ୍ଜଳା ପୁରୁଷ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କର ଜୁନ ୨୬ରେ ଜନ୍ମଦିନ। ସମଗ୍ର ତାଳଚେରର ବିଭିନ୍ନ କୋଣ ଅନୁକୋଣରେ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କର ଜନ୍ମଦିନକୁ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଇଛି। ତାଳଚେର ନିର୍ବାଚନ ମଣ୍ଡଳୀର ବିଭିନ୍ନ ମନ୍ଦିରରେ ସାମୂହିକ ଭାବେ ପୂଜାର୍ଚ୍ଚନା ସହ ଭଗବାନଙ୍କ ଠାରେ ଦୀପ ପ୍ରଜ୍ଜଳନ କରି କେନ୍ଦ୍ରମନ୍ତ୍ରୀଙ୍କର ଉତ୍ତମ ସ୍ୱାସ୍ଥ୍ୟ ଓ ଉତ୍ତରଉତ୍ତର କାମନା କରାଯାଇଛି। କେବଳ ବିଜେପି ନୁହେଁ ବିଭିନ୍ନ ଅନୁଷ୍ଠାନ ଓ ଗ୍ରାମବାସୀଙ୍କ ଠାରୁ ସାଧାରଣ ଜନତା ପର୍ଯ୍ୟନ୍ତ ସମସ୍ତେ କେନ୍ଦ୍ରମନ୍ତ୍ରୀଙ୍କର ଜନ୍ମଦିନ ପାଳନ କରିଛନ୍ତି। ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ, ଚାରା ବଣ୍ଟନ, ମେଡିକାଲରେ ରୋଗୀଙ୍କୁ ଫଳ ବଣ୍ଟନ, ଗରିବ ଅସହାୟଙ୍କୁ ବସ୍ତ୍ର ଓ ଖାଦ୍ୟ ବଣ୍ଟନ, ରକ୍ତଦାନ ଶିବିର ଆଦି ବିଭିନ୍ନ କାର୍ଯ୍ୟକ୍ରମ ମାନ କରାଯାଇଛି। ବ୍ରାହ୍ମଣୀ ମଣ୍ଡଳରେ ମଣ୍ଡଳ ସଭାପତି ଅଜୟ ସାହୁ, ସୁଶାନ୍ତ ପ୍ରଧାନ, ନରେଶ ଚନ୍ଦ୍ର ବେହେରା, ଖଇରା ପ୍ରଧାନଙ୍କ ନେତୃତ୍ୱରେ କଙ୍କିଳିରେ ଶିବ ମନ୍ଦିରରେ ପୂଜାର୍ଚ୍ଚନା ସହ ବୃକ୍ଷ ରୋପଣ, ଗୁରୁଜାଙ୍ଗ ପଂଚାୟତରେ ବୃକ୍ଷ ରୋପଣ, ଗୋଡ଼ିବନ୍ଧ ମେଡିକାଲରେ ରୋଗୀଙ୍କୁ ଫଳ ବଣ୍ଟନ, ଆଦି କାର୍ଯ୍ୟକ୍ରମ କରାଯାଇଛି। ରେଳ ମଣ୍ଡଳରେ ମଣ୍ଡଳ ସଭାପତି ସୁଶାନ୍ତ ମହାନ୍ତି, ସରପଞ୍ଚ ସହଦେ୍ୱ ସାହୁ, ପ୍ରଦୀପ ସାମଲଙ୍କ ନେତୃତ୍ୱରେ ଝାଡ଼ିଅମ୍ବା ଶ୍ମଶାନରେ ବୃକ୍ଷରୋପଣ ଓ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଛି। ସାର ଶକ୍ତି ମଣ୍ଡଳରେ ମଣ୍ଡଳ ସଭାପତି ଦୀପକ ଦାସ, ନରେନ୍ଦ୍ର ସାହୁ, ସନ୍ତୋଷ କୁମାର ମହା ସୁପକାର, ଗୋପାଳ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଗୋବରା ଠାରେ ବୃକ୍ଷ ରୋପଣ କରାଯାଇଛି। ତାଳଚେର ହାଟ ତୋଟା ହନୁମାନ ମନ୍ଦିର ରେ ବିଭୁତି ସାହୁଙ୍କ ନେତୃତ୍ୱରେ ପୂଜାର୍ଚ୍ଚନା ସହ ଦୀପ ପ୍ରଜ୍ଜଳନ ସହ ଗରିବ ଲୋକଙ୍କୁ ବସ୍ତ୍ର ବଣ୍ଟନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମା ବସନ୍ତ ମଞ୍ଜରୀ ପ୍ରଧାନ ଅତିଥି ଭାବେ ଉପସ୍ଥିତ ଥିଲେ। ଶ୍ରମିକ ସଂଘ ତରଫରୁ ଦେଉଳବେଡା କ୍ଲବ ଠାରେ ମନୋଜ ପ୍ରଧାନଙ୍କ ନେତୃତ୍ୱରେ ରକ୍ତଦାନ ଶିବିର ଆୟୋଜନ କରାଯାଇଛି। ତାଳଚେର ପୌରାଞ୍ଚଳ ଚିତ୍ରକୂଟ ମନ୍ଦିରରେ ମଣ୍ଡଳ ସଭାପତି ରାଜେଶ ଦଳେଇ, ଜିତେନ୍ଦ୍ର ଦାସଙ୍କ ନେତୃତ୍ୱରେ ପୂଜାର୍ଚ୍ଚନା ସହ ସାମୁହିକ ଦୀପ ପ୍ରଜ୍ଜଳନ କରାଯାଇଛି। ସାଉଥ ବଳଣ୍ଡା ଠାରେ ପର୍ଯ୍ୟାବରଣ ମଞ୍ଚ ତରଫରୁ ଶ୍ରୀନିବାସ ଖୁଣ୍ଟିଆଙ୍କ ନେତୃତ୍ୱରେ ବୃକ୍ଷ ରୋପଣ ଓ ଚାରା ବିତରଣ କାର୍ଯ୍ୟକ୍ରମ କରାଯାଇଛି।

## ବନାଗ୍ନି ନିରାକରଣ ସଚେତନତା ଶିବିର

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ବୁଧବାର ଦିନ ସକାଳ ୧୦ ଘଟିକା ସମୟରେ ତରମାକାନ୍ତ ଗ୍ରାମ ପଞ୍ଚାୟତରେ କେନ୍ଦୁଝର ବନଖଣ୍ଡ - ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଏବଂ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ ମିଳିତ ଉଦ୍ୟମ ରେ ଏକ ଦକ୍ଷତା ବିକାଶ-ନିଯୁକ୍ତି - ଶ୍ରମ କାର୍ଡ ତଥା ବନାଗ୍ନି ନିରାକରଣ ଓ ବନ୍ୟଜନ୍ତୁ ସଂରକ୍ଷଣ ସମ୍ବନ୍ଧୀୟ ସଚେତନତା ଶିବିର ଆୟୋଜିତ ହୋଇଥିଲା। ଏହି ସଭାରେ ଗ୍ରାମପଞ୍ଚାୟତ ଅଧିନସ୍ଥ ୪ଟି ବନ ସୁରକ୍ଷା ସମିତି ତରମାକାନ୍ତ, ଶାଗପଡା, ଗୋପପୁର, ତଳବିରିକଳା, ଉପର ବିରିକଳା, ଦାଲକି ନୂଆଁଗା, ବାଲରାଇ, ଜଳଡିହି, ଚମ୍ପାଝର ଗ୍ରାମରୁ ପାଖାପାଖି ୧୩୦୦ରୁ ଊର୍ଦ୍ଧ୍ୱ ଲୋକ ସମାଗମ ହୋଇଥିଲେ। କେନ୍ଦୁଝର ବନଖଣ୍ଡ ସମାଜବିତ୍ ଜୟପ୍ରକାଶ ପୃଷ୍ଟି ଶ୍ରମ କାର୍ଡର ପଂଜୀକରଣ ଓ ସୁବିଧା ବିଷୟରେ ଲୋକମାନଙ୍କୁ ସଚେତନ କରାଇଥିଲେ। ପ୍ରକଳ୍ପ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଂଯୋଜକ ପୂର୍ଣ୍ଣଚନ୍ଦ୍ର ବେହେରା ବନ୍ୟଜନ୍ତୁ ସଂରକ୍ଷଣ ଓ ବନାଗ୍ନି ନିବାରଣ ପାଇଁ ଲୋକଙ୍କୁ ଅନୁରୋଧ କରିବା ସହ ସରକାରୀ ଉପଲବ୍ଧ ବିଭିନ୍ନ ମାଗଣା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ବନରକ୍ଷୀ ସରୋଜ ନାଏକ, ପ୍ରକଳ୍ପ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସହଯୋଗୀ ଏବଂ ସ୍ଥାନୀୟ କର୍ମକର୍ତ୍ତାଙ୍କ ମିଳିତ ସହଯୋଗରେ ପାଖାପାଖି ୧୧୫୩ଟି ଶ୍ରମକାର୍ଡ ଓ ୧୨ଟି ଦକ୍ଷତା ବିକାଶ ପଂଜୀକରଣ ହେବାସହ ପାଖାପାଖି ୧୦୦ଟି ଚାରା ବିତରଣ କରାଯାଇଥିଲା।ଅତି ଶୀଘ୍ର ପଂଜୀକୃତ ଶ୍ରମକାର୍ଡ ଓ ଦକ୍ଷତା ବିକାଶ ତାଲିମ ପ୍ରଦାନର ବ୍ୟବସ୍ଥା କରାଯାଉଛି।

## ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଅବରୋଧମୁକ୍ତ ହେଲା ଗ୍ରାମ ରାସ୍ତା

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅଧୀନ ମଙ୍ଗଳପୁର ଗ୍ରାମ ରାସ୍ତା ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଗୁରୁବାର ଅବରୋଧମୁକ୍ତ ହୋଇଥିବା ଜଣାପଡ଼ିଛି। ବହୁଦିନ ପୂର୍ବରୁ ଗ୍ରାମର ତପନ ପାଣିଗ୍ରାହୀ ନାମକ ଜଣେ ବ୍ୟକ୍ତି ଗ୍ରାମରାସ୍ତାକୁ ଅବରୋଧ କରାଯାଇ ଥିବା ନେଇ ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଗ୍ରାମରାସ୍ତାକୁ ଅବରୋଧ ମୁକ୍ତ କରିବା ପାଇଁ ତିହିଡ଼ି ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ତହସିଲ ପକ୍ଷରୁ ସମସ୍ତ ପ୍ରକ୍ରିୟା ଶେଷ କରାଯାଇ ଅବରୋଧମୁକ୍ତ କରାଯାଇଛି। ଜିଲ୍ଲାପାଳ ଦିଲୀପ ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ବୁଧବାର ଡାକବାଜି ଯନ୍ତ୍ରରେ ଅବରୋଧ ମୁକ୍ତ କରିବାକୁ ସୂଚନା ଦେଇଥିଲେ। ମଙ୍ଗଳପୁର ମୌଜାର ଖାତା ନଂ ୫୯୧ ପ୍ଲଟ ନଂ ୬୬୯ ଓ ୭୦୩ ରେ ଥିବା ସରକାରୀ ରାସ୍ତାକୁ ଗ୍ରାମର କେତେକ ବ୍ୟକ୍ତି ଘର ତିଆରି କରି ଅବରୋଧ କରିଥିଲେ। ଯାହାଫଳରେ ଗ୍ରାମରାସ୍ତା ସଂକୁଚିତ ହୋଇ ଯାନାବାହନ ଚଳାଚଳ ଓ ଯାତାୟତରେ



ଅସୁବିଧା ହେଉଥିଲା। ଏଥିସହିତ ପାଣିନିଷ୍କାସ ହୋଇନପାରି ବର୍ଷାଦିନରେ ପାଣି ଜମି ରହି ସମସ୍ୟା ସୃଷ୍ଟି କରୁଥିଲା। ଆବେଦନକାରୀ ଶ୍ରୀ ପାଣିଗ୍ରାହୀ ତତ୍କାଳୀନ ତହସିଲଦାରଙ୍କୁ ଅବରୋଧମୁକ୍ତ କରିବାକୁ ଲିଖିତ ଭାବେ ଜଣାଇଥିଲେ। ତତ୍କାଳୀନ ତହସିଲଦାର କୌଣସି ପଦକ୍ଷେପ ନନେବାରୁ ସେ ବିଭନ୍ନ ସମୟରେ ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିରରେ ଜଣାଇଥିଲେ। ଏନେଇ କୌଣସି ପଦକ୍ଷେପ ନିଆ ନଯିବାରୁ ସେ ଶେଷରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଉଚ୍ଛେଦ ବେଳେ ଅତିରିକ୍ତ ତହସିଲଦାର ନମିତା ଧଳ, ତହସିଲ ସୁପର ଭାଇଜର ଧନେଶ୍ୱର ମାରାଣ୍ଡି ଓ ଚନ୍ଦନ ମହାନ୍ତି, କୋହ୍ଲ ରାଜସ୍ୱ ନିରୀକ୍ଷକ ଆଶୁତୋଷ ଦାସ, ଅମିନ ଅମୀତ ପାଢ଼ୀ ଓ ଭାଗିରଥି ଦାସ, ଡିଇଓ ଦେବାଶିଷ ମହାପାତ୍ର, କର୍ମଚାରୀ ବିଶ୍ୱରଂଜନ ନାଥ ଓ ଦେବାଶିଷ ମହାନ୍ତି, ପୀରହାଟ ଥାନା ଏସଆଇ ଚମ୍ପାବତୀ ମାରାଣ୍ଡି ପ୍ରମୁଖଙ୍କ ସମେତ ଅଗ୍ନିଶମ ବିଭାଗ, ବିଦ୍ୟୁତ୍ ବିଭାଗ ଓ ପୁଲିସ ଫୋର୍ସ ଉପସ୍ଥିତ ଥିଲେ।

## ଯୁକ୍ତ ୩ବିଜ୍ଞାନ ପାଇଁ ଅନୁମୋଦନ ପାଇଲା ବିସି କଲେଜ

ରଘୁନାଥପୁର, (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ରେଢୁଆ ସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ଯୁକ୍ତ ୩ ବିଜ୍ଞାନ ଶ୍ରେଣୀ ଖୋଲିବା ପାଇଁ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଉଚ୍ଚଶିକ୍ଷା ବିଭାଗ ପତ୍ର ସଂଖ୍ୟା ୩୩୪୮୧/୨୫/୬/୨୦୨୫ ଅନୁଯାଇ ଏ ସମ୍ପର୍କରେ ସମସ୍ତ ବିଭାଗକୁ ଅବଗତ କରାଯାଇଛି। ଏନେଇ ଅଞ୍ଚଳରେ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଖୁସିର ବାତାବରଣ ପରିଲକ୍ଷିତ ହୋଇଛି। ସୂଚନାଯୋଗ୍ୟ କି ଦୀର୍ଘବର୍ଷ ଧରି ଆଞ୍ଚଳିକ ବିକାଶ ପରିଷଦ ରେଢୁଆ ଓ ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷାବିତ ଓ ସାମାଜିକ କର୍ମୀଙ୍କ ପକ୍ଷରୁ କଲେଜରେ ଯୁକ୍ତ ୩ ବିଜ୍ଞାନ ଶ୍ରେଣୀ ଖୋଲିବା ପାଇଁ ଦାବୀ ହୋଇଆସୁଥିଲା। ବିଭିନ୍ନ ସମୟରେ ଆନ୍ଦୋଳନ ଓ ସତ୍ୟାଗ୍ରହ ମଧ୍ୟ ତୀବ୍ରତର ହୋଇଥିଲା। ଶେଷରେ ସରକାର ଜନତାଙ୍କ ଦାବିକୁ ଗ୍ରହଣ କରିଥିବାରୁ ବିକାଶ ପରିଷଦର କର୍ମକର୍ତ୍ତା, କଲେଜ ପ୍ରତିଷ୍ଠାତା ସଦସ୍ୟ ଓ କର୍ତ୍ତୃପକ୍ଷ ଏବଂ ଅଞ୍ଚଳବାସୀଙ୍କ ପକ୍ଷରୁ ସାଧୁବାଦ ଜ୍ଞାପନ କରାଯାଇଛି। ଅନ୍ୟପକ୍ଷେ ସରକାରଙ୍କ ପକ୍ଷରୁ ଅନୁମୋଦନ ପ୍ରାପ୍ତ ହୋଇଥିବା ଏବଂ ପରବର୍ତ୍ତୀ ସମୟରେ କୋଗନାଇଜେସନ୍ ପାଇଁ ସମସ୍ତ ପ୍ରସ୍ତୁତି କରାଯିବ ବୋଲି ଅଧ୍ୟକ୍ଷ ପ୍ରଫେସର ସରୋଜ କୁମାର ପଣ୍ଡା ପ୍ରକାଶ କରିଛନ୍ତି।



# ଆମ କଳାହାଣ୍ଡି



ପୃଷ୍ଠା-୧୦
Page-10
ଶୁକ୍ରବାର, ୨୭ ଜୁନ୍ ୨୦୨୫
ଓଡ଼ିଶା ଭାସ୍କର, ଭୁବନେଶ୍ୱର

## ଆନ୍ତର୍ଜାତିକ ନିଶାଦ୍ରବ୍ୟ ସେବନ ଓ ଅବୈଧ ଚାଲାଣ ବିରୋଧ ଦିବସ ପାଳିତ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଦେଶରେ ଚାଲିଥିବା ଅବୈଧ ନିଶାଦ୍ରବ୍ୟ କାରବାର ରୋକିବା ଓ ନିଶାଦ୍ରବ୍ୟ ସେବନର ଅପକାରିତା ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିବା ଅଭିପ୍ରାୟ ନେଇ ପ୍ରତିବର୍ଷ ଜୁନ୍ ୨୬ ତାରିଖକୁ ସାରା ଦେଶରେ ଆନ୍ତର୍ଜାତିକ ନିଶାଦ୍ରବ୍ୟ ସେବନ କାରବାର ଓ ଅବୈଧ ଚାଲାଣ ବିରୋଧ ଦିବସ ରୂପେ ପାଳନ କରାଯାଉଥିବା ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲା ଅବକାରୀ ବିଭାଗ, ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ସ୍ଥାନୀୟ ଟାଉନ ହଲ୍ ଠାରେ ଏହି ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। କଳାହାଣ୍ଡି ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଘାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲ୍ଲା ଅବକାରୀ ବିଭାଗ ଅଧୀକ୍ଷକ ରଞ୍ଜନ କୁମାର ନାଏକ, ମୁଖ୍ୟ ବକ୍ତା ଭାବେ ଜିଲ୍ଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡ. ନିହାର ରଞ୍ଜନ ପଣ୍ଡା, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଅଧିକାରୀ କିଶୋର କୁମାର କହଁର, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଲଧର ନିଆଲ, ମଦନପୁର ରାମପୁର ରାମକୃଷ୍ଣ ଆଶ୍ରମର ସମ୍ପାଦକ ସ୍ୱାମୀ ଅଶୋକାନନ୍ଦ ପ୍ରମୁଖ ଉପସ୍ଥିତ ରହି ଆଜିର ସମୟରେ ଏକ ସୁସ୍ଥ ସମାଜ ଗଠନ କରିବାପାଇଁ ନିଶାଦ୍ରବ୍ୟ ନିରାକରଣ ଯେ ଏକାନ୍ତ ଅପରିହାର୍ଯ୍ୟ ତାହା ପ୍ରକାଶ କରିଥିଲେ। ନିଜ ପରିବାର, ପରିବେଶ, ସମାଜ ତଥା ଦେଶର ଉନ୍ନତି ନିମନ୍ତେ ଆଜିର ଯୁବ ସମାଜ ନିଶାଦ୍ରବ୍ୟ ସେବନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାର ସମୟ ଆସିଯାଇଛି ବୋଲି କହିବା ସହ ଯୁବକମାନେ ନିଶାସେବନ ବିରୋଧରେ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ବେସରକାରୀ ସଂଗଠନର କର୍ମକର୍ତ୍ତା, ସଦସ୍ୟ ସଦସ୍ୟା, ଅବକାରୀ ବିଭାଗର କର୍ମକର୍ତ୍ତା ଓ କର୍ମଚାରୀ ତଥା ବହୁ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଏଠାରେ ପ୍ରକାଶଯୋଗ୍ୟ ଯେ ଏହି ସଚେତନତା କାର୍ଯ୍ୟକ୍ରମ ଗତ ଏକମାସ ପୂର୍ବରୁ ଆରମ୍ଭ ହୋଇ ସାରା ଜିଲ୍ଲାରେ ନିଶା ନିବାରଣ ନିମନ୍ତେ ସଚେତନତା ସୃଷ୍ଟି କରିଆସୁଥିଲେ ଓ ୨୬ତାରିଖ ଗୁରୁବାର ଦିନ ତାହା ଏହି ଦିବସରେ ଉଦ୍ଯାପିତ ହୋଇଥିଲା। ସମସ୍ତ ସଭାକାର୍ଯ୍ୟକୁ ଜିଲ୍ଲା ଆଇପିଓ ରୂପସିଂ ରାଉତ ପରିଚାଳନା କରିଥିଲା ବେଳେ ପିଏଓ ଏଆର୍ସି, ରାଜଶ୍ରୀ ପ୍ରିୟଦର୍ଶିନୀ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ।ଏହି ଦିବସ ଅବସରରେ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଆୟୋଜିତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ସାମାନ୍ୟ ବର୍ଷାରେ ବେହାଲ ପଦରପଡା ରାସ୍ତା





କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ବ୍ଲକ ମେଟେର ଗ୍ରାମ ପଞ୍ଚାୟତ କୁସୁମଖୁଣ୍ଟି ପଦରପଡା (ଉପରେ କେନାଲ ପଡା) ରାସ୍ତା ଶୋଚନୀୟ ହୋଇ ପଡ଼ିଛି। ସାମାନ୍ୟ ବର୍ଷା ହେଲେ ରାସ୍ତା ଖାଲଖମା ସହ ପାଣି ଜମି କାଦୁଅ ପଚପଚ ହୋଇଯାଉଛି। ଫଳରେ ଲୋକେ ଯାତାୟାତବେଳେ ଅନେକ ଅସୁବିଧା ଭୋଗୁଥିବା ପ୍ରକାଶ କରିଛନ୍ତି। କୁସୁମଖୁଣ୍ଟି ଉପର କେନାଲ ଛକଠାରୁ ଏହି ରାସ୍ତା ସାରସମାଲ, ଡହଗାଁ ଦେଇ ବେହେରା ଗ୍ରାମକୁ ସଂଯୋଗ କରୁଛି। ଅନେକ ଦିନରୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି। ପ୍ରତିଦିନ ଶହ ଶହ ଲୋକଙ୍କ ସହ ଛାତ୍ରଛାତ୍ରୀ ମାନେ ପାଠ ପଢିବା ପାଇଁ ଯିବା ଆସିବା କରିଥାନ୍ତି। ପ୍ରାୟ ୨/୪ କିଲୋମିଟର ରାସ୍ତା କାଦୁଅରେ ଭର୍ତ୍ତି ହୋଇଯାଇଛି। ବର୍ଷାଦିନ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ଯିବା ଆସିବା ଚିନ୍ତାର କାରଣ ହୋଇଛି। ଅନ୍ୟପଟେ ପଡ଼ାରେ ୪୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ କାଦୁଅ ରାସ୍ତା ଯୋଗୁଁ ପ୍ରତିଦିନ ହଟହଟା ହେବା ସହ ଘରୁ ଗୋଡ କାଢ଼ିବା ପାଇଁ ମୁସ୍କିଲ ହେଉଛି। ଏନେଇ ରାସ୍ତା ନିର୍ମାଣ ଦିଗରେ ସ୍ଥାନୀୟ ଲୋକେ ବହୁବାର ପ୍ରଶାସନକୁ ଜଣାଇ ଥିଲେ ମଧ୍ୟ ରାସ୍ତାର ଉନ୍ନତି ଦିଗରେ କୌଣସି ଦୃଷ୍ଟି ଦେଉ ନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ପ୍ରଶାସନ ପକ୍ଷରୁ ଲୋକଙ୍କ ଯାତାୟାତ ସୁବିଧା ନିମନ୍ତେ ବର୍ଷ ଦିନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ସାଧାରଣରେ ଦାବି ହୋଇଛି।

## ୪ବର୍ଷ ହେବ ନିର୍ମାଣ ହୋଇପାରିନି ପୋଲ



ନର୍ଲା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ନର୍ଲା ଥାନା ଅନ୍ତର୍ଗତ କଦମ୍ ଗୁଡା ପଞ୍ଚାୟତର ରେଢା ପଦର୍ ଗାଁର କଥା।ଗାଁରେ ପାଖା ପାଖି ୧୫୦ ରୁ ଉର୍ଦ୍ଧ ଭୋଟର ବାସ କରନ୍ତି। କିନ୍ତୁ ବିକାଶ ଠାରୁ ବହୁ ଦୂରରେ ଅଛନ୍ତି ଗ୍ରାମବାସୀ। ଗାଁକୁ ଯିବାକୁ ହେଲେ ଏକ ନାଳକୁ ଅତିକ୍ରମ କରି ଯିବାକୁ ପଡ଼େ। ଛାତ୍ରଛାତ୍ରୀ ସ୍କୁଲ୍ ଯିବାରେ ବ୍ୟାଘାତ ହେବା ସହିତ ସ୍ୱାସ୍ଥ୍ୟ ଖରାପ୍ ହେଲେ ମେଡିକାଲ୍ ଯିବା ସମ୍ଭବ ହୋଇ ନ ଥାଏ। ଗର୍ଭବତୀ ମହିଳାକୁ ଖଟିଆରେ ବୋହି ନେବାକୁ ପଡେ। ସେଥିପାଇଁ ଉକ୍ତ ନାଳ ଉପରେ ୧୦ ଲକ୍ଷ ଟଙ୍କାର ଏକ ପୋଲ ନିର୍ମାଣ ହେଉଛି। କିନ୍ତୁ ଦୀର୍ଘ ଚାରି ବର୍ଷ ହେଲା ପୋଲ ନିର୍ମାଣ କାମ ଶେଷ ନ ହୋଇ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ି ରହିଛି। ଫଳରେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି ଗ୍ରାମବାସୀ। ବର୍ଷା ଚାରି ମାସ ଜଳ ବନ୍ଦୀ ଅବସ୍ଥାରେ ଜୀବନ ଅତିବାହିତ କରୁଛନ୍ତି। ଲାଞ୍ଜିଗଡ଼ ବ୍ଲକ୍ ଏକ ଆଇଟିଡିଏ ବ୍ଲକ୍ ହୋଇଥିବାରୁ ଜିଲ୍ଲାର ଅନ୍ୟ ବ୍ଲକ୍ ଅପେକ୍ଷା ଦୁଇଗୁଣା ଅର୍ଥ ଆସିଥାଏ ଏହି ବ୍ଲକକୁ। କିନ୍ତୁ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ଆସୁଥିବା ଅର୍ଥ ବାଟ ମାରଣ ହେଉଥିବାରୁ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡ଼ି ରହିଥାଏ ଅନେକ୍ ଉନ୍ନତି ମୂଳକ କାମ। ନୂତନ ବିଜେପି ସରକାର୍ ଏଥି ପ୍ରତି ଦୃଷ୍ଟି ଦେଇ ଶୀଘ୍ର ପୋଲ ନିର୍ମାଣ କାମ ସଂପୂର୍ଣ୍ଣ କରିବାକୁ ସାଧାରଣରେ ଦାବି ହେଉଛି।

## ‘ବିଦ୍ୟୁତ ସୁରକ୍ଷା, ଜୀବନ ରକ୍ଷା’ ବାର୍ତ୍ତା ସହ ସଚେତନତା କାର୍ଯ୍ୟକ୍ରମ



କେସିଙ୍ଗା, (ଭାସ୍କର ନ୍ୟୁଜ୍) : କେସିଙ୍ଗା ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପରିସରରେ ‘ବିଦ୍ୟୁତ ନିରାପତ୍ତା- ନିଃସର୍ତ୍ତମୂଳକ’ ଶୀର୍ଷକ ଉପରେ ବ୍ଲକ୍ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ- ୨୦୨୫ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମୀର କୁମାର ବେହେରାଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଦେବୀ ପ୍ରସାଦ ଦୀକ୍ଷିତ ଯୋଗ ଦେଇ ବିଦ୍ୟୁତ ସୁରକ୍ଷା, ଜୀବନ ରକ୍ଷା ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଏବଂ ସମ୍ମାନିତ ଅତିଥି ରୂପେ ଶିବ ପ୍ରସାଦ ସାହୁ, ବିନୟ କୁମାର ସାହୁ, ସୁରକ୍ଷା ଅଧିକାରୀ, ବିଜୟ କୁମାର ଦାଶ, ଭୋଳାନାଥ ନାୟକ ଓ ହେମନ୍ତ କୁମାର ବାଗ, ବରିଷ୍ଠ ଶିକ୍ଷକ, ସରକାରୀ ଉଚ୍ଚ ବିଦ୍ୟାଳୟ, କେସିଙ୍ଗା ଯୋଗଦେଇଥିଲେ। କେସିଙ୍ଗା ବ୍ଲକର ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟମାନକରେ ଗଠିତ ଶକ୍ତି କ୍ଲବର ସଭ୍ୟ-ଛାତ୍ରଛାତ୍ରୀ ଏବଂ ଭାରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଯୋଗଦାନ କରିଥିଲେ। ଏହି ଅବସରରେ ଆୟୋଜିତ ଚିତ୍ରକଳା ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ହେମନ୍ତ କୁମାର ମହୁଲିଆ ଓ ଜି.କ୍ରିଷ୍ଣା ରେଡି ସଂଯୋଜନା କରିଥିଲେ। ପରିଶେଷରେ ଶିକ୍ଷକ ସୁନୀଲ୍ କୁମାର ସାହୁ, ବିଦ୍ୟୁତ ଶିକ୍ଷା ପ୍ରଶିକ୍ଷକଙ୍କ ନେତୃତ୍ୱରେ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, କେସିଙ୍ଗାର ଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ ବୈଦ୍ୟୁତିକ ଉପକରଣ ପ୍ରସ୍ତୁତି, ରକ୍ଷଣାବେକ୍ଷଣ ଉପରେ ଏକ ପ୍ରଦର୍ଶନ ଏବଂ ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହୋଇଥିଲା।

### ଖୁଣ୍ଟିଆ ପଞ୍ଚାୟତ ସମିତି ସଭ୍ୟ ମୃତ୍ୟୁ ଘଟଣା।।।।।।।।।

## ଆଦିବାସୀ ସଂଘର ନିରପେକ୍ଷ ତଦନ୍ତ ଦାବି



କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ବ୍ଲକ ଖୁଣ୍ଟିଆ ସମିତି ସଭ୍ୟ ପିପଲପଡା ଗ୍ରାମର ଆଦିବାସୀ ଯୁବକ ଦେବେନ୍ଦ୍ର ଧରୁଆଙ୍କ ମୃତ୍ୟୁ ଘଟଣା ଏବେ ଭିନ୍ନ ମୋଡ଼ ନେଇଛି। ସମିତି ସଭ୍ୟ ଦେବେନ୍ଦ୍ରଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣି ବୁଧବାର ଆଦିବାସୀ ସଂଘ କୋକସରା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସଂଘର ସଭାପତି ହେମନ୍ତ ମାଝୀଙ୍କ ନେତୃତ୍ୱରେ କର୍ମକର୍ତ୍ତା ମାନେ କୋକସରା ଥାନାରେ ପହଞ୍ଚି ଥାନା ଅଧିକାରିଣୀ ସ୍ମିତା ରାଣୀ ସୁନାଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ଦେଇଛନ୍ତି। ଦାବିପତ୍ରରେ ସଂଘ ପକ୍ଷରୁ ଉଲ୍ଲେଖ କରାଯାଇଛି ଯେ’ ଖୁଣ୍ଟିଆ ପଞ୍ଚାୟତ ଅନ୍ତର୍ଗତ ଚିତ୍ତ ଗହୀର ନାମକ ଜଣେ ଯୁବକ ମୃତ ସମିତି ସଭ୍ୟଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଉଥିବା ଅଡିଓ ସେସିଆଲ ମିଡ଼ିଆରେ ଘୁରି ବୁଲୁଛି। ଜୀବନରେ ମାରିଦେବାକୁ ଧମକ ପୂର୍ଣ୍ଣ ବାର୍ତ୍ତାଳାପକୁ ନେଇ ମୃତ ସମିତି ସଭ୍ୟ ଦେବେନ୍ଦ୍ର ଧରୁଆ ଗତ ୧୬ ତାରିଖରେ କୋକସରା ଥାନାରେ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ସମ୍ପୃକ୍ତ ଯୁବକଙ୍କ ବିରୁଦ୍ଧରେ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରି ନଥିବାରୁ ଦେବେନ୍ଦ୍ର ଚାପ ଗ୍ରସ୍ତ ଥିଲେ। ତେବେ ମଙ୍ଗଳବାର ଦିନ ପିପଲପଡ଼ା ସ୍ଥିତ ବାସଭବନରେ ପରିବାର ଲୋକେ ଦେବେନ୍ଦ୍ରଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ଧର୍ମଗଡ଼ ମେଡିକାଲ ନେଇଥିଲେ। ସେଠାରେ ଦେବେନ୍ଦ୍ରଙ୍କୁ ମୃତ ବୋଲି ଡାକ୍ତର ଘୋଷଣା କରିଥିଲା। ଅନ୍ୟପଟେ ଦେବେନ୍ଦ୍ରଙ୍କୁ ହତ୍ୟା କରାଯାଇଛି ନାଁ ସେ ନିଜେ ଆତ୍ମହତ୍ୟା କରିଛନ୍ତି, ତା’ର ନିରପେକ୍ଷ ତଦନ୍ତ କରିବା ସହ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିବା ପାଇଁ ଦାବି କରିଛନ୍ତି। ଯଦି ସମ୍ପୃକ୍ତ ଯୁବକଙ୍କୁ ଗିରଫ କରା ନଯାଏ ତେବେ ଆସନ୍ତା ୩ଦିନ ଭିତରେ ଥାନା ଘେରାଉ କରିବା ପାଇଁ ଆଦିବାସୀ ସଂଘ କଡ଼ା ଚେତାବନୀ ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ସଂଘର ସମ୍ପାଦକ ତ୍ରିନାଥ ଶବର, ଋତୁରାଜ ମାଝୀ, ରାଜେନ୍ଦ୍ର ନାଏକ, କ୍ଷୀରସିନ୍ଧୁ ନେଗୀ, ନୀଳକଣ୍ଠ ନାଏକ, ସନ୍ତ କୁମାର ନାଏକ, ଘନଶ୍ୟାମ ନାଏକ, ବହାଦୁର ମାଝୀ, ମନୋରଞ୍ଜନ ବାଣୁଆ, ରୁଦ୍ର ନାଏକ, କୁରୁକ୍ଷେତ୍ର ବେହେରା, ସମିତି ସଭ୍ୟ ଗୁପ୍ତେଶ୍ୱର ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## ଜେଏମ୍ଏଫ୍ସି କୋର୍ଟରେ ନୂତନ ମାଜିଷ୍ଟ୍ରେଟ ନିଯୁକ୍ତ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ସ୍ଥିତ ଜେଏମ୍ଏଫ୍ସି କୋର୍ଟରେ ନୂତନ ମାଜିଷ୍ଟ୍ରେଟ ଭାବରେ ଡ଼. ତରୁଣ କୁମାର ସାହୁ ବୁଧବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ପୂର୍ବରୁ ଏଠାରେ ମାଜିଷ୍ଟ୍ରେଟ ଥିବା ସୋମେଶ ସୋମ୍ୟାଜିତ ପଣ୍ଡାଙ୍କ ଭୁବନେଶ୍ୱର ସ୍ଥିତ ଜେଏମ୍ଏଫ୍ସି କୋର୍ଟକୁ ବଦଳି ପରେ ଏହି ସ୍ଥାନ ଖାଲି ରହିଥିଲା। ଏହା ପୂର୍ବରୁ ଡ. ସାହୁ କଟକସ୍ଥିତ ଜେଏମ୍ଏଫ୍ସି କୋର୍ଟରେ ବିଚାରପତି ଭାବରେ କାର୍ଯ୍ୟ କରୁଥିଲେ। ଦାୟିତ୍ୱ ଗ୍ରହଣ ପରେ ରହିଯାଇଥିବା ବିଭିନ୍ନ କେସ୍‌ର ବିଚାର ଶୀଘ୍ର ତ୍ୱରାନ୍ୱିତ ହେବ ବୋଲି ଅଞ୍ଚଳବାସୀ ଆଶା ପୋଷଣ କରିଛନ୍ତି।

## ପ୍ରେମରେ ଧୋକା ଦେଇ ଅଭିଯୁକ୍ତ କୋର୍ଟଚାଲାଣ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଗୋଲାମୁଣ୍ଡା ଥାନା ଅଧିନ ଏକ ଦୁଷ୍କର୍ମ ମାମଲା ରେ ଜଣେ ବିବାହିତ ଯୁବକ କୁ ବୁଧବାର ଦିନ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଲେଡେର ଗ୍ରାମର ନବ କିଶୋର ନାଏକ (୩୭)। ସୂଚନା ମତେ ନବ କିଶୋର ଗ୍ରାମର ଏକ ଯୁବତୀଙ୍କ କୌଣସି ମତେ ଫୋନ ନମ୍ବର ସଂଗ୍ରହ କରିଥିଲେ।ପରେ ମେସେଜ କଲ ଓ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଦୀର୍ଘଦିନ ପ୍ରେମ ସମ୍ପର୍କ ପରେ ଯୁବତୀକୁ ବିବାହ ପ୍ରୋଲୋଭନ ଦେଖାଇ ଦୁହେଁ ଫେରାର ମାରିଥିଲେ। କୋରାପୁଟ ଜିଲ୍ଲା ବୈପାରିଗୁଡା ଏକ ଲଜରେ ଦୁହେଁ ରହିବା ସହ ଯୁବତୀ ସହ ଜୋର ଜବର ଭାବେ ଯୁବକ ଶାରୀରିକ ସମ୍ପର୍କ ରଖିଥିଲା। ପରେ ନବକିଶୋର ଯୁବତୀକୁ ବିବାହ କରିବାକୁ ମନା କରିଥିଲା। ଏନେଇ ଯୁବତୀ ଜଣକ ପରିବାରକୁ ଜଣାଇ ଉଦ୍ଧାର କରିବାକୁ କହିଥିଲେ। ପରିବାର ଲୋକେ ପୋଲିସକୁ ଜଣାଇବା ପରେ ବୈପାରିଗୁଡା ପୋଲିସ ଓ ଗୋଲାମୁଣ୍ଡା ପୋଲିସ ଲଜରୁ ଉଭୟଙ୍କୁ ଉଦ୍ଧାର କରି ଅଭିଯୁକ୍ତକୁ ଗିରଫ କରିଥିଲା। ଏନେଇ ଗୋଲାମୁଣ୍ଡା ଥାନାରେ କେଶ ନଂ ୯୯/ ୨୫ରେ ମାମଲା ରୁଜୁ କରି ଅଭିଯୁକ୍ତକୁ ବୁଧବାର ଦିନ ପୋଲିସ କୋର୍ଟ ଚାଲାଣ କରିଛି।

### ଗୋପାଳପୁର ଛାତ୍ରୀ ଗଣଦୁଷ୍କର୍ମ ଘଟଣା

## ଯୁବ ଓ ଛାତ୍ର ବିଜେଡିର ଆନ୍ଦୋଳନ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ରାଜ୍ୟର ବିଜେପି ସରକାର ଗୋଟିଏ ବର୍ଷ ପୂର୍ତ୍ତିର ଉତ୍ସବ ପାଳନ କରୁଥିବା ବେଳେ ରାଜ୍ୟରେ ଛାତ୍ରୀମାନଙ୍କୁ ଅସଦାଚରଣ, ଦୁଷ୍କର୍ମ, ହତ୍ୟା ଭଳି ଘଟଣା ଅଣାୟତ୍ତ ହୋଇ ପଡିଛି । ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁଁ ଆଜି ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଥିବା ଅଭିଯୋଗ କରି କଳାହାଣ୍ଡି ଜିଲ୍ଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବିଶ୍ୱବିଦ୍ୟାଳୟ ଛକ ଠାରେ ଧାରଣା ଦେବା ସହ ଏକ ଶୋଭାଯାତ୍ରା ଜରିଆରେ ଯାଇ ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକ ସାମନାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହା ସହିତ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଗୋପାଳପୁର ଭଳି ଏକ ପର୍ଯ୍ୟଟନସ୍ଥଳୀ ଠାରେ ଜଣେ ଛାତ୍ରୀଙ୍କ ପୁରୁଷ ବନ୍ଧୁଙ୍କୁ ଗଛରେ ବାନ୍ଧି ଦେଇ ତାଙ୍କ ସମ୍ମୁଖରେ ଛାତ୍ରୀ ଜଣଙ୍କୁ ଗଣଦୁଷ୍କର୍ମ କରିବା ଘଟଣା ନାରୀ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ଘଟଣାକୁ ନେଇ ଜିଲ୍ଲା ଯୁବ ଓ ଛାତ୍ର ଜନତା ଦଳର କର୍ମକର୍ତ୍ତା ‘ବର୍ଷ ଏକ ନାରୀ ନିର୍ଯ୍ୟାତନା ଅନେକ’ର ନାରା ଦେଇ ମୋହନ ସରକାରଙ୍କ ଉପରେ ବର୍ଷିଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ ବାରମ୍ବାର ମହିଳାଙ୍କ ପ୍ରତି ନିର୍ଯାତନା, ଦୁଷ୍କର୍ମ ଓ ଅସଦାଚରଣର ମାମଲା ସାମନାକୁ ଆସିଛି। ରାଜ୍ୟରେ ଦୁଷ୍କର୍ମ ୮ଶତକଡା ବୃଦ୍ଧି ପାଇଥିବା ବେଳେ ଦିନକୁ ୧୫ ଟି ଦୁଷ୍କର୍ମ ମାମଲା ରୁଜୁ ହେଉଛି ବୋଲି ଯୁବ-ଛାତ୍ର ବିଜେଡି ଅଭିଯୋଗ କରିଛି। ସେହିପରି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ମହିଳା ନାଗରିକଙ୍କୁ ଓଡ଼ିଶା ସମେତ କିଛି ରାଜ୍ୟକୁ ଏକା ନଯିବା ପାଇଁ ପରାମର୍ଶ ଦେବା ଘଟଣା ମୋହନ ସରକାରଙ୍କୁ ଲଜ୍ଜିତ କରିଛି। ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା କେନ୍ଦୁଝରରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା ସାମନାକୁ ଆସିଛି। ଦିନକୁ ଦିନ ଏହିଭଳି ଘଟଣା ବୃଦ୍ଧି ପାଉଥିବାରୁ, ମହିଳା ମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ହେଲେ ଆଇନ ଶୃଙ୍ଖଳାରେ ବିଫଳ ରାଜ୍ୟ ସରକାର ବିକାଶ ମେଳା ନାମରେ ନିଜର ଡିଣ୍ଡିମା ବାଡେଇ ଉତ୍ସବ ପାଳନ କରିବା ନିନ୍ଦନୀୟ ଓ ହାସ୍ୟାସ୍ପଦ ବୋଲି ରାଜ୍ୟ ଛାତ୍ର ବିଜେଡି କାର୍ଯକାରୀ ସଭାପତି ଅବିନାଶ ଠାକୁର କହିଛନ୍ତି। ଏପରିକି ବିଜେଡି ସରକାର ସମୟରେ ଥାନାରେ ହୋଇଥିବା ୬୦୦ ଟି ମହିଳା ଓ ଶିଶୁ ଅଭିଯୋଗ ଡେସ୍କକୁ ମଧ୍ୟ କାର୍ଯ୍ୟକ୍ଷମ କରାଯାଉନାହିଁ। ଏକ ବର୍ଷ ପୂର୍ତ୍ତି ପରେ ବି ରାଜ୍ୟରେ ମହିଳା ଆୟୋଗ ଓ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂହଦେଓ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ (ପୁଷ୍ପୁ), ପୂର୍ବତନ ସଦର ବିଧାୟକ ଦୁଷ୍ମନ୍ତ ନାଏକ, ପୂର୍ବତନ ଜୁନାଗଡ଼ ବିଧାୟକ ଗୋବର୍ଦ୍ଧନ ଦାସ, ନଗରପାଳ ବିଷ୍ଣୁ ପ୍ରଧାନ, ଜିଲ୍ଲା ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ଯୁବ ବରିଷ୍ଠ ଉପ ସଭାପତି ମଣ୍ଟୁ ନାଏକ, ରାଜ୍ୟ ଛାତ୍ର ବିଜେଡି କାର୍ଯକାରୀ ସଭାପତି ଅବିନାଶ ଠାକୁର, ଜିଲ୍ଲା ମହିଳା ସଭାନେତ୍ରୀ ଲଳିତା ନାଏକ, ପୂର୍ବତନ ନଗରପାଳ ସଂଯୁକ୍ତା ବେହେରା, ଯୁବ ଜୋନ ସଭାପତି ମନିନ୍ଦ୍ର ମହାନ୍ତି, ବରିଷ୍ଠ ବିଜେଡି ନେତା ଜିତେନ୍ଦ୍ର ମହାନ୍ତି, ସାରଦା ପ୍ରସନ୍ନ ସ୍ୱାଇଁ, ପ୍ରଦୀପ ମୁଣ୍ଡ, ଟିକେଲାଲ ସାହୁ, ଜିଲ୍ଲା ଛାତ୍ର ବିଜେଡି ସଭାପତି ଅଜିତ କୁମାର ସାହୁ, ଯୁବନେତା ରବି ପଟ୍ଟନାୟକ, ପ୍ରଶାନ୍ତ ନାଏକ, ସାମନ୍ତ ଖମାରୀ, ବଦ୍ରିନାରାୟଣ ପଟ୍ଟନାୟକ, ପ୍ରଶାନ୍ତ ଠାକୁର, କ୍ଷୀରସିନ୍ଧୁ ନାଏକ, ଶିବା ସାହୁ, ସମିତା ନାୟକ, ତ୍ରିଲୋଚନ ପାଣିଗ୍ରାହୀ, ଉଦୟ ସୁନାନୀ, ଅମିତ ଯାଦବ, ନିଳାମ୍ବର ସାହୁ, ପିତବାସ ବେହେରା, ରଞ୍ଜୁକ୍ତା ପ୍ରଧାନ, ସମୀତା ମହାପାତ୍ର, ସିନୁ ବେହେରା, ପ୍ରବୀଣ ନାଏକ, ଛାତ୍ର ନେତା ଆଶୁତୋଷ ପୁରୋହିତ ତଥା ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ।

## ରାଶିଫଳ

ଶୁକ୍ରବାର, ୨୭ ଜୁନ୍ ୨୦୨୫



**ମେଷ:** ବ୍ୟବସାୟୀମାନେ କରୁଥିବା ବ୍ୟବସାୟରେ ଲାଭବାନ ହେବେ। ଉଚ୍ଚ ଅଧିକାରୀଙ୍କ ସହ ଭଲ ସମ୍ପର୍କ ରଖନ୍ତୁ ଆପଣଙ୍କୁ ବହୁତ ସାହାଯ୍ୟ ମିଳିବ। ଆଶା କରୁଥିବା ଦିଗରୁ ଅର୍ଥ ପାଇବା କଷ୍ଟକର ହୋଇପାରେ। ମନଗଢା କଥା କହି ବନ୍ଧୁମାନେ ଆପଣଙ୍କୁ ଅସୁବିଧାରେ ପକାଇ ପାରନ୍ତି।



**ବୃଷ:** ଅଯଥା ଖର୍ଚ୍ଚରୁ ନିଜକୁ ରୋକିବାକୁ ହେବ ନଚେତ ଆବଶ୍ୟକତା ସମୟରେ ଆପଣଙ୍କ ପାଖରେ ପଇସାର ଅଭାବ ଦେଖାଯାଇପାରେ। ମହିଳାମାନେ ପରିବାରରେ ପୃଷ୍ଟି ସାଧନ ପାଇଁ ପ୍ରୟାସ କରିବେ। ଆଇନ ଅଦାଲତ ସମ୍ପର୍କୀୟ ଦୁଶ୍ଚିନ୍ତା ଦୂର ହେବ। ନୂତନ ବାହନ ଆଦି ପ୍ରାପ୍ତି ହେବାର ଯୋଗ ଅଛି।



**ମିଥୁନ:** ନିଜର କର୍ତ୍ତବ୍ୟନିଷ୍ଠା ଫଳରେ ପରିବାରର ଲୋକମାନଙ୍କ ଠାରୁ ବହୁତ ଭଲପାଇବା ପାଇବେ। ପରୀକ୍ଷାର୍ଥୀମାନେ ସଫଳ ହୋଇ ଉଚ୍ଚ ପଦ ହାସଲ କରିପାରନ୍ତି। କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ପ୍ରତିବନ୍ଧକ ଦେଖାଦେଇପାରେ।



**କର୍କଟ:** ପରିବାରରେ ନୂଆ ଦାୟିତ୍ୱ ଗ୍ରହଣ କରିବେ। ବୁଝି ବିଚାରି ସମସ୍ୟାର ସମାଧାନ କରିବେ। ସମାଜ ସେବାରେ ମନ ବଳାଇବେ। ସଙ୍ଗୀତରେ ରୁଚି ରଖିଥିବା ଲୋକଙ୍କୁ ଭଲ ଗୁରୁ ମିଳିବେ। ଚାକିରିଆ ଅଫିସ୍ କାମରେ ଦୂର ଜାଗାକୁ ଯାତ୍ରା କରିବେ।



**ସିଂହ:** କର୍ମକ୍ଷେତ୍ରରେ ନିବେଶ କରିଲେ ଉନ୍ନତି ହେବା ସହ ସମସ୍ତ ଚିନ୍ତାରୁ ମୁକ୍ତି ମିଳିବ। ବ୍ୟବସାୟୀମାନେ ଆବଶ୍ୟକତାଠାରୁ ଅଧିକ ଆଦାନ ପ୍ରଦାନ କରିବେ। ପାରିବାରିକ ସମସ୍ୟା କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବେ। ପିଲାମାନେ ସବୁକ୍ଷେତ୍ରରେ ସଫଳତା ହାସଲ କରିବେ।



**କନ୍ୟା:** କର୍ମ କ୍ଷେତ୍ରରେ ଶତ୍ରୁତା ବୃଦ୍ଧି ହୋଇପାରେ। ପ୍ରିୟ ବନ୍ଧୁଙ୍କ ସହିତ ଗପସପରେ ସମୟ ବିତାଇବେ। ଭାବନା ଉପରେ ନିୟନ୍ତ୍ରଣ ରଖିବାର ଶିକ୍ଷା ଲାଭ କରିବେ। ଚାକିରି କ୍ଷେତ୍ରରେ ପ୍ରିୟପାତ୍ର ହୋଇପାରନ୍ତି। କୌଣସି ଦୂର ସ୍ଥାନକୁ ତୀର୍ଥ ଯାତ୍ରାର ସୁଯୋଗ ପାଇବେ। ଆପଣଙ୍କ ଆୟ ପୂର୍ବ ପରି ରହିବ। ସମାଜରେ ମାନ ସମ୍ମାନ ପାଇପାରନ୍ତି।



**ତୁଳା:** ପରିବାରରେ ସମସ୍ତଙ୍କ ସ୍ୱାସ୍ଥ୍ୟ ଭଲ ରହିବ। ବନ୍ଧୁମାନେ ଆପଣଙ୍କ ଘରକୁ ହଠାତ୍ ଆସିପାରନ୍ତି। କର୍ମ କ୍ଷେତ୍ରରେ ସତର୍କରେ ଚଳନ୍ତୁ ନହେଲେ ଝାମେଲା ଅଧିକ ବଢିଯାଇପାରେ। ଚଳଚିତ୍ର ଆଦି କ୍ଷେତ୍ରରେ ବିଶେଷ ଲାଭବାନ ହେବେ।



**ବିଛା:** ବାପାମାଆଙ୍କ ପରାମର୍ଶ ଆପଣଙ୍କ ଲାଗି ଫଳପ୍ରଦ ସାବ୍ୟସ୍ତ ହେବ। ସାଙ୍ଗସାଥିମାନଙ୍କ ପାଇଁ ଅଧିକ ଖର୍ଚ୍ଚ କରିପାରନ୍ତି। ଆପଣ ଅଜ୍ଞାତ ବିପଦର ସମ୍ମୁଖିନ ହୋଇପାରନ୍ତି। କର୍ମ ତତ୍ପରତା ହେତୁ ଆଗେଇ ଚାଲିବେ। ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ। ନୂତନ ବାହନ ଆଦି ପ୍ରାପ୍ତି ହେବାର ଯୋଗ ଅଛି।



**ଧନୁ:** ଶିକ୍ଷାରେ ପ୍ରଗତି ହେବାର ସମ୍ଭାବନା ଅଛି। ଯେକୌଣସି କାମରେ ଯଥେଷ୍ଟ ଲାଭବାନ୍ ହେବ । ବ୍ୟବସାୟ କ୍ଷେତ୍ରରେ ସତର୍କତା ଅବଲମ୍ବନ କରନ୍ତୁ ନଚେତ୍ ଠକାମିରେ ପଡିବେ। ନୂତନ ଘର ତିଆରି କରିପାରନ୍ତି। ମହିଳାମାନେ ପୂଜା ପାଠରେ ମନୋନିବେଶ କରିପାରନ୍ତି। ପିଲାମାନେ ସବୁକ୍ଷେତ୍ରରେ ସଫଳତା ହାସଲ କରିବେ।



**ମକର:** କାରବାରରେ ସଫଳତା ପାଇବେ। ଲେଖାପଢା ପ୍ରତି ଆଗ୍ରହ ରୁଚି ବଢିବ। ସାମାଜିକ ପ୍ରତିଷ୍ଠା ଓ ମାନ ସମ୍ମାନ ବୃଦ୍ଧି ହେବ। ମହିଳାମାନେ ସରକାରୀ ଚାକିରିର ସୁଯୋଗ ପାଇବେ। ଅର୍ଜିତ ଧନ ଓ ମାନ ହାନି ଘଟିପାରେ। ଦୈବୀ ଆଶୀର୍ବାଦରୁ ସମସ୍ୟାଗୁଡିକ ସେତେ ଗୁରୁତ୍ୱର ହେବ ନାହିଁ। ଦୂର ଯାତ୍ରାରେ ଲକ୍ଷଣ ପୂରଣ କରିପାରନ୍ତି।

**କୁମ୍ଭ:** ସମାଜ ସେବାରେ ମନ ବଳାଇବେ। ଆଶା କରୁଥିବା ଦିଗରୁ ଅର୍ଥ ପାଇବା କଷ୍ଟକର ହୋଇପାରେ। ଆଇନ ଅଦାଲତ ସମ୍ପର୍କୀୟ ଦୁଶ୍ଚିନ୍ତା ଦୂର ହେବ । ନୂତନ ବାହନ ଆଦି ପ୍ରାପ୍ତି ହେବାର ଯୋଗ ଅଛି । ପରିବାରରେ ସମସ୍ତଙ୍କ ସ୍ୱାସ୍ଥ୍ୟ ଭଲ ରହିବ। ବନ୍ଧୁମାନେ ଆପଣଙ୍କ ଘରକୁ ହଠାତ୍ ଆସିପାରନ୍ତି ଯାହା ଆପଣଙ୍କୁ ଆନନ୍ଦ ଦେବ।



**ମୀନ:** ଚାକିରି କ୍ଷେତ୍ରରେ ପ୍ରିୟପାତ୍ର ହୋଇପାରନ୍ତି। କୌଣସି ଦୂର ସ୍ଥାନକୁ ତୀର୍ଥ ଯାତ୍ରାର ସୁଯୋଗ ପାଇବେ। ଆପଣଙ୍କ ଆୟ ପୂର୍ବ ପରି ରହିବ। ସମାଜରେ ମାନ ସମ୍ମାନ ପାଇବେ। କୌଣସି ଲୋକଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ପ୍ରିୟ ବନ୍ଧୁଙ୍କ ସହିତ ଗପସପରେ ସମୟ ବିତାଇବେ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR

# ବିବିଧବର୍ଣ୍ଣା





ମୌସୁମୀରେ ବାୟୁମଣ୍ଡଳରେ ଆର୍ଦ୍ରତା ବଢ଼ିଯାଏ, ଯାହା ବ୍ୟାକ୍ଟେରିଆ ଓ ଭାଇରସର ବୃଦ୍ଧି ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରେ। ଦୂଷିତ ପାଣି ଓ ଖାଦ୍ୟ ମାଧ୍ୟମରେ ଇ-କୋଲାଇ, ସାଲମୋନେଲା ଏବଂ ରୋଟାଭାଇରସ ଭଳି ଜୀବାଣୁ ଶରୀରରେ ପ୍ରବେଶ କରି ଡାଇରିଆ ଓ ପେଟ ସମ୍ବନ୍ଧୀୟ ସଂକ୍ରମଣ ସୃଷ୍ଟି କରେ। ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲର ଗ୍ୟାସ୍ଟ୍ରୋଏଂଟେରୋଲୋଜିଷ୍ଟ ଡାକ୍ତର ଅନୁପମ ସିଂହ କହିଛନ୍ତି, "ମୌସୁମୀରେ ୩୦-୪୦% ଲୋକ ପେଟ ସମ୍ବନ୍ଧୀୟ ସମସ୍ୟା ନେଇ ହସ୍ପିଟାଲ ଆସୁଛନ୍ତି, ଯେଉଁଥିରୁ ଅଧିକାଂଶ ମାମଲା ଜଳ ଓ ଖାଦ୍ୟ ଜନିତ ସଂକ୍ରମଣ ସହ ଜଡ଼ିତ।"

ଡାଇରିଆ ଓ ବାନ୍ତି ହେଲେ ଶରୀରରୁ ଜଳ ଓ ଆବଶ୍ୟକୀୟ ଲବଣ (ଯେପରିକି ସୋଡିଅମ ଓ ପୋଟାସିୟମ) ହରାଇଥାଏ, ଯାହା ଡିହାଇଡ୍ରେସନର କାରଣ ହୋଇପାରେ। ସ୍ୱଚ୍ଛ ପାଣି ପିଅନ୍ତୁ: ସର୍ବଦା ଫୁଟାଇଥିବା କିମ୍ବା ଫିଲଟର କରାଯାଇଥିବା ପାଣି ପିଅନ୍ତୁ। ବାହାରେ ଖୋଲା ପାଣି କିମ୍ବା ବରଫ ମିଶା ପାନୀୟ ଏଡ଼ାନ୍ତୁ। ଖାଦ୍ୟ ସ୍ୱଚ୍ଛତା: ତାଜା ଓ ଭଲ ଭାବେ ରନ୍ଧାଯାଇଥିବା ଖାଦ୍ୟ ଖାଆନ୍ତୁ। ରାସ୍ତା କଡ଼ରେ ଖୋଲା ଖାଦ୍ୟ, ବିଶେଷକରି ଚାଟ, ପାନୀପୁରୀ ଓ କଟା ଫଳ ଖାଇବାରୁ ଦୂରେଇ ରୁହନ୍ତୁ। ହାତ ଧୋଅନ୍ତୁ: ଖାଦ୍ୟ ଖାଇବା ପୂର୍ବରୁ ଓ ଶୌଚାଳୟ ବ୍ୟବହାର ପରେ ସାବୁନ ଦିଅ ହାତ ଭଲ ଭାବେ ଧୋଅନ୍ତୁ। ଘରୋଇ ଉପଚାର: ପେଟ ଖରାପ ହେଲେ ଦହି, ଚାଉଳର ମାଣ୍ଡ, କଦଳୀ ଓ ଆପଲ ଭଳି ସହଜ ପାଚନ ଖାଦ୍ୟ ଖାଆନ୍ତୁ। ତେଲିଆ ଓ ମସଲାଯୁକ୍ତ ଖାଦ୍ୟ ଏଡ଼ାନ୍ତୁ।

## କ୍ୟାରିୟରର ଶେଷ ଫିଲ୍ମ ପାଇଁ ବିଜୟ ନେଇଛନ୍ତି ୨୭୫ କୋଟି !



ସାଉଥ ଅଭିନେତା ଥଲାପତି ବିଜୟ ତାଙ୍କ ଫିଲ୍ମ କ୍ୟାରିୟରର ଶେଷ ଫିଲ୍ମ କରିବାକୁ ଯାଉଛନ୍ତି । ଜନ ନାୟକନ ପରେ ସେ ଆଉ ଫିଲ୍ମ କରିବେ ନାହିଁ ବୋଲି ଘୋଷଣା କରିଛନ୍ତି । ଏହି ଫିଲ୍ମ ପ୍ରତି ଦର୍ଶକଙ୍କ ଉତ୍କଣ୍ଠା ଚରମସୀମାରେ ରହିଛି । ବିଜନେସ ଟୁଡେରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ବିଜୟ ଏହି ଫିଲ୍ମ ପାଇଁ ୨୭୫ କୋଟି ଟଙ୍କା ନେଇଛନ୍ତି । ଫିଲ୍ମର ଲାଭରେ କିନ୍ତୁ ତାଙ୍କୁ କୌଣସି ଅଂଶ ମିଳିବ ନାହିଁ । ଏହି ଫିଲ୍ମକୁ ଏଚ ବିନୋଦ ନିର୍ଦ୍ଦେଶନା ଦେଉଛନ୍ତି । କେଭିଏନ ପ୍ରଡକ୍ସନ ଏହାର ମେକର୍ସ ରହିଛି । ବିଜୟଙ୍କ ଏହି ଚର୍ଚ୍ଚିତ ଫିଲ୍ମରେ ବବି ଦେଓଲ ଓ ପୂଜା ହେଗଡେ ଗୁରୁତ୍ୱପୂର୍ଣ୍ଣ ଭୂମିକା କରୁଛନ୍ତି । ସେପ୍ଟେମ୍ବର ୨୦୨୪ରେ ଥଲାପତି ୬୯ ନାମରେ ଏହି ଫିଲ୍ମର ଘୋଷଣା କରାଯାଇଥିଲା। ଜାନୁୟାରୀ ୨୦୨୫ରେ ଏହି ଫିଲ୍ମର ନାମ ଘୋଷଣା କରାଯାଇଥିଲା । ଫେବୃୟାରୀ ୨୦୨୪ରେ ବିଜୟ ତାଙ୍କର ନୂତନ ରାଜନୈତିକ ପାର୍ଟି ତାମି ଲଗା ବେତ୍ରି କଲଗାମର ଘୋଷଣା କରିଥିଲେ । ରାଜନୀତିରେ ପ୍ରବେଶ କରିବା ପରେ ଆଉ ଫିଲ୍ମ କରିବେ ନାହିଁ ବୋଲି ଏହି ସୁପରଷ୍ଟାରଜଣଙ୍କ କହିଥିଲେ । ୧୯୯୨ରେ ବାପା ଏସଏ ଚନ୍ଦ୍ରଶେଖରଙ୍କ ଫିଲ୍ମ ନାଲେୟା ଥୀରପୁ ମାଧ୍ୟମରେ ସେ ପଦାର୍ପଣ କରିଥିଲେ। ପୁଲୀ ଫିଲ୍ମ ପରେ ତାଙ୍କର ଆଉ କୌଣସି ଫିଲ୍ମ ଫ୍ଲପ ହୋଇ ନାହିଁ। ବୀଷ୍ଟ, ଓ୍ୱାରିସୁ ଓ ଦି ଗ୍ରେଟେଷ୍ଟ ଅଫ ଅଲ ଟାଇମର ରିଭ୍ୟୁ ଭଲ ନ ଥିଲେ ମଧ୍ୟ ଏହା ଭଲ ଆୟ କରିଥିଲା ।

## ଡାଇବେଟିସ୍ ରୋଗୀ କେଉଁ ମିଠା ଖାଇବେ ଜାଣନ୍ତୁ...



ସାଧାରଣତଃ ଡାଇବେଟିସ୍ ରୋଗୀମାନଙ୍କୁ ମିଠା ଖାଇବାକୁ ବାରଣ ରହିଥାଏ। ଯଦି ଜଣେ ଡାଇବେଟିସ ରୋଗୀ ମିଠା ଖାଇବାକୁ ଇଚ୍ଛା କରନ୍ତି, ତେବେ ସେ କ'ଣ କରିବା ଉଚିତ୍? ସେମାନଙ୍କ ପାଇଁ ଏପରି କିଛି ମିଠା ଅଛି, ଯାହା ସମାନଙ୍କର ଇଚ୍ଛାକୁ ପୂରଣ କରିପାରିବ। ଆଜ୍ଞା ହଁ ବଜାରରେ ଏବେ ସୁଗାର ଫ୍ରି ମିଠା ମଧ୍ୟ ଉପଲବ୍ଧ। ସେମାନେ ଖାଇ ନିଜର ଇଚ୍ଛାକୁ ପୂରଣ କରିପାରିବେ।

♦ ଡାଇବେଟିସ ରୋଗୀଙ୍କ ପାଇଁ ଅନେକ ମିଠା ବିକଳ୍ପ ଅଛି। ଏହି ରୋଗୀମାନେ ଚିନି କିମ୍ବା ଏଥିରୁ ତିଆରି ମିଠା ଖାଇପାରିବେ ନାହିଁ। ଚିନି ଏବଂ ଏଥିରୁ ତିଆରି ମିଠା ଦ୍ରୁତ ଗତିରେ ସୁଗାର ଲେବଲ ବୃଦ୍ଧି କରେ। ଏହା ଡାଇବେଟିସ ରୋଗୀଙ୍କ ପାଇଁ ସମସ୍ୟା ବଢ଼ାଇପାରେ। ଯଦି ଜଣେ ଡାଇବେଟିସ ରୋଗୀ ମିଠା ଖାଇବାକୁ ଇଚ୍ଛା କରନ୍ତି, ତେବେ କିଛି ମିଠା ଅଛି ଯାହାକୁ ସେମାନେ ଖାଇପାରିବେ। ଏହା ସେମାନଙ୍କର ସୁଗାର ଲେବଲ ବୃଦ୍ଧି କରିବ ନାହିଁ ଏବଂ ମିଠା ପାଇଁ ସେମାନଙ୍କର ଇଚ୍ଛା ମଧ୍ୟ ତୃପ୍ତ ହେବ।

♦ ଦିଲ୍ଲୀର ଜଣେ ବରିଷ୍ଠ ଡାକ୍ତର କହିଛନ୍ତି, ଡାଇବେଟିସ ରୋଗୀମାନେ ଗୁଡ଼ରେ ପ୍ରସ୍ତୁତ ମିଠା ଖାଇପାରିବେ। ଏଗୁଡ଼ିକରେ ସୁଗାର ପରିମାଣ କମ୍ ଥାଏ ଏବଂ ଏହା ଆପଣଙ୍କ ସୁଗାରକୁ ଅଧିକ ପ୍ରଭାବିତ କରେ ନାହିଁ। ଏଗୁଡ଼ିକ ବ୍ୟତୀତ ଆପଣ ପ୍ରୋଟିନ ଯୁକ୍ତ ଖାଦ୍ୟ ଭାବରେ ବାଦାମ, ଦହି ମଧ୍ୟ ଖାଇପାରିବେ। ଏହା ଆପଣଙ୍କ ସୁଗାର ଲେବଲକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିବ। ଏହା ବ୍ୟତୀତ, ଆଭୋକାଡୋ ଚକୋଲେଟ ମୁସ, ଚିଆ ସିଡ୍ସ ପୁଡିଂ ଏବଂ ସୁଗାର ଫ୍ରି କଦଳୀ, ରୁଟି ଡାଇବେଟିସ ରୋଗୀଙ୍କ ମିଠା ଲାଳସା ପୂରଣ କରିବାରେ ସହାୟକ ହୋଇପାରେ।

♦ ଡାଇବେଟିସ ରୋଗୀମାନେ ସୀମିତ ପରିମାଣରେ ମିଠା ଖାଦ୍ୟ ଖାଇବା ଉଚିତ। ଏଥିପାଇଁ ସେ ତାଙ୍କ ଡାକ୍ତରଙ୍କଠାରୁ ଏକ ଚାର୍ଟ ମଧ୍ୟ ତିଆରି କରିପାରିବେ। ଏହା ବ୍ୟତୀତ, ଚିନିର ନିୟମିତ ମନିଟରିଂ ମଧ୍ୟ ଆପଣଙ୍କୁ ଏଥିରେ ସାହାଯ୍ୟ କରିପାରିବ। ଡାଇବେଟିସ୍ ରୋଗୀମାନେ ବିଶେଷକରି ନିୟମିତ ବ୍ୟାୟାମ ପ୍ରତି ଯତ୍ନବାନ ହେବା ଉଚିତ। ଯଦି ଆପଣ ବ୍ୟାୟାମ କରିପାରିବେ ନାହିଁ ତେବେ ଆପଣଙ୍କୁ ୪୦ ମିନିଟ ଚାଲିବାକୁ ପଡ଼ିବ। ଏହା ସୁଗାର ଲେବଲକୁ ନିୟନ୍ତ୍ରଣ କରିବାରେ ମଧ୍ୟ ସହାୟକ ହେବ।

## 'ମିସେସ୍ ଇଣ୍ଡିଆ' ମୁକୁଟ ପିନ୍ଧିଲେ ଓଡ଼ିଶା ଝିଅ



ଦୁବାଇରେ ଆୟୋଜିତ 'ମିସେସ୍ ଇଣ୍ଡିଆ ଓ୍ୱାର୍ଲ୍ଡୱାଇଡ୍-୨୦୨୫' ପ୍ରତିଯୋଗିତାରେ ଭୁବନେଶ୍ୱରର ମହିଳା ସଙ୍ଗୀତା ନାୟକ ବାଜିମାତ କରିଛନ୍ତି । ସାରା ବିଶ୍ୱରୁ ଭାଗନେଇଥିବା ୭୪ଜଣ ଭାରତୀୟ ବଂଶୋଦ୍ଭବ ମହିଳା ପ୍ରତିଯୋଗୀଙ୍କୁ ପଛରେ ପକାଇ ସଙ୍ଗୀତା 'ମିସେସ୍ ଇଣ୍ଡିଆ' ମୁକୁଟ ହାସଲ କରିଛନ୍ତି । ଏହି ସଫଳତା ପରେ ତାଙ୍କ ଶୁଭେଚ୍ଛୁ ଓ ପରିବାର ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । କେବଳ ଭାରତୀୟ ବଂଶୋଦ୍ଭବ ମହିଳାଙ୍କ ଉଦ୍ଦେଶ୍ୟରେ ପ୍ରତି ବର୍ଷ ଦୁବାଇରେ ଏହି ଆନ୍ତର୍ଜାତିକସ୍ତରରେ ପ୍ରତିଯୋଗିତା ଅନୁଷ୍ଠିତ ହୁଏ । ଚଳିତ ବର୍ଷ ମଧ୍ୟ ଏହା ହୋଇଥିଲା । ପ୍ରତିଯୋଗିତା ପାଇଁ ବିଶ୍ୱର ବିଭିନ୍ନ ଦେଶରୁ ୩ଶହରୁ ଅଧିକ ଭାରତୀୟ ବଂଶୋଦ୍ଭବ ମହିଳା ପଞ୍ଜୀକରଣ କରିଥିଲେ ହେଁ ସେମାନଙ୍କ ମଧ୍ୟରୁ କେବଳ ୭୪ଜଣ ମନୋନୀତ ହୋଇଥିଲେ । ଏଥିରେ ରାମ୍ପ ଓ୍ୱାକ୍ ସହ ଅନ୍ୟାନ୍ୟ ରାଉଣ୍ଡ ଅନୁଷ୍ଠିତ ହୋଇଥିଲା । ଟପ-୨୫, ଟପ-୨୦, ଟପ୍-୧୫, ଟପ-୧୦ ଓ ଟପ -୫ରେ ସଙ୍ଗୀତା ନିଜର ସ୍ଥାନ ପକ୍କା କରିଥିଲେ । ଗତ ୨୦ ତାରିଖରେ ଆୟୋଜିତ ଫାଇନାଲରେ ସଙ୍ଗୀତାଙ୍କୁ ଆୟୋଜକ ବିଜୟିନୀ ଘୋଷଣା କରିଥିଲା । ଏହାପରେ ସଙ୍ଗୀତା ଖୁସିରେ କାନ୍ଦି ପକାଇଥିଲେ । ଏହି ସମୟରେ ତାଙ୍କ ସହ ସ୍ୱାମୀ ମଧୁସୂଦନ ନାୟକ ଓ ପୁଅ ଅମିତ ଏବଂ ଅନିଶ୍ ମଧ୍ୟ ଉପସ୍ଥିତ ଥିଲେ ।

## ପରିଶ୍ରମୀ ଆଲିଆ



ଅଭିନେତ୍ରୀ ଆଲିଆ ଭଟ୍ଟ ସବୁବେଳେ ନିଜର ପରିଶ୍ରମ ପାଇଁ ଖୁବ ଚର୍ଚ୍ଚାରେ ରହିଥାଆନ୍ତି । ଯେଉଁ ବି ପ୍ରୋଜେକ୍ଟ ତାଙ୍କୁ ମିଳିଥାଏ ସେ ସବୁକୁ ସେ ଖୁବ ପରିଶ୍ରମ କରି ସମ୍ପୂର୍ଣ୍ଣ କରିଥାଆନ୍ତି । ଫିଲ୍ମର କୌଣସି ସିନ୍ ହେଉ କିମ୍ବା ନୃତ୍ୟ ଭିଡିଓ ସବୁ ପାଇଁ ସେ ମିଳିଥାଏ । ସେହିଭଳି ଏକ ଫଟୋ ବର୍ତ୍ତମାନ ଭାଇରାଲ ରିହର୍ସଲ କରି ବାହାରୁ ଥିବା ଦେଖିବାକୁ ମିଳିଛି। ଖୁବ ପରିଶ୍ରମ କରୁଥିବାର ଦେଖିବାକୁ ହେଉଛି, ଯେଉଁଥରେ ଆଲିଆ ଡ୍ୟାନ୍ସ ଫଟୋଟିରେ ଆଲିଆଙ୍କ ଫ୍ୟାନ୍ସଙ୍କର ଖୁବ କମେଣ୍ଟ ମିଳୁଥିବାର ଦେଖିବାକୁ ମିଳୁଛି । ସମସ୍ତେ ଆଲିଆଙ୍କର ଖୁବ ପ୍ରଶଂସା କରୁଛନ୍ତି । ଆଲିଆଙ୍କୁ ତାଙ୍କ ପ୍ରଶଂସକମାନେ ପରିଶ୍ରମୀର ଆଖ୍ୟା ଦେଇଥିବା ଦେଖିବାକୁ ମିଳିଛି । ସ୍ୱାଏ ଭେଞ୍ଚର ଆଲ୍‌ଫା ପାଇଁ ସେ ଖୁବ ପରିଶ୍ରମ କରୁଥିବା ଜଣାପଡିଛି । ଦର୍ଶକ ସମ୍ପୃକ୍ତ ଫିଲ୍ମ ଦେଖିବାକୁ ଖୁବ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି ।

## ପାଣ୍ଡ୍ୟାଙ୍କୁ ନେଇ ମୁହଁ ଖୋଲିଲେ ଈଶା



ଈଶା ଗୁପ୍ତା ଦୀର୍ଘ ଦିନ ପରେ ଚର୍ଚ୍ଚାକୁ ଆସିଛନ୍ତି କିନ୍ତୁ କୌଣସି ଫିଲ୍ମ ପ୍ରୋଜେକ୍ଟ ପାଇଁ ନୁହେଁ ବରଂ ତାଙ୍କ ବ୍ୟକ୍ତିଗତ ଜୀବନରେ ଚାଲିଥିବା ଅସ୍ଥିରତା ପାଇଁ। ଅଭିନେତ୍ରୀ ଈଶା ଗୁପ୍ତା ନିକଟରେ ଏକ ଇଣ୍ଟରଭ୍ୟୁ ଦେଇଛନ୍ତି ଯେଉଁଥିରେ ସେ ତାଙ୍କ ଫିଲ୍ମ ଯାତ୍ରା ସହିତ ତାଙ୍କ ପ୍ରେମ ଜୀବନ ବିଷୟରେ ଗୁପ୍ତ କଥା କହିଛନ୍ତି । ଏହା ଜଣାଶୁଣା ଯେ ଅଭିନେତ୍ରୀଙ୍କ ନାମ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହ ଯୋଡା ହୋଇଛି, ଯିଏ ଜଣେ ଅଲରାଉଣ୍ଡର ବୋଲି କୁହାଯାଏ । ୨୦୧୮ ମସିହାରେ, ଅଭିନେତ୍ରୀ ଈଶା ଗୁପ୍ତା କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଡେଟ୍ କରୁଥିବାର ଗୁଜବ ଉଠିଥିଲା। ଯଦିଓ ଦୁହେଁ ଶେଷରେ ଅଲଗା ହୋଇଗଲେ, ହେଲେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କକୁ ନେଇ କଳ୍ପନାଜଳ୍ପନା ଜାରି ରହିଥିଲା । ଏବେ, ସିଦ୍ଧାର୍ଥ କନ୍ନନଙ୍କ ସହ ଏକ ଖୋଲା କଥାବାର୍ତ୍ତାରେ, ଈଶା ଶେଷରେ ଦୁହେଁ କେବେ ସମ୍ପର୍କରେ ଥିଲେ କି ନାହିଁ ସେ ବିଷୟରେ ମୁହଁ ଖୋଲିଛନ୍ତି । ସେ ସ୍ୱୀକାର କରିଥିଲେ, 'ହଁ, ଆମେ କିଛି ସମୟ ପାଇଁ କଥା ହେଉଥିଲୁ । ମୁଁ ଭାବୁନାହିଁ ଯେ ଆମେ ଡେଟିଂ କରୁଥିଲୁ । ଏହା ଡେଟିଂ ପର୍ଯ୍ୟାୟରେ ପହଞ୍ଚିବା ପୂର୍ବରୁ ଶେଷ ହୋଇଗଲା । ତେଣୁ ଏହା କିଛି ଡେଟିଂ ନଥିଲା । ଆମେ ଥରେ କିମ୍ବା ଦୁଇଥର ଭେଟିଥିଲୁ, ଏତିକି । ଏଥି ସହ ଆହୁରି ମଧ୍ୟ କହିଛନ୍ତି ଯେ, ଏହା କିଛି ମାସ ଥିଲା ଏବଂ ତା'ପରେ ଏହା ଶେଷ ହୋଇଗଲା ।' ଏଥି ସହ ଆହୁରି ମଧ୍ୟ କହିଛନ୍ତି, ଆମେ କେବେ ଠିକ୍ ଭାବରେ ସାକ୍ଷାତ ପର୍ଯ୍ୟାୟରେ ପହଞ୍ଚି ପାରିନାହୁଁ । ମୁଁ ଭାବୁନାହିଁ ଯେ ଆମେ ଏକାଠି ଥିଲୁ । ଏହା ନୁହେଁ ଯେ ତାଙ୍କ କିମ୍ବା ମୋ ମଧ୍ୟରେ କିଛି ଅଭାବ ଥିଲା, ଆମେ କେବଳ ବହୁତ ଭିନ୍ନ ଥିଲୁ । ଏଥି ସହ ଗୋଟିଏ କିମ୍ବା ଦୁଇ ମାସ ମଧ୍ୟରେ, ସେ ମଧ୍ୟ ଅନୁଭବ କଲେ ଯେ ମୁଁ ତାଙ୍କର ପସନ୍ଦ ନୁହେଁ, ଏବଂ ମୁଁ ମଧ୍ୟ ଅନୁଭବ କଲି ଯେ ସେ ମୋର ପସନ୍ଦ ନୁହେଁ । ୨୦୧୮ ମସିହାରେ, ଗୁଜବ ଉଠିଥିଲା ଯେ ଈଶା ଗୁପ୍ତା ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ଏକ ପାର୍ଟିରେ ସାକ୍ଷାତ କରିଥିଲେ ଏବଂ ସେମାନଙ୍କ ମଧ୍ୟରେ ତୁରନ୍ତ ବନ୍ଧୁତା ହୋଇଥିଲା । ହେଲେ, କଫି ୱିଥ୍ କରଣ ଏପିସୋଡ୍ ଭାଇରାଲ ହେବା ପରେ, ଈଶା ଶୋ'ରେ ହାର୍ଦ୍ଦିକଙ୍କ ଦ୍ୱାରା କରାଯାଇଥିବା ମହିଳା ବିରୋଧୀ ମନ୍ତବ୍ୟକୁ ନିନ୍ଦା କରିଥିଲେ ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik